77th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୭ବର୍ଷ ■ସଂଖ୍ୟା-୧୮୫● କଟକ ● ଶୁକ୍ରବାର ● ୧୬ ଫେବୃଆରୀ-୨୦୨୪ ●କୁମ୍ଭ-୪ ●ସାଲ୍ ୧୪୩୧

CUTTACK●Friday ● 16 February-2024 ● RNI Regd.No.4001/

ମୂଲ୍ୟ: ₹ ୫ ଟଙ୍କା








# ଚାହା ଦୋକାନୀଙ୍କୁ ସାଲ୍ୟୁଟ୍

ଆମ ଦେଶରେ ଏମିତି ଅନେକ ଲୋକ ଅଛନ୍ତି । ଯେଉଁମାନେ ଖୁବ୍ କଷ୍ଟରେ ଚଳନ୍ତି । ତା ଛଡ଼ା କରୋନା ଯୋଗୁ ଅନେକ ଲୋକଙ୍କ ଅବସ୍ଥା ଏତେ ଖରାପ ହୋଇଯାଇଛି ଯେ, ଦୁଇବେଳା ପେଟପୁରା ଖାଇବା ବି ସେମାନଙ୍କ ପାଇଁ କଷ୍ଟକର । ଅନ୍ୟପଟେ ପ୍ରଶାସନୀକ ଅଣଦେଖା ଓ ମିଛ ପ୍ରତିଶ୍ରୁତି । ତେବେ ଏମିତି ସ୍ଥିତିରେ ବି ଅଛନ୍ତି ନିଆରା ମଣିଷ । ଯିଏ ନିଜେ କଷ୍ଟରେ ରହି ବି ଅସହାୟ ଲୋକଙ୍କ କଥା ବୁଝନ୍ତି । ନିଜ ଘରେ କିଛି ଥାଉ କି ନଥାଉ ଅନ୍ୟକୁ ସାହାଯ୍ୟ କରିବାକୁ କୁଣ୍ଠା କରନ୍ତିନି । ଏସବୁ ଭିତରେ ଅନେକ ନିରାଶ୍ରୟଙ୍କ ସାହାରା ସାଜିଛନ୍ତି ଜଣେ ଚା' ଦୋକାନୀ । ସେ ଏବେ ଚର୍ଚ୍ଚାରେ । କାହିଁକିନା ସେ ଏମିତି କିଛି କାମ କରିଛନ୍ତି ଯେଉଁଥିପାଇଁ ସମସ୍ତେ ତାଙ୍କୁ ପ୍ରଶଂସାରେ ପୋତି ପାକାଉଛନ୍ତି । ନାଁ ତାଙ୍କର ସଞ୍ଜୟ ଚନ୍ଦ୍ରବଂଶୀ । ଚା' ବିକ୍ରି କରିବା ତାଙ୍କ ବେଉଷା । ସେଥିରେ ସେ କଷ୍ଟେ ମଷ୍ଟେ ଚଳନ୍ତି । ହେଲେ ସେ କୌଣସି କଥାକୁ ଖାତିର ନ କରି ଅନେକଙ୍କ ପାଇଁ ସାଜିଛନ୍ତି ଦେବଦୂତ । କେବଳ ଏହି ବର୍ଷ ନୁହେଁ ଅନେକ ବର୍ଷ ହେବ ସେ କରି ଆସୁଛନ୍ତି ଗରିବଙ୍କ ସେବା । ନିକଟରେ ସେ ନିଜ ଟଙ୍କାରେ ଗରିବ ଅସହାୟଙ୍କୁ ୨ଶହ କମ୍ବଳ ବାଣ୍ଟିଛନ୍ତି । ସବୁଠୁ ବଡ଼ କଥା ହେଉଛି ସଞ୍ଜୟଙ୍କ ଆର୍ଥିକ ସ୍ଥିତି ଯମା ବି ଭଲ ନୁହେଁ । ଏ ସବୁ ସତ୍ତ୍ୱେ ସେ ଗରିବ ବାସହୀନ ଲୋକଙ୍କ ସେବାରେ ସବୁବେଳେ ଥାଆନ୍ତି । ସେ ପ୍ରତିଦିନ ୨୦ ରୁ ୨୫ କିମ୍ବା ତାଠାରୁ ଅଧିକ ଗରିବ ଲୋକଙ୍କୁ ଖାଇବାକୁ ଦିଅନ୍ତି । ସଞ୍ଜୟଙ୍କ ସେବା ସକାଳୁ ଆରମ୍ଭ । ସକାଳେ ନିଜ ଠେଲା ପାଖରେ ଥିବା ଅନେକ ଗରିବଙ୍କୁ ଚାହା ଓ ବିସ୍କିଟ୍ ଦିଅନ୍ତି । ଅନେକ ଅସହାୟ ଲୋକଙ୍କୁ ସାହାଯ୍ୟ କରିବାକୁ ସେ ନିଜ ଧର୍ମ ବେଲି ଭାବି ନେଇଛନ୍ତି । ସେଥିପାଇଁ ନିଜ ସକ୍ଷମ ଅନୁଯାୟୀ ସେ ଗରିବଙ୍କୁ ସାହାଯ୍ୟ କରିଥାନ୍ତି । ଏଠି କହି ରଖିଛୁ ତାଙ୍କ ବାପା ଓ ଜେଜେ ବି ଏମିତି ଲୋକଙ୍କ ସେବା କରନ୍ତି । ଅର୍ଥାତ ତାଙ୍କ ରକ୍ତରେ ସମାଜ ସେବା, ମନରେ ଦେବାର ଖୁସି । ଯେଉଁଠି କରୋନା କାଳରେ ଗରିବ ଲୋକମାନେ ଖୁବ୍ ? ଅସୁବିଧାରେ ଥିଲେ, ସେଠି ସଞ୍ଜୟ ଭଳି କିଛି ଲୋକେ ଗରିବ ଲୋକଙ୍କୁ ସହାଯ୍ୟ କରି ସାଜିଛନ୍ତି ।

# ଚାଉଳ ରସଗୋଲା

ଆବଶ୍ୟକ ସାମଗ୍ରୀ: ସିଝା ଅରୁଆ ଚାଉଳ, କନ୍‌ଫ୍ଲୋର, ମଇଦା, ମିଲ୍କ ପାଉଡର, ଘିଅ, ଚିନି ଓ ପାଣି । ପ୍ରସ୍ତୁତି ପ୍ରଣାଳୀ: ଚାଉଳ ରସଗୋଲା ତିଆରି କରିବା ପାଇଁ ପ୍ରଥମେ ସିଝା ଅରୁଆ ଚାଉଳକୁ ଗ୍ରାଇଣ୍ଡିଂ କରି ଏକ ପାତ୍ରରେ ରଖନ୍ତୁ । ଏହାପରେ ସେଥିରେ ମଇଦା, କନ୍‌ଫ୍ଲୋର, ମିଲ୍କ ପାଉଡର ଓ ଘିଅ ମିଶାଇ ଭଲଭାବେ ଚକଟି ଦିଅନ୍ତୁ । ପରେ ତାକୁ ରସଗୋଲା ଶେପ୍‌ରେ ଗଢ଼ି ଏକ ପ୍ଲେଟରେ ରଖନ୍ତୁ । ଏବେ ରସଗୋଲା ପାଇଁ ଚିନିରେ ଶିରା ପ୍ରସ୍ତୁତ କରନ୍ତୁ । ଏହା ପରେ ଗଢ଼ି ରଖିଥିବା ରସଗୋଲାକୁ ଶିରାରେ ପକାଇ ଦେଇ ଦୁଇରୁ ତିନି ମିନିଟ୍ ପର୍ଯ୍ୟନ୍ତ ଅଳ୍ପ ଆଞ୍ଚରେ ବସାଇ ଦିଅନ୍ତୁ । ପରେ ତାକୁ ତଳକୁ ଓହ୍ଲାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସୁଆଦିଆ ଚାଉଳ ରସଗୋଲା ।



# ମତଦାନ ପରେ ଲଗାଯାଉଥିବା କାଳି କାହିଁକି ଶୀଘ୍ର ଛାଡ଼େ ନାହିଁ ?

ନିର୍ବାଚନକୁ ଗଣତନ୍ତ୍ରର ସବୁଠାରୁ ବଡ଼ ପର୍ବ ବୋଲି କୁହାଯାଏ । ଏହି ପର୍ବରେ ମତଦାତାମାନେ ଅଧିକ ସଂଖ୍ୟାରେ ଭାଗନେବା ଆବଶ୍ୟକ । ଏବେ ଦେଶରେ ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ଚାଲିଛି । ଅନେକ ଜାଗାରେ ମତଦାନ ସରିଯାଇଥିବା ବେଳେ ଅନ୍ୟ କିଛି ଜାଗାରେ ମତଦାନ ପ୍ରକ୍ରିୟା ହେବାକୁ ଯାଉଛି । ଏବେ ମତଦାନ ସମ୍ବନ୍ଧିୟ ଏକ ପ୍ରଶ୍ନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ପ୍ରଶ୍ନ ହେଉଛି ମତଦାନ ପରେ ଆଙ୍ଗୁଳିରେ ଲଗାଯାଉଥିବା କାଳି ସହଜରେ କାହିଁକି ଛାଡ଼େନାହିଁ ? କେଉଁ ଜିନିଷରୁ ଏହା ତିଆରି ହୋଇଥାଏ ତାହେଲେ ଡେରି ନକରି ଆସନ୍ତୁ ଜାଣିବା... ପ୍ରକୃତରେ ଲୋକମାନେ ଭୋଟ ଦେଇସାରିବା ପରେ ହାତ ଆଙ୍ଗୁଳିରେ ନୀଳ ରଙ୍ଗର କାଳି ଲଗାଯାଏ । ଆଙ୍ଗୁଳିରେ ଏହି କାଳି ବହୁତ ଦିନ ପର୍ଯ୍ୟନ୍ତ ଲିଭେ ନାହିଁ । ଥରେ ଭୋଟ ଦେବା ପରେ ଜଣେ ବ୍ୟକ୍ତି ଯେପରି ଆଉଥରେ ଭୋଟ ନଦେଇ ପାରିବ ସେଥିପାଇଁ ଏପରି କରାଯାଏ । ରିପୋର୍ଟ ମୁତାବକ ନିର୍ବାଚନରେ ବ୍ୟବହାର କରାଯାଉଥିବା କାଳି ଭାରତରେ ମାତ୍ର ଗୋଟିଏ କମ୍ପାନୀ ତିଆରି କରେ । ମୈସୁର ପେଣ୍ଟ ଏଣ୍ଡ ବାର୍ନିସ ଲିମିଟେଡ ନାମକ ଏକ କମ୍ପାନୀ ଏହି ନୀଳ ରଙ୍ଗର କାଳି ଉତ୍ପାଦନ କରେ । ଏମବିପିଏଲ ନାମକ ଏହି କମ୍ପାନୀ ଏହି କାଳିକୁ ଖୁଚୁରାରେ ବିକ୍ରି କରେ ନାହିଁ । କିନ୍ତୁ ଏହି କାଳିକୁ ସରକାର କିମ୍ବା ନିର୍ବାଚନ ସହ ଯଡ଼ିତ ଏଜେନ୍ସି କିଣିଥାଆନ୍ତି । ଏହି କମ୍ପାନୀ ଭାରତର ଏହି ଫୁଲପ୍ରୁଫ କାଳିର ଏକ ମାତ୍ର ଅଧିକୃତ ଯୋଗଣକାରୀ ଅଟେ । ଏହି କମ୍ପାନୀ ପାଖରେ ୧୯୬୨ ମସିହାରୁ ରାଷ୍ଟ୍ରୀୟ ଅନୁସନ୍ଧାନ ବିକାସ ନିଗମ ଦ୍ୱାରା ଦିଆଯାଇଥିବା ବିଶେଷ ଲାଇସେନ୍ସ ରହିଛି । ୧୯୬୨ ରେ ଭାରତୀୟ ନିର୍ବାଚନ ଆୟୋଗ ଆଇନ ମନ୍ତ୍ରଣାଳୟ, ରାଷ୍ଟ୍ରୀୟ ଭୌତିକ ପ୍ରୟୋଗଶାଳା ଓ ଏହି ନିଗମ ସହଯୋଗରେ କମ୍ପାନୀ ସହିତ ନିର୍ବାଚନ ପାଇଁ ଏହି କାଳିର ଯୋଗାଣ ପାଇଁ ବୁଝାମଣା କରାଯାଇଥିଲା । ଏହି ନିଳ ରଙ୍ଗର କାଳିକୁ ବନାଇବା ପାଇଁ ସିଲଭର ନାଇଟ୍ରେଡ ନାମକ ରାସାୟନିକ ପଦାର୍ଥର ବ୍ୟବହାର କରାଯାଏ । କାଳି ଲାଗିଲା ପରେ ଏଥିରେ ଥିବା ସିଲଭର ନାଇଟ୍ରେଡ ଶରୀରରେ ଥିବା ଲବଣାଂଶ ସହ ମିଶି ସିଲଭର କ୍ଲୋରାଇଡରେ ପରିଣତ ହୁଏ । ଯେବେ ସିଲଭର କ୍ଲୋରାଇଡ ପାଣିରେ ମିଶେ ସେତେବେଳେ ଏହା ତ୍ୱଚାରେ ଲାଖିଯାଏ । ଯେପରି ଏହି କାଳି ପାଣି ସଂସ୍ପର୍ଶରେ ଆସେ ଏହାର ରଙ୍ଗ ପରିବର୍ତ୍ତନ ହୋଇ କଳା ହୋଇଯାଏ । ପରେ ଏହା ହାତରୁ ଶୀଘ୍ର ଲିଭେ ନାହିଁ । ସେଥିପାଇଁ ଅତିକମରେ ୭୨ ଘଣ୍ଟା ପର୍ଯ୍ୟନ୍ତ ଏହି କାଳି ତ୍ୱଚାରୁ ଛାଡ଼େ ନାହିଁ । ଯେତେବେଳେ ଧିରେଧିରେ ତ୍ୱଚାର କୋଷ ପୁରୁଣା ହୋଇଯାଏ ସେହି ସମୟରେ ଏହି କାଳି ଛାଡ଼ିଥାଏ । ଏହି କାଳିକୁ ଲୋକମାନେ ଇଲେକସନ ଇଙ୍କ ବା ଇଣ୍ଡେଲିବଲ ଇଙ୍କ ନାମରେ ଜାଣିଛନ୍ତି । ଦେଶରେ ପ୍ରଥମେ ସାଧାରଣ ନିର୍ବାଚନରେ କାଳି ବ୍ୟବହାର ହେଉନଥିଲା । ନିର୍ବାଚନ ଆୟୋଗ ପୁନଃ ମତଦାନକୁ ରୋକିବା ପାଇଁ ଏଭଳି ଏକ କାଳିର ବ୍ୟବହାର କରିବା ପାଇଁ ନିଷ୍ପତି ନେଇଥିଲା । ପରେ ୧୯୬୨ମସିହା ଠାରୁ ଏହାର ବ୍ୟବହାର କରାଯାଉଛି । ସୂଚନା ମୁତାବକ କାଳି ତିଆରି କରୁଥିବା ଏହି କମ୍ପାନୀ ଭାରତ ବ୍ୟତିତ ଅନ୍ୟ ଦେଶମାନଙ୍କୁ ମଧ ନିର୍ବାଚନୀ କାଳି ଯୋଗାଇଥାଏ ।



# ରକ୍ତ ସଫା କରିବା ସହିତ ଲିଭରକୁ ସୁସ୍ଥ ରଖିଥାଏ ଆଖୁ ରସ

ସୁସ୍ଥ ଶରୀର ପାଇଁ ଜୁସ୍ ଅତ୍ୟନ୍ତ ଲାଭଦାୟକ, ତାହା ଫଳ ହେଉ କିମ୍ବା ପନିପରିବା । ପ୍ରତ୍ୟେକ ଋତୁରେ ବିଭିନ୍ନ ପ୍ରକାରର ଫଳର ରସ ପିଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । କିନ୍ତୁ କିଛି ଫଳ ଅଛି ଯାହାର ରସ ସବୁବେଳେ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । ସେଥି ମଧ୍ୟରୁ ଗୋଟିଏ ଆଖୁ ରସ । ଆଖୁରେ ବିଭିନ୍ନ ପୋଷକ ତତ୍ତ୍ୱ ମିଳିଥାଏ । ଆଖୁ କେବଳ ଶୀତଦିନେ ନୁହେଁ ବରଂ ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା କରିଥାଏ । କେବଳ ଏତିକି ନୁହେଁ, ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ମଧ ଏହା ପ୍ରଭାବଶାଳୀ ହୋଇଥାଏ । ଆଖୁ ରସରେ ଫ୍ୟାଟ୍ ବହୁତ କମ୍ ରହିଥାଏ । ଆସନ୍ତୁ ଜାଣିବା ଆଖୁ ରସ ପିଇବା ଶରୀରକୁ କିପରି ଫାଇଦା ହୋଇଥାଏ । ଏହି ରୋଗକୁ ଦୂର କରିଥାଏ : ଆଖୁ ରସରେ ଲେମ୍ବୁ ଏବଂ ହାଲୁକା ଲୁଣ ମିଶାଇ ପିଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ । ଆଖୁରେ ଫାଇବରର ପରିମାଣ ମଧ ବହୁତ ଅଧିକ ରହିଥାଏ, ଏହା ବ୍ୟତୀତ ତାଜା ଆଖୁ ରସ ଜଣ୍ଡିସ, ରକ୍ତହୀନତା ଏବଂ ଅମ୍ଳତା ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଗ୍ରୀଷ୍ମ ସମୟରେ ଆଖୁ ରସ ପିଇବା ଦ୍ୱାରା ପେଟ ସମ୍ବନ୍ଧୀୟ ସମସ୍ତ ରୋଗ ଭଲ ହୋଇଥାଏ । ମଧୁମେହ ରୋଗୀଙ୍କ ପାଇଁ ଲାଭକାରୀ : ଆଖୁରେ ଫାଇବରର ପରିମାଣ ବହୁତ ଅଧିକ ମିଳିଥାଏ, ଏହା ସହିତ ଆମ ଶରୀରରେ ଗ୍ଳୁକୋଜର ପରିମାଣକୁ ସନ୍ତୁଳିତ କରିଥାଏ, ଯେଉଁ କାରଣରୁ ଏହା ମଧୁମେହ ରୋଗରେ ମଧ ପିଆଯାଇଥାଏ, ଯେଉଁଥିରେ ରୋଗୀକୁ ଆରାମ ମିଳିଥାଏ । ଲିଭର୍ ସୁସ୍ଥ ରଖିଥାଏ : ଆଖୁ ରସ ଅନେକ ପ୍ରମୁଖ ରୋଗ ପାଇଁ ଲାଭଦାୟକ ହୋଇଥାଏ । ବିଶେଷକରି ଜଣ୍ଡିସ ରୋଗରେ ଆଖୁ ରସ ଫାଇଦା ହୋଇଥାଏ । ଏହି ରସ ଲିଭର ପାଇଁ ବହୁତ ଭଲ ହୋଇଥାଏ । ଏହା ଲିଭର୍ ସମ୍ବନ୍ଧୀୟ ରୋଗକୁ ଦୂର କରିଥାଏ ଏବଂ ଯକୃତକୁ ସଠିକ୍ ଭାବରେ କାମ କରିବାରେ ସାହାଯ୍ୟ କରିଥାଏ । ଇମ୍ୟୁନିଟି ବଢ଼ାଇଥାଏ : ଆଖୁ ରସ ପିଇବା ଦ୍ୱାରା ଶରୀରର ଇମ୍ୟୁନିଟି ବଢିଥାଏ । ଇମ୍ୟୁନିଟି ସିଷ୍ଟମ ଷ୍ଟ୍ରଙ୍ଗ୍ ହେବା ଯୋଗୁଁ ଶରୀର ଅନେକ ପ୍ରକାରର ଭାଇରାଲ୍ ରୋଗଠାରୁ ଦୂରରେ ରହିଥାଏ । ରକ୍ତ ସଫା କରିଥାଏ : ଆଖୁରେ ଅଧିକ ପରିମାଣର ସୁକ୍ରୋଜ୍ ରହିଥାଏ ଯାହାକି କୌଣସି କ୍ଷତକୁ ଭଲ କରିବାରେ ସାହାଯ୍ୟ କରିଥାଏ, ଏହା ସହିତ ଏହା ମୁହଁର ସମସ୍ତ ଦାଗ ଦୂର କରିଥାଏ ଏବଂ ଏହା ଶରୀରର ଅପରିଷ୍କାର ରକ୍ତ ସଫା କରିବାରେ ମଧ ସହାୟକ ହୋଇଥାଏ । ହାଡ ମଜବୁତ କରିଥାଏ : କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଫସଫରସ୍, ଆଇରନ୍ ଏବଂ ପୋଟାସିୟମ୍ ପରି ପୁଷ୍ଟିକର ତତ୍ତ୍ୱ ଆଖୁ ରସରେ ମିଳିଥାଏ, ଯାହା ଶରୀରର ହାଡକୁ ମଜବୁତ କରିବାରେ ସାହାଯ୍ୟ କରିଥାଏ ।

# ଆଜିର ରାଶିଫଳ

**ମେଷ** — ଅତ୍ୟଧିକ ପରିଶ୍ରମ ଦ୍ୱାରା ଅଳ୍ପ ଲାଭ ପାଇବେ । ବ୍ୟବସାୟରେ ଉନ୍ନତି ହେବା ସମ୍ଭାବନା । ବନ୍ଧୁମାନଙ୍କ ସହ ମନାନ୍ତର ହେବ । ଦେହ ଭଲ ରହିବ ନାହିଁ । ଅପବାଦ ପାଇପାରନ୍ତି ।

**ବୃଷ** — ସାହସିକ ପଦକ୍ଷେପ ନେବେ । ଆକସ୍ମିକ ଧନ ପାଇବାର ଯୋଗ ରହିଛି । ସମ୍ମାନିତ ହେବେ । ହାନି ସହିବାକୁ ବାଧ ହେବେ । ମାନସିକ ଅଶାନ୍ତି ବୃଦ୍ଧି ପାଇବ । ଶାରୀରିକ ଅସୁସ୍ଥତା ଭୋଗିବେ ।

**ମିଥୁନ** — ଦିନଟି ଲାଭପ୍ରଦ ହେବ, ଆଗକୁ ବଢ଼ନ୍ତୁ । ବନ୍ଧୁଙ୍କ ମାଧ୍ୟମରେ ଲାଭ ପାଇବେ । କଳାକାରଙ୍କ ଲାଗି ଦିନଟି ଅନୁକୂଳ । ଆପଣଙ୍କ ପ୍ରତିଭା ଲୋକଙ୍କୁ ପ୍ରେରଣା ଦେବ ।

**କର୍କଟ** — ବ୍ୟବସାୟରେ ଲାଭବାନ୍ ହେବେ । ଚାକିରିକ୍ଷେତ୍ରରେ ଉଚ୍ଚପଦ ପ୍ରାପ୍ତିର ଯୋଗ । ବନ୍ଧୁ ସହଯୋଗ ମିଳିପାରିବ । ଆର୍ଥିକ ଅବସ୍ଥାରେ ଉନ୍ନତି ହେବ । ଭ୍ରାତୃବିବାଦ ବଢ଼ିବ ।

**ସିଂହ** — କର୍ମକ୍ଷେତ୍ରରେ ଅତ୍ୟଧିକ ପରିଶ୍ରମ ଦ୍ୱାରା ସାମାନ୍ୟ ସଫଳତା ମିଳିପାରେ । ଅଯଥାରେ ଧନ ଅପବ୍ୟୟର ସୂଚନା ମିଳେ । ଅର୍ଥଚିନ୍ତା ବୃଦ୍ଧି ପାଇବ । ମହିଳାମାନେ ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ ।

**କନ୍ୟା** — ଚାକିରିକ୍ଷେତ୍ରରେ ଉନ୍ନତି । ବ୍ୟବସାୟରେ ସଫଳତା ମିଳିବ । କର୍ମକ୍ଷେତ୍ରରେ ଅତ୍ୟଧିକ ପରିଶ୍ରମ ଦ୍ୱାରା ଲାଭବାନ୍ ହେବେ । ଜମିଜମା କାର୍ଯ୍ୟରେ ଉନ୍ନତି ହୋଇପାରେ । ପାରିବାରିକ ଅଶାନ୍ତି ବୃଦ୍ଧି ।

**ତୁଳା** — ବ୍ୟବସାୟ ଓ କର୍ମକ୍ଷେତ୍ରରେ ଲାଭ ମିଳିବ । ରୋଜ୍‌ଗାର୍ ସମ୍ବନ୍ଧୀୟ ନୂଆ ଯୋଜନା ଆସିବ । ଆର୍ଥିକ ଅବସ୍ଥାରେ ଉନ୍ନତି ହେବ । ସୁଖ ଓ ସମୃଦ୍ଧି ବଢ଼ିବ । ଶାରୀରିକ ଅସୁସ୍ଥତା ବୃଦ୍ଧିହେବ ।

**ବିଛା** — ବେପାରରୁ ଆଶାତୀତ ଫଳ ପାଇବେ । କୌଣସି ବନ୍ଧୁଙ୍କଠାରୁ ଆର୍ଥିକ ସହାୟତା ମିଳିପାରିବ । ନୂଆ ପରିଯୋଜନା ଲାଗି ଆପଣଙ୍କ ମନରେ କଳ୍ପନା ଆସିବ । ପ୍ରେମ ସମ୍ବନ୍ଧରେ ଗଭୀରତା ବୃଦ୍ଧି ହେବ ।

**ଧନୁ** — କର୍ମକ୍ଷେତ୍ରରେ ଅଳ୍ପ ସଫଳତା ପାଇବେ । ଆର୍ଥିକ ଦୂରାବସ୍ଥାରେ ଉନ୍ନତିର ଆଶା । ବନ୍ଧୁମାନଙ୍କ ଅସହଯୋଗ ଯୋଗୁ ମାନସିକ ଅଶାନ୍ତି ବୃଦ୍ଧି । ଶରୀର ଅସୁସ୍ଥ ବଢ଼ିବ ।

**ମକର** — କର୍ମକ୍ଷେତ୍ରରେ ଯଥେଷ୍ଟ ଉନ୍ନତି ହେବ । ବେପାରରେ ଲାଭ ଆସିବ । ବନ୍ଧୁମାନଙ୍କ ଅସହଯୋଗ ମିଳିବ । ଅପ୍ରିୟ ସମସ୍ୟାର ସମାଧାନ ହେବ । ପାରିବାରିକ ଅଶାନ୍ତି ବୃଦ୍ଧି ।

**କୁମ୍ଭ** — ଜଟିଳ ପ୍ରଶ୍ନର ସମାଧାନ ମିଳିଯିବ । ଆପଣଙ୍କ ସାମାଜିକ କାମଧନ୍ଦାରେ ଜନସାଧାରଣ ପ୍ରଭାବିତ ହେବେ । ବ୍ୟବସାୟରେ ଆଗକୁ ବଢ଼ିବେ । ଚାକିରିରେ କୌଣସି ବିଶେଷ ଦାୟିତ୍ୱ ଗ୍ରହଣ କରିବେ ।

**ମୀନ** — କଠିନ ପରିଶ୍ରମ ଦ୍ୱାରା କାର୍ଯ୍ୟ ସିଦ୍ଧି ହେବ । କର୍ମକ୍ଷେତ୍ରରେଉନ୍ନତିର ସମ୍ଭାବନା । ପାରିବାରିକ ଶାନ୍ତି ବୃଦ୍ଧି ହେବ । ଆୟର ପନ୍ଥା ବଢ଼ିବ । ମହିଳାମାନେ ଧୈର୍ଯ୍ୟ ଦ୍ୱାରା ଉନ୍ନତି କରିବେ ।

# ଘରେ ପ୍ରସ୍ତୁତ କରନ୍ତୁ ମିଠା ଦହି

ସାଧାରଣତଃ ମିଷ୍ଟି ଦହି ପଶ୍ଚିମବଙ୍ଗର ଏକ ବିଶେଷ ଖାଦ୍ୟ ଅଟେ । ବିବାହରେ ଦହିକୁ ଏକ ଅତ୍ୟାବଶ୍ୟକ ବ୍ୟଞ୍ଜନ ଭାବେ ବ୍ୟବହାର କରାଯାଏ । ଦହିକୁ ।ଯତଃସାଧାରଣତଃ ଶୁଭ ବୋଲି ବିବେଚନା କରାଯାଏ । ମିଠା ହେଉ କିମ୍ବା ଖଟା ଦହି ଖାଇବାକୁ ପ ସମସ୍ତଙ୍କୁ ପସନ୍ଦ ଥାଏ । ତେବେ ଯଦି ମିଠା ବା ମିଷ୍ଟି ଦହି ଖାଇବାକୁ ପସନ୍ଦ । ତାହାଲେ ଦୋକାନ ବଜାରକୁ ନଯାଇ ଘରେ ବସି ପ୍ରସ୍ତୁତ କରନ୍ତୁ ମିଷ୍ଟି ଦହି । ଜାଣନ୍ତୁ ଏହାର ପ୍ରସ୍ତୁତ ପ୍ରଣାଳୀ... ସାମଗ୍ରୀ : ୧ ଲିଟର କ୍ଷୀର , ୧୦ ଚାମଚ ଚିନି , ୧ କପ୍ ପାଣି , ୧ କପ୍ ତାଜା ଦହି ପ୍ରସ୍ତୁତି ପ୍ରଣାଳୀ : ପ୍ରଥମେ ଗ୍ୟାସରେ ଧୀମା ଆଞ୍ଚରେ ଏକ ପ୍ୟାନ ବସାନ୍ତୁ । ସେହି ପ୍ୟାନରେ କ୍ଷୀର ଢାଳି ଗରମ କରି ନିଅନ୍ତୁ । ତେବେ କ୍ଷୀରକୁ ସେତେ ପର୍ଯ୍ୟନ୍ତ ସିଝାନ୍ତୁ ଯେ ପର୍ଯ୍ୟନ୍ତ କ୍ଷୀର ଅଧା ନହୋଇଯାଇଛି । ଏହାରି ମଧ୍ୟରେ ଗ୍ୟାସର ଅନ୍ୟପଟେ ମିଡିୟମ ଆଞ୍ଚରେ ପ୍ୟାନରେ ଚିନି ଓ ପାଣିକୁ ମିଶାଇ ସିରା ପାଇଁ ଫୁଟାଇ ରଖନ୍ତୁ । ଏହା ପରେ ଗ୍ୟାସ ବନ୍ଦ କରିନିଅନ୍ତୁ । ଯେପର୍ଯ୍ୟନ୍ତ ସିରାର ରଙ୍ଗ ବଦଳି ନଯାଇଛି ସେପର୍ଯ୍ୟନ୍ତ ତାହାକୁ ଘାଣ୍ଟନ୍ତୁ । ଅଧା ହୋଇଯାଇଥିବା କ୍ଷୀରକୁ ସିରାରେ ଢାଳି ଚଳାଇ ନିଅନ୍ତୁ । ତେବେ କ୍ଷୀର ଥଣ୍ଡା ହୋଇଯିବା ପରେ ସେଥିରେ ଦହି ଢାଳି ଭଲ ଭାବରେ ଗୋଳାଇ ନିଅନ୍ତୁ ଏହାପରେ ଛୋଟ ମାଟି ପାତ୍ରରେ ଦହିକୁ ଢାଳି ଦିଅନ୍ତୁ । ତାହା ୫ରୁ୬ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍ ରେ ରଖି ଦିଅନ୍ତୁ । ପ୍ରସ୍ତୁତ ହୋଇଯାଇଥିବ ମିଷ୍ଟି ଦହି । । ଖାସ୍ କରି ମନେ ରଖନ୍ତୁ କି ଯେତେବେଳେ ମିଷ୍ଟି ଦହି ପ୍ରସ୍ତୁତ କରିବେ ତାଜା ଦହି ବ୍ୟବହାର କରିବେ ।



# ଶରୀରରେ ଅଛି କି ରକ୍ତର ଅଭାବ ?

ଶରୀରରେ ରକ୍ତ ଅଭାବ ହେତୁ ଅତ୍ୟଧିକ ଥକ୍କା, ଦୁର୍ବଳତା, ମୁଣ୍ଡବିନ୍ଧା ଏବଂ ମୁଣ୍ଡ ବୁଲାଇବା ଭଳି ଲକ୍ଷଣ ଦେଖାଯାଇଥାଏ । ଯଦି ଆପଣଙ୍କ ଶରୀରରେ ମଧ ରକ୍ତ ଅଭାବ ଥାଏ, ତେବେ କିଛି ଖାଦ୍ୟ ଖାଇବା ଦ୍ୱାରା ଏହି ଅଭାବକୁ ପୂରଣ କରିପାରିବେ । ଆସନ୍ତୁ ଜାଣିବା ସେହି ଖାଦ୍ୟ ବିଷୟରେ ଯାହା ଶରୀରରେ ରକ୍ତ ବଢାଇଥାଏ । ବିଟ୍ : ଶରୀରରେ ରକ୍ତ ପରିମାଣ ବଢାଇବାରେ ବିଟ୍ ଲାଭଦାୟକ ହୋଇଥାଏ । ଏଥିରେ ଅଧିକ ପରିମାଣର ଆଇରନ୍ ରହିଥାଏ । ଶରୀରକୁ ଡିଟକ୍ସିଫାଇ କରିବା ବ୍ୟତୀତ ଏହା ହେମୋଗ୍ଲୋବିନର ପରିମାଣ ମଧ ବଢାଇଥାଏ । ଆପଲ୍ : କୁହାଯାଏ ଦିନକୁ ଗୋଟିଏ ଆପଲ୍ ଖାଇବା ଆପଣଙ୍କୁ ରୋଗରୁ ଦୂରେଇ ରଖିଥାଏ । ସୁସ୍ଥ ରଖିବା ବ୍ୟତୀତ ଶରୀରରେ ରକ୍ତ ଅଭାବକୁ ପୂରଣ କରିବାରେ ମଧ ସହାୟକ ହୋଇଥାଏ । ଏହା ଶରୀରରେ ହେମୋଗ୍ଲୋବିନ୍ ବୃଦ୍ଧି କରିଥାଏ । ଡାଳିମ୍ବ : ଡାଳିମ୍ବରେ କ୍ୟାଲସିୟମ୍, ସୋଡିୟମ୍, ମ୍ୟାଗ୍ନେସିୟମ୍, ପୋଟାସିୟମ୍, ଆଇରନ୍ ଏବଂ ଭିଟାମିନ୍ ପରି ପୋଷକ ତତ୍ତ୍ୱ ଭରପୂର ରହିଥାଏ । ଡାଳିମ୍ବ ଶରୀରରେ ରକ୍ତ ପରିମାଣ ବଢାଇବାରେ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଡ୍ରାଏ ଫ୍ରୁଟ୍ସ : ଡ୍ରାଏ ଫ୍ରୁଟ୍ସ ଯେପରିକି ଖଜୁରୀ, ଅଖରୋଟ୍, ବାଦାମ ଇତ୍ୟାଦିରେ ଭରପୂର ଆଇରନ୍ ରହିଥାଏ । ଏହାକୁ ଖାଇବା ଦ୍ୱାରା ରକ୍ତରେ ଲୋହିତ ରକ୍ତ କଣିକା ଶୀଘ୍ର ବଢିଥାଏ । ପାଳଙ୍ଗ : ଯଦି ଆପଣଙ୍କ ଶରୀରରେ ରକ୍ତ ଅଭାବ ଥାଏ, ତେବେ ଆପଣ ନିଶ୍ଚିତ ଭାବରେ ଖାଦ୍ୟରେ ପାଳଙ୍ଗ ଅନ୍ତର୍ଭୁକ୍ତ କରନ୍ତୁ । ପାଳଙ୍ଗରେ ଭରପୂର ଆଇରନ୍ ରହିଥାଏ ।



# ଏଲନ ମସ୍କ ଦାନରେ ଦେଇଦେଇଛନ୍ତି ଟେସ୍ଲାର ବିପୁଳ ସେୟାର

ଇଲେକ୍ଟ୍ରିକ କାର କମ୍ପାନୀ ଟେସ୍ଲାର ସିଇଓ ଏଲନ ମସ୍କ ସୋସିଆଲ ମିଡିଆ ପୋଲରେ ତାଙ୍କ ଫଲୋଅରଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିସାରିଥିବା ଜଣାପଡିଛି । ସେ ୧୯ରୁ ୨୯ ଡିସେମ୍ବର ୨୦୨୧ ସୁଦ୍ଧା ଟେସ୍ଲାର ୫,୦୪୪, ୦୦୦ ଶେୟାର ଦାନ କରିଛନ୍ତି । ଟେସ୍ଲା ବିଶ୍ୱର ସବୁଠୁ ମୂଲ୍ୟବାନ ଅଟୋ କମ୍ପାନୀ, ଏଣୁ ସେହି ସମୟର ସେୟାର ଭାଲ୍ୟୁ ଅନୁସାରେ ଏହାର ମୂଲ୍ୟ ୫.୭୪ ବିଲିୟନ ଡଲାର ପାଖାପାଖି ହେବ ବୋଲି ଏବେ ଆକଳନ କରାଯାଉଛି । ନିକଟରେ ଯୁକ୍ତରାଷ୍ଟ୍ର ସିକ୍ୟୁରିଟିଜ୍ ଏଣ୍ଡ ଏକ୍ସଚେଞ୍ଜ କମିଶନଙ୍କୁ ଟେସ୍ଲା ଦେଇଥିବା ସୂଚନାରୁ ଏହା ଜଣାପଡିଛି । ଉଲ୍ଲେଖଯୋଗ୍ୟ ଯେ ମସ୍କ ଗତବର୍ଷ ତାଙ୍କ ଟ୍ୱିଟରରେ ଏକ ପୋଲ କରିଥିଲେ । ଏଥିରେ ତାଙ୍କ ଫଲୋଅରଙ୍କଠାରୁ ତାଙ୍କ ସେୟାର ସମ୍ପର୍କରେ ନିଷ୍ପତ୍ତି ମାଗିଥିଲେ । ସେ ଟେସ୍ଲାର ୧୦ ପ୍ରତିଶତ ସେୟାର ବିକିବା ଦରକାର କି ନା ବୋଲି ପଚାରିଥିବା ବେଳେ ଫଲୋଅର ଗିଫ୍ଟ କରିଦେବାକୁ ପରାମର୍ଶ ଦେଇଥିଲେ । ତେବେ ମସ୍କ କେଉଁ ସଂସ୍ଥାଙ୍କୁ ଏହି ବିପୁଳ ସେୟାର ଦାନ କରିଛନ୍ତି ସେ ବାବଦେ କୌଣସି ସୂଚନା ଦେଇନାହାନ୍ତି । ମସ୍କଙ୍କୁ ୨୦୨୧ ମସିହାରେ ସରକାରଙ୍କୁ ଶୁଳ୍କ ବାବଦକୁ ୧୧ ବିଲିୟନ ଡଲାର ଦେବାର ଥିଲା ।

## ଫିଲ୍ମ ଟକ୍

# ରାମାୟଣରେ ନଜର ଆସିବେ ରାକୁଲ

ବଲିଉଡ ନିର୍ଦ୍ଦେଶକ ନିତେଶ ତିୱାରୀଙ୍କ ଆଗାମୀ ଚଳଚ୍ଚିତ୍ର ରାମାୟଣକୁ ନେଇ ଏବେ ଜୋରଦାର ଚର୍ଚ୍ଚା ଚାଲିଛି । ଫିଲ୍ମର କାଷ୍ଟିଂକୁ ନେଇ ଅନେକ ତାରକାଙ୍କ ନାମ ପ୍ରକାଶ ପାଇଛି । ଶ୍ରୀ ରାମଙ୍କ ଭୂମିକା ପାଇଁ ରଣବୀର କପୁର ଏବଂ ଏହି ସିନେମାରେ ମାତା ସୀତାଙ୍କ ଭୂମିକା ପାଇଁ ସାଇ ପଲ୍ଲଭି ଚୂଡ଼ାନ୍ତ ହୋଇଛନ୍ତି । ସେହିପରି ହନୁମାନ ଭୂମିକାରେ ସନ୍ନି ଦେଓଲ, ଲାରା ଦତ୍ତ କୈକେୟୀ ଏବଂ ଯଶଙ୍କୁ ରାବଣ ଭୂମିକାରେ ଦେଖିବାକୁ ମିଳିବ । ଏଥି ସହିତ, ନିକଟରେ ନିର୍ମାତାମାନେ ବିଭୀଷଣ ଭୂମିକା ପାଇଁ ବିଜୟ ସେଥୁପତିଙ୍କ ସହ କଥା ହେଉଛନ୍ତି । ଏହି ସମୟରେ ଆଉ ଏକ ଅପଡେଟ ସାମ୍ନାକୁ ଆସିଛି । ଖବର ଅନୁଯାୟୀ ଏହି ଫିଲ୍ମ ପାଇଁ ଅଭିନେତ୍ରୀ ରାକୁଲପ୍ରୀତ ସିଂଙ୍କ ସହ ମଧ ନିର୍ମାତାମାନେ କଥା ହୋଇଛନ୍ତି । ନିର୍ମାତାମାନେ ରାମାୟଣରେ ସୁପର୍ଣ୍ଣଖା ଭୂମିକା ପାଇଁ ଅଭିନେତ୍ରୀଙ୍କ ନିକଟକୁ ଯାଇଛନ୍ତି । ଏହି ଚଳଚ୍ଚିତ୍ରରେ ସୁପର୍ଣ୍ଣଖା ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ର ହୋଇଥିବାବେଳେ ସୂତ୍ର ଅନୁଯାୟୀ ନୀତୀଶ ତିୱାରୀ ଏବଂ ରାକୁଲପ୍ରୀତ ସିଂଙ୍କ ମଧ୍ୟରେ ଏହି ଭୂମିକା ସମ୍ପର୍କରେ ଆଲୋଚନା ଚାଲିଛି । ଏହି ଚଳଚ୍ଚିତ୍ରରେ ରାକୁଲପ୍ରୀତଙ୍କ ଚରିତ୍ର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ସୁପର୍ଣ୍ଣଖା କାରଣରୁ ରାବଣ ଏବଂ ଶ୍ରୀ ରାମଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା । ସୂଚନାନୁସାରେ, ରାକୁଲପ୍ରୀତ ମଧ ଏହି ଭୂମିକା ପାଇଁ ଲୁକ୍ ଟେଷ୍ଟ ଦେଇଛନ୍ତି ଏବଂ ଯଦି ସବୁ ଯୋଜନା ଅନୁଯାୟୀ ହୁଏ, ତେବେ ଏହା ରାକୁଲଙ୍କ ପ୍ରଥମ ଚଳଚ୍ଚିତ୍ର ହେବ, ଯେଉଁଥିରେ ସେ ତାଙ୍କ ବିବାହ ପରେ ସୁଟିଂ ଆରମ୍ଭ କରିବେ । ଏହି ଚଳଚ୍ଚିତ୍ର ପାଇଁ ରାକୁଲ ବହୁତ ଉତ୍ସାହିତ ଅଛନ୍ତି ।



77th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ


fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org
୭୭ବର୍ଷ ■ସଂଖ୍ୟା-୧୮୫● କଟକ ● ଶୁକ୍ରବାର ● ୧୬ ଫେବୃଆରୀ-୨୦୨୪ ●କୁମ୍ଭ-୪ ●ସାଲ୍ ୧୪୩୧
CUTTACK●Friday ● 16 February-2024 ● RNI Regd.No.4001/
ମୂଲ୍ୟ: ₹୫ ଟଙ୍କା

## ନିର୍ବାଚନୀ ବଣ୍ଡ୍ ବ୍ୟବସ୍ଥାକୁ ଉଚ୍ଛେଦ କଲେ ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ: ନିର୍ବାଚନୀ ବଣ୍ଡ୍‌କୁ ନେଇ ଗୁରୁବାର ଦିନ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ନିର୍ବାଚନୀ ବଣ୍ଡ୍‌କୁ ଅଦାଲତ 'ଅସାମ୍ବିଧାନିକ' ବୋଲି ଘୋଷଣା କରି ଏହାକୁ ରଦ୍ଦ କରି ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୁଡ଼ଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଏହି ରାୟ ପ୍ରଦାନ କରିଛନ୍ତି। ନିର୍ବାଚନ ହେବାକୁ ଥିବା ବର୍ଷରେ ହିଁ ନିର୍ବାଚନୀ ବଣ୍ଡ୍‌କୁ ଅଦାଲତ ରଦ୍ଦ କରିଦେବା କେନ୍ଦ୍ର ସରକାରଙ୍କ ପାଇଁ ଏକ ବଡ଼ ଝଟ୍‌କା ବୋଲି ମତ ପ୍ରକାଶ ପାଇଛି। ନିର୍ବାଚନୀ ବଣ୍ଡ ଯୋଜନା ସମ୍ବିଧାନର ଧାରା ୧୯ (୧) (କ)କୁ ଉଲ୍ଲଂଘନ କରୁଛି ଏବଂ ଏହା ଅସାମ୍ବିଧାନିକ ବୋଲି ଖଣ୍ଡପୀଠ ରାୟରେ କହିଛନ୍ତି। ଏହାଛଡ଼ା ବିଭିନ୍ନ ରାଜନୈତିକ ଦଳ ପାଇଁ ଟଙ୍କା କେଉଁଠୁ ଆସୁଛି ଏସବୁ ଜାଣିବାର ଅଧିକାର ଦେଶର ନାଗରିକଙ୍କର ରହିଛି। ନିର୍ବାଚନୀ ବଣ୍ଡ ସୂଚନା ଅଧିକାର ଆଇନକୁ ଉଲଂଘନ କରୁଛି ବୋଲି କୋର୍ଟ କହିଛନ୍ତି। ଭୋଟରଙ୍କର ସବୁ ରାଜନୈତିକ ଦଳର ପାଣ୍ଠି ସଂଗ୍ରହ ବାବଦରେ ଜାଣିବାର ଅଧିକାର ରହିଛି । ଏହା ସହ ବଣ୍ଡ୍ କ୍ରେତାଙ୍କ ତାଲିକାକୁ ସାର୍ବଜନୀନ କରିବା ବାଧ୍ୟତାମୂଳକ ବୋଲି କହିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ସୁପ୍ରିମ୍‌କୋର୍ଟ ନିର୍ବାଚନୀ ବଣ୍ଡ୍‌କୁ ରଦ୍ଦ କରିବା ସହ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ (ଏସ୍‌ବିଆଇ)କୁ ସଙ୍ଗେସଙ୍ଗେ ନିର୍ବାଚନୀ ବଣ୍ଡ୍ କ୍ରୟ ବ୍ୟବସ୍ଥାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏଯାବତ୍ କରାଯାଇଥିବା ସମସ୍ତ ନେଣଦେଣର ବିବରଣୀ ମାର୍ଚ୍ଚ ୩୧ ସୁଦ୍ଧା ନିର୍ବାଚନ କମିସନଙ୍କ ନିକଟରେ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଅଦାଲତ ନିର୍ବାଚନ କମିସନଙ୍କୁ ଏପ୍ରିଲ ୧୬ ତାରିଖ ସୁଦ୍ଧା ନିଜ ୱେବ୍‌ସାଇଟ୍‌ରେ ସମସ୍ତ ସୂଚନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡଙ୍କ ନେତୃତ୍ୱରେ ଗଠିତ ଏହି ସାମ୍ବିଧାନିକ ଖଣ୍ଡପୀଠରେ ଜଷ୍ଟିସ ସଂଜୀବ ଖାନ୍ନା, ଜଷ୍ଟିସ ବି.ଆର.ଗଭାଇ, ଜଷ୍ଟିସ୍ ଜେ.ବି. ପାରଡିୱାଲା ଓ ଜଷ୍ଟିସ ମନୋଜ ମିଶ୍ର ସଦସ୍ୟ ଥିଲେ।

## ଜ୍ଞାନବାପୀ ମାମଲାରେ ଶୁଣାଣି ଶେଷ, ରାୟ ସଂରକ୍ଷିତ, ଜାରି ରହିବ ପୂଜା



ପ୍ରୟାଗରାଜ : ବାରଣାସୀ ଜ୍ଞାନବାପୀ ପରିସରସ୍ଥିତ ବ୍ୟାସଜୀ ବେସମେଣ୍ଟ ପୂଜାର୍ଚ୍ଚନା ମାମଲାରେ ଏଲହାବାଦ ହାଇକୋର୍ଟରେ ଶୁଣାଣି ଶେଷ ହୋଇଛି। ତେବେ କୋର୍ଟ ରାୟ ଘୋଷଣା କରି ନାହାନ୍ତି, କୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ହିନ୍ଦୁ ପକ୍ଷଙ୍କ ତରଫରୁ ବରିଷ୍ଠ ଓକିଲ ସି.ଏସ୍. ବୈଦ୍ୟନାଥ ତର୍କ ଉପସ୍ଥାପନା କରିଥିଲେ। ବୈଦ୍ୟନାଥ ପାଖାପାଖି ୪୦ ମିନିଟ୍ ଧରି ତର୍କ ଉପସ୍ଥାପନା କରିଥିଲେ। ସେ କହିଥିଲେଯେ ଜ୍ଞାନବାପୀର ଦକ୍ଷିଣ ପାର୍ଶ୍ୱରେ ବେସମେଣ୍ଟ ରହିଛି, ଯେଉଁଠି ହିନ୍ଦୁମାନେ ୧୯୯୩ ମସିହା ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରିଆସୁଥିଲେ। ଅର୍ଡର ୪୦ ରୁଲ୍ ୧ ସିପିସିରେ ବାରଣାସୀ କୋର୍ଟ ଜିଲ୍ଲା ମାଜିଷ୍ଟ୍ରେଟ୍ (ଡିଏମ)ଙ୍କୁ ରିସିଭର ନିଯୁକ୍ତ କରିଥିଲେ। ଏହି ନିଷ୍ପତ୍ତି କୌଣସି ପ୍ରକାର ମୁସଲମାନଙ୍କୁ ପ୍ରଭାବିତ କରେ ନାହିଁ। କାରଣ ମୁସଲମାନ କେବେବି ବେସମେଣ୍ଟରେ ନମାଜ ପଢୁନଥିଲେ। ହିନ୍ଦୁ ପକ୍ଷ ଓକିଲ କହିଛନ୍ତି ଯେ କୋର୍ଟ ଯେତେବେଳେ ବାରଣାସୀ ଡିଏମଙ୍କୁ ରିସିଭର ନିଯୁକ୍ତ କଲେ ସେମାନେ ସେତେବେଳେ କୋର୍ଟଙ୍କ ଆଦେଶର ପାଳନ କରିଥିଲେ। ବୈଦ୍ୟନାଥ କହିଥିଲେ ଯେ ଜିଲ୍ଲା କୋର୍ଟ ବାରଣାସୀ ଡିଏମଙ୍କୁ ରିସିଭର ନିଯୁକ୍ତ କରିବା ସହ ବିଧିବତ ପୂଜା ନିମନ୍ତେ ଅନୁମତି ଦେଇଥିଲେ। ଏଥିରେ ମୁସଲମାନପକ୍ଷ କହିଛନ୍ତି ଯେ ଡିଏମଙ୍କୁ ରିସିଭର ନିଯୁକ୍ତ କରିବା ବାସ୍ତବ ହୀତର ବିରୋଧାଭାଷ ସୃଷ୍ଟି କରିବା। ମୁସଲମାନଙ୍କ ତରଫରୁ ବରିଷ୍ଠ ଆଡଭୋକେଟ ସୟଦ ଫରମାନ ଅହମ୍ମଦ ନକବୀ ତର୍କ ରଖି ଜିଲ୍ଲା ଜଜ୍‌ଙ୍କ ଆଦେଶରେ ଅସୁବିଧା ରହିଥିବା କହିଛନ୍ତି। ତାଙ୍କୁ ନିଜ ବିବେକର ଉପଯୋଗ କରିବାର ଥିଲା। ବ୍ୟାସ ପରିବାର ସେମାନଙ୍କ ପୂଜା ଅଧିକାରକୁ କାଶୀ ବିଶ୍ୱନାଥ ଟ୍ରଷ୍ଟକୁ ଟ୍ରାନ୍ସଫର କରିଦେଇଥିଲେ।

### ସମ୍ପାଦକୀୟ
କୂଟନୈତିକ ସଫଳତା

### ବାଟେଘାଟେ



ରାଜ୍ୟ ସଭା ପାଇଁ
ବିଜେଡି ଆଶାୟୀ
କାନ୍ଦୁ ଛନ୍ତି ମୁହଁ ଲୁଚେଇ
ବିଜେପି ପ୍ରାର୍ଥୀଙ୍କୁ
ସମର୍ଥନ ଦେଇ
ଦଳୀୟ ଙ୍କୁ ଦେଲେ ଭଣ୍ଡେଇ
ବାବା କାନ୍ଦୁଛନ୍ତି ସକେଇ
ପୁରୀର ପନିକୀ
ମିଶ୍ର ମୁକ ଅବତାର
ବସି ଛନ୍ତି ମୁହଁ ଶୁଖେଇ
ବିହି ବୁଦ୍ଧି ଦେଲା ଶିଖେଇ
-ରାହୀ

# ରାଜ୍ୟସଭା ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କଲେ ଅଶ୍ୱିନୀ ବୈଷ୍ଣବ



ଭୁବନେଶ୍ୱର: ଶେଷରେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ରାଜ୍ୟସଭା ପ୍ରାର୍ଥୀ ଭାବେ ଅଶ୍ୱିନୀ ବୈଷ୍ଣବ ନାମାଙ୍କନ ଦାଖଲ କରିଛନ୍ତି । ବିଜେପି ତରଫରୁ ପ୍ରାର୍ଥୀ, ବିଜେଡିର ସମର୍ଥନ । ଅଶ୍ୱିନୀ ବୈଷ୍ଣବଙ୍କ ସହ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଜେପିର ସମସ୍ତ ବିଧାୟକ ଉପସ୍ଥିତ ଥିଲେ । ୧୦ ଜଣ ପ୍ରସ୍ତାବକଙ୍କ ଉପସ୍ଥିତିରେ ଅଶ୍ୱିନୀ ୨ ସେଟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଓଡିଶାରୁ ତୃତୀୟ ପ୍ରାର୍ଥୀ ଭାବେ ସେ ନାମାଙ୍କନ ଦାଖଲ କରିଛନ୍ତି ।ନାମାଙ୍କନ ଦାଖଲ ପୂର୍ବରୁ ଗତକାଲି ପୁରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ସହ ଆଶୀର୍ବାଦ ନେଇଛନ୍ତି ଅଶ୍ୱିନୀ ବୈଷ୍ଣବ। ଏଥିସହ ପୁରୀରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ୨୦୧୯ ରାଜ୍ୟସଭା ନିର୍ବାଚନ ବେଳେ ବି ସମାନ ଘଟଣା ଦେଖିବାକୁ ମିଳିଥିଲା । ସେତେବେଳେ କିନ୍ତୁ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡି ପ୍ରଥମେ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା। ପରେ ସେ ବିଜେପି ପ୍ରାର୍ଥୀ ବୋଲି ସ୍ପଷ୍ଟ କରିଥିଲା। ଆଉ ବିଜେଡି ସମର୍ଥନରେ ହିଁ ଅଶ୍ୱିନୀ ରାଜ୍ୟସଭାକୁ ନିର୍ବାଚିତ ହୋଇ ମୋଦି ସରକାରରେ ମନ୍ତ୍ରୀ ହୋଇଥିଲେ। ୨୦୨୧ରେ ଅଶ୍ୱିନୀ ବୈଷ୍ଣବ ରେଳ ମନ୍ତ୍ରାଳୟର ମଙ୍ଗ ଧରିବା ପରେ ରେଳ କ୍ଷେତ୍ରରେ ଏମିତି ଅନେକ ଫାଇଦା ପାଇଛି ଓଡ଼ିଶା। ରାଜ୍ୟ ରେଳ ମାନଚିତ୍ରରେ ଘଟିଛି ଅନେକ ପରିବର୍ତ୍ତନ। ବଜେଟରେ ରାଜ୍ୟକୁ ରେଳ ଅନୁଦାନ ୧୦ ହଜାର କୋଟି ପାର୍ କରିଛି। ୨୦୦୯ରୁ ୧୪ ଉପା ସରକାର ଅମଳରେ ରେଳ ବଜେଟରୁ ରାଜ୍ୟକୁ ବର୍ଷକୁ ହାରାହାରି ୮୩୮ କୋଟି ଟଙ୍କା ମିଳୁଥିବା ବେଳେ ଚଳିତ ବଜେଟରେ ଏହା ୧୦ ହଜାର ୫୩୬ କୋଟିରେ ପହଞ୍ଚିଛି। ସେହିପରି ୨୦୦୯ରୁ ୧୪ ମଧ୍ୟରେ ବର୍ଷକୁ ୫୩ କିଲୋମିଟର ନୂଆ ରେଳ ଲାଇନ ହେଉଥିବା ବେଳେ ଚଳିତ ଆର୍ଥିକ ବର୍ଷ ଏହା ୪୭୩ କିଲୋମିଟରକୁ ବଢ଼ିଛି। ଖାଲି ସେତିକି ନୁହେଁ, ୨୪ ବର୍ଷ ତଳେ ଆରମ୍ଭ ହୋଇ ସଂପୂର୍ଣ୍ଣ ହୋଇପାରୁ ନଥିବା ଅନୁଗୁଳ-ସୁକିନ୍ଦା ଓ ହରିଦାସପୁର-ପାରାଦୀପ ରେଳ ଲାଇନରେ ଟ୍ରେନ ଚଳାଚଳ ଆରମ୍ଭ କରିଛି। ଏହାବାଦ୍ ଭୁବନେଶ୍ୱର, କଟକ ଓ ପୁରୀ ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ ଷ୍ଟେସନରେ ପରିଣତ କରିବାକୁ ଦ୍ରୁତ ଗତିରେ ଚାଲିଛି କାମ। ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଧ୍ୟ ଅଶ୍ୱିନୀଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇ ଯେଉଁ ପ୍ରେସ୍ ରିଲିଜ୍ ଦେଇଛନ୍ତି, ସେଥିରେ ରାଜ୍ୟରେ ରେଳପଥ ଓ ଟେଲିକମ୍ ବିକାଶ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଜେଡି ସମର୍ଥନ ଦେଉଥିବା ସ୍ପଷ୍ଟ କରିଛନ୍ତି। ଏପଟେ ରେଳ ବିଶେଷଜ୍ଞଙ୍କ ମତ, ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ହେବା ପରେ ଅନେକ ଫାଇଦା ପାଇଛି ରାଜ୍ୟ।

## 'ଆମ ବସ୍‌ଷ୍ଟାଣ୍ଡ' ଯୋଜନାରେ ୧୩ଟି ଜିଲ୍ଲାରେ ୨୦ଟି ନବନିର୍ମିତ ବସଷ୍ଟାଣ୍ଡ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି 'ଆମ ବସଷ୍ଟାଣ୍ଡ' ଯୋଜନାରେ ୧୩ଟି ଜିଲ୍ଲାରେ ୨୦ଟି ନବନିର୍ମିତ ବସଷ୍ଟାଣ୍ଡ ଉଦ୍‌ଘାଟନ କରିଛନ୍ତି। ଏହି ଜିଲ୍ଲାଗୁଡିକ ହେଲା- ଅନୁଗୋଳ, ବାଲେଶ୍ୱର, ବୌଦ୍ଧ, ଢେଙ୍କାନାଳ, ଗଜପତି, କେନ୍ଦ୍ରାପଡା, କେନ୍ଦୁଝର, କୋରାପୁଟ, ନୟାଗଡ, ନୂଆପଡା, ରାୟଗଡା, ସମ୍ବଲପୁର ଓ ସୁବର୍ଣ୍ଣପୁର। ଉଦ୍‌ଘାଟନ ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯୋଗାଯୋଗ ହେଉଛି ବିକାଶର ଆଧାର । ଏହା ହେଉଛି ଆମ ଅର୍ଥନୀତିର ମୁଖ୍ୟ ଶକ୍ତି। ଗାଁରୁ ସହର ସବୁଆଡେ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆମର ଲକ୍ଷ୍ୟ ରହିଛି। ୫-ଟି ଉପକ୍ରମରେ ଆମର ଯୋଗାଯୋଗ ଭିତ୍ତିଭୂମି ଓ ସାଧାରଣ ପରିବହନର ବ୍ୟବସ୍ଥାର ବିକାଶ କରାଯାଉଛି। ଗାଁକୁ ଲକ୍ଷ୍ମୀ ଯୋଜନାରେ ବ୍ଲକ ସହ ଯୋଡା ଯାଉଛି। ଭୁବନେଶ୍ୱରରେ ମେଟ୍ରୋ ରେଳ ଯୋଜନା ଆରମ୍ଭ ହୋଇଛି ବୋଲି କହି ଯୋଗାଯୋଗରେ ଉନ୍ନତି ହେଲେ ଲୋକଙ୍କ ରୋଜଗାର ବଢିବା ସହ ଚାଷୀ ଭାଇଭଉଣୀମାନେ ଲାଭବାନ ହେବେ ଓ ପିଲାଙ୍କ ପାଠପଢାରେ ସୁବିଧା ହେବ ବୋଲି ସେ କହିଥିଲେ। 'ଆମ ବସଷ୍ଟାଣ୍ଡ' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ନୂଆ ବସ୍ ଷ୍ଟାଣ୍ଡଗୁଡିକ ବ୍ୟବସାୟ କେନ୍ଦ୍ର ଭାବେ ଧିରେ ଧିରେ ବିକଶିତ ହେବ ଏବଂ ଏହା ଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇବ। ସେ ଆହୁରି ମଧ୍ୟ କହିଥିଲେ ଯେ ସାଧାରଣ ପରିବହନ ଭିତ୍ତିଭୂମିକୁ ମଜବୁତ୍ କରିବା ସହିତ ଲୋକମାନେ ଯେପରି ଏହି ସାଧାରଣ ପରିବହନ ବ୍ୟବସ୍ଥାକୁ ବହୁଳ ଭାବେ ବ୍ୟବହାର କରିବେ ସେଥିପାଇଁ ସମସ୍ତଙ୍କୁ ସଚେତନ କରିବା ଆବଶ୍ୟକ। ନୂଆ ବସଷ୍ଟାଣ୍ଡରେ ଲୋକମାନଙ୍କର ସୁରକ୍ଷା ସହିତ ସେଠାରେ ଉପଲବ୍ଧ ସାଧାରଣ ସୁବିଧା ସୁଯୋଗର ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ସେ କହିଥିଲେ।

## ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଘରେ ଇଡି ଚଢ଼ାଉ




ଭଦ୍ରକ,(ପିଏସ୍): ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଘର ଓ ଅଫିସ୍‌ରେ ଇଡି ପକ୍ଷରୁ ଚଢାଉ ହୋଇଛି। ଭଦ୍ରକ ଜିଲାର ୫ଟି ସ୍ଥାନରେ ଚଢାଉ ହେଉଥିବାର ସୂଚନା ମିଳିଛି। ତେବେ ବିଧାୟକ ଶ୍ରୀ ସାମଲଙ୍କ ଭଦ୍ରକ ନୂଆବଜାର ଏବଂ ସାବନବଜାର ବାସଭବନ, ଭଦ୍ରକ ବରପଦା ଇଂଜିନିୟରିଂ କଲେଜର ପୂର୍ବତନ ସଂପାଦକ ମନୋଜ ଗୋସ୍ୱାମୀଙ୍କ ଅପର୍ତ୍ତିବିନ୍ଧାସ୍ଥିତ ଘର, ପୂର୍ବତନ ଆକାଉଣ୍ଟାଣ୍ଟ ଭୀମଚରଣ ସାମଲଙ୍କ ହାସିନପୁର ବାସଭବନ ଏବଂ ବରପଦା ଇଂଜିନିୟରିଂ କଲେଜରେ ମଧ୍ୟ ଚଢାଉ ହେଉଥିବାର ସୂଚନା ମିଳିଛି। ତେବେ କେନ୍ଦ୍ରୀୟ ସୁରକ୍ଷା ବଳଙ୍କ ସୁରକ୍ଷା ବଳୟରେ ଏହି ଚଢାଉ ହେଉଛି। ବରପଦା ଇଂଜିନିୟରିଂ କଲେଜରେ ହୋଇଥିବା ଆର୍ଥିକ କାରବାରର ବ୍ୟାପକ ଅନିୟମିତତା ସହ ୨୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଜମି କିଣାବିକା ମାମଲାରେ ଏହି ରେଡ୍ ହୋଇଥିବାର ସୂଚନା ମିଳିଛି। ସକାଳ ଠାରୁ ଏପର୍ଯ୍ୟନ୍ତ ଇଡିର ସ୍ୱତନ୍ତ୍ର ଟିମ୍ ଏହି ଚଢାଉ ଜାରି ରଖିଥିଲେ ମଧ୍ୟ ବାହାରେ ଅପେକ୍ଷାରତ ଗଣମାଧ୍ୟମ ପ୍ରତିନିଧିମାନେ ନିର୍ଦ୍ଦିଷ୍ଟ ଭାବେ କୌଣସି ତଥ୍ୟ ପାଇପାରିନାହାଁନ୍ତି। ଅପରପକ୍ଷରେ ଇଡି ଚଢାଉ ହେଉଥିବାର ଖବର ପାଇ ବିଧାୟକ ଶ୍ରୀ ସାମଲଙ୍କ ସମର୍ଥକମାନେ ଭଦ୍ରକ ଆସି ତାଙ୍କ ବାସଭବନ ଠାରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଡେରା ପକାଇଥିବାର ଜଣାପଡିଛି। ଭଦ୍ରକର ବରପଦା ଇଞ୍ଜିନିୟରିଂ କଲେଜରୁ ବର୍ତ୍ତମାନର ବିଧାୟକ ଶ୍ରୀ ସାମଲଙ୍କ ପୁତ୍ର ପ୍ରୟାସକାନ୍ତି ସାମଲ ଏବଂ ତାଙ୍କର ରାଜନୈତିକ ସହଯୋଗୀମାନଙ୍କ ଦ୍ୱାରା ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ-୧୮୬୦ର ବିଭିନ୍ନ ଧାରାକୁ ଖୋଲାଖୋଲି ଉଲଘଂନ କରି ପ୍ରାୟ ୧୦୦ କୋଟି ଟଙ୍କାର ମୂଲ୍ୟବାନ ଜମି, କୋଠାବାଡ଼ି, ଏ.ସି.,ମୂଲ୍ୟବାନ ସୌଖିନ ଗାଡ଼ି , କମ୍ପ୍ୟୁଟର, ଜେନେରେଟର ଇତ୍ୟାଦି ବିକ୍ରି କରାଯାଇଥିବାର ଅଭିଯୋଗ ହୋଇଥିଲା। ଏବଂ ସେହି ଟଙ୍କା କଲେଜର ତହବିଲକୁ ନଆସିବା ଦ୍ୱାରା କର୍ମଚାରୀମାନେ ମାସ ମାସ ଧରି ବେତନ ନପାଇବା ଫଳରେ ପରବର୍ତ୍ତୀ ସମୟରେ ତାହା ଏକ ଜନ ଆନ୍ଦୋଳନର ରୂପ ନେଇଥିଲା । ୨୦୧୫ ମସିହାରେ ଓଡ଼ିଶା ସରକାର ପରିସ୍ଥିତିକୁ ହୃଦୟଙ୍ଗମ କରି ଏକ ତିନିଜଣିଆ ମଧ୍ୟବର୍ତ୍ତୀ କାଳୀନ ପରିଚାଳନା କମିଟି ଗଠନ କରି କମିଟିର ଚେୟାରମ୍ୟାନ ଭାବରେ ଭଦ୍ରକ ଜିଲ୍ଲାପାଳଙ୍କୁ ଅନୁଷ୍ଠାନର ପରିଚାଳନଭାର ନ୍ୟସ୍ତ କରିଥିଲେ। ଏଠାରେ ସୂଚନାଯୋଗ୍ୟ ୨୦୦୮ ମସିହାରୁ ୨୦୧୫ ମସିହା ମଧ୍ୟରେ ଶ୍ରୀ ସାମଲଙ୍କର ପରୋକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନରୁ ଲୁଟ୍ କରିଥିବା ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଭଦ୍ରକର ସମାଜସେବୀ ବିକାଶ ରଞ୍ଜନ ଜେନା କୋର୍ଟରେ କେଶ କରିଥିଲେ ମଧ୍ୟ ସରକାରୀ ରାଜନୈତିକ ଦଳର ପୃଷ୍ଠପୋଷକ ହୋଇଥିବାରୁ ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ଅଭିଯୁକ୍ତମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିଲା। ବରପଦା ଇଞ୍ଜିନିୟରିଂ କଲେଜରୁ ଦୁର୍ନୀତି ସମ୍ପର୍କିତ ପ୍ରାୟ ୪୮୬ ପୃଷ୍ଠାର କାଗଜପତ୍ର ପୋଲିସ ନିକଟରେ କଲେଜର ଅସନ୍ତୁଷ୍ଟ କର୍ମଚାରୀଙ୍କ ପକ୍ଷରୁ ଦାଖଲ କରାଯାଇଥିଲେ ମଧ୍ୟ ପୋଲିସ ତଦନ୍ତରେ କୌଣସି ଆଗ୍ରହ ପ୍ରକାଶ ଦେଖାଇନଥିଲା। ଲୁଟ୍ ହୋଇଥିବା ସଂପତ୍ତିର ପୁନରୁଦ୍ଧାର ନହୋଇପାରିବା ଫଳରେ କଲେଜର ପରିଚାଳନା ଏବଂ ଉନ୍ନତିମୂଳକ କାର୍ଯ୍ୟରେ ଘୋର ବାଧା ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ କର୍ମଚାରୀମାନେ ମାସ ମାସ ଧରି ବେତନ ନପାଇବା ଦ୍ୱାରା ଏକ ଜନ ଆନ୍ଦୋଳନର ରୂପ ନେଇଥିଲା। ଏପରିକି କଲେଜର ଦୁଇଗୋଷ୍ଠୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇ ବୋମା ମାଡ ଜନିତ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

## ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନର ସହ କରାଯିବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଉଥିବା ବ୍ୟକ୍ତିଙ୍କ ତ୍ୟାଗ ଓ ସାହସର ସ୍ୱୀକୃତି ସ୍ୱରୂପ ସେମାନଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନର ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଘୋଷଣା କରିଛନ୍ତି। ଏହା ଦ୍ୱାରା ଅଙ୍ଗଦାନ କ୍ଷେତ୍ରରେ ବ୍ୟାପକ ସଚେତନତା ଆସିବା ସହିତ ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବା ପାଇଁ ଏହା ସମାଜକୁ ପ୍ରେରଣା ଦେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଅଙ୍ଗଦାନ ଏକ ମହତ ଦାନ। ମସ୍ତିଷ୍କ ମୃତ୍ୟୁ ଘଟୁଥିବା ଲୋକଙ୍କ କ୍ଷେତ୍ରରେ ସେମାନଙ୍କ ଆତ୍ମୀୟମାନେ ସାହସିକ ନିଷ୍ପତ୍ତି ନେଇ ଅଙ୍ଗଦାନ ପାଇଁ ସ୍ୱୀକୃତି ପ୍ରଦାନ କରି ଅନ୍ୟମାନଙ୍କ ଜୀବନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ରାଜ୍ୟ ସରକାର ଏହି ଅଙ୍ଗ ପ୍ରତ୍ୟାରୋପଣ ପ୍ରକ୍ରିୟାକୁ ଅଧିକ ସୁଗମ କରିବା ପାଇଁ ୨୦୧୯ ମସିହାରେ State Organ & Tissues Transplant Organization (SOTTO) ପ୍ରତିଷ୍ଠା କରିଛନ୍ତି। ଅଙ୍ଗଦାନକୁ ଉତ୍ସାହିତ କରିବା ପାଇଁ ଓଡିଶା ସରକାର ୨୦୨୦ରୁ ସୁରଜ ପୁରସ୍କାର ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅଞ୍ଚଳର ସୁରଜଙ୍କ ନାମରେ ଏହି ପୁରସ୍କାର ପ୍ରଚଳନ କରାଯାଇଛି। ସଡକ ଦୁର୍ଘଟଣାରେ ଗୁରୁତର ଆହତ ସୁରଜଙ୍କ ମସ୍ତିଷ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର ସୁରଜଙ୍କର ଶରୀରର ଗୁରୁତ୍ୱପୂର୍ଣ ଅଙ୍ଗଗୁଡିକୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହି ଗୁରୁତ୍ୱପୂର୍ଣ ଅଙ୍ଗଗୁଡିକ ୬ ଜଣ ଲୋକଙ୍କ ଜୀବନ ରକ୍ଷାରେ ସହାୟକ ହୋଇଥିଲା। ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଉଛି। ଏଥି ସହିତ ପ୍ରତିବର୍ଷ ବିଶ୍ୱ ଅଙ୍ଗଦାନ ଦିବସ ଅଗଷ୍ଟ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ଅଙ୍ଗଦାତାମାନଙ୍କ ନିକଟତମ ଆତ୍ମୀୟଙ୍କୁ ସମ୍ମାନିତ ମଧ୍ୟ କରୁଛନ୍ତି।

## ପୁରୀରୁ ଅଯୋଧ୍ୟା ଗଡ଼ିବ ସ୍ୱତନ୍ତ୍ର ଟ୍ରେନ



ପୁରୀ : ପୁରୀରୁ ଅଯୋଧ୍ୟା ଚାଲିବ ସ୍ୱତନ୍ତ୍ର ଟ୍ରେନ। ପୁରୀରେ ଏନେଇ ଘୋଷଣା କରିଛନ୍ତି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଜୁଲାଇ କିମ୍ବା ଅଗଷ୍ଟ ମାସରେ ଏହି ଟ୍ରେନ ଶୁଭାରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ବର୍ଷ ବର୍ଷ ଧରି ପଡ଼ି ରହିଥିବା ପୁରୀ- କୋଣାର୍କ ରେଳ ଲାଇନ କାମ ଖୁବଶୀଘ୍ର ଆରମ୍ଭ ହେବ ବୋଲି ମଧ୍ୟ କହିଛନ୍ତି ଅଶ୍ୱିନୀ ବୈଷ୍ଣବ। ଆଜି ପୁରୀର ବହୁ ପ୍ରତୀକ୍ଷିତ ସିଦ୍ଧମହାବୀର ରେଳ ଓଭରବ୍ରିଜ ପାଇଁ ଶିଳାନ୍ୟାସ ଉତ୍ସବ ବେଳେ ଅଶ୍ୱିନୀ ଏହି ଘୋଷଣା କରିଛନ୍ତି। ଶରଧାବାଲି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଭି.ସି ମାଧ୍ୟମରେ ଯୋଗଦେଲେ। ଏହି ଅବସରରେ ସମଗ୍ର ଦେଶରେ ୬୬୦୦ କୋଟି ବ୍ୟୟରେ ୨୮ଟି ଜାତୀୟ ରାଜପଥ ପାଇଁ ଭୂମିପୂଜା ଓ ଲୋକାର୍ପଣ ଉତ୍ସବ ହୋଇଛି। ସେହିପରି ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର କୃଷ୍ଣପ୍ରସାଦ ବ୍ଲକର ସାତପଡ଼ାରୁ ଜନ୍ହି କୁଦାକୁ ସଂଯୋଗୀକରଣ ପାଇଁ ଛଅ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଘୋଷଣା କରିଛନ୍ତି ନୀତିନ ଗଡକରୀ। ଏହି ଅବସରରେ ପୁରୀ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଡଃ ସମ୍ବିତ ପାତ୍ର, ଜାତୀୟ ରାଜପଥ ଓ ସଡକ ପରିବହନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଆର୍‌ଟିଓଙ୍କ ସମ୍ପତ୍ତି ଦେଖି ଭିଜିଲାନ୍ସ ତାଜୁବ୍

ଭୁବନେଶ୍ୱର : ବୌଦ୍ଧ RTO ବସନ୍ତ ମହାପାତ୍ରଙ୍କର ଅମାପ ସଂପତି ଦେଖି ଭିଜିଲାନ୍ସ ତାଜୁବ୍ । ଭୁବନେଶ୍ୱର ଠାରୁ ବେଙ୍ଗାଲୁରୁ, ଯେଉଁଠି ଦେଖିବ ସେଠି ଦାମୀ ଆପାର୍ଟମେଣ୍ଟରେ ଫ୍ଲାଟ୍ ସହ ରହିଛି ନାମୀଦାମୀ ବ୍ୟବସାୟିକ ଆଉଟଲେଟ୍ । ତା' ସହ ଏଯାଏଁ ମିଳିଲାଣି ୩ କୋଟି ୭୫ ଲକ୍ଷ ଟଙ୍କାର ଫିକସ୍ ଡିପୋଜିଟ୍ । ଭୁବନେଶ୍ୱରର ବିଭିନ୍ନ ଫ୍ଲାଟ୍ ସମେତ ଆଜି ୧୦ଟି ସ୍ଥାନରେ ଚଢ଼ାଉ କରିଛି ଭିଜିଲାନ୍ସ। ରାଜଧାନୀ ଭୁବନେଶ୍ୱର ଠାରୁ ଆଇଟି ସିଟି ବେଙ୍ଗାଲୁରୁ । ଯେଉଁଠି ଦେଖ, ସେଇଠି ରହିଛି ଦାମୀ ଆପାର୍ଟମେଣ୍ଟ ଆଉ ଘର । ଭୁବନେଶ୍ୱରର ଏମିତି କୌଣସି ଦାମୀ ଆପାର୍ଟମେଣ୍ଟ ନାହିଁ ଯେଉଁଠି ବସନ୍ତଙ୍କ ଫ୍ଲାଟ୍ ନଥିବ । ପାହାଲରେ ଥିବା ଉତ୍କଳ ସିଗ୍ନେଚର । ଏଠି ରହିଛି ୩ ହଜାର ବର୍ଗ ଫୁଟର ଗୋଟିଏ ଆପାର୍ଟମେଣ୍ଟ, ଯାହାର ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା । ସେହିଭଳି କଳାରାହାଙ୍ଗରେ ଥିବା ନାମୀଦାମୀ ଡ-୧ ଇଷ୍ଟେଟରେ ୧୭୭୬ ବର୍ଗଫୁଟର ଏକ ୫ BHK ଆପାର୍ଟମେଣ୍ଟ ପାଇଁ ଦିଆଯାଇଛି କୋଟିଏ ୩୫ ଲକ୍ଷ ଟଙ୍କାର ଆଡଭାନ୍ସ । ଶୈଳଶ୍ରୀ ବିହାରରେ ଥିବା ୱେଷ୍ଟ ଏଣ୍ଡ୍ ଆର୍ପାର୍ଟମେଣ୍ଟରେ ରହିଛି ଏକ 2BHK ଫ୍ଲାଟ୍ । କଳ୍ପନା ଛକରେ ଥିବା ଉତ୍କଳ ରୟାଲ୍ ରେସିଡେନ୍ସିରେ ପ୍ରାୟ କୋଟିଏ ଟଙ୍କାର ଏକ 3BHK ଫ୍ଲାଟ୍ । ଭୁବନେଶ୍ୱରେ ଥିବା ସଂପତ୍ତିର ତାଲିକା ଏତିକିରେ ସରୁନି । କଳ୍ପନାରେ ଥିବା ଉତ୍କଳ କନିକା ଗ୍ୟାଲେରିଆ ମଲରେ ରହିଛି ୨ କୋଟି ଟଙ୍କାର ୨ଟି ସପିଂ ଆଉଟଲେଟ୍ । ସେହିପରି ବେଙ୍ଗାଲୁରୁରେ ମଧ୍ୟ ଏକ ଦାମୀ ଆପାର୍ଟମେଣ୍ଟକୁ କିଣିବା ଲାଗି ସେ ୮୮ ଲକ୍ଷ ଆଡଭାନ୍ସ ଦେଇଥିବା ଜଣାପଡ଼ିଛି ।



ବାବୁ ବସନ୍ତ ମହାପାତ୍ରଙ୍କ ସଂପତ୍ତି ତାଲିକା ଏତିକିରେ ସରୁ ନାହିଁ । ବସନ୍ତ ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ବିଭିନ୍ନ ବ୍ୟାଙ୍କ, ପୋଷ୍ଟାଲ୍, ଇନ୍ସ୍ୟୁରାନ୍ସ ଡିପୋଜିଟ୍ ଇତ୍ୟାଦିରେ ରହିଛି ୩ କୋଟି ୭୫ ଲକ୍ଷ ଟଙ୍କାର ଜମା । ତା' ଛଡ଼ା ଭିଜିଲାନ୍ସ ଚଢ଼ାଉବେଳେ ମିଳିଛି ୨୬୦ ଗ୍ରାମର ସୁନା ଅଳଙ୍କାର । ତେବେ ଚଢ଼ଉ ସରିନଥିବାରୁ ଏହି ପରିମାଣ ଆହୁରି ବଢ଼ିବ ବୋଲି ଅନୁମାନ କରାଯାଉଛି । ବୌଦ୍ଧ ଆରଟିଓ ବସନ୍ତ ମହାପାତ୍ରଙ୍କର ଆୟ ବହିର୍ଭୂତ ସଂପତ୍ତି ନେଇ ଏକାଧିକ ଅଭିଯୋଗ ମିଳିବା ପରେ ବୌଦ୍ଧ ଅଫିସ୍ ସମେତ. ଗଞ୍ଜାମ ଭଞ୍ଜନଗର ସ୍ଥିତି ତାଙ୍କ ପୈତୃକ ଘର, ବ୍ରହ୍ମପୁର କମାପଲ୍ଲୀସ୍ଥିତ ସଂପର୍କୀୟଙ୍କ ବାସଭବନ ଆଦି ୧୦ଟି ସ୍ଥାନରେ ଏକାକାଳୀନ ଚଢାଉ କରିଛି ଭିଜିଲାନ୍ସ । ବସନ୍ତଙ୍କ ଏଭଳି ଆଖି ଖୋସିଦେବା ଭଳି ସଂପତି ପଦାକୁ ଆସିବା ପରେ ପରିବହନ ବିଭାଗରେ ଆଉ ଏଭଳି କେତେ କୁବେର ଅଫିସର ଅଛନ୍ତି ତାହାକୁ ନେଇ ଆଲୋଚନା । ଆଜି ଭୋର ସମୟରୁ ଆରମ୍ଭ ହୋଇଥିବା ଏହି ଚଢଉ ଜାରି ରହିଥିବାରୁ ବସନ୍ତଙ୍କର ସଂପତ୍ତି ତାଲିକା ଆହୁରି ଲମ୍ବିବାର ସମ୍ଭାବନା ରହିଛି ।

# କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଅଗ୍ରଣୀ ଟେକ୍ନୋଲୋଜି ସଂସ୍ଥା ଓ ଏନ୍‌ଏସ୍‌ଡିସି ମଧ୍ୟରେ ବୁଝାମଣା

ଭୁବନେଶ୍ୱର: ଗୁଗୁଲ, ମାଇକ୍ରୋସଫ୍ଟ ଭଳି ୧୫ଟି ଅଗ୍ରଣୀ ଟେକ୍ନୋଲୋଜି କମ୍ପାନୀ, ବୃହତ ଶିଳ୍ପ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ସହ ଜାତୀୟ ଦକ୍ଷତା ବିକାଶ ନିଗମ (ଏନଏସଡିସି) ସହ ଏମଓୟୁ ଭାରତର ଯୁବଶକ୍ତିଙ୍କୁ ଦକ୍ଷ ଏବଂ ସଶକ୍ତ କରିବ । ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍ ସ୍କିଲିଂ ମନ୍ତ୍ରକୁ ଗ୍ରହଣ କରି ଆଗାମୀ ଦିନରେ ଭାରତ ଅନଷ୍ଟପେବୁଲ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଗୁରୁବାର ନୂଆଦିଲ୍ଲୀ ସ୍ଥିତ କୌଶଳ ଭବନରେ ଭାରତର ଯୁବଶକ୍ତିଙ୍କୁ ଦକ୍ଷ କରିବା ଲକ୍ଷ୍ୟରେ ବିଭିନ୍ନ ପଦକ୍ଷେପ ଏବଂ ଶିଳ୍ପ ଓ ଶିକ୍ଷା ଭାଗିଦାରୀତାର ଶୁଭାରମ୍ଭ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜି ଦେଶ ବିଦେଶର ୧୫ଟି ଅଗ୍ରଣୀ ଟେକ୍ନୋଲୋଜି ସଂସ୍ଥା ଯଥା ଗୁଗଲ, ମାଇକ୍ରୋସଫ୍ଟ. ଫ୍ଲିପକାର୍ଟ, ଟିମ୍ ଲିଜ୍, ଅପଗ୍ରେଡ, ରିଲାଏନ୍ସ ଫାଉଣ୍ଡେସନ, ହନିୱେଲ, ଇନୋଫୋସିସ ସହ ଏନଏସଡିସି ସହ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି । ଆଜିର ପଦକ୍ଷେପ ସ୍କିଲ୍ ଇଣ୍ଡିଆ ମିଶନକୁ ଆଗକୁ ନେବ ଏବଂ ଅଧିକ ଦକ୍ଷ ମାନବ ସମ୍ବଳକୁ ନେତୃତ୍ୱ ଦେବାରେ ସହଯୋଗୀ ହେବ । ଏହିମାନେ ବିଶ୍ୱସ୍ତରୀୟ ସୁଯୋଗ ଗ୍ରହଣ କରିବେ ।

ଏହି ଅବସରରେ ଶ୍ରୀ ପ୍ରଧାନ ଦକ୍ଷତା ଇକୋସିଷ୍ଟମରେ ବିଭିନ୍ନ ଡିଜିଟାଲମୂଳକ ପଦକ୍ଷେପ ବିଷୟରେ କହିଥିଲେ । ସେ କହିଥିଲେ ଭାରତ ସରକାରଙ୍କ ପଦକ୍ଷେପ ଯେ କୌଣସି ସ୍ଥାନରେ ଦକ୍ଷତା, ଯେକୌଣସି ସମୟରେ ଦକ୍ଷତା ଏବଂ ସମସ୍ତଙ୍କ ପାଇଁ ଦକ୍ଷତା ସୁନିଶ୍ଚିତ କରୁଛି । ଟେକ୍ନୋଲୋଜି, ସ୍କେଲ୍ ଏବଂ ସଷ୍ଟେନବିଲଟି ଉପଯୋଗ କରି ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଦିଗରେ ଅଗ୍ରସର ହେଉଥିବା ବେଳେ ଭାରତୀୟ ଶ୍ରମଶକ୍ତି କେବଳ ଘରୋଇ ଚାହିଦା ନୁହେଁ ବରଂ ବିଶ୍ୱର ଚାହିଦାକୁ ପୂରଣ କରିବେ ଏବଂ ନୂତନ ମାପଦଣ୍ଡ ସ୍ଥାପନା କରିବେ ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆଜି ଦେଶର ଅର୍ଥନୀତି ମଜଭୁତ୍ ହେଉଛି । ଭାରତ ବିଶ୍ୱର ପଞ୍ଚମ ବୃହତମ ଅର୍ଥନୀତିରେ ପରିଣତ ହୋଇଥିବା ବେଳେ ଆଗାମୀ କିଛି ବର୍ଷ ମଧ୍ୟରେ ତୃତୀୟ ବୃହତମ ଅର୍ଥନୀତି ହେବ । ଏହାକୁ ଦୃଷ୍ଟିରେ ରଖି ଆମକୁ ସ୍କିଲିଂ ପରିସଂସ୍ଥାନକୁ ମଜଭୁତ୍ କରିବାକୁ ହେବ । ସାମାଜିକ ସହଭାଗୀତାରେ ସମସ୍ତ ଯୁବକ ଯୁବତୀଙ୍କୁ ଦକ୍ଷ କରି ସେମାନଙ୍କୁ ନିଯୁକ୍ତିଦାତା କରିବା ପାଇଁ କରିବାକୁ ହେବ । ଏହା ଆମର ସମସ୍ତଙ୍କର ସାମୂହିକ ଦାୟିତ୍ୱ । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଜିଟାଲ ଇଣ୍ଡିଆ କଳ୍ପନାରେ ଆଜି ଦେଶରେ ୨୫ କୋଟି ଅପାର୍ ଆଇଡି ତିଆରି ହେବା ଏକ ବଡ ଉପଲବ୍ଧି ।

## ହରତାଳକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର: ଅଖିଳ ଭାରତ ଜାତୀୟ କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧି ଏବଂ ଅଖିଳ ଭାରତ ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କୃଷକମାନଙ୍କୁ ତାଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ୍ ପ୍ରାପ୍ୟ ମିଳୁ ଏବଂ ଏମ୍‌ଏସ୍‌ପିକୁ ଆଇନ୍‌ରେ ପରିଣତ କରାଯାଉ ବୋଲି ଦୀର୍ଘଦିନ ଧରି ମଧ କେନ୍ଦ୍ର ସରକାରଙ୍କ ପାଖରେ ଦାବି କରିଆସୁଛନ୍ତି । ସରକାରଙ୍କ ଏହି ଅଗଣତାନ୍ତ୍ରିକ ବ୍ୟବସ୍ଥାକୁ ବିରୋଧ କରି ଫେବୃଆରୀ ୧୬ ଶୁକ୍ରବାର ଦିନ ସମଗ୍ର ଭାରତ ବର୍ଷରେ କେନ୍ଦ୍ର ବିଜେପି ସରକାରର ଚାଷୀମାରଣ ନୀତି ବିରୋଧରେ ଯେଉଁ ପ୍ରମୁଖ କୃଷକ ସଂଗଠନଗୁଡ଼ିକ ହରତାଳ ପାଇଁ ଆହ୍ୱାନ ଦେଇଛନ୍ତି, ଏହାକୁ ପୂର୍ଣ୍ଣମାତ୍ରାରେ କଂଗ୍ରେସ ଦଳ ସମର୍ଥନ କରିବା ସହିତ ଦଳ ତରଫରୁ ପ୍ରତ୍ୟେକ ସ୍ଥାନରେ ସମସ୍ତ ଜିଲ୍ଲା, ବ୍ଲକ, ନଗର କଂଗ୍ରେସ କମିଟି କର୍ମକର୍ତ୍ତା, ବିଧାୟକ, ପୂର୍ବତନ ବିଧାୟକ, ସାଂସଦ, ପୂର୍ବତନ ସାଂସଦ, ସମସ୍ତ ସାମ୍ମୁଖ୍ୟ, ସମସ୍ତ ବିଭାଗ ଓ ପ୍ରକୋଷ୍ଠର କର୍ମକର୍ତ୍ତା, ସମସ୍ତ କଂଗ୍ରେସ କର୍ମୀ ସାମିଲ ରହି ହରତାଳକୁ ସଫଳ କରିବାକୁ ପିସିସି ସଭାପତି ଶରତ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି ବୋଲି ଗୁରୁବାର କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଜଣାଇଛନ୍ତି ।

# ଏମ୍‌ସିଏଲ୍‌ର ଆର୍‌ପିଡିଏସି ବୈଠକ



ଅନୁଗୁଳ(ପିପିଏସ୍) : ଦୀର୍ଘ ଦୁଇ ବର୍ଷରୁ ଅଧିକ ଅପେକ୍ଷା ପରେ ଏମସିଏଲର ଆରପିଡିଏସି ବୈଠକ ଅନୁଗୁଳ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଥିଲା । ଆର୍ଡିସି ଙ୍କ ଅଧକ୍ଷତାରେ ବସିଥିବା ଏହି ବୈଠକରେ ଏମ.ସି.ଏଲ ଓ ଏହାଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ମୁଖ୍ୟତଃ ଜମିହରା ପ୍ରଜାଙ୍କ ଥଇଥାନ ଓ ନିଯୁକ୍ତିକୁ ନେଇ ସବୁ ସମୟରେ ଉପୁଜୁଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଆଜିର ଆଲୋଚନା ସକାରାତ୍ମକ ହୋଇଥିବା ବେଳେ କ୍ଷତିଗ୍ରସ୍ତ ପ୍ରଜାଙ୍କର ସମସ୍ତ ଦାବି ଖୁବ ଶୀଘ୍ର ପୂରଣ କରାଯିବ ବୋଲି ଏମ.ସି.ଏଲ କର୍ତ୍ତୃପକ୍ଷ ମାନି ଯାଇଥିଲେ । ତେବେ ସବୁ ବୈଠକରେ ଏମ.ସି.ଏଲ ଦାବି ପୂରଣ କରିବ ବୋଲି କହି ପରବର୍ତ୍ତୀ ସମୟରେ ଟାଳଟୁଳ ନୀତି ଅବଲମ୍ବନ କରିଥାଏ । ଆଉ ଚଳିତ ଥର ଯଦି ଏଭଳି ହୁଏ ତେବେ ଆଗକୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସହ ଖଣି ଖାଦାନ ବନ୍ଦ କରି ଦିଆଯିବ ବୋଲି ସ୍ଥାନୀୟ ବିଧାୟକ ଚେତାବନୀ ଦେଇଛନ୍ତି । ଆଜିର ଏହି ବୈଠକରେ ଅନୁଗୋଳ ଜିଲ୍ଲାପାଳ, ଢେଙ୍କାନାଳ ସାଂସଦ ତାଳଚେର ଓ ଛେଣ୍ଡିପଦା ବିଧାୟକ, ଏମ.ସି.ଏଲର ଅଧିକାରୀ ସମେତ କ୍ଷତିଗ୍ରସ୍ତ ପ୍ରଜା ଓ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ ।

# ମତ୍ସ୍ୟ-ପ୍ରାଣୀ ସମାବେଶ ଉପଲକ୍ଷେ ବାଲୁକା କଳା ଉଦଘାଟିତ

ଭୁବନେଶ୍ୱର:ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗ ଦ୍ୱାରା ରାଜ୍ୟରେ ପ୍ରଥମ ଥର ଆୟୋଜିତ ହେଉଛି ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ । ଏହି ଉପଲକ୍ଷେ ଗୁରୁବାର ଜନତା ମଇଦାନଠାରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ବାଲୁକା କଳା ଆଜି ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ସମାବେଶର ଥିମ୍ 'କଲେ ମତ୍ସ୍ୟ-ପ୍ରାଣୀ ପାଳନ, ଆୟ ହୋଇବ ବହୁଗୁଣ'କୁ ନେଇ ଶ୍ରୀ ପଟ୍ଟନାୟକ ଚମତ୍କାର ଶୈଳୀରେ ଏହି ବାଲୁକା କଳାର ପ୍ରଦର୍ଶନ କରିଛନ୍ତି । ଏଥିରେ ସମାବେଶର ଲୋଗୋ ଓ ମାସ୍କଟ 'ମାନି'କୁ ସ୍ଥାନିତ କରାଯାଇ ଗୋଟିଏ ପାର୍ଶ୍ୱରେ ମତ୍ସ୍ୟ ଓ ଗୋଟିଏ ପାର୍ଶ୍ୱରେ ପ୍ରାଣିସଂପଦର ଚିତ୍ର ଦର୍ଶକଙ୍କୁ ଆକୃଷ୍ଟ କଲାପରି ଶୈଳୀରେ ପ୍ରଦର୍ଶିତ କରାଯାଇଛି । ସାଣ୍ଡଆର୍ଟଟି ଏକ ପ୍ରାକୃତିକ ଢଙ୍ଗରେ ସମାବେଶ ପଡ଼ିଆରେ ଗୋଟିଏ ପାର୍ଶ୍ୱରେ ସ୍ଥାନିତ ହୋଇଥିବାରୁ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ସମାବେଶରେ ଏହା ଏକ ପ୍ରମୁଖ ପ୍ରଦର୍ଶନସ୍ଥଳ ପାଲଟିବ । ପ୍ରାଣିସଂପଦ ଓ ମତ୍ସ୍ୟଚାଷର ଯୁଗଳବନ୍ଦୀକୁ ନେଇ ନିର୍ମିତ ଏହି କଳା ସୁନ୍ଦର ଢଙ୍ଗରେ ସଜ୍ଜିତ କରାଯାଇଛି ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା

ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଏବଂ ଓଡ଼ିଶା ଉଚ୍ଚ ଶିକ୍ଷା ପରିଷଦର ପ୍ରୋତ୍ସାହନ ଓ ଆର୍ଥିକ ଅନୁଦାନାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ୨୦୨୩-୨୪ ଉଦଘାଟିତ ହୋଇଯାଇଛି । ଗୁରୁବାର ପୂର୍ବାହ୍ନରେ ବାଣୀବିହାର ପରିସରରେ ମା' ତାଳପଦେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା ପରେ ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ାଙ୍ଗନକୁ ମଶାଲ ଆଣିଥିଲେ । ଏହାପରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଆରମ୍ଭ ନେଇ ଘୋଷଣା କରିଥିଲେ ।

ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଥିଲେ ଯେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଚାଲୁଥିବା ଓଡ଼ିଶା ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ପ୍ରଶଂସନୀୟ ଉଦ୍ୟମ । ଏହା ଛାତ୍ରଛାତ୍ରୀମାନଙ୍କ ମନରେ ପ୍ରତିଯୋଗିତା ମନୋଭାବ ବୃଦ୍ଧି କରିବାରେ ସହାୟକ ହେବ । ସେମାନଙ୍କୁ ବହୁ ପରିମାଣରେ ପ୍ରୋତ୍ସାହିତ କରିବ । ଲକ୍ଷ୍ୟ ସ୍ଥିର କରି କାର୍ଯ୍ୟ କଲେ ସଫଳତା ନିଶ୍ଚୟ ମିଳିବ । ଜିତିବା ମନୋବୃତି ନେଇ ଉଦ୍ୟମ କଲେ ବିଜୟ ନିଶ୍ଚୟ ମିଳିବ । ଦକ୍ଷତାର ବିକାଶ ପାଇଁ ଖେଳିବା ନିହାତି ଜରୁରୀ । ନୂଆ ଶିକ୍ଷାନୀତିରେ କ୍ରୀଡ଼ାକୁ ମଧ ଗୁରୁତ୍ୱ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ କହିଥିଲେ ଯେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହିତ ବ୍ୟକ୍ତିତ୍ୱ କିଭଳି ବିକାଶ ହୋଇପାରିବ ସେଥିପାଇଁ ଜାତୀୟ ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯାଇଛି । ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟକଲେ ସମସ୍ତେ ଭବିଷ୍ୟତରେ ଉନ୍ନତି କରିବେ ବୋଲି ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଅଲମ୍ପିକ କ୍ରୀଡ଼ାବିତ ଅନୁରାଧା ବିଶ୍ୱାଳ କହିଥିଲେ ଯେ କ୍ରୀଡ଼ାରେ ହାରିବା ଓ ଜିତିବା ଏକ ଅଂଶ ହୋଇଥାଏ । ଜଣେ କିଏ ହାରିଲେ ଜଣେ କିଏ ଜିତିବ । ଯିଏ ହାରିଲା ଆହୁରି କିଭଳି ଭଲ କରିବ ସେଥିପାଇଁ ପ୍ରୟାସ ଜାରି ରଖିବ । କଠିନ ପରିଶ୍ରମ ଓ ଅଭ୍ୟାସ ଜାରି ରଖିଲେ ସଫଳତା ମିଳିପାରିବ ବୋଲି କହିଥିଲେ । ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ନବନୀତା ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ କୁଳସଚିବ ଡ.କାହ୍ନୁଚରଣ ଧୀର ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଡ.ବିଜୟ କୁମାର ସୁନ୍ଦରରାୟ ବିବରଣୀ ପାଠ କରିଥିଲେ ଏବଂ ଡ.କୀର୍ତ୍ତିରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ଦିବସରେ ଜାଭଲିନ ଥ୍ରୋ ଏବଂ ସଟପୁଟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଫେବୃଆରୀ ୧୯ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଉଭୟ ବାଣୀବିହାର ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ାଙ୍ଗନ ଓ କଳିଙ୍ଗ ଷ୍ଟାଡ଼ିୟମରେ ଅନୁଷ୍ଠିତ ହେବ । ବିଜେତା ପ୍ରତିଯୋଗୀଙ୍କୁ ଅର୍ଥରାଶୀ ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ନିର୍ବାଚନ ବଣ୍ଡ ଉପରେ ସୁପ୍ରିମକୋର୍ଟର ରାୟକୁ ସମାଜବାଦୀ ପାର୍ଟିର ସ୍ୱାଗତ

ଭୁବନେଶ୍ୱର: ନିର୍ବାଚନ ବଣ୍ଡ ଉପରେ ମାନ୍ୟବର ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଛନ୍ତି ତାହା ଐତିହାସିକ ଓ ସ୍ୱାଗତଯୋଗ୍ୟ ବୋଲି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ କୁହାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଏହି ରାୟକୁ ସ୍ୱାଗତ କରି କହିଛନ୍ତି ଯେ, ଏ ଦେଶରେ ନିର୍ବାଚନ ପାଇଁ କେଉଁ ବ୍ୟକ୍ତି ବା କେଉଁ କର୍ପୋରେଟ୍ ସଂସ୍ଥା କେଉଁ ଦଳକୁ କେତେ ଚାନ୍ଦା କ'ଣ ପାଇଁ ଦେଲେ ତାହା ଜାଣିବାର ଅଧିକାର ଭାରତ ବର୍ଷର ପ୍ରତ୍ୟେକ ନାଗରିକଙ୍କର ରହିଛି । ୨୦୧୮ ମସିହାରୁ କ୍ଷମତାସୀନ ବିଜେପି ଦଳ ନିର୍ବାଚନ ବଣ୍ଡ ଜରିଆରେ ବିଭିନ୍ନ କର୍ପୋରେଟ୍ ସଂସ୍ଥାଠାରୁ ହଜାର ହଜାର କୋଟିର ଚାନ୍ଦା ସଂଗ୍ରହ କରି ସେମାନଙ୍କ ସ୍ୱାର୍ଥ ପାଇଁ ଯେଉଁଭଳି କାମ କରିଆସୁଛି, ଏହି ରାୟ ଏକ ଶକ୍ତ ଧକ୍କା ବୋଲି ଶ୍ରୀ ବେହେରା କହିଛନ୍ତି । ଏହାଦ୍ୱାରା ଶାସକ ବିଜେପି ଦଳର କଳାଟଙ୍କାକୁ ଧଳା କରିବାର ମୁଖା ଖୋଲିଯାଇଛି । ପ୍ରତ୍ୟେକଟି ରାଜନୈତିକ ଦଳ ସଂଗ୍ରହ କରୁଥିବା ସାଧାରଣ ନିର୍ବାଚନ ପାଣ୍ଠି ଉପରେ ଆଉ କିଛି ଲୁଚାଇପାରିବେ ନାହିଁ କିମ୍ବା କଳା ଟଙ୍କାକୁ ଧଳା କରିପାରିବେ ନାହିଁ । ଏହି ରାୟର ପରିସୀମା ସୁଦୂରପ୍ରସାରୀ ଓ ଅତିବ୍ୟାପକ । ଆଗାମୀ ଦିନରେ ଏହି ରାୟ ଆଧାରରେ ସ୍ୱଚ୍ଛ ଓ ନିର୍ମଳ ନିର୍ବାଚନୀ ସମ୍ଭବ ହୋଇପାରିବ ବୋଲି ଶ୍ରୀ ବେହେରା ଆଶାପ୍ରକାଶ କରିଛନ୍ତି ।


# ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନର ସହ କରାଯିବ

ଭୁବନେଶ୍ୱର:ଅଙ୍ଗଦାନ କରି ଅନ୍ୟର ଜୀବନ ବଂଚାଉଥିବା ବ୍ୟକ୍ତିଙ୍କ ତ୍ୟାଗ ଓ ସାହସର ସ୍ୱୀକୃତି ସ୍ୱରୂପ ସେମାନଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନର ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଘୋଷଣା କରିଛନ୍ତି । ଏହା ଦ୍ୱାରା ଅଙ୍ଗଦାନ କ୍ଷେତ୍ରରେ ବ୍ୟାପକ ସଚେତନତା ଆସିବା ସହିତ ଅଙ୍ଗଦାନ କରି ଅନ୍ୟର ଜୀବନ ବଂଚାଇବା ପାଇଁ ଏହା ସମାଜ କୁ ପ୍ରେରଣା ଦେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ଅଙ୍ଗଦାନ ଏକ ମହତ ଦାନ । ମସ୍ତିଷ୍କ ମୃତ୍ୟୁ ଘଟୁଥିବା ଲୋକଙ୍କ କ୍ଷେତ୍ରରେ ସେମାନଙ୍କ ଆତ୍ମୀୟମାନେ ସାହସିକ ନିଷ୍ପତି ନେଇ ଅଙ୍ଗଦାନ ପାଇଁ ସ୍ୱୀକୃତି ପ୍ରଦାନ କରି ଅନ୍ୟମାନଙ୍କ ଜୀବନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ରାଜ୍ୟ ସରକାର ଏହି ଅଙ୍ଗ ପ୍ରତ୍ୟାରୋପଣ ପ୍ରକ୍ରିୟାକୁ ଅଧିକ ସୁଗମ କରିବା ପାଇଁ ୨୦୧୯ ମସିହାରେ ଷ୍ଟେଟ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଂଟ ଅର୍ଗାନାଇଜେସନ୍ ପ୍ରତିଷ୍ଠା କରିଛନ୍ତି । ଅଙ୍ଗଦାନକୁ ଉତ୍ସାହିତ କରିବା ପାଇଁ ଓଡ଼ିଶା ସରକାର ୨୦୨୦ରୁ ସୁରଜ ପୁରସ୍କାର ଆରମ୍ଭ କରିଛନ୍ତି । ସୂଚନାଯୋଗ୍ୟ ଯେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅଂଚଳର ସୁରଜଙ୍କ ନାମରେ ଏହି ପୁରସ୍କାର ପ୍ରଚଳନ କରାଯାଇଛି । ସଡକ ଦୁର୍ଘଟଣାରେ ଗୁରୁତର ଆହତ ସୁରଜଙ୍କ ମସ୍ତିଷ୍କ ମୃତ୍ୟୁ ଘଟିଥିଲା । ତାଙ୍କ ପରିବାର ସୁରଜଙ୍କର ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡିକୁ ପ୍ରଦାନ କରିବା ପାଇଁ ନିଷ୍ପତି ନେଇଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡିକ ୬ ଜଣ ଲୋକଙ୍କ ଜୀବନ ରକ୍ଷାରେ ସହାୟକ ହୋଇଥିଲା ।

# ଆରମ୍ଭ ହେଲା ଯୁକ୍ତ ଦୁଇ ପରୀକ୍ଷା

ଭୁବନେଶ୍ୱର: ଆରମ୍ଭ ହେବ ଯୁକ୍ତ ଦୁଇ ପରୀକ୍ଷା । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରୀକ୍ଷା ପାଇଁ ଜାରି ହୋଇଛି ଗୁରୁତ୍ୱପୂର୍ଣ୍ଣ ସୂଚନା । ଚଳିତ ବର୍ଷ ପରୀକ୍ଷା ଦେବେ ୩ ଲକ୍ଷ ୮୬ ହଜାର ୨୫୦ ଜଣ ପରୀକ୍ଷାର୍ଥୀ । ସେଥିରୁ ରେଗୁଲାର ୩ ଲକ୍ଷ ୬୦ ହଜାର ୧୯୮ ଏବଂ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ୨୬ ହଜାର ୫୨ ଜଣ ରହିଛନ୍ତି । ମୋଟ ୧ ଲକ୍ଷ ୮୬ ହଜାର ୮୮୯ ଜଣ ପୁଅ ପରୀକ୍ଷା ଦେଉଥିବା ବେଳେ ଝିଅଙ୍କ ସଂଖ୍ୟା ୧ ଲକ୍ଷ ୯୯ ହଜାର ୩୬୧ ରହିଛନ୍ତି । ମୋଟ କଳାରେ ୨ ଲକ୍ଷ ୩୭ ହଜାର ୭୫୦, ବିଜ୍ଞାନରେ ୧ ଲକ୍ଷ ୧୬ ହଜାର ୬୨୦ , ବାଣିଜ୍ୟରେ ୨୬ ହଜାର ୮୯ ଜଣ ପରୀକ୍ଷା ଦେଉଥିବା ବେଳେ ଧନ୍ଦାମୂଳକରେ ୫ହଜାର ୭୯୧ ଜଣ ଏଥର ପରୀକ୍ଷା ଦେଉଛନ୍ତି । ପରୀକ୍ଷା ଆସନ୍ତାକାଲି ଅର୍ଥାତ ଫେବୃଆରୀ ୧୬ରୁ ମାର୍ଚ୍ଚ ୨୦ ଯାଏ ଚାଲିବ । ଆସନ୍ତାକାଲି ମାତୃଭାଷା ପରୀକ୍ଷା ଦେବେ ବିଜ୍ଞାନ ବିଭାଗର ଛାତ୍ର ଛାତ୍ରୀ । ପରୀକ୍ଷା ସମୟରେ କିମ୍ବା ପୂର୍ବରୁ ସୋସିଆଲ ମିଡିଆରେ କୌଣସି ଭାଇରାଲ ପ୍ରଶ୍ନ ପତ୍ରକୁ ବିଶ୍ୱାସ ନ କରିବାକୁ ପରାମର୍ଶ ଦେଲେ ପରୀକ୍ଷା ନିୟନ୍ତ୍ରକ ଅଶୋକ ନାୟକ । ମୋଟ ୧୯ଟି ସିଟିଂରେ ହେବ ପରୀକ୍ଷା । ପ୍ରତେକ ଦିନ ଗୋଟିଏ ବିଷୟରେ ହିଁ ପରୀକ୍ଷା ହେବ । ଏହା ଭିତରେ ମାଟ୍ରିକ ପରୀକ୍ଷା ମଧ ଚାଲିବ ତେଣୁ ସେମାନଙ୍କ ସୂଚିକୁ ଦେଖି ମାଟ୍ରିକ ପରୀକ୍ଷା ଯେଉଁ ଦିନ ରହିଛି ସେଦିନ ଯୁକ୍ତ ପରୀକ୍ଷା ରଖାଯାଇନାହିଁ । ସମସ୍ତ ପ୍ରସ୍ତୁତି ରହିଛି । ପ୍ରଥମ ୧୦ଟି ବିଷୟ ପରୀକ୍ଷାର ପ୍ରଶ୍ନ ପତ୍ର ପରୀକ୍ଷା ହବରେ ପଂହଁଚି ସରିଛି । ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା ହୋଇଛି । ପ୍ରଶ୍ନ ପତ୍ର ବିଭ୍ରାଟ ହେବ ନାହିଁ ବୋଲି କହିଛନ୍ତି ପରୀକ୍ଷା ନିୟନ୍ତ୍ରକ । ପରୀକ୍ଷା ଆରମ୍ଭ ୧୦ଟାରେ ହେବ । ୩୦ ମିନିଟ ପୂର୍ବରୁ ସେଣ୍ଟରରେ ପଂହଚିବେ ଛାତ୍ର ଛାତ୍ରୀ । ୧୫ ମିନିଟ ପୂର୍ବରୁ ପରୀକ୍ଷା ହଲରେ ପହଁଚିବା ପାଇଁ ସୂଚନା ଦିଆଯାଇଛି । ପ୍ରଶ୍ନ ପତ୍ର ଏବଂ ଉତ୍ତର ଖାତାକୁ ସଠିକ ଭାବେ ଯାଂଚ କରିବାକୁ ପିଲାମାନଙ୍କୁ ତାଗିଦ କରାଯାଇଛି । ଉତ୍ତର ଖାତାରେ ଠିକ ଭାବେ ନିଜ ରୋଲ ନମ୍ବର ଏବଂ ରେଜିଷ୍ଟ୍ରେସନ ନମ୍ବର ପୂରଣ କରିବା ଦରକାର । ଇଏମଏଚ (ଏକଜାମିନେସନ ମ୍ୟାନେଜମେଣ୍ଟ ହଲ)ସହ ମିଟିଂ କରାଯାଇଛି । ପରୀକ୍ଷାରେ କୌଣସି ତ୍ରୁଟି ନହେବା ପାଇଁ ପୁରା ବ୍ୟବସ୍ଥା ହୋଇଛି । ପରୀକ୍ଷା କେନ୍ଦ୍ରରେ ସିସିଟିଭିକୁ ଗୁରୁତ୍ୱ ଦିଆଯାଇଛି । ମାଧ୍ୟମିକ ଶିକ୍ଷା ପରିଷଦରେ ଲାଇଭ ଷ୍ଟ୍ରିମିଙ୍ଗ ବ୍ୟବସ୍ଥା ହୋଇଛି । କୌଣସି ପରୀକ୍ଷା କେନ୍ଦ୍ରରେ କୌଣସି ଭୁଲ ହେଲେ ତାର ଯାଂଚ କରାଯାଇପାରିବ ।

# ମା'ବାଉତୀ ସେବା ସଂଗଠନ ପକ୍ଷରୁ ସହିଦ୍ ଯବାନଙ୍କ ସ୍ମୃତିରେ ପ୍ରଦୀପ ପ୍ରଜ୍ୱଳନ ଓ ଶ୍ରଦ୍ଧାଞ୍ଜଳି ସଭା



ବାଙ୍କୀ,(ପିପିଏସ୍): ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତ ଘୋଡାବର ଗ୍ରାମର ହନୁମାନ ମନ୍ଦିର ପ୍ରାଙ୍ଗଣରେ ମା'ବାଉତୀ ସେବାସଂଗଠନ ପକ୍ଷରୁ ସହିଦ୍ ଯବାନଙ୍କ ସ୍ମୃତିରେ ପ୍ରଦୀପ ପ୍ରଜ୍ୱଳନ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ୨୦୧୯ ଫେବୃୟାରୀ ୧୪ରେ ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ସହିଦ୍ ହୋଇଥିବା ଭାରତ ବୀରଯବାନମାନଙ୍କର ଅମରଆତ୍ମାର ସଦ୍‌ଗତି ନିମନ୍ତେ ସହିଦ୍ ଦିବସ ପାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମା'ବାଉତୀ ସେବା ସଂଗଠକ ସଭାପତି ପିଣ୍ଟୁ ପରିଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ବିଟ୍ ହାଉସ୍ ଅଧିକାରୀ ପ୍ରସନ୍ନ କୁମାର ମାହଳି, ସୁବର୍ଣ୍ଣପୁର ପଞ୍ଚାୟତର ସମିତି ସଭ୍ୟଙ୍କ ପ୍ରତିନିଧି ମାନଭଞ୍ଜନ ଦଳେଇ, ସାମ୍ବାଦିକ ଶୁଭେନ୍ଦୁ କୁମାର ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସହିଦ୍ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମା'ବାଉତୀ ସେବା ସଂଗଠନର ପ୍ରତିଷ୍ଠାତା ରଶ୍ମିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଗତସିଂହପୁର ଜିଲ୍ଲା ବିକାଶ ପରିଷଦର ବାର୍ଷିକୋତ୍ସବ

ଭୁବନେଶ୍ୱର: ରାଜଧାନୀ ଭୁବନେଶ୍ୱରେ ବସବାସ କରୁଥିବା ଜଗତସିଂହପୁର ଜିଲ୍ଲାବାସୀଙ୍କୁ ନେଇ ଗଠିତ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଜଗତସିଂହପୁର ଜିଲ୍ଲା ବିକାଶ ପରିଷଦ'ର ବାର୍ଷିକ ଉତ୍ସବ ଚଳିତ ମାସ ୧୬ ତାରିଖ ଅପରାହ୍ନ ୪ଟା ସମୟରେ ଜୟଦେବ ଭବନରେ ଅନୁଷ୍ଠିତ ହେବ । ମା'ସାରଳାଙ୍କ ଆଜ୍ଞାମାଳ ସ୍ଥାପନ ପରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ, ସମାଜସେବୀ ତଥା ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ଲୋକସେବକ ମଣ୍ଡଳ (ଓଡ଼ିଶା ଶାଖା)ର ଅଧ୍ୟକ୍ଷ ନିରଞ୍ଜନ ରଥ, ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ. ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ଅତିଥି ଭାବରେ ଯୋଗଦେବେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଜିଲ୍ଲାର ପ୍ରତିଭାସଂପନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ ଓ ପରିଷଦର ବାର୍ଷିକ ମୁଖପତ୍ର 'ପ୍ରଜ୍ଞାଶ୍ରୀ' ଲୋକାର୍ପିତ ହେବ । କଣ୍ଠଶିଳ୍ପୀ ଓ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଭୁବନେଶ୍ୱରରେ ରହୁଥିବା ଜଗତସିଂହପୁର ଜିଲ୍ଲାବାସୀ ଏହି ଉତ୍ସବରେ ବହୁସଂଖ୍ୟାରେ ଯୋଗଦେବାକୁ ପରିଷଦର ସଭାପତି ଅଜୟ କୁମାର ଦାସ, ସଂପାଦକ ଡ. ସୌଭାଗ୍ୟ ରାଉତରାୟ ଓ ଅନୁଷ୍ଠାନର ମୁଖ୍ୟ ସଂଯୋଜକ ସୂର୍ଯ୍ୟରଞ୍ଜନ ମହାନ୍ତି ନିବେଦନ କରିଛନ୍ତି ।

# ଭାରତ ବନ୍ଦକୁ ଫରୱାର୍ଡ଼ ବ୍ଲକର ସମର୍ଥନ ଘୋଷଣା

ଭୁବନେଶ୍ୱର: ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଏବଂ ସ୍ୱାଧୀନ ଫେଡେରେସନମାନଙ୍କ ପକ୍ଷରୁ କେନ୍ଦ୍ରର ମୋଦି ସରକାରଙ୍କ ଜନବିରୋଧୀ ନୀତି, କୃଷକ-ଶ୍ରମିକ ବିରୋଧୀ ଆଇନ ପ୍ରତିବାଦରେ ୧୬ ଫେବୃଆରୀ ଦେଶବ୍ୟାପୀ ହରତାଳ ଏବଂ ଗ୍ରାମୀଣ ଭାରତ ବନ୍ଦ କୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ 'ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ', ଓଡିଶା ରାଜ୍ୟ କମିଟି ସମର୍ଥନ ଘୋଷଣା କରିଛି । ଆସନ୍ତା ଫେବୃଆରୀ ୧୬ ତାରିଖ ଦିନ ଆହୁତ ଏହି ଦେଶବ୍ୟାପୀ ହରତାଳ / ଗ୍ରାମୀଣ ଭାରତ ବନ୍ଦକୁ ସଫଳ କରିବା ପାଇଁ ପାର୍ଟିର ସମସ୍ତ ଗଣସଂଗଠନ ର ସାଥିମାନେ ସକ୍ରିୟ ଭାବରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି । କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୁଦ୍ଧରେ ଐକ୍ୟବଦ୍ଧ ପ୍ରତିବାଦ ଏବଂ ଶକ୍ତିଶାଳୀ ଜନଆନ୍ଦୋଳନ ହିଁ ଭାରତ ର ସାମ୍ବିଧାନିକ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ଏବଂ ସାଧାରଣ ଜନତାଙ୍କ ସ୍ୱାର୍ଥକୁ ସୁରକ୍ଷା ଦିଆଯାଇ ପାରିବ ବୋଲି ଫରୱାର୍ଡ଼ ବ୍ଲକ ପକ୍ଷରୁ ପ୍ରକାଶ କରାଯାଇଛି । ମୋଦୀ ସରକାରଙ୍କ କର୍ପୋରେଟ ସପକ୍ଷବାଦୀ ନୀତି ଫଳରେ ସମଗ୍ର ଦେଶ କମ୍ପାନୀମାନଙ୍କ ଅକ୍ତିଆରକୁ ଚାଲି ଯିବାରେ ଲାଗିଛି । ଦେଶରେ ବେକାରୀ, ଦରଦାମ ବୃଦ୍ଧି ଆଦି ଚରମ ସୋପାନରେ ପହଂଚିଲାଣି । ଦେଶର ସରକାର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ପକ୍ଷଭୁକ୍ତ ହୋଇ କାର୍ଯ୍ୟ କରୁଛନ୍ତି । ଯାହା ବିରୁଦ୍ଧରେ ସାରାଦେଶ ସମେତ ଆମ ରାଜ୍ୟର ଦେଶପ୍ରେମୀ ଜନଗଣ ଦେଶ ଓ ଦେଶବାସୀଙ୍କ ସ୍ୱାର୍ଥରେ ଏହି ଦେଶ ବ୍ୟାପୀ ହରତାଳ / ଗ୍ରାମୀଣ ଭାରତ ବନ୍ଦରେ ବିପୁଳ ସଂଖ୍ୟାରେ ସାମିଲ ହୋଇ ଏହାକୁ ସଫଳ କରିବାକୁ ଏକ ପ୍ରେସ ଇସ୍ତାହାର ମାଧ୍ୟମରେ ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଆହ୍ୱାନ ଜଣାଇଛନ୍ତି ।

# ନୂତନ ଚକ୍ଷୁ ହସ୍ପିଟାଲର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ

ଧର୍ମଶାଳା, (ହି.ସ.) – ଯାଜପୁର ବ୍ଲକ ମହେଶ୍ୱରପୁର ପଂଚାୟତସ୍ଥ ବ୍ରାହ୍ମଣବାଛୁପୁର ମୌଜା ଡିହସାହି ଗୋପିନାଥପୁରଠାରେ ଏକ ନୂତନ ଚକ୍ଷୁ ହସ୍ପିଟାଲ ସ୍ଥାପନ ନିମେନ୍ତ ଭିତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଶ୍ରୀ ଗୋପିନାଥଜୀଉ ହସ୍ପିଟାଲ ଟ୍ରଷ୍ଟ ଆନୁକୂଲ୍ୟରେ ଏହି ଗୋପିନାଥପୁରଠାରେ ଅଭିନାଶ ଚକ୍ଷୁ ହସ୍ପିଟାଲ ନାମରେ ଏକ ନୂତନ ଚକ୍ଷୁ ହସ୍ପିଟାଲ ନିର୍ମାଣ ହେବ । ଏ ନେଇ ଆଜି ପବିତ୍ର ଶ୍ରୀପଂଚମୀ ଅବସରରେ ଟ୍ରଷ୍ଟର ମୁଖ୍ୟ ତଥା ଚକ୍ଷୁ ବିଭାଗ ମୁଖ୍ୟ ଡ. ଅମୂଲ୍ୟ ନାଥ ସାହୁଙ୍କ ତ୍ୱତବଧାନରେ ଏହାର ଶୁଭଶିଳାନ୍ୟାସ କରିଥିଲେ । କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ମୁରବୀ ଦୁର୍ଯ୍ୟୋଧନ ସାହୁ ଓ ଟ୍ରଷ୍ଟର ସଭାପତି କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଚନ୍ଦନ ମଣ୍ଡପ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଟ୍ରଷ୍ଟର ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଡାକ୍ତର ଡ. ଅମୂଲ୍ୟ ନାଥ ସାହୁ, ସମ୍ମାନୀତ ଅତିଥିଭାବେ ମୁରବୀ ଦୁର୍ଯ୍ୟୋଧନ ସାହୁ,ମନୋଜ କୁମାର ସାହୁ,ମନମୋହନ ମହାନ୍ତି ଓ ଶିବ ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇ ଏହି ନୂତନ ହସ୍ପିଟାଲର ଆଭିମୁଖ୍ୟ ଓ ଗ୍ରାମାଂଚଳରେ ଚକ୍ଷୁ ହସ୍ପିଟାଲର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଅଂଚଳର ମୁରବୀ ବୈକୁଣ୍ଠ ନାଥ ସାହୁ,ବ୍ରଜ କିଶୋର ପାଢୀ,ରବିନ୍ଦ୍ର ନାଥ ସାହୁ,ଚିତ ରଂଜନ ସାହୁ,ସରପଂଚ ସୁଜିତ ରାୟ,ଦିନବନ୍ଧୁ ମଲ୍ଲିକ,ସୁରେଶ ରାଉତ,ମଦନ ମୋହନ ପୃଷ୍ଟି,ରାଜ କିଶୋର ସାହୁ,ନଟବର ପଣ୍ଡା,ଉପେନ୍ଦ୍ର ପାତ୍ର ଓ ପ୍ରସନ୍ନ ନାୟକ ପ୍ରମୁଖ ଉପସ୍ଥିତ ରହି ଚକ୍ଷୁ ହସ୍ପିଟାଲ ପରେ ଏଠାରେ ଏକ ମଲ୍ଟିସ୍ପେଶାଲ ହସ୍ପିଟାଲ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଥିଲେ । ଟ୍ରଷ୍ଟର ସମ୍ପାଦକ ବସନ୍ତ କୁମାର ସାହୁ ଅତିଥି ପରିଚୟ ପରିଚୟ ପ୍ରଦାନ ଓ କୁନିକଳାକାରମାନଙ୍କ ଦ୍ୱାରା ସାଗତ ସଂଗୀତ ଗାନ କରାଯାଇଥିଲା । ଶେଷରେ ଟ୍ରଷ୍ଟର ସହ-ସମ୍ପାଦକ ଅନୀଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଦାମୋଦର ସାହୁ, ଶମ୍ଭୁ ପ୍ରସାଦ ସାହୁ, ଭବାନୀ ଶଙ୍କର ସାହୁ, ନଳୀନିକାନ୍ତ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ସୌମ୍ୟ ରଂଜନ ସାହୁ, ଜ୍ୟୋତିରଂଜନ ସାହୁ, ରବିନ୍ଦ୍ର ସାହୁ, ସନ୍ଦିପ୍ତ ସାହୁ, ବିଷ୍ଣୁ ଚରଣ ସାହୁ, ଅଜିତ ସାହୁ, ନିତ୍ୟାନନ୍ଦ ସାହୁ ଓ ସୁଦର୍ଶନ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଏହି ଚକ୍ଷୁ ହସ୍ପିଟାଲ ଫଳରେ ଗୋପିନାଥପୁର ସମେତ ସ୍ଥାନୀୟ ଆଖପାଖ ଅତଳାପୁର, ସାମନ୍ତରାପୁର, ରାଉତରାପୁର, ଅର୍ଥଙ୍ଗା, ମଙ୍ଗରାଜପୁର, ମହେଶ୍ୱରପୁର, ବ୍ରହ୍ମବରଦା, ନିଶ୍ଚତା,ନରସିଂହପୁର , ବେଣୀପୁର, ବରୁହାଁ ଓ ହରିପୁର ଆଦି ଅଂଚଳର ଜନସାଧାରଣ ଉପକୃତ ହୋଇପାରିବେ ।

## ଓଲଟିଲା ସ୍କୁଲ ଭ୍ୟାନ, ୫ ଆହତ

ଭୁବନେଶ୍ୱର: ଓଲଟିଲା ଆଦର୍ଶ ସ୍କୁଲକୁ ଛାତ୍ରଛାତ୍ରୀ ନେଇ ଯାଉଥିବା ଓମିନି ଭ୍ୟାନ । ଦୁର୍ଘଟଣାରେ ୫ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି । ଆହତଙ୍କୁ ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । କନ୍ଥୁର ଗ୍ରାମରୁ ଛାତ୍ରଛାତ୍ରୀଙ୍କୁ ନେଇ ବାରିହାପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟକୁ ଯାଉଥିବା ବେଳେ କନ୍ଥୁର ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା ଭ୍ୟାନ ।

## ଦମ୍ପତିଙ୍କୁ ଆକ୍ରମଣ କରି ଲୁଟିନେଲେ ସୁନାଗହଣା

ଭୁବନେଶ୍ୱର: ଦମ୍ପତିଙ୍କୁ ଆକ୍ରମଣ କରି ସୁନାଗହଣା ଲୁଟ୍ । ଏଭଳି ଘଟଣା ଘଟିଛି ଦଶପଲା ଶିମିଳି ସାହି ଅଂଚଳରେ । ଚାରି ଜଣ ଦୁର୍ବୃତ୍ତ ଘରେ ପଶି ଦମ୍ପତିଙ୍କୁ ଆକ୍ରମଣ କରି ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ କରି ଚମ୍ପଟ ମାରିଛନ୍ତି ।

# ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପରୀକ୍ଷା ପ୍ରସ୍ତୁତି ବୈଠକ ୧୫୬୦ଜଣ ପରୀକ୍ଷାର୍ଥୀ



ବାଙ୍କୀ,(ପିପିଏସ୍): ବାଙ୍କୀ କଲେଜ ସଭାଗୃହ ଠାରେ +୨ ପରୀକ୍ଷା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ସଭାପତିତ୍ୱ କରିଥିଲେ । ବାଙ୍କୀ କଲେଜ ଉପାଧ୍ୟକ୍ଷ ତଥା ବାଙ୍କୀ କଲେଜ ଅଧ୍ୟାପକ ଅଧ୍ୟାପିକା ସମିତିର ସଂପାଦକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ପୂର୍ବ ସଭାର ବିବରଣୀ ପାଠ କରିଥିଲେ । ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର କୁମାର ମହାପାତ୍ର ସ୍ୱାଗତ ଭାଷଣ ସହ ପରୀକ୍ଷାକୁ ଶାନ୍ତଶୃଙ୍ଖଳା ସହ ପରିଚାଳନା କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । +୨ ପରୀକ୍ଷାର ସହକାରୀ ପରିଚାଳକ ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ ପାଓ୍ୱାର୍ ପଏଣ୍ଟ୍ ମାଧ୍ୟମରେ ପରୀକ୍ଷାର ନୀତି ନିୟମ ସଂପର୍କରେ କହିବା ସହିତ ଚଳିତବର୍ଷ ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ +୨କଳା, ବିଜ୍ଞାନ ଓ ବାଣିଜ୍ୟରେ ସର୍ବମୋଟ୍ ୭୩୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ପ୍ରକାଶ କରିଥିଲେ । ବାଙ୍କୀ କଲେଜ ଉଚ୍ଚମାଧ୍ୟମିକ ପରିଷଦ ଦ୍ୱାରା ଏକ ପରୀକ୍ଷା ହବ୍ କରାଯାଇଛି ଯେଉଁଥିରେ କି ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରାଣୀଶୁକଦେଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, କଳାପଥର ଧଳାପଥର ଆଞ୍ଚଳିକ ବିଦ୍ୟାଳୟ, ଡମପଡ଼ା ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଗୋଡିସାହି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ବୈଦେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆସନ୍ତାକାଲି ଠାରୁ ଆରମ୍ଭ ହେଉଥିବା ପରୀକ୍ଷାରେ ସର୍ବମୋଟ୍ ୧୫୬୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେବୋଲି ପରୀକ୍ଷା ହବ୍‌ର ସହକାରୀ ସୁପରଭାଇଜର୍ ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସହକାରୀ ପରିଚାଳକ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ପ୍ରଶାସନିକ ଅଧିକାରୀ ନିରଞ୍ଜନ ମହାନ୍ତି, ଅଧ୍ୟାପକ ଶ୍ୟାମଲାଲ୍ ଭୋଏଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗଦାନ କରିଥିଲେ । ଶେଷରେ ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟିଟିଲାଗଡ଼ର ବିକାଶ ପ୍ରଶସ୍ତ ହୋଇଛି-ଟୁକୁନି



ଟିଟିଲାଗଡ଼(ପିପିଏସ): ଟିଟିଲାଗଡ ବିଧାନସଭା ନିର୍ବାଚନ ନିର୍ବାଚନ ମଣ୍ଡଳୀରେ ଗତ ଦଶ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଆର୍ଶିବାଦରୁ ଅନେକ ବିକାଶ କାର୍ଯ୍ୟ ସାକାର ହୋଇଛି। ଚାଷଙ୍କ ଜମିକୁ ଜଳସେଚନ ପାଇଁ ବ୍ୟାରେଜ, ବୃହତ ଉଠାଜଳସେଚନ ପ୍ରକଳ୍ପ, ନୁଆପଡା ଜିଲାର ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରୁ କେନାଲ ଯୋଗେ ସଂଯୋଗ, ଅନେକ ଉଠାଜଳସେଚନ ପ୍ରକଳ୍ପ, ଚେକଡ୍ୟାମ ଭଳି ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି। ପ୍ରାୟ ୨୦୦୦ କୋଟି ଟଙ୍କାର ଜଳସେଚନ ପ୍ରକଳ୍ପ ସହ ଅନେକ ନୂତନ ରାସ୍ତା, ପୋଲ କାମ ସାକାର ହୋଇଛି। ଖୋଲାନ ଠାରୁ ନଦୀ ଆରପଟ ପଞ୍ଚାୟତ ଗୁଡିକ ସହ କଳାହାଣ୍ଡି ତଥା ନୁଆପଡା ଜିଲାକୁ ସଂଯୋଗ ପାଇଁ ନୂତନ ପୋଲ ମୁଖ୍ୟମନ୍ତ୍ରୀ ବଲାଙ୍ଗିର ଗସ୍ତ ଅବସରରେ ଲୋକାର୍ପିତ କରିଛନ୍ତି। ଏହା ସହ ମିଶନ ଶକ୍ତି ଯୋଜନାରେ ମହିା ଗୋଷ୍ଠିଙ୍କୁ ବିନା ସୁଧରେ ଋଣ, ୫-ଟି କଲେଜ, ୫-ଟି ହାଇସ୍କୁଲ ଜରିଆରେ ସରକାରି ଶିକ୍ଷାନୁଷ୍ଠାନର ଭିତ୍ତିଭୂମୀର ବିକାଶ, ମହାବିଦ୍ୟାଳୟ ଗୁଡିକର ଛାତ୍ରୀଙ୍କୁ ୧୦ ହଜାର ତଥା ଛାତ୍ରଙ୍କୁ ବାର୍ଷିକ ୯ ହଜାର ଟଙ୍କା ସହାୟତା, ବିଧବା ଅସହାୟଙ୍କ ଭତ୍ତା ଆଉ ୫ ଶହ ଟଙ୍କା ବୃଦ୍ଧି, ରାଜ୍ୟର ସମସ୍ତ ରାସନ କାର୍ଡ ହିତାଧିକାରୀଙ୍କୁ ୧ ହଜାର ଟଙ୍କା ସହ ଦୁଇଟି ଲେଖାଏଁ ଝୋଟ ବ୍ୟାଗ ପ୍ରଦାନ ଆଦି ମୁଖ୍ୟମନ୍ତ୍ରୀଙ୍କ ଅନେକ ଜନାଭିମୁଖୀ ଯୋଜନା ମୁଖ୍ୟମନ୍ତ୍ରୀ ପ୍ରଣୟନ ସହ ରାଜ୍ୟରେ ବିକାଶ କାର୍ଯ୍ୟକୁ ଅଗ୍ରାଧିକାର ଦେଇଥିବା ବୁଧବାର ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଖୋଲାନ ଠାରେ ଅନୁଷ୍ଠିତ ମୋ ଓଡିଶା ନବିନ ଓଡିଶା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ଜନତା ସେମାନଙ୍କ ସେବା ପାଇଁ ଚୟନ କରିଥିବାରୁ ସେ ସର୍ବଦା କୃତଜ୍ଞ ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ମନ୍ତ୍ରୀ ରାସନ କାର୍ଡ ହିତାଧିକାରୀଙ୍କୁ ଏକ ହଜାର ଟଙ୍କା ସହ ଝୋଟ ବ୍ୟାଗ ବଣ୍ଟନ ଯୋଜନାର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସରପଞ୍ଚ ନରେଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ ବିଧାନସଭା ନିର୍ବାଚନ ମଣ୍ଡଳି ପର୍ଯ୍ୟବେକ୍ଷକ ଅଜୟ ନାୟକ ଯୋଗଦେଇ ବିକାଶ କହିଲେ ମୁଖ୍ୟମନ୍ତ୍ରୀଙ୍କୁ ବୁଝାଏ ବୋଲି କହିଥିଲେ। ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ଉପାଧ୍ୟକ୍ଷ ଜଗତରାମ ରଣା, ଜିଲା ପରିଷଦ ସଭ୍ୟା ଗିତା ବିଶି, ସଞ୍ଜୟ ବେହେରା, ବ୍ଲକ ସହକାରି ନିର୍ବାହି ଯନ୍ତ୍ରୀ ଶିବାନି ପ୍ରଧାନ, ଖୋଲାନ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଭାତ ଚନ୍ଦ୍ର ରଥ, ପୁର୍ବତନ ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ, ପୁର୍ବତନ ଜିଲା ପରିଷଦ ସଭ୍ୟ ସଞ୍ଜିବ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସରପଞ୍ଚ ପୁଷ୍ପା ମହାନନ୍ଦ, ଯମୁନା ମହାନନ୍ଦ, ଧ୍ରୁବ ସାହୁ, କୃଷ୍ଣଚନ୍ଦ୍ର ହାତୀ, ମୁନିରାମ ଖର୍ସେଲ, ମଣ୍ଟୁ ବାଗ, ବୁଲୁ ମହାନନ୍ଦ, ବଳରାମ ଘିବେଲା, ପ୍ରକାଶ ମହାନନ୍ଦ ଦେବରାଜ ବିଶି, କୁଳମଣୀ ବେହେରା, କ୍ଷମା ଭୁୟାଁ, ସନିଆଁ ନାଏକ, ରଞ୍ଜନ ବୁଦେଲ, ମନୋଜ ଗୌଡ, ସଙ୍ଗିତ ପାଣିଗ୍ରାହୀ, ଗିରି ଗୌଡ, ପ୍ରଶାନ୍ତ ରାଉତ, ରୋହନ ଗୌଡ, ଗୁଡ୍ଡୁ ଭୁୟାଁ, ସଚିନ ଛତର, ରୁପେଶ ରାଜୁ, ସୁରେଶ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଜିଆରଏସ ଶକ୍ତିଶ୍ୱର ମୁଗ୍ରୀ ଅତିଥି ପରିଚୟ, ଶିକ୍ଷକ ବିଶ୍ୱନାଥ ମିଶ୍ର ସଭା ପରିଚାଳନା ତଥା ପଞ୍ଚାୟତ ନିର୍ବାହି ଅଧିକାରୀ ସୁରେନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୬୨ କିଲୋ ଗଞ୍ଜେଇ ଜବତ ୪ ଗିରଫ

ସୁବର୍ଣ୍ଣପୁରି ( ହି ସ):ସୁବର୍ଣ୍ଣପୁର ଜିଲ୍ଲା ଅବକାରୀ ବିଭାଗର ମୋବାଇଲ ଟିମ ଆଜି ସକାଳୁ ପାଟ୍ରୋଲିଙ୍ଗ କରୁଥିବା ବେଳେ ତିନୋଟି ପୃଥକ ମାମଲାରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଗାଡି ସହ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛନ୍ତି । ପ୍ରଥମେ ବୁଢାରଜା ଛକରେ ଚଢାଉ କରି ଏକ ଇନୋଭା ଗାଡିରେ ଚାଲାଣ ହେଉଥିବା ୩୦ କେଜି ଗଞ୍ଜେଇ ସହ କାରକୁ ଜବତ କରିଥିବାବେଳେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ପରେ ବ୍ଲକ ଛକରେ ଚଢାଉ କରି ଛତିଶଗଡର ଜଣେ ଅଭିଯୁକ୍ତଙ୍କ ଠାରୁ ୭ କେଜି ଗଞ୍ଜେଇ ଜବତ କରିଛି । ସେହିପରି ପଟାଭାଡି ଛକରୁ ଏକ ସିଫ୍ଟ କାରରୁ ୨୫ କେଜି ଗଞ୍ଜେଇ ସହ କାରକୁ ଜବତ କରିଛି ଅବକାରୀ ବିଭାଗ । ଏହି ତିନୋଟି ମାମଲା ରେ ମୋଟ ୬୨ କେଜି ଗଞ୍ଜେଇ ସହ ୪ ଜଣ ବ୍ୟକ୍ତି ଓ ଦୁଇଟି କାର ଜବତ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ । ଆଜି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତୀ ତ୍ରିପାଠୀ କ୍ଷ

# ସିକ୍ୟୁରିଟିଗାର୍ଡଙ୍କ ସନ୍ଦେହଜନକ ମୃତ୍ୟୁ

ବାଲିଗୁଡ଼ା(ପିପିଏସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ତ୍ରିବେଦୀ ପାର୍କରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡଙ୍କ ସନ୍ଦେହ ଜନକ ମୃତ୍ୟୁ । ପାର୍କ ଭିତରେ ଥିବା ଏକ ଘରୁ ଶବ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି । ମୃତ ସିକ୍ୟୁରିଟି ଗାର୍ଡ ବାଲିଗୁଡ଼ା ଥାନା ଗୁମାପଦର ନିକଟସ୍ଥ ବଲମରପଦର ଗ୍ରାମର ଦିବାକର ବିନ୍ଧାଣୀ । ସୂଚନା ପ୍ରକାରେ ନିଜ ନିଜ ଡିୟୁଟି ସାରି ପାର୍କରେ କାମ କରୁଥିବା ଛ ଜଣ କର୍ମଚାରୀ ପାର୍କ ତାଲା ପକାଇ ନିଜ ନିଜ ଘରକୁ ଚାଲିଯାଆନ୍ତି । ଗତକାଲି ମଧ ରାତି ୮ଟାରେ ପାର୍କ ବନ୍ଦ କରି ସମସ୍ତେ ଘରକୁ ଯିବାକୁ ବାହାରିଥିଲେ ହେଲେ ଦିବାକର ଯାଇନଥିଲେ । ଦିବାକର ନଯିବା କଥା ମଧ କେହି ଯାଣିପାରିନଥିଲେ । ଘରକୁ ନଫେରିବାରୁ ଦିବାକରଙ୍କ ସ୍ତ୍ରୀ ଲଳିତା ବିନ୍ଧାଣୀ ସ୍ୱାମୀଙ୍କୁ ଫୋନ୍ କରିଥିଲେ କିନ୍ତୁ ସେ ଫୋନ୍ ଉଠାଇନଥିଲେ । ସକାଳୁ କିଛି କର୍ମଚାରୀ ପାର୍କକୁ ଆସିବା ପରେ କୌଣସି କାମରେ ସେହି ଘର ଭିତରକୁ ଯିବାପରେ ଦିବାକର ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ଆମ୍ବୁଲାନ୍ସ ଯୋଗେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ସ୍ପଷ୍ଟ କରିଥିଲେ । ହେଲେ ଦିବାକରଙ୍କ ମୃତ୍ୟୁର କାରଣ ଏଯାବତ୍ ସ୍ପଷ୍ଟ ହୋଇନଥିବା ବେଳେ ଘଟଣାସ୍ଥଳରେ ବାଲିଗୁଡ଼ା ପୋଲିସ୍ ପହଞ୍ଚି ଘଟଣା ତଦନ୍ତ ଆରମ୍ଭ କରିଛି ।



# ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସମୀକ୍ଷା



ପାରଳାଖେମୁଣ୍ଡି(ପିପିଏସ): ଗଜପତି ଜିଲ୍ଲାରେ ଦିନିକିଆ ଗସ୍ତ ଅବସରରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡ଼ିକ ସମୀକ୍ଷା କରିଛନ୍ତି ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ବ୍ରହ୍ମପୁର ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକେର ବିଭିନ୍ନ ଯୋଜନା ଗୁଡ଼ିକ ଯଥାଶୀଘ୍ର ସମ୍ପୂର୍ଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସର ରେ ଯୋଜନର ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତା ବେଳେ ସଚ୍ଛତା ଅବଲମ୍ବନ କରାଯିବା ଉପେର ଗୁରୁତ୍ୱାରୋପ କରିଥିଲେ । ଏହା ବ୍ୟତୀତ ଆଗାମୀ ସାଧାରଣ ନିର୍ବାଚନ ବିଷୟେର ପୁଙ୍ଖାନୁପୁଙ୍ଖ ଅଲୋଚନା କରିବା ସହିତ ଜିଲ୍ଲାରେ ରାଜସ୍ୱ ଆଦାୟ, ରେକର୍ଡ ରୁମ୍ ପରିଚାଳନା,ଜାଗା ମିଶନ ସେମତ ବିଭିନ୍ନ ଉନ୍ନତ ମୂଳକ ଯୋଜନା ବିଷୟେର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନ ଜିଲ୍ଲାରେ ଚାଲୁଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ଆୟୁକ୍ତ ଙ୍କୁ ଅବଗତ କରାଇଥିଲେ । ଜିଲ୍ଲା ରେ ଚାଲୁଥିବା ବିଭିନ୍ନ ଯୋଜନା ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ନେଇ ଆୟୁକ୍ତ ସେନ୍ତାଷ ପ୍ରକାଶ କରିଥିଲେ । ଆଜିର ଏହି ବୈଠକେର ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର,ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ଦାସ (ରାଜସ୍ୱ) ଓ ଶ୍ରୀଯୁକ୍ତ ରଜେନ୍ଦ୍ର ମିଞ୍ଜ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ଅଧିକାରୀ ଶ୍ରୀ ଗୋରାଚାନ୍ଦ ଗମାଙ୍ଗ, ଉପଜିଲ୍ଲାପାଳ ଶ୍ରୀ ଅଲୋକ କୁମାର ପ୍ରଧାନ, ପ୍ରକଳ୍ପ ପ୍ରଶାସକ , ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଫାଲଗୁନି ମାଝୀ ସେମତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ସମୀକ୍ଷା ବୈଠକେର ଉପସ୍ଥିତ ଥିଲେ

# ଶହୀଦ ଦିବସରେ ରକ୍ତଦାନ କଲେ ଥାନା ଅଧିକାରୀ



ଟିଟିଲାଗଡ଼(ପିପିଏସ): ପୁଲୱାମା ସହିଦ ଦିବସରେ ନାଗରିକ ମଞ୍ଚ ଟିଟିଲାଗଡ ପକ୍ଷରୁ ବୁଧବାର ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ନାଗରିକ ମଞ୍ଚ ସଭାପତି ଆଇନଜୀବୀ ରାଧାକାନ୍ତ ପାଢୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ ଉପଜିଲାପାଳ ରେହାନ କ୍ଷେତ୍ରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ସହିଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଦେଶ ମାତୃକା ପାଇଁ ସମସ୍ତ ନାଗରିକ ଉତ୍ସର୍ଗୀକୃତ ହେବା ପାଇଁ ଆହ୍ୱାନ କରିଥିଲେ। ଏହି ଅବସରରେ ଟିଟିଲାଗଡ ଥାନା ଆଇଆଇସି ଅବନି ସାହୁ ରକ୍ତଦାନ କରି ସେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଦୁର୍ଗେଶ୍ୱରୀ ନନ୍ଦିନୀ ସାହୁ, ତରୁଣା ଘଡେଇ, ବିଜେପି ନଗର ଉପସଭାପତି ଲିଙ୍ଗରାଜ ନାୟକ, ପୁର୍ବତନ ଏନସିସି ଆରଡିସି କ୍ୟାଡେଟ ପଙ୍କଜ ନାମଦେବ, କିଶୋର ଅଗ୍ରୱାଲ, ଅମନ ଜୈନ, କିଶୋର ଅଗୱାଲ, ପଙ୍କଜ ଶର୍ମା, ସୁଦିପ ବେହେରା, କମଲ ଗୌଡ, ବୈକୁଣ୍ଠ ଖର୍ସେଲ, ବିଙ୍ଗୁ ଖୁରା, ମନୋହର ବାଗ, ମଧୁସୁଦନ ଦୁର୍ଗା, ପିତାମ୍ବର ହାତି, ଯୁଗଲ କିଶୋର ପୁଟେଲ, ଗୋଲକ ବିଶି, ମାଧବ ସାହୁ, ବିଜୁ ମେହେର, କିଶୋର ଚନ୍ଦ୍ର ବାରିକ, ମନୁ ବଗ[illegible], ପ୍ରହଲ୍ଲାଦ ସାହୁ, ସିଦ୍ଧେଶ୍ୱର ଦୋରା, ସଚିନ ସେଠ, ଜଗନ୍ନାଥ ସାହୁ ପ୍ରମୁଖ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୪୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ନାଗରିକ ମଞ୍ଚ ପକ୍ଷରୁ ଉପସଭାପତି ପଦ୍ମନାଭ ବେହେରା, ସାଧାରଣ ସମ୍ପାଦକ ଆଇନଜୀବୀ ମୋହନ ଜୈନ, ସଂଗଠନ ସମ୍ପାଦକ ଆଇନଜୀବୀ ମନୋଜ ହାତୀ, ଅଞ୍ଜଳି ବେହେରା, ଜଗନ୍ନାଥ ପଣ୍ଡା, ଚିନ୍ତାମଣୀ ମହାପାତ୍ର, ବିଜେପି ନଗର ସଭାପତି ପ୍ରଶାନ୍ତ ଷଡଙ୍ଗୀ, ଦୀପକ ସମ୍ପାଦାର, ସୁଧୀର ଘଡେଇ, ମହେଶ ଗୁପ୍ତା, ନବୀନ ଜୈନ, ଅମ୍ଳାନ ଷଡଙ୍ଗୀ, ଟିଟିଲାଗଡ ରକ୍ତଦାତା ସଂଘ ସଭାପତି ବନମାଳି ବେହେରା, ରାଜା ବଗର୍ତ୍ତି, ଶିବା ସାହୁ ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ। ଡା. କୃଷ୍ଣଚନ୍ଦ୍ର ପାଳଙ୍କ ତତ୍ତ୍ୱାବଧାନରେ ଟିଟିଲାଗଡ ରେଡକ୍ରସ ରକ୍ତଭଣ୍ଡାର ବିଶେଷଜ୍ଞ ଗଜେନ୍ଦ୍ର ନାଥ ରାଉତ, କୃଷ୍ଣଚନ୍ଦ୍ର ପାତ୍ର, ଜିତେନ୍ଦ୍ର ପଣ୍ଡା, ଜୟରାମ ମଚ୍ଛଖଣ୍ଡ ରକ୍ତ ସଂଗ୍ରହ କରିଥିଲେ। ଏହି ଅବସରରେ ଡବ୍ଲୁୱାଇଏମ ଜିଲା ସଭାପତି ଆଲୋକ ରଞ୍ଜନ ସାହୁ ଏବଂ ରକ୍ତଦାତା ଅଜୟ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିପୁଳ ପରିମାଣର ଶାଗୁଆନ କାଠ ଜବତ, ୨ ଗିରଫ

ରାୟଗଡା(ପିପିଏସ): ରାୟଗଡା ଜିଲ୍ଲା ଟିକିରି ବନାଞ୍ଚଳ ପକ୍ଷରୁ ଆଜି ଭୋର ପ୍ରାୟ ୪ ଟା ସମୟରେ ବେଆଇନ ଭାବେ ଚାଲାଣ ହେଉଥିବା ଏକ ଶାଗୁଆନ ଗଛ ବୋଝେଇ ଟ୍ରକ ସହ କାରବାର ରେ ସମ୍ପୃକ୍ତ ଥିବା ଦୁଇ ଜଣ ଅଭିଯୁକ୍ତ ଙ୍କୁ ଟିକିରି ବନାଞ୍ଚଳ ପକ୍ଷରୁ ଗିରଫ କରାଯାଇଛି । ବିପୁଳ ପରିମାଣର ଶାଗୁଆନ କାଠ ସମେତ ଗାଡି ଓ ଦୁଇ ଅଭିଯୁକ୍ତ ଗିରଫ । ସୂଚନା ରାତିରେ ସାଗୁଆନ କାଠ ଲୋଡ଼ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ପୂର୍ବରୁ ଛପିରହିଥିବା ଟିକିରି ବନାଞ୍ଚଳ ଟିମ ଟିକିରି ହାଟପଦା ଅଞ୍ଚଳରେ କୌଶଳ କ୍ରମେ ଭୋର ୪ ଟା ସମୟରେ ଉକ୍ତ ଗାଡି ଅଟକାଇ ଯାଞ୍ଚ ଆରମ୍ଭ କରିଥିଲେ । ଯାଞ୍ଚ ସମୟ ନୀଳଗିରି କାଠ ବଦଳ ରେ ବହୁମୂଲ୍ୟ ଶାଗୁଆନ କାଠ ବୋଝେଇ ରହିଥିବା ଜଣାପଡିଥିଲା । ପରବର୍ତ୍ତୀ ସମୟରେ ଉକ୍ତ ଗାଡି



ପ୍ରକାରେ ଖୋର୍ଦ୍ଧା ଜିଲ୍ଲା ହଣ୍ଡାମଡା ଗ୍ରାମର ନଟବର ଦଳେଇ ଙ୍କ ପୁଅ ଗଣେଶ ଦଳେଇ ଓ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ଖାଲ କୋଣା ଗ୍ରାମ ର ପୁରୁଷୋତ୍ତମ ବିଶୋଇ ଙ୍କ ପୁଅ ଭଗବାନ ବିଶୋଇ ଉଭୟ ଦୀର୍ଘଦିନ ଧରି ଅଞ୍ଚଳରେ କାଠ ବ୍ୟବସାୟ କରୁଥିବା ଜଣାପଡିଛି । ସୋମବାର ଦିନ ଦୋରଗୁଡା ଥାନା ଅନ୍ତର୍ଗତ କୁଚେଇପଦର ଅଞ୍ଚଳ ରୁ ନୀଳଗିରି କାଠ ପରିବହନ କରୁଥିବା ଦର୍ଶାଇ ନୀଳଗିରି ନାଁ ରେ ବେଆଇନ ଭାବେ ଅଞ୍ଚଳ ର ବହୁମୂଲ୍ୟ ଶାଗୁଆନ କାଠ ଚାଲାଣ କରୁଥିଲେ । ହେଲେ ଅନେକ ଦିନ ଧରି ଏଭଳି ଅସାଧୁ କାରବାର ସେମାନେ ଜଡିତ ରହି ବନ ବିଭାଗ କୁ ଧୂଳି ଦେଇ ଆସୁଥିବା ବେଳେ ବିଭାଗ ପକ୍ଷରୁ ଏହାର ସୁଯୋଗ ଅପେକ୍ଷା ରେ ରହିଥିଲେ । ସୋମବାର ସାନ୍ଧ୍ୟ ରେ କୌଣସି ପ୍ରକାରେ ବେଆଇନ ମୂଲ୍ୟବାନ କାଠ ର ଚାଲାଣ ହେବାକୁ ଥିବା ଖବର ପାଇ ଟିକିରି ବନାଞ୍ଚଳ ପକ୍ଷରୁ ଏକ ଟିମ ରାତି ତମାମ ଛପି ରହିଥିଲେ । ଗାଡି ଟି ବିଳମ୍ବିତ ସହ କାରବାର ରେ ସମ୍ପୃକ୍ତ ଉକ୍ତ ଦୁଇଜଣ ଙ୍କୁ ଟିକିରି ବନାଞ୍ଚଳ କାର୍ଯ୍ୟାଳୟ କୁ ଆଣି ଗାଡି ଅଟକ ରଖିବା ସହ ସମ୍ପୃକ୍ତ କାରବାର ରେ ଲିପ୍ତ ଉକ୍ତ ଦୁଇ କୁ କୋର୍ଟ ଚାଲାଣ କରାଯାଇଥିଲା । ପ୍ରକାଶ ଥାଉ କି କାଶୀପୁର ବ୍ଲକ ଏକଦା ଘଞ୍ଚ ଜଙ୍ଗଲ ରେ ବେଷ୍ଟିତ ରହିଥିଲା । ହେଲେ କୌଣସି କାରଣରୁ ବର୍ତ୍ତମାନ ଜଙ୍ଗଲ କ୍ଷୟ ହେଇଯାଇଥିଲେ ହେଲେ ବର୍ତ୍ତମାନ ସୁଦ୍ଧା ଅଞ୍ଚଳ ର କିଛି ସ୍ଥାନରେ ମୂଲ୍ୟବାନ ଗଛ ସଂରକ୍ଷିତ ରହିଛି । କିନ୍ତୁ କିଛିଦିନ ଧରି କାଶୀପୁର ଅଞ୍ଚଳ ରୁ ବ୍ୟବସାୟ ଭିତ୍ତିକ ନୀଳଗିରି କାଠ ଶହ ଶହ ଟ୍ରକ ବିଭିନ୍ନ କାରଖାନା ପାଇଁ ପରିବହ ହେଉଥିବା ବେଳେ କିଛି ଅସାଧୁ ବ୍ୟବସାୟୀ ଏହାର ସୁଯୋଗ ନେଇ ନୀଳଗିରି କାଠ ନାଁ ରେ ମୂଲ୍ୟବାନ କାଠ କୁ ରାଜ୍ୟ ର ବିଭିନ୍ନ ସ୍ଥାନ ତଥା ରାଜ୍ୟ ବାହାର କୁ ଚାଲାଣ କରିଆସୁଛନ୍ତି । ଏସବୁ ନେଇ କିଛିଦିନ ତଳେ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଆଜି ର ଏହି ପଦକ୍ଷେପ ବନବିଭାଗକୁ ପ୍ରଶଂସା ସାଉଁଟିଥିବା ଦେଖିବାକୁ ମିଳିଛି ।

# ଆଶା ଗ୍ରାମୀଣ ଦୋକାନ ଉଦ୍‌ଘାଟିତ

ଟିଟିଲାଗଡ଼(ପିପିଏସ): ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଦେସିଲ ଠାରେ ନାବାର୍ଡ ବଲାଙ୍ଗୀରଙ୍କ ସହାୟତାରେ ଆଶା ଗ୍ରାମିଣ ଦୋକାନ ଉଦଘାଟିତ ହୋଇଯାଇଛି । ଆଶା ସମ୍ପାଦକ ସଞ୍ଜିବ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାବାର୍ଡ ଡିଜିଏମ ବିବେକ ନାଏକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାର ଉଦଘାଟନ କରିଛନ୍ତି କ୍ଷ ଗ୍ରାମୀଣ ଦୋକାନ ଆଶା ଟିଟିଲାଗଡ଼ ଓ ଜାଡେନ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିଃ ଦେଶିଲଙ୍କ ଦ୍ୱାରା ପରିଚାଳନା କରାଯିବ କ୍ଷ ଦୋକାନରେ ଜାଡ଼େନ ଏଫ୍ ପି ଓ . ଦେସିଲ , ସମ୍ବଲ ଶକ୍ତି ଏଫ୍. ପି. ଓ. ଡୁଙ୍ଗୁରିଗୁଡ଼ା , କୃଷକ ଉନ୍ନୟନ ଏଫ୍. ପି. ଓ. ତଥା ସୟ ସହାୟକ ଦଳ ଦ୍ୱାରା ପ୍ରସ୍ତୁତ ମିଲେଟ ଜାତୀୟ ଗୁରଜି ଚାଉଳ, କୁଦୋ ଚାଉଳ, ମାଣ୍ଡିଆ ଗୁଣ୍ଡ, ଓ ଡାଲି ଜାତୀୟ ହାତ ତିଆରି ହରଡ଼, ମୁଗଡାଲି, ଦେଶିଘିଅ, ଧୂପକାଠି ମସଲାଜାତୀୟ ଗୁଣ୍ଡ , ବଡି, ପାପଡ଼ ଇତ୍ୟାଦି ବିକ୍ରୟ ବ୍ୟବସ୍ଥା କରାଯାଉଛି କ୍ଷ ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲଶକ୍ତି ଏଫ୍.ପି.ଓ. ର ବିଓଡ଼ି କାଲନ୍ଦ୍ରୀ ରଣା , ସିଇଓ ପରମେଶ୍ୱର ରଣା , କୃଷକ ଉନ୍ନୟନ ର ବିଓଡ଼ି ଗୁପ୍ତେଶ୍ୱର ମାଝି, ଧିରୋଜ ମାଝି, ଜାଡେନ ଏଫ୍.ପି.ଓ.ର ଅଧକ୍ଷା ମଧୁମିତା ପଟ୍ଟନାୟକ , ସିଇଓ ଶମ୍ଭୁ , ଆଶା ବେନିଆ, ଅନୁଷ୍ଠାନ ର କର୍ମକର୍ତ୍ତା ସନ୍ତୋଷ ଦଳପତି, ସଞ୍ଜିବ ସାହା, ବିନୟ ମହାପାତ୍ର, ଜ୍ୟୋତିର୍ମୟୀ ଦହଲ, ଜୋଶିମ୍ ସୁନା, ବିକାଶ ଥପା, ଜିପଥ ନାଗ, ପିତାମ୍ବର କୁମ୍ଭାର, ବେଲାରସନ ସାହୁ, ତନୁଶ୍ରୀୟା ଯାଦବ, ଲକ୍ଷ୍ମିରାଜ ସାହୁ, ପାୟଲ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଅନିର୍ଦ୍ଦିଷ୍ଟ କାଳ ପାଇଁ କୃଷି କର୍ମଚାରୀଙ୍କ ଶାନ୍ତିପୂର୍ଣ୍ଣ ଧାରଣା



ରାୟଗଡା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମ୍ୟ କୃଷି କର୍ମଚାରି ମାନଙ୍କ ୭ଗୋଟି ଦାବି ପୂରଣ ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତି ପୂରଣ ଧାରଣାରେ ବସିଛନ୍ତି ।ଉକ୍ତ ଦାବୀ ଗୁଡ଼ିକ ମଧ୍ୟରେ ମୁଖ୍ୟ ଦାବୀ ରହିଛି କ୍ୟାଡ଼ର ପୁନର୍ଗଠନ, ଗ୍ରେଡ଼ ପେ ୪୨୦୦ ଟଙ୍କା , ରେସିଡେନସି ପିରିୟଡ଼ କାଉଣ୍ଟ, ପଦବୀର ନାମ ଓ ପରିଚୟ, ମୋବାଇଲ କିମ୍ବା ଲ୍ୟାପଟପ୍ ପ୍ରଦାନ, ମୂଳ ଚାକିରିରେ ୬ବର୍ଷ ଗଣନା । ଏହିସବୁ ଦାବି ନେଇ ବାରମ୍ବାର ଅଭିଯୋଗ କରିବା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ଏବଂ ସରକାର ଆମ କଥାକୁ କର୍ଣ୍ଣପାତ କରୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ଧାରଣା ରେ ବସିଥିବା କୃଷି କର୍ମଚାରୀ ସଂଘ ର ସଂପାଦକ ଶ୍ରୀ ପ୍ରମୋଦ କୁମାର ବିସୟି କହିଛନ୍ତି । ସେହିଭଳି ଗତ ୮ ରୁ ୧୩ ପର୍ଯ୍ୟନ୍ତ ଅନଲାଇନ ମାଧମରେ କାର୍ଯ୍ୟ ବନ୍ଦ ରଖି ମଧ୍ୟ ଦାବୀ ଗୁଡ଼ିକ ଉପସ୍ଥାପନ କରିଛୁ । କିନ୍ତୁ, ରାଜ୍ୟ ସରକାର ଏବଂ କୃଷି ବିଭାଗ ପକ୍ଷରୁ କୌଣସି ପ୍ରକାର ପ୍ରତିଶୃତି କିମ୍ବା ସାନ୍ତ୍ୱନା ନ ମିଳିବାରୁ ଆଜିଠାରୁ ଅର୍ଥାତ ୧୩ତାରିଖ ଠାରୁ ୧୯ତାରିଖ ପର୍ଯ୍ୟନ୍ତ ଧାରଣାରେ ବସିବୁ । ତଥାପି ସମାଧାନ ର ବାଟ ନ ଫିଟିଲେ ରାଜ୍ୟ କୃଷି ଭବନ ସମ୍ମୁଖରେ ଧାରଣା ଦେବାକୁ ବାଧ ହେବୁ ବୋଲି ସଭାପତି ପ୍ରଭାତ ପ୍ରକାଶ ନାୟକ କହିଛନ୍ତି ।

# ପୋଟେରୁ ହରି ଆଶ୍ରମରେ ମତୁଆ ସମ୍ପ୍ରଦାୟର ବୈଠକ

ମାଲକାନଗିରି(ହି.ସ.): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ପୋଟେରୁ ହରି ଆଶ୍ରମରେ କିଛି ଦିନ ତଳେ ମତୁଆ ସମ୍ପ୍ରଦାୟ ପକ୍ଷରୁ ଏକ ବୈଠକର ଆୟୋଜନ କରାଯାଇଥିଲା । ସୂଚନା ମୁତାବକ ବୈଠକର ମୁଖ୍ୟ ଉଦେଶ୍ୟ ଥିଲା କି ମତୁଆ ଧର୍ମର କିଛି ନିର୍ଦ୍ଦିଷ୍ଟ ଲୋକ ରାଜନୀତି କରି କେବଳ ବିଜେଡିକୁ ଭୋଟ ଦେବାକୁ କହୁଥିବା ବେଳେ ସେମାନେ କହୁଛନ୍ତି ଆମେ ହିନ୍ଦୁ ନୁହଁ ଓ ବିଭିନ୍ନ ଗ୍ରାମରେ ବୁଲି ବୁଲି ହିନ୍ଦୁ ବିରୋଧୀ କାର୍ଯ୍ୟକଳାପ କରିବା ସହ କେବଳ ବିଜେଡିକୁ ଭୋଟ ଦେବାପାଇଁ ପ୍ରଚାର ପ୍ରସାର କରୁଛନ୍ତି । ଏଭଳି କିଛି ଅଭିଯୋଗ ନେଇ ପୋଟେରୁ ହରି ଆଶ୍ରମ ଠାରେ ଏକ ବୈଠକର ଆୟୋଜନ କରିଥିଲେ ଜିଲ୍ଲା ମତୁଆ ଗୋଷ୍ଠୀ । ତେବେ ଅପର ପକ୍ଷରେ ମତୁଆ ଧର୍ମର ଲୋକ ଏହାକୁ ସମ୍ପୂର୍ଣ୍ଣ ବିରୋଧ କରିଥିବାରୁ ହରି ଆଶ୍ରମରେ ଉଭୟଙ୍କ ପକ୍ଷରୁ ବଚସା ସହ ଗଣ୍ଡଗୋଳ ମଧ ଦେଖିବାକୁ ମିଳିଥିଲା । ତେବେ ଗତ ମଙ୍ଗଳବାର ଅପରାହ୍ନରେ ପୋଟେରୁ ହରି ଆଶ୍ରମ ପ୍ରାଙ୍ଗଣରେ ମତୁଆ ସମ୍ପ୍ରଦାୟର କମଲେଶ ରୟ, ଅରୁଣ ବିଶ୍ୱାସ,ପ୍ରହ୍ଲାଦ ବୋସ୍ ,ପରିତୋଷ ସରଦାରଙ୍କ ତତ୍ତ୍ୱାବଧାନରେ ମତୁଆ ସମ୍ପ୍ରଦାୟ କମିଟିର ମୁଖିଆ ସଦସ୍ୟଙ୍କ ରାଜନୀତି କରଣକୁ ନେଇ ଏକ ଖବରଦାତା ସମ୍ମିଳନୀ କରିଥିଲେ । ଯେଉଁଥିରେ କମିଟିର କିଛି ବରିଷ୍ଠ ସଦସ୍ୟ ହରି ମନ୍ଦିର ଲାଗି ବିଜେଡି ଟଙ୍କା ଦେଇଥିବାରୁ ସମସ୍ତେ ବିଜେଡିକୁ ଭୋଟ ଦେବା, ବରିଷ୍ଠ ସଦସ୍ୟ ଦାବି କରୁଥିବାରୁ ଖବର ଦାତା ସମ୍ମିଳନୀରେ ଏହାକୁ ତୀବ୍ର ବିରୋଧ କରାଯାଇ ଶୀଘ୍ର କମିଟିର ସଦସ୍ୟ ମାନେ ଇସ୍ତଫା ଦିଅନ୍ତୁ ବୋଲି ଦାବି ହୋଇଛି । ଏହି ସମ୍ମିଳନୀ ରେ ସେମାନେ ସ୍ପଷ୍ଟ କରିଛନ୍ତି ଯେ ଆମେ ସମସ୍ତେ ହିନ୍ଦୁ ଆଉ ସମସ୍ତ ହିନ୍ଦୁ ଦେବୀ ଦେବତାକୁ ମାନୁଛୁ କିନ୍ତୁ ମନ୍ଦିର ଭିତରେ କୌଣସି ରାଜନୀତି ନ କରାଯାଉ ଓ କୌଣସି ରାଜନୀତିକ ଦଳର ପ୍ରଚାର ପ୍ରସାର କରା ନ ଯାଉ । କିନ୍ତୁ ଏଠି କିଛି ନିର୍ଦ୍ଦିଷ୍ଟ ଦୁଇ ରୁ ଚାରି ଜଣ ବ୍ୟକ୍ତି ଯୋଗୁ ଆଜି ମତୁଆ ସମ୍ପ୍ରଦାୟ ବଦନାମ । ତେବେ ଆଗାମୀ ଦିନରେ ସେମାନେ ତୀବ୍ର ବିରୋଧର ସମ୍ମୁଖୀନ ହେବା ସହ କମିଟିରୁ ସମୁହ ଇସ୍ତଫା ଦେଇ ନୂତନ କମିଟି ଗଠନ କରାଯାଉ ବୋଲି କହିଛନ୍ତି ।

# ଶିଶୁ ସୁରକ୍ଷା ସଚେତନତା

ବଲାଙ୍ଗୀର(ହି.ସ.) – ବେଲପଡ଼ା ବ୍ଲକ୍ ସଭାଗୃହ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଶିଶୁ ସୁରକ୍ଷା ସମ୍ପର୍କିତ ଏକ ତାଲିମ ଅନୁଷ୍ଠିତ ହୋଇଥିଲା। ଉକ୍ତ ତାଲିମ ଶିବିରରେ ମୁଖ୍ୟ ଅତିଥିଭାବେ ବେଲପଡା ବ୍ଲକ୍ ର ତହସିଲଦାର ବନବିହାରୀ ହରିପାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ପାଇଁ ଥିବା ଯୋଜନା ଉପରେ ମତବ୍ୟକ୍ତ କରିଥିଲେ। ଅତିଥି ଭାବେ ବେଲପଡ଼ା ବ୍ଲକ୍‌ର ସାମାଜିକ ସୁରକ୍ଷା ଅଧିକାରୀ ଅଭିଜିତ ସେଠ୍ ଶିଶୁ ସୁରକ୍ଷା ଉପରେ ଜଣାଇଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଭି.ମଣିମାଳା ଉପସ୍ଥିତ ରହି ଶିଶୁ ସୁରକ୍ଷା ସମ୍ପର୍କିତ ସୁରକ୍ଷା ଓ ଯନ୍ ଉପରେ ବିଭିନ୍ନ ଯୋଜନା ଉପରେ ଜଣାଇଥିଲେ, ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ବେଟି ବଚାଓ ବେଟି ପଢାଓ, ଝିଅ ବଂଚାନ୍ତୁ ଝିଅ ପଢନ୍ତୁ ବୋଲି ତାଙ୍କ ଅଭିଭାଷଣରେ ଜଣାଇଥିଲେ। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଅରୁଣା ର ଜିଲ୍ଲା ପରାମର୍ଶ ଦାତା ପ୍ରମୋଦ ବଗର୍ତି କନ୍ୟା ସନ୍ତାନର ମୂଲ୍ୟବୋଧ ବୃଦ୍ଧି ଏବଂ ଶିକ୍ଷା ସଶକ୍ତିକରଣ କରାଇବା, ପୋଷ୍ୟ ସନ୍ତାନ ଗ୍ରହଣ, କିଶୋର ନ୍ୟାୟ ଆଇନ, ପୁତ୍ର ସନ୍ତାନ ପ୍ରାଧାନ୍ୟ ଓ ଲିଙ୍ଗ ନିରୂପଣ ନିମିତ ଥିବା ବିଧି, ପୋସ୍କୋ ଆଇନ୍ ଉପରେ ଜଣାଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ କୁମାର୍ ଖୁଆସ ମଂଚ ପରିଚାଳନା କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜାରେ ୧୦୦ ରୁ ଉର୍ଦ୍ଧ୍ୱ ଶିଶୁଙ୍କ ଖଡ଼ି ଛୁଆଁ



ପାରଳାଖେମୁଣ୍ଡି (ପିପିଏସ): ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ମାଘଶୁକ୍ଳ ପଞ୍ଚମୀ ୩୪ତମ ସରସ୍ୱତୀ ପୂଜା ମହା ସମାରୋହରେ ପାଳିତ ହୋଇଯାଇଛି. ପ୍ରାତଃ ୮.୦୦ଘ ସମୟରେ ଛାତ୍ରଛାତ୍ରୀ ତଥା ପୁରୋହିତଙ୍କ ଦ୍ୱାରା ମାଁଆଙ୍କ ଆବାହନ,ପୂଜନ ଏବଂ ହୋମ, ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା ।ଏହି ଅବସରରେ ପାରଳାଖେମୁଣ୍ଡିର ୧୦୦ରୁ ଉର୍ଦ୍ଧ୍ୱ ଶିଶୁମାନେ ନିଜ ପିତାମାତାଙ୍କ ସହ ଆସି ଖଡ଼ିଛୁଆଁ ମାଧ୍ୟମରେ ବିଦ୍ୟାରମ୍ଭ କରି ଥିଲେ । ସରସ୍ୱତୀ ପୂଜା ଉପଲକ୍ଷେ ସନ୍ଧ୍ୟାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ "ନୃତ୍ୟାଞ୍ଜଳି" ର ଆୟୋଜନ କରାଯାଇଥିଲା ।ଯେଉଁଥିରେ ସହରର ବିଭିନ୍ନ ଅଗ୍ରଣୀ ନୃତ୍ୟାନୁଷ୍ଠାନ ମାନେ ଯୋଗଦେଇ ଉପସ୍ଥିତ ଦର୍ଶକ ମାନଙ୍କର ମନକୁ କିଣିନେଇଥିଲେ ।ନଗରର ଅନେକ ନିମନ୍ତ୍ରିତ ଅତିଥି ତଥା ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଥିଲେ ।ଅନୁଷ୍ଠାନର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସମ୍ପନ୍ନ ହୋଇଥିଲା ।

# ୫ ମାସ ହେବ ଆହାର କେନ୍ଦ୍ରରେ ଝୁଲୁଛି ତାଲା

ଜୟପୁର (ହି.ସ.)- ସରକାର ଗ୍ରାମାଚଂଳ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି। ହେଲେ ସେସବୁ ଯୋଜନାର ସଠିକ ପରିଚାଳନା କରିପାରୁ ନାହିଁ ପ୍ରଶାସନ। ଅଧାରେ ବନ୍ଦ ହେଉଛି ସରକାରୀ ଯୋଜନା। ଗରିବ ଶ୍ରେଣୀର ଲୋକେ ସୁବିଧା ସୁଯୋଗ ପାଇବାରୁ ବଂଚିତ ହେଉଛନ୍ତି। ଯାହାର ଉଦାହରଣ ହେଉଛି ବୋରିଗୁମ୍ମାର ଆହାର କେନ୍ଦ୍ର। ୫ ମାସ ହେବଣି ବନ୍ଦ ହୋଇ ରହିଛି ଆହାର କେନ୍ଦ୍ର। ଏହି ଆହାର କେନ୍ଦ୍ର ଗତ ୨୬/୯/୨୦୨୨ ରେ ଆରମ୍ଭ ହୋଇଥିଲା। ତରା ତାରିଣୀ ଏସଏଚଜି ଗ୍ରୁପ ଏହାକୁ ପରିଚାଳନା କରୁଥିଲେ। ଦୈନିକ ୨୦୦ ଜଣକୁ ମାତ୍ର ୫ ଟଙ୍କାରେ ଏମାନେ ଭୋଜନ ଦେଉଥିଲେ। ଏମାନଙ୍କୁ ୬ ମାସର ପାଖା ପାଖି ୭ ଲକ୍ଷ ଟଙ୍କା ପ୍ରଶାସନ ଦେଇନାହିଁ। ଫଳରେ ବାଧ ହୋଇ ଏହି ଗ୍ରୁପର ମହିଳା ମାନେ ଗତ ଅକ୍ଟୋବର ମାସ ଠାରୁ ଆହାର କେନ୍ଦ୍ର ବନ୍ଦ କରିଦେଇଛନ୍ତି। ଆହାର କେନ୍ଦ୍ର ବନ୍ଦ କାରଣରୁ ଅନେକ ଗରିବ ରୋଗୀ ଏବଂ ଦିନ ମଜୁରିଆ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆହାର କେନ୍ଦ୍ରକୁ ପୁଣି କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

cmyk cmyk cmyk

ସ୍ଥିର ଲକ୍ଷ୍ୟ, ନିଷ୍ଠାବାନ ନେତୃତ୍ୱ ଓ ପରିଶ୍ରମୀ କର୍ମୀ ଏତିକି ଉପାଦାନର ସମାବେଶରେ ଭାରତର ଜନତା ଯେ ଅସାଧ୍ୟ ସାଧନ କରିପାରନ୍ତି ତାହା ବାରମ୍ବାର ପ୍ରମାଣିତ ହୋଇଛି ।

(ଗାଁ ମଜଲିସ, ୭ମ ଖଣ୍ଡ, ପୃଷ୍ଠା-୨)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୧୬।୦୨।୨୦୨୪ ■ ଶୁକ୍ରବାର

# କୂଟନୈତିକ ସଫଳତା

କତରରେ ମୃତ୍ୟୁଦଣ୍ଡରେ ଦଣ୍ଡିତ ୮ ଜଣ ଭାରତୀୟ, ପୂର୍ବତନ ନୌସେନା ଅଫିସର ଖଲାସ ହୋଇ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିବା ନିଶ୍ଚିତ ଭାବେ ଭାରତର ବଡ଼ କୂଟନୈତିକ ସଫଳତା ବୋଲି କୁହାଯିବ । ପ୍ରାୟ ଦେଢ଼ବର୍ଷ ତଳେ ଏଇ ଅଫିସରଙ୍କୁ ଇସ୍ରାଏଲ ଲାଗି ବୁଡ଼ାଜାହାଜ ଟେକ୍ନୋଲୋଜି ପାଇଁ ଗୁପ୍ତଚର ବୃତ୍ତି ଅଭିଯୋଗରେ ଗିରଫ କରି ଜେଲ ପଠାଇ ଦିଆଯାଇଥିଲା । ଏ ସଂପର୍କରେ ସୂଚନା ନା ଭାରତୀୟ ଦୂତାବାସ ପାଖରେ ପହଞ୍ଚିଥିଲା ନା ସେମାନଙ୍କ ପରିବାର ପରିଜନଙ୍କୁ ଜଣେଇ ଦିଆଯାଇଥିଲା । ଅନ୍ୟ ସୂତ୍ରରୁ ଯେବେ ସେମାନଙ୍କ ପରିଜନଙ୍କୁ ଏ ସଂକ୍ରାନ୍ତରେ ସୂଚନା ମିଳିଲା, ସେମାନେ ଭାରତ ସରକାରଙ୍କଠାରେ ଗୁହାରି କଲେ । ଏ ମାମଲା ଲୋକଲୋଚନକୁ ଆସିବା ପରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ସକ୍ରିୟ ହେଲା ଓ ଏ ସମ୍ବନ୍ଧରେ ମଧ୍ୟସ୍ଥତା ତଥା କଥାବାର୍ତ୍ତା ଆରମ୍ଭ କରାଗଲା, ପ୍ରଧାନମନ୍ତ୍ରୀ ମଧ୍ୟ ସେଠାକାର ଶାସକଙ୍କ ସହ ଏ ସଂପର୍କରେ କଥା ହେଲେ । ଏହାଦ୍ୱାରା ପ୍ରଭାବ ପଡ଼ିଲା ଓ ପ୍ରାୟ ଦୁଇମାସ ତଳେ କତାରରେ ଥିବା ଭାରତର ରାଷ୍ଟ୍ରଦୂତଙ୍କୁ ଏହି ଗିରଫ ହୋଇଥିବା ଭାରତୀୟ ନାଗରିକଙ୍କୁ ଭେଟିବାର ସୁଯୋଗ ମିଳିଲା ପୁଣି ଫାଶୀଦଣ୍ଡକୁ କାରାଦଣ୍ଡରେ ବଦଳା ଯାଇଥିଲା । ଏବେ କତର ପ୍ରଶାସନ ଏମାନଙ୍କୁ ଖଲାସ କରିଦେଇଛି, କିନ୍ତୁ ଏପର୍ଯ୍ୟନ୍ତ ସେ ମାମଲା ପଛରେ ଥିବା ବାସ୍ତବତାକୁ କେହି ଜାଣିପାରୁ ନାହାନ୍ତି । ଉଲ୍ଲେଖଯୋଗ୍ୟ ଯେ ଏହି ଭାରତୀୟ ନାଗରିକ ୮ ଜଣ ନୌସେନାରେ ଚାକିରି କରି ସେବାନିବୃତ୍ତ ହୋଇ ସାରିଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ବରିଷ୍ଠ ପଦବୀରେ ଥିଲେ । ଅବସର ଗ୍ରହଣ କରିବା ପରେ କତରର ଏକ ପ୍ରାଇଭେଟ କମ୍ପାନୀରେ ସେମାନେ କାମ କରୁଥିଲେ ।

ସାମରିକ ପ୍ରକଳ୍ପରେ ଶତ୍ରୁ ଦେଶମାନଙ୍କ ଲାଗି ଗୁପ୍ତଚର ବୃତ୍ତିରେ ଲିପ୍ତ ହେବା ଘଟଣା କିଛି ନୂଆ କଥା ନୁହେଁ । ତା' ଛଡ଼ା ସରକାରମାନଙ୍କର ନିଜସ୍ୱ ନିରୀକ୍ଷଣ ବ୍ୟବସ୍ଥା ମଧ୍ୟ ରହିଛି । କତର ଭଳି ଦେଶରେ ଏପ୍ରକାର ଅପରାଧ ଲାଗି ମୃତ୍ୟୁଦଣ୍ଡ ବ୍ୟବସ୍ଥା ରହିଛି । ତେଣୁ ଯେବେ ଭାରତୀୟ ନାଗରିକଙ୍କ ବିରୋଧରେ ଗୁପ୍ତଚର କରିଥିବା ଆରୋପ ଲାଗିଲା, ତେଣୁ ସେଠାକାର ଅଦାଲତ କଠୋର ଦଣ୍ଡ ଘୋଷଣା କଲେ । ଅବଶ୍ୟ ଏ ମାମଲା ସମସ୍ତଙ୍କୁ ବିଚଳିତ କରିଦେଇଥିଲା କାରଣ ଯେଉଁ ଅଫିସରମାନଙ୍କୁ ଫାଶୀ ଦିଆଯିବାର ଦଣ୍ଡ ଶୁଣାଇ ଦିଆଗଲା ସେମାନେ ସମସ୍ତେ ଭାରତୀୟ ନୌସେନାରେ ଦାୟିତ୍ୱସଂପନ୍ନ ପଦପଦବୀରେ କାର୍ଯ୍ୟ କରିଥିଲେ ଓ ସାମରିକ ପ୍ରକଳ୍ପର ଗୋପନୀୟ ତଥ୍ୟ ସଂଗ୍ରହ କରି ଅନ୍ୟକୁ ଦିଆଯିବାର ପରିଣାମ ସଂପର୍କରେ ଭଲ ଭାବେ ଅବଗତ ଥିଲେ । ତାଙ୍କ ପାଖରୁ ଏ ପ୍ରକାର ଅସାବଧାନ ବ୍ୟବହାର କି କୌଣସି ଲୋଭ ପରିବେଶରେ କାମ କରିବାର ସମ୍ଭାବନା ମଧ୍ୟ ନଥିଲା । ଏବେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପୂରା ମାମଲାର ମୂଳ ଯାଏ ତଦନ୍ତ କରିବା ଦରକାର । କିନ୍ତୁ ପ୍ରଥମ ଦୃଷ୍ଟିରେ ଲାଗୁଛି କତର ସରକାରର ନିରୀକ୍ଷଣ ବ୍ୟବସ୍ଥାରେ ଗୁପ୍ତଚର ପ୍ରକରଣରେ ତଥ୍ୟ ସଂଗ୍ରହ କରିବାରେ କିଛି ଭୁଲଭ୍ରାନ୍ତି ଥିବା ଅନୁମାନ କରାଯାଉଛି । ଅନେକ ସମୟରେ ମୁଖ୍ୟ ଗୁପ୍ତଚର କେହି ଅନ୍ୟଜଣେ ଥାଏ କିନ୍ତୁ ସନ୍ଦେହ ଅନ୍ୟ ଉପରେ କେନ୍ଦ୍ରୀଭୂତ ହୋଇଥାଏ ।

କତର ସହ ଭାରତର ସଂପର୍କ ବେଶ୍ ମଧୁର । ଗତ ସପ୍ତାହରେ ହିଁ ତାଙ୍କ ସହ ଭାରତ ୨୦ ବର୍ଷ ଲାଗି ପ୍ରାକୃତିକ ଗ୍ୟାସ ଆମଦାନୀର ଏକ ବଡ଼ ଚୁକ୍ତି କରାଯାଇଛି । ଅଧିକାଂଶ ଲୋକ ପୂର୍ବତନ ନୌସେନା ଅଧିକାରୀଙ୍କ ଖଲାସ ହେବା ସହ ଏହାକୁ ଯୋଡ଼ିକରି ଦେଖୁଛନ୍ତି, କିନ୍ତୁ କୌଣସି ବି ସରକାର ବାଣିଜ୍ୟ-ବେପାର ଲାଗି ନିଜ ରାଷ୍ଟ୍ରର ସୁରକ୍ଷା ନେଇ କୌଣସି ବୁଝାମଣା କରେ ନାହିଁ । ବାସ୍ତବତା ହେଉଛି କତର ସରକାର ଏହି ପୂର୍ବତନ ନୌସେନା ଅଧିକାରୀଙ୍କୁ ଗିରଫ କରିବା ଓ ଦଣ୍ଡ ଦେବାରେ ତରବର ନିର୍ଣ୍ଣୟ ନେଇଛି । ସେ ଦେଶ ନିୟମ ମୁତାବକ ପ୍ରଥମେ ଭାରତକୁ ଏ ବିଷୟରେ ଅବଗତ କରାଇବା କଥା; ତାହା ସେ କରିବା ଆବଶ୍ୟକ ମନେକଲା ନାହିଁ । ଏପରିକି ଆରୋପୀ ପକ୍ଷକୁ ମଧ୍ୟ ନିଜର ସଫେଇ ଦେବା ଲାଗି ସୁଯୋଗ ବି ଦେଲା ନାହିଁ । ଅନ୍ୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଭାରତ ସରକାର ନିଜ ନାଗରିକଙ୍କୁ ଖଲାସ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲା । ଯଦି ଆନ୍ତର୍ଜାତୀୟ ଅଦାଲତରେ ଏ ବିଷୟ ଉଲ୍ଲେଖ କରାଯିବ, ତେବେ କତର ପକ୍ଷ ଦୁର୍ବଳ ସାବ୍ୟସ୍ତ ହେବ ନିଶ୍ଚୟ । ତଥାପି, ଯଦି ବାସ୍ତବରେ ଭାରତୀୟ ନାଗରିକଙ୍କର ଗୁପ୍ତଚର କାର୍ଯ୍ୟରେ ଲିପ୍ତ ଥିବାର ପ୍ରମାଣ କତର ସରକାରଙ୍କ ପାଖରେ ଅଛି, ତେବେ ତାହାକୁ ଲୁଚାଇବା ପାଇଁ ପ୍ରୟାସ କରାଯିବା ଅନୁଚିତ ।□□

–ଭର୍ତ୍ତୃହରି ମହତାବ

# ସଞ୍ଜିବନୀ ଦିଗଦର୍ଶନ

ଓଡ଼ିଶା ସରକାର ଏକ କ୍ରାନ୍ତୀକାରୀ ଓ ସୁନ୍ଦର ଯୋଜନା ପ୍ରଣୟନ କରିଛନ୍ତି ଯାହା ଆମ ଭବିଷ୍ୟତର ଆଗାମୀ ଉଜ୍ଜ୍ୱଳ ତାରାକା କୁହାଯାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ସଞ୍ଜିବନୀ ଦିଗଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ। ଏଣିକି ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବା ସମୟରେ ବିଧିବଦ୍ଧ ଭାବେ ଏକ ଘୋଷଣାନାମାରେ ଛାତ୍ରଛାତ୍ରୀମାନେ ନିଶା ଖାଇବେ ନାହିଁ ବୋଲି ସ୍ୱାକ୍ଷର କରିବେ। ଯେଉଁଥିରେ ତମାଖୁ ଓ ମଦ୍ୟପାନ ସମେତ ଅନ୍ୟ ନିଶାଦ୍ରବ୍ୟର ଭୟାବହତା ଓ ଉଦବେଗଜନକ ସ୍ଥିତି ସମ୍ପର୍କରେ ଅବଗତ ଥିବା, ଶିକ୍ଷାୟତନ କ୍ୟାମ୍ପସ ଭିତରେ ନିଶା ଦ୍ରବ୍ୟ ସେବନ ନକରିବା ଏବଂ ଏହାସହ ନିଜ ଶିକ୍ଷାୟତନ ପରିସର ଭିତରେ କୌଣସି ନିଶା ଦ୍ରବ୍ୟ ସମ୍ପର୍କିତ କାର୍ଯ୍ୟକଳାପ ସଂଗଠିତ ହେଉଥିଲେ ଏନେଇ ନିଜ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ସାମଗ୍ରିକ ସଚେତନତାର ସହଯୋଗ ଯୋଗାଇବେ ବୋଲି ଉଲ୍ଲେଖ ରହିବ। ଏହାସହ ଏହି ଘୋଷଣାନାମାରେ ସେମାନଙ୍କ ନାମ, ପିତାଙ୍କ ନାମ, ସେମାନଙ୍କର ପାଠ୍ୟକ୍ରମର ସୂଚନା ଓ କେତେ ବର୍ଷ ପାଇଁ ଶିକ୍ଷା ଗ୍ରହଣ କରିବେ ସେ ନେଇ ଜଣାଇବେ। ନିଶାମୁକ୍ତ ଭାରତ ଅଭିଯାନକୁ ସଫଳ କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ଅଧୀନରେ ଥିବା ଉଚ୍ଚଶିକ୍ଷା ବିଭାଗ ଓ କେନ୍ଦ୍ର ସାମାଜିକ ନ୍ୟାୟ ସଶକ୍ତିକରଣ ବିଭାଗ ଏଭଳି ନିଷ୍ପତି ନେଇଛନ୍ତି। ତେବେ ଏହି ଅଭିଯାନ ନିଶ୍ଚିନ୍ତ ଭାବେ ଆମ ଛାତ୍ର ଓ ଯୁବପିଢ଼ୀଙ୍କୁ ଖରାପ ରାସ୍ତାରୁ ଦୂରେଇ ଅପରାଧିକ କାର୍ଯ୍ୟକଳାପକୁ ଆଉ ସୃଷ୍ଟି କରିବାର ସୁଯୋଗ ମଧ୍ୟ ଦେବନାହିଁ। କ୍ୟାମ୍ପସକୁ ତମାଖୁ ଓ ନିଶାମୁକ୍ତ ସୁନିଶ୍ଚିତ କରିବାକୁ ଛାତ୍ରଛାତ୍ରୀମାନେ ଘୋଷଣା କରିବେ। କୋଟପା ଆଇନ-୨୦୦୩ ଅନୁଯାୟୀ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଗାଇଡ଼ଲାଇନକୁ କଡ଼ାକଡ଼ି ଲାଗୁ କରିବାକୁ କର୍ତ୍ତୃପକ୍ଷ ସୂଚୀତ କରିଛନ୍ତି। ଏ କ୍ଷେତ୍ରରେ ଜାତୀୟ ସେବା ଯୋଜନା ସଦସ୍ୟମାନେ ସହଯୋଗ କରିବେ। ସରକାରଙ୍କ ଏହି ପଦକ୍ଷେପ ନିଶ୍ଚିନ୍ତ ଭାବେ ଶିକ୍ଷାମହଲ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନିକ କ୍ଷେତ୍ରକୁ ଅତ୍ୟନ୍ତ ଆନନ୍ଦିତ କରିଛି। ଛାତ୍ରଛାତ୍ରୀମାନେ ହେଉଛନ୍ତି ଆମ ସମୟର ଉଜ୍ଜ୍ୱଳତମ ଭବିଷ୍ୟତ। ସେମାନଙ୍କ ପ୍ରତିଭା ଓ ଗୌରବ କେବଳ ସେମାନେ ପିତାମାତା ବା ବିଦ୍ୟାଳୟ ନୁହେଁ ସମଗ୍ର ସମାଜ ପାଇଁ ଆଦର୍ଶଣୀୟ ଅଟେ। ଅନେକ ପିଲାମାନେ ବିପଥଗାମୀ ହୋଇଯାଇଥାନ୍ତି ଏହି ନିଶାଦ୍ରବ୍ୟ ପାଇଁ। ତେବେ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁଦାୟିତ୍ୱ ରହିଛି। ଆସନ୍ତୁ ଆମେ ସମସ୍ତେ ଏକ ନିଶାମୁକ୍ତ ଓ ସୁନ୍ଦର ସୁଜ୍ଜ୍ୱଳ ଶିକ୍ଷାୟତନ ପରିସର ସୃଷ୍ଟି କରିବା, ଆମ ଶିକ୍ଷାୟତନର ଗୌରବ ବଢ଼ାଇବା ସହ ନିଜ ବ୍ୟକ୍ତିତ୍ୱ ଓ ସମୁଜ୍ଜ୍ୱଳ ଭବିଷ୍ୟତ ତିଆରି କରିବା।

ଦେବରାଜ ପଟ୍ଟନାୟକ
ବକ୍ସି ବଜାର, କଟକ

# ଉତ୍କଳର ପ୍ରମୁଖ ଐତିହ୍ୟ ସୂର୍ଯ୍ୟମନ୍ଦିର

ସୁଷମା ପରିଜା

ଉତ୍କୃଷ୍ଟ କଳାର ଦେଶ ଉତ୍କଳ । ଅତୀତରେ ଉତ୍କଳ ର କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟର ଜୈତ୍ରବାନା ଆଗଙ୍ଗା ଗୋଦାବରୀ ଡେଇଁ ସାରା ବିଶ୍ୱରେ ଲହରାଉଥିଲା। ଉତ୍କଳୀୟ ଶିଳ୍ପୀ ର ନିହଣମୂନରେ ଦେଶର କୋଣ ଅନୁକୋଣରେ ଗଢି ଉଠିଥିଲା ସୂକ୍ଷ୍ମାତିସୂକ୍ଷ୍ମ କାରୁକାର୍ଯ୍ୟଭରା ମନ୍ଦିର, ସ୍ତୁପ, ସୌଧମାଳା । ଉତ୍କଳ ର ସେଇ ସୁନ୍ଦର କଳାକୃତି ସବୁ କୁ ନିକଟରୁ ଦେଖିବା ପାଇଁ ପୃଥିବୀ ର କୋଣ ଅନୁକୋଣରୁ ଛୁଟି ଆସୁଥିଲେ ଅସଂଖ୍ୟ ପର୍ଯ୍ୟଟକ, ପରିବ୍ରାଜକ ମାନେ । କେହି କେହି ମଧ୍ୟ ସେଇ କଳାକୃତି ରେ ମନ୍ତ୍ରମୁଗ୍ଧ ହୋଇ ରହିଯାଉଥିଲେ ଏ ଦେଶରେ ଚିରଦିନ ପାଇଁ । ସେଇ କଳାକୃତି ମାନ ଥିଲା ଆମର ଗର୍ବ ଆଉ ଗୌରବ। ସମୟଚକ୍ରରେ କେବେ ପ୍ରାକୃତିକ ବିପର୍ଯ୍ୟୟ ରେ ହେଉ କିମ୍ବା କେବେ ବିଦେଶୀ ଆକ୍ରମଣ ରେ ହେଉ ସେଇ କୀର୍ତ୍ତିରାଜି ଗୁଡିକ ଧ୍ୱଂସ ବିଧ୍ୱଂସ ହୋଇଛନ୍ତି । କର୍ପୁର ସିନା ଉଡି ଯାଇଛି ହେଲେ କନା ପଡିରହିଛି ଅତୀତ ଇତିହାସର ସାକ୍ଷୀ ହୋଇ । ବର୍ତ୍ତମାନ ସମୟରେ ମଧ୍ୟ ସେଇ ଭଗ୍ନ ସ୍ତୁପ ମଧ୍ୟରୁ ଗୁଞ୍ଜରି ଉଠୁଛି ଉତ୍କଳୀୟ ଶିଳ୍ପୀ ର ଆତ୍ମିକ ବିଳାପ । ଉତ୍କଳ ର ପ୍ରମୁଖ ଐତିହ୍ୟ.. କୋଣାର୍କ ର ସୂର୍ଯ୍ୟ ମନ୍ଦିର । ମୋଗଲ ଶାସକଙ୍କ କ୍ରୁରତା ସେନାପତି କଳାପାହାଡ଼ ର ଆକ୍ରମଣ ରେ ମନ୍ଦିର ର ଅର୍ଦ୍ଧାଧିକ ଭାଗ ଭଗ୍ନ ହୋଇ କେବଳ ମୁଖଶାଳା ଏବଂ ନାଟ ମଣ୍ଡପ ଟି ବିଦ୍ୟମାନ ରହିଥିଲେ ମଧ୍ୟ ଏହା ବିଶ୍ୱ ର ସପ୍ତାଶ୍ଚର୍ଯ୍ୟ ଭାବରେ ପରିଗଣିତ ହେଉଛି କେବଳ ମନ୍ଦିର ର ସୂକ୍ଷ୍ମାତିସୂକ୍ଷ୍ମ କାରୁକାର୍ଯ୍ୟ ଯୋଗୁଁ । ପାଶ୍ଚାତ୍ୟର ପିରାମିଡ୍ ଆକୃତିର ଏହି ଭଗ୍ନ ମନ୍ଦିର ଟି ସାରା ପୃଥିବୀ ର ପର୍ଯ୍ୟଟକ ମାନଙ୍କୁ ଟାଣି ଆସୁଛି ତା'ର ଅପରୂପ ସୌନ୍ଦର୍ଯ୍ୟରେ । ଇତିହାସ ର ପୃଷ୍ଠା ଲେଉଟାଇଲେ ଜଣାପଡେ ଯେ ଉତ୍କଳର ତତ୍କାଳୀନ ଗଜପତି ମହାରାଜା ଶ୍ରୀ ଶ୍ରୀ ଲାଙ୍ଗୁଳା ନରସିଂହ ଦେବଙ୍କ ରାଜତ୍ୱ କାଳରେ ଅର୍ଥାତ୍ ବାରଶହ ଅଠତ୍ରିଶ୍ ରୁ ବାରଶହ ଚଉଷଠି ଖ୍ରୀ: ଅ: ମଧ୍ୟରେ । କଥିତ ଅଛି ଯେ ଯୁବରାଜ ଲାଙ୍ଗୁଳା ନରସିଂହ ଦେବ ମାତ୍ର ଅଠର ବର୍ଷର ହୋଇଥିବା ବେଳେ ପିତା ମହାରାଜ ଶ୍ରୀ ଶ୍ରୀ ଅନଙ୍ଗଭୀମ ଦେବ ଙ୍କ ଆଦେଶରେ ଦାକ୍ଷିଣାତ୍ୟ ଅଭିଯାନରେ ଯାଇଥିଲେ। ସେଠାରେ ଯୁଦ୍ଧ କରି ଅନେକ ରାଜ୍ୟ ଜୟ କରିବା ସହିତ ପ୍ରଚୁର ଧନରତ୍ନ ସାଙ୍ଗରେ ଧରି ଫେରିବା ପରେ ତାଙ୍କର ମାତା ଯିଏ ସୂର୍ଯ୍ୟ ଙ୍କର ଉପାସିକା ଥିଲେ , ସେ ଅନୁରୋଧ କରିଥିଲେ " ପୁତ୍ର ! ଦାକ୍ଷିଣାତ୍ୟ ଜୟ କରି ତୁମେ ବାଳ ଅରୁଣସମ ଜ୍ୟୋତିଷ୍ମାନ୍ ହୋଇଛ, ଏଣୁ ଏଇ ବିଜିତ ଅର୍ଥ ରେ ତୁମେ ଦେଶ ର ଉତ୍ତର ପୂର୍ବ କୋଣରେ ସୂର୍ଯ୍ୟ ଦେବତା ଙ୍କର ମନ୍ଦିର ଟିଏ ତୋଳାଇ ତାଙ୍କୁ କୋଣାଦିତ୍ୟ ରୂପେ ପ୍ରତିଷ୍ଠା କର । ସେ ତୁମକୁ ସର୍ବଶକ୍ତିମାନ କରିବେ"। ମାତାଙ୍କର ଆଦେଶ କୁ ସମ୍ମାନ ଜଣାଇ ଯୁବରାଜ ଲାଙ୍ଗୁଳା ନରସିଂହ ଦେବ ସେଇଠାରୁ ଆରମ୍ଭ କରିଥିଲେ ସୂର୍ଯ୍ୟ ମନ୍ଦିର ର ପରିକଳ୍ପନା । ପ୍ରାଚୀ ନଦୀ ଏବଂ ବଙ୍ଗୋପସାଗରର ମିଳନ ସ୍ଥଳ ରେ ଥିଲା ଏକ ପୋତାଶ୍ରୟୀ ବନ୍ଦର " କୋଣଗର" । ସମ୍ଭବତଃ ସେଇ ସ୍ଥାନ ଟି କୋଣାର୍କ ନାମରେ ପରିଚିତ ହେଲା ପରବର୍ତ୍ତୀ ସମୟରେ । ମାଦଳା ପାଞ୍ଜିରେ ଲିପିବଦ୍ଧ ଅଛି ଯେ ସେଇ ସ୍ଥାନରେ ମନ୍ଦିର ତୋଳିବା କାରଣ ଥିଲା ଗମନାଗମନ ର ସୁବିଧା। ମନ୍ଦିର ରେ ବ୍ୟବହୃତ ବିଶାଳ ପଥର ଖଣ୍ଡ ସବୁ ଜଳପଥରେ ନୌକା ରେ ଆସି ହାତୀ ମାନଙ୍କ ଦ୍ୱାରା ବୁହାହୋଇ ଯାଉଥିଲା ନିର୍ମାଣ ସ୍ଥଳକୁ । ସାରା ରାଜ୍ୟରୁ ବଛାବଛା ଉତ୍ତମ କୁଶଳୀ ଶିଳ୍ପୀ ମାନଙ୍କୁ ମନ୍ଦିର ନିର୍ମାଣ ନିମିତ୍ତ ନିଯୁକ୍ତ କରିବାର ଦାୟିତ୍ୱ ଦିଆଯାଇଥିଲା ସେନାପତି ଶ୍ରୀ ସର୍ବେଶ୍ୱର ସାମନ୍ତରାୟଙ୍କୁ । ଯୁବରାଜ ନରସିଂହ ଦେବ ମାଆଙ୍କୁ ତାଙ୍କର ସ୍ୱପ୍ନ ର ମନ୍ଦିର ଟିଏ ସର୍ବତୋଭାବେ ସୁନ୍ଦର କରି ଉପହାର ଦେବାକୁ ଚାହୁଁଥିଲେ। ତେଣୁ ବାର ଶହ ଶିଳ୍ପୀ ବାରବର୍ଷ କାଳ ପରିଶ୍ରମ କରି ଗଢିଥିଲେ ସର୍ବୋତ୍କୃଷ୍ଟ ମନ୍ଦିର ଟିଏ। କୋଣାର୍କ ମନ୍ଦିର କଳିଙ୍ଗ ସ୍ଥାପତ୍ୟ କଳା ଶୈଳୀରେ ତୋଳାଯାଇଥିଲା । ଗର୍ଭଗୃହଯୁକ୍ତ ମୁଖ୍ୟ ମନ୍ଦିରଟି ୨୨୯ ଫୁଟ ଉଚ୍ଚ ଓ ମୁଖଶାଳା ୧୨୮ ଫୁଟ ଉଚ୍ଚ। ୧୩ ଫୁଟ ଉଚ୍ଚ ପଥର ଚଟାଣ ଉପରେ ବିମାନ ଓ ଜଗମୋହନ ରଥ ରୂପରେ ଗଢ଼ା ଯାଇଥିଲା । ସେ ଚଟାଣ ଚାରିପଟେ ୯ଫୁଟ ୯ ଇଞ୍ଚ ଉଚ୍ଚର ୨୪ଟି ଚକ ଓ ସମ୍ମୁଖରେ ସାତଟି ଘୋଡା ଖଞ୍ଜା ଯାଇଥିଲା ।

ଜଗମୋହନର ଉଚ୍ଚତା ଥିଲା ୧୨୩ ଫୁଟ ଓ ବିମାନର ଉଚ୍ଚତା ଥିଲା ୨୨୫ ଫୁଟ । ମନ୍ଦିର ବେଢାର ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୮୫୭ ଓ ୫୪୦ଫୁଟ । ମୁଖ୍ୟ ଦେଉଳଟି ପାଖାପାଖି ୨୦୦ ଫୁଟ (୬୦ ମିଟର ) ଉଚ୍ଚ, ଯାହା ଭାରତର ଉଚ୍ଚତମ ମନ୍ଦିର ଥିଲା ବୋଲି ଅନୁମାନ କରାଯାଏ । ପ୍ରତ୍ୟେକ ପୁରାତନ ମନ୍ଦିର ପରି ଏଠାରେ ମଧ୍ୟ ମୁଖ୍ୟ ମନ୍ଦିର ପୂର୍ବରୁ ନାଟ ମନ୍ଦିରଟି ରହିଛି, ଯେଉଁଠାରେ କଳାକାରମାନେ ଦେବତାଙ୍କ ଉଦ୍ଦେଶ୍ୟରେ ନୃତ୍ୟ ଗୀତ ପରିବେଷଣ କରିଥାନ୍ତି ।

ସାତଟି ଚପଳ ଚଞ୍ଚଳ ଘୋଡ଼ାଙ୍କ ଦ୍ୱାରା ଟଣା ଯାଉଥିବା ଏକ ବିଶାଳ ରଥାକୃତିରେ ମନ୍ଦିରଟି ନିର୍ମିତ । ଏହାର ସର୍ବାଙ୍ଗରେ କାରୁକାର୍ଯ୍ୟ ଖୋଦେଇ କରା ଯାଇଛି । ଏହି ମନ୍ଦିରର ମୂଳରେ ସୂକ୍ଷ୍ମ କାରୁକଳାରେ ଅତି ସୁସଜ୍ଜିତ ୧୨ଟି ଚକ ରହିଛି। ଏହି ଚକଗୁଡ଼ିକ ହେଉଛି ମନ୍ଦିରର କେତୋଟି ପ୍ରମୁଖ ଆକର୍ଷଣ ମାନଙ୍କ ଭିତରୁ ଅନ୍ୟତମ । ଏହି ଚକମାନଙ୍କର ଅର ସୂର୍ଯ୍ୟଘଡ଼ିର କାମ କରିଥାଏ । ଏହି ଅରମାନଙ୍କ ଛାଇରୁ ସଠିକ ସମୟ ବାରିହୁଏ । ପିରାମିଡ୍ ଆକାରର ଏହି ମନ୍ଦିରର ଛାତ ପାଖାପାଖି ୩୦ ମିଟର ଉଚ୍ଚ। ଖଜୁରାହୋ ମନ୍ଦିର ପରି ଏହି ମନ୍ଦିର ଗାତ୍ରରେ ମଧ୍ୟ ଶୃଙ୍ଗାର କଳା ର ବହୁଳ ପ୍ରଦର୍ଶନ ହୋଇଛି । ଦ୍ୱାରର ଦୁଇପାଖରେ ମନ୍ଦିରକୁ ଜଗି ରହିଛନ୍ତି ଦୁଇଟି ଦନ୍ତାହାତୀଙ୍କୁ ପଦାନତ କରିଥିବା ଦୁଇଟି ଭୀମକାୟ ସିଂହ । ଏହି ହାତୀ ଦୁଇଟି ଦୁଇଟି ଶାୟିତ ମଣିଷକୁ ମାଡ଼ି ବସିଥିବାର ଦେଖାଯାଏ ।

ମନ୍ଦିର ଗାତ୍ର ରେ ଅନେକ ପ୍ରକାରର ଦେବ ଦେବୀ, ଯକ୍ଷ, ଗନ୍ଧର୍ବ, କିନ୍ନର, ନର ସଙ୍ଗୀତ ଶିଳ୍ପୀ, ନଟ, ନଟୀ, ପ୍ରେମୀ ଯୁଗଳ ଓ ଆନନ୍ଦ ଉତ୍ସବମୟ ଗ୍ରାମୀଣ ଜୀବନ, ଯୁଦ୍ଧ ଓ ଶିକାର ଆଦିର ଅସଂଖ୍ୟ ଚିତ୍ରଣ ଏଠାରେ ଦେଖିବାକୁ ମିଳେ । ତା' ସହିତ କେତେ ଜାତିର ପଶୁ-ପକ୍ଷୀ, ଯଥା ଜିଅଁନ୍ତା ଦିଶୁଥିବା ହାତୀ, ପୌରାଣିକ ଜୀବ, ନାନା ଜାତିର ଲତା ଓ ଜ୍ୟାମିତିକ ଢାଞ୍ଚାରେ ଭରା ଓଡ଼ିଆ ସ୍ଥାପତ୍ୟର ଅନେକ କମ୍ପକୁଟ ଦର୍ଶକଙ୍କୁ ବିମୋହିତ କରିବା ସହିତ ଏହାର ସଜୀବ ଚିତ୍ରଣ ଏହି ମନ୍ଦିରକୁ ଅନ୍ୟ ମନ୍ଦିରମାନଙ୍କଠାରୁ ପୃଥକ ଓ ଉତ୍କୃଷ୍ଟ ପ୍ରତିପାଦିତ କରେ। ମନ୍ଦିରଟି ପ୍ରାକୃତିକ ପରିବେଶ ଭିତରେ ରହଛି ଓ ଏହାର ଚାରି ପାଖରେ କାଜୁ, ଶିଶୁ ଆଦି ବାଲିଆ ମାଟିରେ ବଢୁଥିବା ଗଛ ରହିଛି । ଆଜି ଯେତିକି ଅଂଶ ବଞ୍ଚି ରହିଛି ସେତିକି ବି ଅତି ବିଶାଳ । ଏହା ହେଉଛି ପ୍ରକୃତରେ ମୁଖ୍ୟ ମନ୍ଦିରର ମଣ୍ଡପ ଓ ଦେବସିଂହାସନ । ସାମନାରୁ ଠିଆ ହୋଇ ଦେଖିଲେ ମୁଖ୍ୟମନ୍ଦିରର ଭଗ୍ନାବଶେଷ ହିଁ ଦୃଷ୍ଟିଗୋଚର ହୋଇଥାଏ । ପୌରାଣିକ ତଥ୍ୟ ଅନୁଯାୟୀ ଏକଦା ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ମହାକୋପୀ ଦୁର୍ବାସା ଋଷିଙ୍କର ଅବମାନନା କରି ତାଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇ ଭୟଙ୍କର କୁଷ୍ଠ ବ୍ୟାଧିଗ୍ରସ୍ତ ହେଲେ । ଅସହ୍ୟ ପୀଡା ରେ ଅନୁତପ୍ତ ଶାମ୍ବ ଋଷିଙ୍କୁ କ୍ଷମାଯାଚନା କରି ଅନେକ କାକୁତି ମିନତି କରିବା ପରେ ସେଥିରୁ ମୁକ୍ତ ହେବା ଉପାୟ ବତାଇଥିଲେ ମହର୍ଷି ଦୁର୍ବାସା.... " ବାର ବର୍ଷ କାଳ ସାଗର କୂଳରେ ଏକାଗ୍ରଚିତ୍ତ ହୋଇ ସୂର୍ଯ୍ୟ ଦେବତାଙ୍କୁ ଆରାଧନା କର, ସେ ହିଁ ତାଙ୍କର ତେଜରେ ମୁକ୍ତି ଦେବେ ତୁମକୁ ଏଇ ବ୍ୟାଧିରୁ ...." । ଅନୁତପ୍ତ କୁଷ୍ଠ ରୋଗାକ୍ରାନ୍ତ ଶାମ୍ବ ପୂର୍ବ ମୁଖା ହୋଇ ଚାଲି ଚାଲି ଆସି ସାଗର କୂଳର ଏହି ସ୍ଥାନରେ ପହଞ୍ଚିଥିଲେ ।ରୋଗ ଜ୍ୱାଳା ରୁ ତାଙ୍କୁ କିଛି ଆଶ୍ୱସ୍ତି ମିଳିଥିଲା ଏହି ସ୍ଥାନରେ । ତେଣୁ ଏଠାରେ ବାର ବର୍ଷ କାଳ ଏକପାଦରେ ଠିଆ ହୋଇ ଶାମ୍ବ କଠୋର ତପସ୍ୟା କରିଥିଲେ ସୂର୍ଯ୍ୟ ନାରାୟଣ ଙ୍କୁ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ସୂର୍ଯ୍ୟ ଦେବତା ତାଙ୍କୁ ଏହି ରୋଗରୁ ମୁକ୍ତି ଦେଇଥିବାରୁ ତାଙ୍କ ସମ୍ମାନାର୍ଥେ ସେ ଏହି କ୍ଷେତ୍ର କୁ ଅର୍କ କ୍ଷେତ୍ର ନାମରେ ନାମିତ କରି ଏଇ ଅପୂର୍ବ ସୁନ୍ଦର ମନ୍ଦିର ଟି ନିର୍ମାଣ କରିଥିଲେ। କୋଣାର୍କ ସୂର୍ଯ୍ୟ ମନ୍ଦିର ନିର୍ମାଣ ବିଷୟରେ ଆହୁରି ଗୋଟିଏ ସୁନ୍ଦର ଜନଶ୍ରୁତି ରହିଛି। ଏହି ମନ୍ଦିର ତିଆରି କରିଥିବା ବାରଶହ ବଢେଇ ଙ୍କ ମଧ୍ୟରେ ମୁଖ୍ୟ ଶିଳ୍ପୀ ଥିଲେ ଶିଶୁ ମହାରଣା। ମନ୍ଦିର ର ଦଧିନଉତି ଟି ବସାଇବାକୁ ସମସ୍ତ ଶିଳ୍ପୀ ଅସଫଳ ହୋଇଥିବା ବ୍ଲେଳେଶୁ ମହାରଣାଙ୍କ ୧ବର୍ଷ ର ପୁଅ ଧର୍ମପଦ ସେହି କାମଟି ଅନାୟାସରେ କରିପାରିଥିଲା। ବାରଶହ ବଢେଇ ଙ୍କ ସମ୍ମାନ ରକ୍ଷା କରିବାକୁ ଯାଇ ମନ୍ଦିର ଚୂଡା ରୁ ସମୁଦ୍ରକୁ ଡେଇଁ ନିଜର ପ୍ରାଣବଳି ଦେଇଥିଲା। ଧର୍ମପଦ ର ସେହି ବଳିଦାନ ର କାହାଣୀ ଆଜି ମଧ୍ୟ ଲୋକମୁଖରେ ହୁଳ ପ୍ରସାରିତ।

ବାୟାଚକଡା ର ଅନୁଲିପି ମତେ ମନ୍ଦିର ର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇ ସୂର୍ଯ୍ୟ ଦେବତାଙ୍କ ବିଗ୍ରହ ପ୍ରତିଷ୍ଠା ହୋଇଥିଲା ବାରଶହ ଛପନ ଖ୍ରୀ: ଅ : ରେ ମାଘମାସ ଶୁକ୍ଳ ପକ୍ଷ ସପ୍ତମୀ ତିଥିରେ ଏହା ଏକ ରବିବାର ଥିଲା। ଏଣୁ ଏହି ଦିନ ଟିକୁ ମହାପୁଣ୍ୟ ର ତିଥି ଭାବରେ ଗ୍ରହଣ କରାଯାଏ। ଆଜି ମଧ୍ୟ ଚନ୍ଦ୍ରଭାଗା ରେ ଏହି ଦିନରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ବୁଡ ପକାଇ ଥାଆନ୍ତି ।

ଐତିହାସିକ ତଥ୍ୟ ଅନୁସାରେ ପନ୍ଦର ଶହ ଆଠ ଖ୍ରୀଷ୍ଟାବ୍ଦ ରେ କଳା ପାହାଡ଼ ଓଡ଼ିଶା ଆକ୍ରମଣ କରି କୋଣାର୍କ ମନ୍ଦିର ସମେତ ଓଡ଼ିଶାର ଅନେକ ମନ୍ଦିରକୁ ଧ୍ୱସ୍ତ ବିଧ୍ୱସ୍ତ କରି ଦେଇଥିଲା ।ମାଦଳା ପାଞ୍ଜି ମତେ ୧୫୬୮ ଖ୍ରୀଷ୍ଟାବ୍ଦରେ କଳାପାହାଡ଼ ଓଡ଼ିଶା ଆକ୍ରମଣ କରିଥିଲା । କୋଣାର୍କ ମନ୍ଦିର ଭାଙ୍ଗିବା ସହଜ ନଥିଲା , କାରଣ ଦେଉଳର ମୋଟେଇ ୨୦ ରୁ ୨୫ ଫୁଟ ଥିଲା । କୌଣସି ଉପାୟରେ ସେ କୋଣାର୍କ ମନ୍ଦିରର ଦଧିନଉତିକୁ ସ୍ଥାନାନ୍ତରିତ କରିବାରେ ସଫଳ ହେବାରୁ ପୂରା ଦେଉଳଟି ଭାଙ୍ଗିପଡ଼ିଲା । ମନ୍ଦିର ମୁଖଶାଳାର ଚୂଡ଼ାରେ ଅନେକ ପଥର ପଡ଼ିବାରୁ ତାହା ମଧ୍ୟ କେତେକାଂଶରେ ଭାଙ୍ଗି ଯାଇଥିଲା । କଳାପାହାଡ଼ ମନ୍ଦିରର ଅନେକ ମୂର୍ତ୍ତି ଓ ପାର୍ଶ୍ୱ ଦେଉଳକୁ ମଧ୍ୟ ଧ୍ୱଂସ କରିଦେଇଥିବାର ତହିଁରେ ଉଲ୍ଲେଖ ରହିଛି । ୧୬୨୬ ଖ୍ରୀଷ୍ଟାବ୍ଦରେ ଖୋରଧାର ତତ୍କାଳୀନ ରାଜା ନରସିଂହ ଦେବ (ପୁରୁଷୋତ୍ତମ ଦେବଙ୍କର ପୁତ୍ର) ସୂର୍ଯ୍ୟ ଦେବତାଙ୍କ ମୂର୍ତ୍ତି, ଅନ୍ୟ ଦୁଇଟି ଭ୍ରାମ୍ୟମାଣ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ମୂର୍ତ୍ତି ସହିତ ପୁରୀକୁ ନେଇ ଯାଇଥିଲେ । ଏବେ ସେହି ମୂର୍ତ୍ତିମାନେ ଜଗନ୍ନାଥ ମନ୍ଦିର ବେଢ଼ାରେ ଥିବା ଏକ ମନ୍ଦିରରେ ପୂଜା ପାଉଛନ୍ତି । କୋଣାର୍କ ମନ୍ଦିର ମୁଖଶାଳାରେ ଏକ ବିଶାଳ ଶିଳାଖଣ୍ଡରେ ନିର୍ମିତ ଏକ ନବଗ୍ରହ ମୂର୍ତ୍ତି ରହିଥିଲା । ଖୋର୍ଦ୍ଧାର ତତ୍କାଳୀନ ରାଜା ଏହାକୁ ସ୍ଥାନାନ୍ତରିତ କରିଥିଲେ । ସେ ଏହାକୁ ପୁରୀ ଜଗନ୍ନାଥ ମନ୍ଦିର ରେ ଖଞ୍ଜିଥିଲେ । ୧୭୭୯ରେ ଜଣେ ମରାଠା ସାଧୁ ଏଠାକାର ଅରୁଣ ଖମ୍ବକୁ ନେଇ ପୁରୀ ଜଗନ୍ନାଥ ମନ୍ଦିର ସିଂହଦ୍ୱାର ସାମନାରେ ସ୍ଥାପନା କରାଇଥିଲେ । ତେଣୁ ଅଷ୍ଟାଦଶ ଶତାବ୍ଦୀର ଶେଷ ଆଡ଼କୁ କୋଣାର୍କ ମନ୍ଦିର ଧୀରେ ଧୀରେ ପରିତ୍ୟକ୍ତ ହୋଇ ଜଙ୍ଗଲ ଓ ବାଲିରେ ଲୁପ୍ତ ହୋଇ ହିଂସ୍ର ଜନ୍ତୁ ଓ ଦସ୍ୟୁମାନଙ୍କର ଆଡ୍ଡାସ୍ଥଳୀରେ ପରିଣତ ହୋଇଥିଲା । ଆହୁରି ମଧ୍ୟ ଜନଶ୍ରୁତି ରହିଛି ଯେ ଦଧିନଉତି ବା ମନ୍ଦିର ଚୂଡ଼ାରେ ୫୨ ମେଟ୍ରିକ ଟନର ଏକ ବିଶାଳ ଚୁମ୍ବକ ଖଞ୍ଜା ଯାଇଥିଲା ଯାହାକୁ ବାରଶହ ବଢେଇ କରି ପାରି ନଥିଲେ, ତାହା ବାରବର୍ଷର ଶିଳ୍ପୀପୁତ୍ର ଧରମା କରି ଦେଖାଇଥିଲା । ଏହି ଚୁମ୍ବକ କାରଣରୁ ଦେଉଳଟି ସମୁଦ୍ର କୂଳର ପ୍ରତିକୂଳତାରେ ପ୍ରଭାବିତ ନ ହୋଇ ମଜବୁତ ହୋଇ ଠିଆ ହୋଇ ପାରିଥିଲା । ମୁଖ୍ୟ ପ୍ରତିମା କୌଣସି ସିଂହାସନରେ ବସି ନ ଥିଲେ। ଖଞ୍ଜା ଯାଇଥିବା ଅନେକ ଚୁମ୍ବକର ଶକ୍ତି ବଳରେ ଏହା ଶୂନ୍ୟରେ ଭାସମାନ ଥିଲେ । ମନ୍ଦିରକୁ ଏମିତି ଭାବରେ ନିର୍ମାଣ କରା ଯାଇଥିଲା ଯେପରିକି ସୂର୍ଯ୍ୟଙ୍କର ପ୍ରଥମ କିରଣ ନାଟମନ୍ଦିର ଦେଇ ଗର୍ଭଗୃହସ୍ଥ ମୁଖ୍ୟ ପ୍ରତିମାଙ୍କ ନାଭିରେ ସଂଯୁକ୍ତ ହୀରାରେ ପ୍ରତିଫଳିତ ହେଉଥିଲା। ଏହା ସକାଳୁ ସକାଳୁ ଅଳ୍ପ କେଇ ମିନିଟ ପାଇଁ ଦେଖିବାକୁ ମିଳୁଥିଲା। ପରବର୍ତ୍ତୀ କାଳରେ କେନ୍ଦ୍ରରେ ଖଞ୍ଜାଯାଇଥିବା ଚୁମ୍ବକକୁ ଇଂରେଜମାନେ ବାହାର କରି ନେଇ ଯାଇଥିଲେ । ପର୍ତ୍ତୁଗୀଜମାନେ ନିଜ ଜାହାଜର ସୁରକ୍ଷା ପାଇଁ କେନ୍ଦ୍ରସ୍ଥ ଚୁମ୍ବକ ଯାହା ଦେଉଳର ଅନ୍ୟାନ୍ୟ ଚୁମ୍ବକକୁ ସନ୍ତୁଳିତ କରି ରଖିଥିଲା ତାକୁ ବାହାର କରି ନେଇଯିବା ଦ୍ୱାରା ନିଜର ଭାରସାମ୍ୟ ହରାଇ ଗର୍ଭ ଗୃହ ଧ୍ୱଂସପ୍ରାପ୍ତ ହୋଇଯାଇଥିଲା।

ନୂଆବଜାର, କଟକ
ମୋ:୯୩୩୭୨୭୨୬୪୭

# ପୂର୍ବତନ ନୌସେନା ଅଧିକାରୀଙ୍କୁ ଆଶ୍ୱସ୍ତି

ସୌଭାଗ୍ୟ ରଂଜନ ମହାନ୍ତି

୮ଜଣ ପୂର୍ବତନ ଭାରତୀୟ ନୌସେନା ଅଧିକାରୀଙ୍କ ମୃତ୍ୟୁ ଦଣ୍ଡ ଦେଶକୁ ବଜାରର ଅପିଲ କୋର୍ଟ କୋହଳ କରିବା ନିଷ୍ପତି କେବଳ ସେମାନଙ୍କ ପାଇଁ ଏବଂ ସେମାନଙ୍କ ପରିବାର ବର୍ଗଙ୍କ ପାଇଁ ଆଶ୍ୱସ୍ତିର କାରଣ ହୋଇନାହିଁ। ଏହି ଘଟଣାରେ ସେମାନଙ୍କୁ କ୍ଷମା ପ୍ରଦାନ ପାଇଁ କୁଟନୈତିକ ସ୍ତରରେ ପ୍ରୟାସ ଜାରି ରଖିଥିବା ଭାରତ ସରକାରଙ୍କ ପାଇଁ ମଧ୍ୟ ଆଶ୍ୱସ୍ତିର କାରଣ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଗୁପ୍ତରେ ବୃତି ଅଭିଯୋଗରେ ୮ଜଣ ପୂର୍ବତନ ଭାରତୀୟ ନୌସେନା ଅଧିକାରୀଙ୍କୁ ବଜାରର ଏକ ଅଦାଲତ ଦୋଷୀ ସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ଅଦାଲତର ଏହି ନିଷ୍ପତି ବିରୁଦ୍ଧରେ ଭାରତ ସରକାର ସେମାନଙ୍କୁ କ୍ଷମା ପ୍ରଦାନ ପାଇଁ କୁଟନୈତିକ ସ୍ତରରେ ଉଦ୍ୟମ ଜାରି ରଖିଥିବାବେଳେ ଅଭିଯୁକ୍ତଙ୍କ ପରିବାର ଉପର କୋର୍ଟରେ ଅପିଲ କରିଥିଲେ। କହିବା ବାହୁଲ୍ୟ ଯେ, ୮ଜଣ ପୂର୍ବତନ ନୌସେନା ଅଧିକାରୀଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ, ସେମାନଙ୍କୁ ଗିରଫ କରାଯାଇ ଜେଲରେ ରଖାଯିବା ଏବଂ ଅପିଲ କୋର୍ଟ ରାୟ ସଂକ୍ରାନ୍ତୀୟ ବିବରଣୀ ବର୍ତ୍ତମାନ ସୁଦ୍ଧା ସାର୍ବଜନୀନ ହୋଇନଥିବା ବେଳେ ସେମାନଙ୍କୁ ଆଜୀବନ କାରାଦଣ୍ଡ ଦେବା ନିଶ୍ଚିତ ଭାବେ ନୈରାଶ୍ୟଜନକ। ତେବେ ସେମାନଙ୍କ ପରିବାର ଆଇନଗତ ଲଢେଇ ଜାରି ରଖିବା ସହ ସେମାନେ ନିର୍ଦ୍ଦେଶର ପ୍ରମାଣ ସହ ଏକ ରିଭ୍ୟୁ ପିଟିସନ କତାରର ସର୍ବୋଚ୍ଚ ଅଦାଲତରେ ଦାୟର କରିବା ଜରୁରୀ। କେବଳ ଏତିକି ନୁହେଁ, କତାରର ବିଚାର ବ୍ୟବସ୍ଥାରେ ସମସ୍ତ ମାର୍ଗକୁ ମଧ୍ୟ ପରିବାର ବର୍ଗ ଆଧାର କରିବା ଆବଶ୍ୟକ। ପ୍ରଥମତଃ କତାରର ସର୍ବୋଚ୍ଚ ଶାସକ ଶେଖ ତାମିମ ବିନ୍ ହମାଦ ଅଲ-ଆନିଙ୍କ ନିକଟରେ ଦଣ୍ଡାଦେଶ ବିରୁଦ୍ଧରେ ରିଭ୍ୟୁ ପିଟିସନ ଆବେଦନ କରିବା ଉଚିତ। ଏହା ଯଦି ବିଫଳ ହୁଏ, ତେବେ କ୍ଷମା ପ୍ରାର୍ଥନା କରିବା ଜରୁରୀ। ଅତୀତରେ ବହୁଘଟଣାରେ ସର୍ବୋଚ୍ଚ ଶାସକ କ୍ଷମା ପ୍ରଦାନ କରିଥିବାର ନଜିର ରହିଛି। ଆହୁରି ମଧ୍ୟ ୨୦୧୫ ମସିହାରେ ଭାରତ-କତାର ମଧ୍ୟରେ ସ୍ୱାକ୍ଷରିତ ଦ୍ୱିପାକ୍ଷିକ ରାଜିନାମା ଅନୁଯାୟୀ ସେମାନଙ୍କୁ ସ୍ୱଦେଶକୁ ପ୍ରତାର୍ପଣ କରାଯାଇପାରିବ। କୁହାଯାଇଛି ଯେ, କୋପ୍-୨୮ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କତାରର ସର୍ବୋଚ୍ଚ ଶାସକଙ୍କ ସାକ୍ଷାତ ଆଲୋଚନାର ଫଳ ସ୍ୱରୁପ ସେମାନଙ୍କ ଦଣ୍ଡାଦେଶ କୋହଳ ହୋଇଛି। ଏଥିରେ ଦୁବାଇ ବିଶେଷ ସହାୟତା କରିଥିବା କୁହାଯାଏ। ଯଦି ଭାରତ ସରକାର ସେମାନଙ୍କୁ ୨୦୨୨ ଅଗଷ୍ଟରେ ଗିରଫ କରାଯିବା ପରେ କୁଟନୈତିକ ସ୍ତରରେ ପ୍ରୟାସ ଜାରି ରଖିଥାନ୍ତେ, ତେବେ ପରିସ୍ଥିତି ବୋଧହୁଏ ଏପରି ହୋଇନଥାନ୍ତା। କିନ୍ତୁ ଏବେ ଇସ୍ରାଏଲ-ହମାସ ମଧ୍ୟରେ ଲାଗିଥିବା ଯୁଦ୍ଧର ଏହା ପ୍ରତିଫଳନ ହୋଇଥିବା ଆଶଙ୍କାଙ୍କୁ ଅସ୍ୱୀକାର କରାଯାଇନପାରେ। କହିବା ବାହୁଲ୍ୟ ଯେ, ୨୦୨୨ ଅଗଷ୍ଟରେ ସେମାନଙ୍କୁ ଗିରଫ କରାଯାଇଥିଲା ବେଳେ ଅଦାଲତ ମାମଲାର ଶୁଣାଣୀ କରି ୨୦୨୩ ଅକ୍ଟୋବର ୨୭ରେ ରାୟ ଘୋଷଣା କରିଥିଲେ। ଏହା ପୂର୍ବରୁ ଅକ୍ଟୋବର ୭ତାରିଖ ଦିନ ଠାରୁ ଇସ୍ରାଏଲ-ହମାସ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ଇସ୍ରାଏଲ ସହ ଭାରତର ସମ୍ପର୍କ ନିବିଡ ହୋଇଥିବାବେଳେ କତାର ହମାସର ରାଜନୈତିକ ନେତୃତ୍ୱକୁ ସମର୍ଥନ ଦେଇଆସୁଛି। ହମାସର ଆକ୍ରମଣକୁ ଭାରତ ଦୃଢ ବିରୋଧ କରିବା କରିଥିବାବେଳେ ଜାତିସଂଘର ଇସ୍ରାଏଲର ଗାଜା ଉପରେ ଆକ୍ରମଣକୁ ନିନ୍ଦା ପ୍ରସ୍ତାବରେ ମତଦାନରୁ ବିରତ ରହିଥିଲା। ଇସ୍ରାଏଲ-ହମାସ ଯୁଦ୍ଧରେ ୮ଜଣ ପୂର୍ବତନ ଭାରତୀୟ ନୌସେନା ଅଧିକାରୀଙ୍କ ଜୀବନ ବାଜିରେ ଲାଗିଯାଇଥିବା ଆଶଙ୍କାଙ୍କୁ ଅଣଦେଖା କରାଯାଇନପାରେ। ତେବେ ସବୁଠାରୁ ଉଦବେଗର ପ୍ରସଙ୍ଗ ହେଉଛି, ପଶ୍ଚିମ ଏସୀଆ ଏବଂ କତାର ମଧ୍ୟରେ ସମ୍ପର୍କ। କତାରରେ ଏବେ ୮ଲକ୍ଷରୁ ଅଧିକ ଭାରତୀୟ ବାସ କରିବା ସହ ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ଇସ୍ରାଏଲ ହମାସ ଯୁଦ୍ଧ ପରିପ୍ରେକ୍ଷୀରେ ଭାରତୀୟଙ୍କ ଜୀବନ ଆଶଙ୍କା ମଧ୍ୟରେ ରହିଛି। ନିକଟରେ ହୁଥି ଆତଙ୍କବାଦୀ ସଂଗଠନ ଭାରତୀୟ ନାବିକମାନଙ୍କୁ ଟାର୍ଗେଟ କରିଥିଲେ। ଏହିଭଳି ଘଟଣା ଆଗକୁ ବଢିବା ଆଶଙ୍କାଙ୍କୁ ମଧ୍ୟ ଏଡାଇ ଦିଆଯାଇନପାରେ। ବିଦେଶ ମାଟିରେ ଗୁପ୍ତଚର ବୃତ୍ତିରେ ପୂର୍ବତନ ଭାରତୀୟ ନୌସେନା ଅଧିକାରୀ ମୃତ୍ୟୁଦଣ୍ଡାଦେଶ ପାଇବା ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ପାକିସ୍ଥାନର ସାମରିକ ଅଦାଲତ ନୌସେନାର ଜଣେ ପୂର୍ବତନ ଅଧିକାରୀଙ୍କୁ ଫାଶୀଦଣ୍ଡାଦେଶ ଦେଇଥିଲା। ଯାହା ବିରୁଦ୍ଧରେ ଭାରତ ବିଶ୍ୱ ଅଦାଲତରେ ଲଢେଇ ଜାରି ରଖିଛି ବିଶ୍ୱ ଅଦାଲତ ଫାଶୀ ଦଣ୍ଡାଦେଶକୁ ରଦ୍ଦ କରିଦେଇଥିଲେ ମଧ୍ୟ ସେ ଏବେ ବି ପାକିସ୍ଥାନ ଜେଲରେ ରହିଛନ୍ତି। ଏହା ନିଶ୍ଚିତ ଯେ, ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ଜୀବନ ମୂଲ୍ୟବାନ ତେବେ ସେନା ସହ ଜଡିତ ରହିଥିବା ଭାରତୀୟ ଯବାନଙ୍କ ଜୀବନର ମୂଲ୍ୟ ଅଧିକ, ଏଥିରେ ସନ୍ଦେହ ନାହିଁ। ଏଭଳି ସ୍ଥିତିରେ ଅବସର ଗ୍ରହଣ କରିଥିବା କୌଣସି ଯବାନ କିମ୍ବା ସେନା ଅଧିକାରୀ ଅନ୍ୟ କୌଣସି ଦେଶର କମ୍ପାନୀ ବା ସଂସ୍ଥାରେ କାର୍ଯ୍ୟ କରିବା ଉଚିତ ନୁହେଁ। ଏଭଳି କମ୍ପାନୀ ସହ କାର୍ଯ୍ୟ କରିବା ଉଚିତ, ଯେଉଁମାନେ ଭାରତୀୟ ମୂଲ୍ୟବୋଧ ପ୍ରତି ଜଡିତ ଥିବେ। ସେହିପରି ପୂର୍ବତନ ଭାରତୀୟ ସେନା ଅଧିକାରୀମାନେ ଏଭଳି କୌଣସି କାର୍ଯ୍ୟ କରିବା ଉଚିତ ନୁହେଁ, ଯାହା ଦେଶର ସମ୍ମାନ ହାନୀ କରିବ। ଆହୁରି ମଧ୍ୟ ଭାରତ ପ୍ରତି ବିଦ୍ୱେଷ ରଖିଥିବା ଅଫିସର କିମ୍ବା ବିଚାରପତି ବିଶ୍ୱରେ ଅଭାବ ନାହାଁନ୍ତି, କତାର ଓ ପାକିସ୍ଥାନ ଘଟଣା ସଂକେତ ପ୍ରଦାନ କରେ।

ଭୁବନେଶ୍ୱର
ମୋ: ୯୪୩୭୯୯୪୩୭୯

# ଓଡ଼ିଶାରେ ମିଲେଟ ମିଶନ

ବାଦଲ ଭୂୟାଁ

ଯୁଗ ଯୁଗରୁ ମିଲେଟ ବା ପୁଷ୍ଟି ଶସ୍ୟ ଆମ ଖାଦ୍ୟପେୟର ଏକ ଅଂଶବିଶେଷ ହୋଇ ରହି ଆସିଛି। ମୁଖ୍ୟତଃ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଏହାକୁ ଚାଷ କରନ୍ତି। ଏବେ ଏହି ପୁଷ୍ଟିଯୁକ୍ତ ଶସ୍ୟ ବିଶ୍ୱ ଦରବାରରେ ପହଞ୍ଚାଇବାର ସମୟ ଆସିଛି। ରାଜ୍ୟ ସରକାର ମିଲେଟ୍ସ ମିଶନ ଏବଂ ତତ୍ ସମ୍ବନ୍ଧୀୟ ଉଦ୍ୟୋଗ ଓ ଜୀବଜୀବିକାର ସାଧନ ଲାଗି ୨୫୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ୨୦୧୭ ମସିହାରେ ରାଜ୍ୟ ସରକାର ମିଲେଟ ମିଶନର ଶୁଭାରମ୍ଭ କରିଥିଲେ। ଏବେ ଏହା ମିଳିତ ଜାତିସଂଘର ଅନୁମୋଦନ ଲାଭ କରିଛି। ୨୦୨୩ ମସିହାକୁ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବର୍ଷ ଭାବେ ଜାତିସଂଘ ଘୋଷଣା କରିଛନ୍ତି। ଏହା ଫଳରେ ବିଶ୍ୱସ୍ତରରେ ଏହି ଶସ୍ୟ ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷିତ ହୋଇଛି। ମିଲେଟ୍ସକୁ ନେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଉଦ୍ୟୋଗ କରିବାରେ ସଫଳ ହୋଇଛନ୍ତି। ଏହାଦ୍ୱାରା ଆଦିବାସୀ ସମ୍ପ୍ରଦାୟ ସଶକ୍ତ ହୋଇଛି। ରାଜ୍ୟ ସରକାର ମିଲେଟ ପ୍ରତି ସଚେତନତା ସୃଷ୍ଟି କରି ନାଗରିକମାନଙ୍କ ମଧ୍ୟରେ ସକାରାତ୍ମକ ଦୃଷ୍ଟିକୋଣ ବିକଶିତ କରିବାକୁ ଯୋଜନା କରିଛନ୍ତି। ଓଡ଼ିଶାରେ ମାଣ୍ଡିଆ, ସୁଆଁ ଭଳି ପୁଷ୍ଟିଶସ୍ୟ ବେଶ ପରିଚିତ ଥିବାବେଳେ ଏହାର ବ୍ୟବହାର ବଢ଼ାଇବା ଲାଗି ସରକାର ମେଡ଼ିକାଲ ଠାରୁ ସ୍କୁଲ ପର୍ଯ୍ୟନ୍ତ ଏହାକୁ ଖାଦ୍ୟରେ ସାମିଲ କରିଛନ୍ତି।

ପୁଷ୍ଟିଶସ୍ୟର ପୁନରୁଦ୍ଧାର କରିବା ସହିତ ଏହାକୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଓଡ଼ିଶା ସରକାର ଉଭୟ ପ୍ରଶାସନ ଓ ସମାଜକୁ ନେଇ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି ମହତ ପ୍ରୟାସ ସହିତ ପ୍ରତ୍ୟେକ ସାଧାରଣ ଲୋକର ଖାଇବା ଥାଳିରେ ମିଲେଟ ଭଳି ଏକ ସର୍ବୋତ୍ତମ ଖାଦ୍ୟ ପହଞ୍ଚାଇବାକୁ ଆମ ରାଜ୍ୟ ସର୍ବୋତ୍ତମ ଭାବେ କାର୍ଯ୍ୟ କରିବ। ମିଲେଟ ଓ ମିଲେଟ ଭିତ୍ତିକ ଉଦ୍ୟୋଗ ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ସରକାରଙ୍କର ଉଦ୍ଦେଶ୍ୟ।

ଆମେ ଓଡ଼ିଶା ମିଲେଟ ମିଶନ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ସହିତ ନାଗରିକମାନଙ୍କ ମଧ୍ୟରେ ଏକ ସକାରାତ୍ମକ ଦୃଷ୍ଟିକୋଣ ବିକଶିତ କରି ରାଜ୍ୟ ସ୍ୱାସ୍ଥ୍ୟ ସୂଚକାଙ୍କକୁ ଉନ୍ନତି କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛୁ। ଏହି ଅନନ୍ୟ ଶସ୍ୟ ଆଜିର ସମାଜରେ ତାର ଯୋଗ୍ୟ ସ୍ୱୀକୃତି ଫେରିପାଇବ ଏବଂ ସୁସ୍ଥ ଜୀବନ ଯାପନ କରିବାରେ ଆମ୍ଭମାନଙ୍କୁ ସହାୟକ ହେବ ବୋଲି ଆଶା ରହିଛି। ଓଡ଼ିଶାରେ ମିଲେଟର ସଫଳତା ଓ ରାଜ୍ୟ ସରକାରଙ୍କ କୃଷି କ୍ଷେତ୍ରର ବ୍ୟାପକ ବିକାଶ ପାଇଁ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦକ୍ଷନିଷ୍ଠ ଓ ନିଃସ୍ୱାର୍ଥପର ଦୂରଦର୍ଶୀପୂର୍ଣ୍ଣ ଭିଜନ ଦାୟୀ। ଓଡ଼ିଶାର କୃଷି କ୍ଷେତ୍ର ଆଜି ବ୍ୟାପକ ବିକାଶ କରିଛି ଓ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଏ ନେଇ କେନ୍ଦ୍ର ସରକାର ଓ ବିଶ୍ୱର ବିଭିନ୍ନ ଦରିଆପାରି ସଂଗଠନ ଓ ଅନ୍ୟାନ୍ୟ ସଂଗଠନ ଠାରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ ମଧ୍ୟ ହୋଇଛି। ଏଣିକି ହସ୍ପିଟାଲ କ୍ୟାଣ୍ଟିନରେ ମିଲେଟରେ ପ୍ରସ୍ତୁତ ଖାଦ୍ୟ ମିଳିବାର ବ୍ୟବସ୍ଥା ହୋଇଛି। ତା ସହିତ ସମଗ୍ର ଦେଶରେ ଥିବା ନାମୀ ରେଷ୍ଟୁରାଣ୍ଟ ଚେନ ୱାଓ ମୋମୋ ଆଉଟଲେଟରେ ମିଲେଯ ବା ମାଣ୍ଡିଆରୁ ତିଆରି ମୋମୋ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ମିଳିବ। ହସ୍ପିଟାଲ ଗୁଡ଼ିକରେ ରୋଗୀଙ୍କୁ ମିଲେଟ ଖାଦ୍ୟ ଦେବା ଦ୍ୱାରା ଏହା ସ୍ୱାସ୍ଥ୍ୟ ପାଇଁ ଲାଭଜନକ ହେବ। ଏଥିଲାଗି ସରକାର ସମସ୍ତ ଘରୋଇ କର୍ପୋରେଟ ମେଡ଼ିକାଲ ସହିତ ସରକାରୀ ମେଡ଼ିକାଲରେ ମିଲେଟ ଖାଦ୍ୟ ପ୍ରଦାନ କରିବାକୁ ଯୋଜନା କରିଛନ୍ତି। ରାଜ୍ୟରେ ଗତ ବର୍ଷ ୬ଲକ୍ଷ ମେଟ୍ରିକ ଟନ ମିଲେଟ ସଂଗ୍ରହ କରାଯାଇଛି। ୩୦ ଜିଲ୍ଲାର ୧୭୭ ବ୍ଲକରେ ଏଥର ମିଲେଟ ଚାଷ କରାଯାଉଛି। ଅନ୍ୟପଟେ ରାଜ୍ୟରେ ଅଢ଼େଇ ଲକ୍ଷ ହେକ୍ଟର ଜାଗାରେ ଚାଷ ହୋଇଛି। ଆଉ ଦୁଇ ଲକ୍ଷ ଚାଷୀ ଏଥିରେ ଯାଡ଼ି ହୋଇଛନ୍ତି। ମିଲେଟ ଚାଷକୁ ପ୍ରୋତ୍ସାହନ ଦେବା ଲାଗି ସରକାର ଏମଏସପି ନିର୍ଦ୍ଧାରଣ କରିଛନ୍ତି। ଯାହା ଆଗାମୀ ଦିନରେ ଏହି ଚାଷକୁ ଆଗକୁ ନେବ। ନିକଟରେ ଭୁବନେଶ୍ୱରର ଜନତା ମଇଦାନରେ ଦୁଇ ଦିନିଆ ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀରେ ଅନୁଷ୍ଠି ହୋଇଥିଲା ଯେଉଁଥିରେ ମିଲେଟ ଚାଷ ପ୍ରକ୍ରିୟାକରଣରେ କୃଷକ ମାନଙ୍କର ସଂପୃକ୍ତିରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ, ରନ୍ଧନ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

ଜାମସେଦପୁର,
ମୋ : ୭୪୮୮୯୯୮୫୩୨

## ସଂପାଦକଙ୍କୁ ପତ୍ର

### ହଇରାଣ ନ ହୁଅନ୍ତୁ ଚାଷୀ

ମହାଶୟ,


ବର୍ତ୍ତମାନ ସମୟରେ ପ୍ରତ୍ୟେକଟି ମଣ୍ଡି ଦଲାଲଙ୍କ କବଜାରେ ରହିଆସିଛି । ପ୍ରକୃତରେ ମଣ୍ଡିରେ ଦଲାଲମାନଙ୍କର ଆଧିପତ୍ୟ ବହୁଳ ମାତ୍ରାରେ ଦେଖିବାକୁ ମିଳିଥାଏ । ଚାଷୀ ନିଜର ସରଳତା ଓ ଅସହାୟତା ପାଇଁ ଖୁବ୍ ସହଜରେ ଦଲାଲଙ୍କ ଜାଲରେ ଫସିଯାଏ । ବହୁ କମ୍ ମୂଲ୍ୟରେ ଦଲାଲମାନେ ଚାଷୀଙ୍କ ଠାରୁ ଫସଲ କିଣି ନିଅନ୍ତି । ତେଣୁ ଚାଷୀ ନିଜ ଫସଲର ଉଚିତ ମୂଲ୍ୟ ପାଇପାରି ନ ଥାଏ । ଅପରପକ୍ଷେ ଚାଷୀଙ୍କ ସକାଶେ ଖୁବ୍ କମ୍ ସମୟରେ ଏସବୁ ଦଲାଲ ମାଲାମାଲ୍ ହୋଇଯା'ନ୍ତି । ଫକିରରୁ ରାତାରାତି ମାଲିକ ବନି ଯାଆନ୍ତି । ଚାଷୀଙ୍କର ବସା କିନ୍ତୁ ଯେଉଁ ଝୁପୁଡି କି ସେଇ ଝୁପୁଡିରେ ରହିଯାଏ, ହେଲେ ଚାଷୀର ପରିଶ୍ରମ ଲବ୍ଧ ଅର୍ଥକୁ ନିଜ ମୁଣିରେ ପୂରାଇ ଦଲାଲମାନେ କୋଠା ଉପରେ କୋଠା ନିର୍ମାଣ କରି ଚାଲନ୍ତି । ଆମଦେଶର ଗରିବ, ନିରିହ, ଅଶିକ୍ଷିତ ଚାଷୀ ବିଭିନ୍ନ କାଗଜପତ୍ର ତଥା ଲେଖାପଢାର ଜଟିଳତା ମଧ୍ୟରେ ନ ପଶି ଋଣ ପାଇଁ ବ୍ୟାଙ୍କ୍ ବଦଳରେ ଏସବୁ ଦଲାଲଙ୍କ ଉପରେ ନିର୍ଭର କରିବାକୁ ବାଧ ହୋଇଯା'ନ୍ତି । ମଣ୍ଡି ବ୍ୟବସ୍ଥା ଆରମ୍ଭ ହେବା ମାତ୍ରେ ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀ ମାଲେମାଲ ହୋଇଯାଉଛନ୍ତି । ବର୍ତ୍ତମାନର ଟୋକନ ବ୍ୟବସ୍ଥାରେ ଚାଷୀ ହତାଶ ହେଉଥିବା ବେଳେ ଏଭଳିକି ନିଜର ଧାନ ବିକ୍ରିକରି ପାରୁନଥିବା ବେଳେ କଳା ବ୍ୟବସାୟୀମାନେ କିଭଳି ନିର୍ବିଘ୍ନରେ କମ୍ ଦରରେ ଚାଷୀଙ୍କଠାରୁ ଧାନ କିଣି ଏହି ମଣ୍ଡିରେ ଉଚ୍ଚ ଦରରେ ବିକ୍ରି କରିପାରୁଛନ୍ତି । ଏହା ଦ୍ୱାରା ସରକାରଙ୍କ ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ ଚାଷ ପାଖକୁ ନ ଯାଇ ଦଲାଲ, କର୍ମଚାରୀମାନେ ଖାଇ ଯାଉଛନ୍ତି । ଏହି ଟୋକନ ବ୍ୟବସ୍ଥା କେତେ ସ୍ୱଚ୍ଛ, ତାହା ଏଥିରୁ ସ୍ପଷ୍ଟ । ତେବେ ଏମାନଙ୍କ ହାତରେ ଏବେ ସବୁକିଛି । ମାନ୍ୟବର ଯୋଗାଣମନ୍ତ୍ରୀ ଏ ଦିଗରେ ତଦନ୍ତ କରି ପ୍ରକୃତ ସତ୍ୟ ଜାଣିପାରିବେ । ମଣ୍ଡିରୁ ଯେଉଁ ଚାଷୀର ଧାନ କିଣାଯାଉଛି, ତାହାର ସେଠାରେ ଫଟୋ ଉଠାଯିବା ଦରକାର ।

ଦିଗମ୍ବର ସାହୁ,
ଚୌଦ୍ୱାର, କଟକ

# ବର୍ଜ୍ୟବସ୍ତୁରେ ଡାକ୍ତରଖାନା ସଂକ୍ରମିତ





ଯାଜପୁର: ରାଜ୍ୟରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ନିୟମ-୨୦୧୬ ଏବଂ ଡାକ୍ତରୀ ବର୍ଜ୍ୟବସ୍ତୁ ପରିଚାଳନା ନିୟମ-୨୦୧୬ର କେତେକାଂଶରେ ଉଲ୍ଲଂଘନ ହେଉଛି। ୨୦୨୩ରେ ଡାକ୍ତରୀ ବର୍ଜ୍ୟବସ୍ତୁ ପରିଚାଳନା ନିୟମର ଉଲ୍ଲଂଘନ କରିଥିବା ୩୯ଟି ସରକାରୀ ଡାକ୍ତରଖାନାକୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ବିଡମ୍ବନା ଯେ, ଏଯାଏ ରାଜ୍ୟର ବିଭିନ୍ନ ଡାକ୍ତରଖାନାର ୨୪,୩୬୫ ଶଯ୍ୟାରୁ ନିର୍ଗତ ଡାକ୍ତରୀ ବର୍ଜ୍ୟବସ୍ତୁ ବିଶୋଧନ ହୋଇ ପାରିନାହିଁ। ଫଳରେ ସମ୍ପୃକ୍ତ ଡାକ୍ତରଖାନାଗୁଡ଼ିକ ଏବେ ବି ସଂକ୍ରମିତ ହେଉଥିବା ଉକ୍ତ ରିପୋର୍ଟରୁ ଜଳଜଳ ଦିଶୁଛି। ଅନ୍ୟପକ୍ଷେ ପ୍ଲାଷ୍ଟିକ ପ୍ରଦୂଷଣ ଦ୍ୱାରା ଜଳ, ବାୟୁ ଏବଂ ବିଭିନ୍ନ ଖାଦ୍ୟ ପଦାର୍ଥ କେତେ ମାତ୍ରାରେ ପ୍ରଭାବିତ ହେଉଛି, ସେ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପାଖରେ ଖବର ନ ଥିବା ଗତ ବିଧାନସଭାର ଏକ ପ୍ରଶ୍ନର ଉତ୍ତରରୁ ସ୍ପଷ୍ଟ ହୋଇଛି। ବିଶେଷକରି ଯାଜପୁର ଜିଲାର ବ୍ୟାସନଗର ସହରକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏଠାରେ ସଂଗ୍ରହ ହେଉଥିବା ବର୍ଜ୍ୟବସ୍ତୁର ଉପଯୁକ୍ତ ପରିଚାଳନା ନ କରି ବ୍ୟାସ ସରୋବର ଅଞ୍ଚଳରେ ପୋଡ଼ି ଦେଉଥିବା ଦେଖିବାକୁ ମିଳିଛି। ଏଭଳି କାର୍ଯ୍ୟ ଆଇନ ବିରୁଦ୍ଧ ହୋଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି। ରୋଗୀ ତଥା ରୋଗୀଙ୍କ ପରିବାରବର୍ଗଙ୍କୁ ସଂକ୍ରମଣରୁ ରକ୍ଷା କରିବାକୁ କମନ ବାୟୋ ମେଡିକାଲ ୱେଷ୍ଟ ଟ୍ରିଟମେଣ୍ଟ ଏବଂ ଡିସ୍‌ପୋଜାଲ ଫେସିଲିଟି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ଓଡ଼ିଶାରେ ୬ଟି ଏହି ବ୍ୟବସ୍ଥା ରହିଛି। ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ମୋଟ ୫୨,୧୪୦ ଶଯ୍ୟା ରହିଛି ଓ ସେଥିରୁ ୫୩.୩ ପ୍ରତିଶତ ଅର୍ଥାତ ୨୭,୭୭୫ଟି ଶଯ୍ୟାରୁ ନିର୍ଗତ ଡାକ୍ତରୀ ବର୍ଜ୍ୟବସ୍ତୁ ଉପରୋକ୍ତ ଫେସିଲିଟି ବ୍ୟବସ୍ଥାରେ ବିଶୋଧନ ହେଉଛି। ଏହି ମର୍ମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ, ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟସେବା କେନ୍ଦ୍ରର ଡାକ୍ତରୀ ବର୍ଜ୍ୟବସ୍ତୁକୁ କମନ ବାୟୋ ମେଡିକାଲ ୱେଷ୍ଟ ଟ୍ରିଟମେଣ୍ଟ ଏବଂ ଡିସ୍‌ପୋଜାଲ ଫେସିଲିଟି ବ୍ୟବସ୍ଥାରେ ବିଶୋଧନ କରାଇବା ଲକ୍ଷ୍ୟ ରହିଛି। ଏଥିପାଇଁ ପଦକ୍ଷେପ ନିଆଯାଉଛି ଓ ଯେଉଁଠାରେ ଉକ୍ତ ବ୍ୟବସ୍ଥା କାର୍ଯ୍ୟକ୍ଷମ ଅଛି, ସେମାନଙ୍କ ସେବା ଅଧିକ ଅଞ୍ଚଳରେ ପହଞ୍ଚାଇବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଅମାତ କହିଛନ୍ତି। ଡାକ୍ତରୀ ବର୍ଜ୍ୟବସ୍ତୁ ପରିଚାଳନା ନିୟମର ବିଭିନ୍ନ ବିଧିବ୍ୟବସ୍ଥାର ଉଲ୍ଲଂଘନ ହୋଇଥିବା କାରଣରୁ ଗତ ୭ ବର୍ଷରେ ରାଜ୍ୟର ୨୨୭ଟି ସରକାରୀ ଡାକ୍ତରଖାନାକୁ କାରଣ ଦର୍ଶାଅ ନୋଟିସ ହୋଇଛି। ତେବେ ୨୦୨୩ରେ ୩୯ ଡାକ୍ତରଖାନା ମଧ୍ୟରୁ କେନ୍ଦୁଝର ଓ ମାଲକାନଗିରି ଜିଲାର ସର୍ବାଧିକ ୯ଟି ଲେଖାଏ ଡାକ୍ତରଖାନାକୁ କାରଣ ଦର୍ଶାଅ ନୋଟିସ କରାଯାଇଛି। ତେବେ ଉକ୍ତ ବିଶୋଧନ ପ୍ରକ୍ରିୟା ପାଇଁ ୩୫ ସଂସ୍ଥା ଆବେଦନ କରିଛନ୍ତି। ସେଥିରୁ ମାତ୍ର ୧୪ ସଂସ୍ଥାର ଦରଖାସ୍ତ ପଞ୍ଜୀକୃତ ହୋଇଛି। ଏଥିରୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଅବହେଳା ରହିଥିବା ସନ୍ଦେହ କରାଯାଉଛି। ସୂଚନାଯୋଗ୍ୟ, ମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ ଅନୁସାରେ ପ୍ଲାଷ୍ଟିକ ସାଲାଇନ ବୋତଲ, ପରିସ୍ରାନଳୀ, ସିରିଞ୍ଜ, ପ୍ଲାଷ୍ଟିକ ଥଳି, ବ୍ୟବହୃତ ରକ୍ତର ଥଳି, କ୍ୟାଥେଟର ଓ ବ୍ୟବହୃତ ଗ୍ଲୋଭ୍ସ, ମଣିଷର କଟା ଅଙ୍ଗ ଇତ୍ୟାଦିକୁ ନ ପୋଡ଼ି ଡଷ୍ଟବିନରେ ପକାଇବା କଥା। ସେହିପରି ବ୍ଲେଡ୍, ଛୁଞ୍ଚି, ଭଙ୍ଗା କାଚ ଏବଂ ଅନ୍ୟ ସୂକ୍ଷ୍ମ ବସ୍ତୁ ଆଦି ଜାରକିନରେ ସୁରକ୍ଷିତ ଭାବେ ରଖିବାର ନିୟମ ରହିଛି। ସେ-ହିସବୁକୁ ଡାକ୍ତରଖାନା ଜୈବିକ ବର୍ଜ୍ୟବସ୍ତୁ ବିଶୋଧନାଗାରରେ ବିଶୋଧନ କରିବାର ନିତାନ୍ତ ଆବଶ୍ୟକତା ରହିଛି। କିନ୍ତୁ ରାଜ୍ୟରେ ୨୪ ହଜାରରୁ ଊର୍ଦ୍ଧ୍ୱ ଶଯ୍ୟାରୁ ନିର୍ଗତ ଡାକ୍ତରୀ ବର୍ଜ୍ୟବସ୍ତୁ ବିଶୋଧନ ହୋଇ ନ ପାରିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଉଛି। ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନାରେ ଯାଜପୁର ଜିଲା ବ୍ୟାସନଗର ପୌରପାଳିକା ବିଫଳ ହୋଇଛି। ସହରରୁ ସଂଗ୍ରହ ହେଉଥିବା ବର୍ଜ୍ୟବସ୍ତୁ ବ୍ୟାସସରୋବର ନିକଟ ରେଲୱେ ଲାଇନ କଡ଼ ଏବଂ ବନୀକରଣ ଅଞ୍ଚଳରେ ପାହାଡ଼ ଭଳି ଗଦା ହୋଇଛି। ଏହାସହ ପର୍ଯ୍ୟଟନସ୍ଥଳୀ ବ୍ୟାସସରୋବର ଅଞ୍ଚଳ ପରିସର ଦେଇ ଚଳାଚଳ କରୁଥିବା ଲୋକଙ୍କ ନାକ ଫାଟି ପଡୁଛି। ଏଥିରେ ପୌରପାଳିକା କର୍ତ୍ତୃପକ୍ଷ କେବଳ ପରିମଳ ସେବାରେ ବ୍ୟତିକ୍ରମ କରୁନାହାନ୍ତି, ବରଂ ଆପରାଧିକ କାର୍ଯ୍ୟ କରୁଛନ୍ତି ବୋଲି ମତପ୍ରକାଶ ପାଇଛି।

# ଜଙ୍ଗଲ ଭ୍ରମ ସୃଷ୍ଟି କରୁଛି ଗୋବରୀ ନଦୀ




କେନ୍ଦ୍ରାପଡ଼ା: ପଟ୍ଟାମୁଣ୍ଡାଇରୁ ବ୍ରାହ୍ମଣୀ ନଦୀ ଓ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳର ଗୋବରୀ ନଦୀ ମଧ୍ୟରେ ଥିବା ସଂଯୋଗୀକରଣ ଜଳପଥ ଏବେ ବନ୍ଦ ହୋଇପଡ଼ିଛି। ଫଳରେ ଗୋବରୀ ନଦୀ ଜଳପଥ ପୋତି ହୋଇ ବଣୁଆ ଜଙ୍ଗଲରେ ପରିଣତ ହୋଇଛି। ଫଳରେ ଜଳସେଚନ ଅବ୍ୟବସ୍ଥାରୁ ୫ ହଜାରରୁ ଊର୍ଦ୍ଧ୍ୱ ଚାଷ ଜମିରେ ୩ ଫସଲ ଉତ୍ପାଦନ ହୋଇପାରୁନାହିଁ। ଏ ନେଇ ସ୍ଥାନୀୟ ଲୋକ ଉଦ୍‌ବେଗ ପ୍ରକାଶ କରି ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ଉପରେ ୩ ବର୍ଷ ହେବ ମାମଲା କରିଛନ୍ତି। ମାମଲା ଶୁଣାଣି ହୋଇ ବିଭାଗକୁ ଅନୁଧ୍ୟାନ ସହ ସମସ୍ୟାର ନିରାକରଣ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ ଜଳସମ୍ପଦ ବିଭାଗ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ମାମଲାର ଅଭିଯୋଗକାରୀ ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପିଏଲଭି ପ୍ରଫୁଲ୍ଲ କୁମାର ଦାସ, କ୍ଷୀରୋଦ ମଲ୍ଲିକ, ଅଶୋକ ବଳ, ଦେବାଶିଷ ପଣ୍ଡା ପ୍ରମୁଖ କହିଛନ୍ତି ଯେ, ଶିଳ୍ପ ବିହୀନ କେନ୍ଦ୍ରପଡ଼ାର ଅର୍ଥନୀତି କୃଷି ଭିତ୍ତିକ। ଏହାସତ୍ତ୍ୱେ ରାଜ୍ୟ ସରକାର ଏଥିରେ ଥିବା ଜଳସେଚନ ପରି ମୁଖ୍ୟ ସମସ୍ୟାକୁ ଦୂର କରୁନାହାନ୍ତି। ପୂର୍ବରୁ ଜିଲାରେ ପ୍ରବାହିତ ବ୍ରାହ୍ମଣୀ ସହିତ ଗୋବରୀ ନଦୀର ସଂଯୋଗୀକରଣ ଥିଲା। ଏଥିରେ ନୌବାଣିଜ୍ୟ ସହିତ ଚାଷ ପାଇଁ ପାଣି ମିଳୁଥିଲା। ତେବେ ୧୯୬୦ ଦଶକରେ କଟକ- ଚାନ୍ଦବାଲି ରାସ୍ତା ନିର୍ମାଣ ସମୟରେ ପଟ୍ଟାମୁଣ୍ଡାଇଠାରେ ଏହାର ସଂଯୋଗୀକରଣ ପଥକୁ ବନ୍ଦ କରି ଦିଆଗଲା। ଫଳରେ ପଟ୍ଟାମୁଣ୍ଡାଇଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ୨୦ କିଲୋମିଟର ଜଳପଥ ଶୁଖିଲା ପଡିଛି। ଏହାର ଶଯ୍ୟା ପୋତି ହେବା ଫଳରେ ନିକଟବର୍ତ୍ତୀ ଗ୍ରାମବାସୀ ନିତ୍ୟ କର୍ମଠାରୁ କ୍ଷେତକୁ ଜଳସେଚନରୁ ବାଦ ପଡ଼ିଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ ଅର୍ଥକାରୀ ଫସଲ ଉତ୍ପାଦନ ହେଉଥିବା ବେଳେ ଏଠାରେ ଏବେ ମରୁଡି ସମସ୍ୟା ଦେଖାଦେଇଛି। ଏ ନେଇ ସ୍ଥାନୀୟ ଅଧିବାସୀ ବ୍ଲକ ଓ ଜିଲାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ମଧ୍ୟ କରିଥିଲେ। ଏଥିରୁ ସୁଫଳ ନ ମିଳିବାରୁ କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ବ୍ରାହ୍ମଣୀ ସହିତ ଗୋବରୀ ନଦୀର ସଂଯୋଗୀକରଣ ପାଇଁ ନାଲସା (ଜାତୀୟ ଆଇନ ସେବା ପ୍ରଧିକରଣ)ରେ ୨୦୨୧ ଫେବୃଆରୀ ୧୪ରେ ଏକ ମାମଲା ହୋଇଥିଲା। ଏହି ମାମଲାକୁ କେନ୍ଦ୍ରପଡ଼ା ଜିଲା ଆଇନସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ଶୁଣାଣି କରାଯାଇ ଭିତ୍ତିଭୂମିର ତଦନ୍ତ କରିବାକୁ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ହୋଇଥିଲା। ତେବେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅଦ୍ୟାବଧି କୌଣସି ତପତ୍ରତା ପ୍ରକାଶ ପାଉନାହିଁ। ଜଳପଥ ସଂଯୋଗୀକରଣ କାର୍ଯ୍ୟ ତ୍ୱରାନ୍ୱିତ ହେଲେ ଜଳପଥ ନିକଟ କ୍ଷେତରେ ୩ ପ୍ରକାର ଅର୍ଥକାରୀ ଫସଲ ଉପତ୍‌ାଦନ ହୋଇପାରିବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସେଠୀଙ୍କୁ ହାଇଛି। ଦୁଇ ଜଳପଥ ସଂଯୋଗୀକରଣ ହେଲେ ସ୍ଥାନୀୟ ଅଞ୍ଚଳର କୃଷି ଅର୍ଥନୀତିରେ ବିରାଟ ପରିବର୍ତ୍ତନ ଆସିବ। ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।




## ୨୫ ଜୁଆଡ଼ି ଧରାପଡ଼ିଲେ

# ଲକ୍ଷାଧିକ ଟଙ୍କା ସହ ୯ ବାଇକ୍ ଓ ୨୧ ମୋବାଇଲ୍ ଜବତ



ଟିଟିଲାଗଡ଼, (ପିପିଏସ୍): ଟିଟିଲାଗଡ଼ ଥାନା ଅନ୍ତର୍ଗତ କୁମୁଡା ଗ୍ରାମର ଏକ ପୁରୁଣା ଜୁଆ ଆଡ୍ଡାରେ ଟିଟିଲାଗଡ଼ ପୋଲିସ ବଡ଼ ଧରଣର ଚଢ଼ଉ କରିଛି । ତେବେ ଟିଟିଲାଗଡ଼ ଥାନାଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡ଼ିପିଓ ଅଙ୍କିତା କୁମ୍ଭାର ଏବଂ ଥାନା ଆଇଆଇସି ଏନେଇ ସୂଚନା ଦେଇଛନ୍ତି । ସୂଚବା ମୁତାବକ କୁମୁଡା ଗ୍ରାମରେ ଗତ ରାତିରେ ବଡ଼ ଧରଣର ଜୁଆଖେଳ ଚାଲିଥିବା ସବ ଇନ୍ସପେକ୍ଟର କିରଣ କୁମାର ଜାନି ସୂଚନା ପାଇଥିଲେ । ଏନେଇ ବଲାଙ୍ଗୀର ଏସପିଙ୍କ ନିର୍ଦ୍ଦେଶକ୍ରମେ ଟିଟିଲାଗଡ଼ ଏସ୍‌ଡ଼ିପିଓ ଶ୍ରୀମତୀ କୁମ୍ଭାର, ଆଇଆଇସିଙ୍କ ନେତୃତ୍ୱରେ ପୋଲିସ୍ ଚଢ଼ଉ କରିଥିଲା । ଏହି ଚଢ଼ଉ ସମୟରେ ଘଟଣାସ୍ଥଳରୁ ୧ ଲକ୍ଷ ୭୮ ହଜାର ୬୪୧ ଟଙ୍କା, ୫ ହଳ ତାସ, ୨୧ଟି ମୋବାଇଲ ଫୋନ୍, ୯ଟି ବାଇକ ସହ ଜୁଆ ଖେଳୁଥିବା ବରଗଡ଼, କେସିଙ୍ଗା, ସିନ୍ଧେକେଲା ତଥା ଟିଟିଲାଗଡ଼ ଅଞ୍ଚଳର ୨୫ ଜଣ ଜୁଆଡ଼ି ଗିରଫ ହୋଇଛନ୍ତି । ଏହି ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ୍ ଅଧିକାରୀ ସୂଚନା ଦେଇଛନ୍ତି ।

# ମହେନ୍ଦ୍ରଗିରି ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଓ ପୁରାତନ ଛାତ୍ର ସଂସଦ ସଦସ୍ୟଙ୍କ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟର ସମୀକ୍ଷା



ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟରେ ଥିବା ମହେନ୍ଦ୍ରଗିରି ସରକାରୀ (ପୌର) ଉଚ୍ଚ ବିଦ୍ୟାଳୟ ଭାରତ ସରକାରଙ୍କ ଦ୍ୱାରା ନୂତନ କୋଠା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ନିର୍ମାଣ ପାଇଁ ଅନୁମୋଦିତ ହୋଇଛି । ଏହାର ନିର୍ମାଣ କାମ ଜୋରସୋରରେ ଚାଲିଛି । ଜିଲ୍ଲା ଶିକ୍ଷା ବିଭାଗ ତତ୍ତ୍ୱାବଧାନରେ ଏହି ନିର୍ମାଣ କାମ ଜାରି ରହିଛି । ବୁଧବାର ବିଦ୍ୟାଳୟର ପୁରାତନ ଛାତ୍ର ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ଏହି ନିର୍ମାଣ କାମର ସମୀକ୍ଷା କରିଥିଲେ । ସର୍ବଶିକ୍ଷା ଅଭିଯାନର ସହକାରୀ ଯନ୍ତ୍ରୀ ତ୍ରିପତି ପାତ୍ର ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଥମ ମହଲାରେ ସମ୍ମିଳନୀ କକ୍ଷ ନିର୍ମାଣ ଚାଲିଛି । ଏହି ବିଦ୍ୟାଳୟର ବାର୍ଷିକୋତ୍ସବ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମର ସୁଯୋଗ ଯୋଗାଇବା ପାଇଁ ପରାମର୍ଶ ଦିଆଯାଇଥିଲା । ଏହାର ବାମପାର୍ଶ୍ୱରେ ୧୦,୧୦ ଫୁଟର ଗୋଟିଏ ବଖରା କରାଯିବାକୁ ପ୍ରସ୍ତାବ ଦିଆଗଲା ଦିଆଗଲା । ଏହାର ଡାହାଣ ପାର୍ଶ୍ୱରେ ଅତିଥିମାନଙ୍କ ସକାଶେ ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ ତଥା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ସକାଶେ ଆଉ ଦୁଇଟି ଶୌଚାଳୟ ଓ ଚାରିଗୋଟି ପରିଶ୍ରାଗାର କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି । ଏହାର ସଂପୂର୍ଣ୍ଣ ଦାୟିତ୍ୱ ବିଦ୍ୟାଳୟ ପରିଚାଳନା କମିଟି ଓ ପୁରାତନ ଛାତ୍ର ସଂସଦର ସଭ୍ୟମାନେ ଅହରହ ସମୀକ୍ଷା କରୁଛନ୍ତି ଏବଂ ଆବଶ୍ୟକ ପରାମର୍ଶ ଦେଉଛନ୍ତି । ନିର୍ମାଣ କାମ ସନ୍ତୋଷଜନକ ରହିଛି ଯାହା କମିଟି ଓ ପୁରାତନ ଛାତ୍ର ବନ୍ଧୁମାନେ ହୃଦବୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ବିଚିତ୍ରାନନ୍ଦ ବେବର୍ତ୍ତା, ଭାଗବତ ପାଢୀ ଏବଂ ରଘୁନାଥ ବରାଡଂକ ସହ ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ସସ୍ମିତା ଗନ୍ତାଏତ ଉପସ୍ଥିତ ଥିଲେ । ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ଶିକ୍ଷକ ରାମଶଂକର ଗନ୍ତାଏତ ଏହାକୁ ପରିଚାଳନା କରିଥିଲେ । କେନ୍ଦ୍ର ସରକାରସରକାରଙ୍କ ଶିକ୍ଷା ମନ୍ତ୍ରଣା ମନ୍ତ୍ରଣାଳୟ ତରଫରୁ ଏହି ନବୀକରଣ କାର୍ଯ୍ୟକ୍ରମ ପାଇଁ କମିଟି ଓ ପୁରାତନ ଛାତ୍ରମାନେ ସାଧୁବାଦ ଜଣାଇଥିଲେ ।

## କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ମିଳିତ ମଞ୍ଚର ବୈଠକ

ଜୟପୁର, (ହି.ସ.) : ଜୟପୁର ଶ୍ରମିକ ଭବନଠାରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନମାନଙ୍କର ମିଳିତ ମଂଚର ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ୧୬ ଫେବୃଆରୀ ଦେଶ ବ୍ୟାପୀ ହରତାଲ, ଧର୍ମଘଟ ହେବ । ଏନେଇ ଜୟପୁର ରେ ସମସ୍ତ ଦୋକାନ ବଜାର ଚକ, ଅଖ ବନ୍ଦ ପାଇ ନିଷ୍ପତି ହୋଇଛି । ଜନବିରୋଧି ରକାରଙ୍କୁ ଉଚିତ ଜବାବ ଦେବା ପାଇ ଧର୍ମଘଟରେ ସାମିଲ ହେବା ପାଇ ଜନସାଧାରଣଙ୍କୁ ସଚେତନ କରିବାକୁ ନିଷ୍ପତି ହୋଇଛି । ଶ୍ରମିକ ସ୍ୱାର୍ଥ ବିରୋଧି ୪ଟି ଶ୍ରମକୋଡ ବାତିଲ କରିବା, ଶ୍ରମିକମାନଙ୍କୁ ମାସକୁ ସବନିମ୍ନ ମଜୁରି ୨୬ ହଜାର ଟଙ୍କା ଦେବା, ଚାଷୀଙ୍କୁ ଜମିର ଅଧିକାରି ଦେବା, ରଷ୍ଟ୍ରାୟତ ଉଦ୍ୟୋଗକୁ ଘରୋଇ କରଣ ବନ୍ଦ କରିବା ଆଦି ଦାବିରେ ଧର୍ମଘଟ ଡକରା ଦେଇଛି । ଏହି ବୈଠକରେ ଟ୍ରେଡ ୟୁନିୟନର ଯୁଧିଷ୍ଟିର ରାଉଳ, ରାମକୃଷ୍ଣ ଦାସ, ସତ୍ୟବ୍ରତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୁଣୁପୁର ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ



ରାୟଗଡା(ପିପିଏସ୍): ରାୟଗଡ ଜିଲ୍ଲା ଗୁଣପୁର ଉଚ୍ଚ ମାଧମିକ ବିଦ୍ୟାଳୟରେ ଦୀର୍ଘ ଆଠଦିନ ପର୍ଯ୍ୟନ୍ତ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ଅଧକ୍ଷ ଶ୍ରୀଯୁକ୍ତ ଶଶୀଭୂଷଣ ମହାନ୍ତି ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଗୁଣପୁରର ଡେପୁଟି କଲେକ୍ଟର ତଥା ଭାରପ୍ରାପ୍ତ ଉପ ଜିଲ୍ଲାପାଳ ସୁଶ୍ରୀ ଦୀପ୍ତିମୟୀ ପାତ୍ର ଯୋଗଦେଇ ଛାତ୍ରୀମାନଙ୍କୁ ଶାରୀରିକ ଏବଂ ମାନସିକ ସ୍ତରରେ ଦୃଢ଼ ହେବା ସହିତ ପାଠପଢ଼ି ଭବିଷ୍ୟତରେ ସମାଜ ତଥା ଦେଶ ସେବାରେ ନିଜକୁ ନିଯୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ । ଅଧାପକ ଜଗନ୍ନାଥ ଦୀପ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ଅଧାପିକା ଶ୍ରୀମତୀ ନମିତା ମୁଦୁଲି ଓ ଅଧାପିକା ସୁଶ୍ରୀ ଚିତ୍ରା ମିଶ୍ରକାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ପ୍ରାଧାପକ ଡକ୍ଟର ସୂର୍ଯ୍ୟନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଅଧାପକ ବିକାଶ ରଞ୍ଜନ ଭୂୟାଁ ଏଥିରେ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏକାର୍ଯ୍ୟକ୍ରମର ଦୁଇଜଣ ପ୍ରଶିକ୍ଷିକା ଶ୍ରୀମତୀ ମମିତା ଶବର ଓ ଶ୍ରୀମତୀ ବିମଳା ଜେନାଙ୍କ ଦ୍ୱାରା ପ୍ରଶିକ୍ଷିତ କେତେକ ଆତ୍ମରକ୍ଷା କୌଶଳ ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଶେଷରେ ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଶିକ୍ଷକ ଗିରଫ

ମାଲକାନଗିରି(ହି.ସ) : ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଶିକ୍ଷକ ଗିରଫ ହୋଇଛନ୍ତି । ଅଭିଯୁକ୍ତ ଶିକ୍ଷକ ହେଲେ ବିଭୁତି ଭୂଷଣ ପଣ୍ଡା । ସୂଚନା ଅନୁସାରେ ଅସଦାଚରଣକୁ ଭିତ୍ତି କରି ଜୈନିକ ଛାତ୍ରୀଙ୍କ ପିତା ଥାନାରେ ଏତଲା ଦେଇଥିଲେ । ପୁଲିସ ଘଟଣାକୁ ତଦନ୍ତ କରି ଆଜି ଶିକ୍ଷକ ବିଭୁତି ଭୂଷଣ ପଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୂର୍ବରୁ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀମାନେ ଶିକ୍ଷକ ବିଭୁତି ଭୁଷଣ ପଣ୍ଡା ଛାତ୍ରୀଙ୍କୁ ଅସଦାଚରଣ କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଥିଲେ ।

## ଗୁଣପୁରରେ ରାଜନୀତି

# ବିଜେଡି - ବିଜେପିର ବାହା କରାଇଛି କଂଗ୍ରେସ୍




ରାୟଗଡା(ପିପିଏସ୍): ରାୟଗଡ ଜିଲ୍ଲା ଗୁଣପୁରରେ ରାଜନୀତିର ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି । ବିଜେଡି - ବିଜେପି ମଧରେ ବାହାଘର କରାଇଛି କଂଗ୍ରେସ । କଂଗ୍ରେସ ଦଳର ଅଭିଯୋଗ ହେଲା, ଦୀର୍ଘ ବର୍ଷ ହେଲା ବିଜେଡି ଓ ବିଜେପି ସମ୍ପର୍କରେ ଅଛନ୍ତି । ତେଣୁ ପ୍ରତିକାତ୍ମକ ବିବାହରେ ସମ୍ପର୍କକୁ ସ୍ୱିକୃତି ଦେଇଛି କଂଗ୍ରେସ । ସଦର ସ୍ଥାନୀୟ ଟାଉନ୍ ହଲ୍ ଠାରେ କଂଗ୍ରେସ ଦଳର କୋରାପୁଟ ସାଂସଦ ସପ୍ତଗିରୀ ଉଲ୍ଲାକାଙ୍କ ପ୍ରତ୍ୟେକ୍ଷ ତତ୍ୱବୋଧନରେ କଂଗ୍ରେସ ବିଜେପି ଓ ବିଜେଡ଼ି ର ବହାଘର କରାଇଛି । ବିଜେପି ଓ ବିଜେଡି ଦୁଇ ଦଳର ଚିହ୍ନ କୁ ବର ଓ କନ୍ୟା ମୁହଁରେ ଲଗାଇ ବାହାଘର କରିବା ସହ ବରଯାତ୍ରୀ ଭଳି ବାଜ ବଜାଇ ବାଟ ବରଣ କରି ମଣ୍ଡପ କୁ ଆସିଥିଲେ । ପାରମ୍ପରିକ ରୀତିରେ ହିନ୍ଦୁ ଧର୍ମ ଅନୁଯାୟୀ ବାହାଘରେ ହୋମ ଯାଳିଥିଲେ, ଉଭୟ ଙ୍କ ହାତ ଗଣ୍ଠି ପଡ଼ିଥିଲା, ମନ୍ତ୍ର ଶ୍ଲୋକ ପାଠ , ହୁଳ ହୁଳି ପଡ଼ିଥିଲା । ବାହାଘରରେ ବର ଓ କନ୍ୟା ପାଇ କୋରାପୁଟ ସାଂସଦ ସପ୍ତଗିରି ଉଲକା ଓ ତାଙ୍କ ସ୍ତ୍ରୀ ପୂଜା ଉଲ୍ଲାକା କର୍ତ୍ତା ସାଜିଥିଲେ । ମଥାରେ ସିନ୍ଦୁର ଲଗାଯାଇଥିଲେ । ବାଜା ବାଜୁ ଥିବା ଦେଖିବାକୁ ମିଳିଥିଲା । କ୍ୱେଳ ଏତିକି ନୁହଁ କଂଗେସ କର୍ମକର୍ତ୍ତା ସମେତ ଯେତେ ଜଣ ଆସିଥିଲେ ସମସ୍ତ ଙ୍କ ପାଇଁ ଭୋଜି ର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆଶାୟୀ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗ ବାହାଘର ର ସମସ୍ତ ବ୍ୟବସ୍ଥା କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ କଂଗେସ ର ସାଧାରଣ ସମ୍ପାଦକ ଦୁର୍ଗା ପ୍ରାସାଦ ପଣ୍ଡା ,ବରିଷ୍ଠ କଂଗ୍ରେସ ନେତା ଶଙ୍କର୍ଷଣ ମଙ୍ଗରାଜ, ସୁନୀଲ କୁମାର ପଣ୍ଡା, ତରଣୀ ଶତପଥୀ, ସୋମନାଥ ପାଣି , ପାର୍ଥ ବର୍ଦ୍ଧନ , ଅର୍କିତ ରାଜ, ଆସଲାମ ଖାଁ ଓ ଗୁଣପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ । ଆଜି ପୂର୍ବାହ୍ନରେ ସ୍ଥାନୀୟ ବିକ୍ରମପୁର ଛକରୁ କଂଗ୍ରେସ କର୍ମକର୍ତ୍ତା ମାନେ କୋରାପୁଟ ସାଂସଦ ଶ୍ରୀ ଉଲାକା ଏବଂ ଅନ୍ୟ ବରିଷ୍ଠ କଂଗ୍ରେସ ନେତାଙ୍କୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ଟାଉନ ହଲ ପର୍ଯ୍ୟନ୍ତ ନେଇଥିଲେ ତେବେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ବିଜୟ କୁମାର ଗମାଙ୍ଗ ଓ ତାଙ୍କ ସମର୍ଥକ ମାନେ ଯୋଗଦେଇ ନଥିଲେ । ସେହିପରି କୋରାପୁଟ ସାଂସଦ ଶ୍ରୀ ଉଲ୍ଲାକା ମଧ ଗତ ୫ ବର୍ଷ ମଧରେ ଗୁଣପୁରକୁ ତୃତୀୟ ଗସ୍ତ ।

# ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ସମ୍ପନ୍ନ




ରାଉରକେଲା(ପିପିଏସ): ଛେଣ୍ଡ ଏଲସିଆର ବ୍ଲକ ଠାରେ ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ ହୋଇଯାଇଛି । ସମାଜସେବୀ ରମେଶ ଚନ୍ଦ୍ର ଜେନାଙ୍କ ସହଧର୍ମିଣୀ ସର୍ଗତା ଗୀତାଞ୍ଜଳି ଜେନାଙ୍କ ସ୍ମୃତିରେ ପୁତ୍ର ଅବିନାଶ ଜେନା ଏହି ମନ୍ଦିର ନିର୍ମାଣ କରି ମା' ଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା କରିଛନ୍ତି । ଗତ ୧୨ତାରିଖରୁ ଅଙ୍କୁରାରୋପଣ ଠାରୁ ଆରମ୍ଭ ହୋଇ ୧୩ତାରିଖ ଦିନ କଳସ ଯାତ୍ରା ଓ ସୂର୍ଯ୍ୟ ପୂଜା, ହୋମ, ଯଜ୍ଞ ସହ ମା' ଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା । କଳସ ଯାତ୍ରାରେ ପ୍ରାୟ ୧୨୦ଜଣ ମହିଳା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଅବିନାଶ ଜେନା ଓ ପ୍ରତିଷ୍ଠା ଜାଲ ତଥା ପୂଜକ ଭାବେ ପଣ୍ଡିତ ଦେବେନ୍ଦ୍ର ରଥ ତଥା ସହଯୋଗୀ ପୂଜକ ଭାବେ ଲୋକନାଥ ମିଶ୍ର, ସୁରେଶ କୁମାର ରଥ, ପତିତପାବନ ଆଚାର୍ଯ୍ୟ, ଭକ୍ତବନ୍ଧୁ ପାଢ଼ୀ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ସୂଚନାଯୋଗ୍ୟ ଯେ ଏହି ମନ୍ଦିର ର ଭିତ୍ତିପ୍ରସ୍ତର ଗତବର୍ଷ ନଭେମ୍ବର ୨୭ ତାରିଖ ଦିନ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲିପ ରାୟ ଓ ସମାଜସେବୀ ହରିହର ରାଉତରାୟ ଙ୍କ କରକମଳରେ କରାଯାଇଥିଲା । ପ୍ରତ୍ୟେକ ଦିନ ସହସ୍ରାଧିକ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । ଏହି କାର୍ଯ୍ୟକ୍ରମରେ ନୀଳାଚଳ ଜଗନ୍ନାଥ ମନ୍ଦିର କମିଟିର ସଦସ୍ୟ କୃଷ୍ଣଚନ୍ଦ୍ର ବିଶ୍ୱାଳ, କିଶୋର ମିଶ୍ର, ଦେବକାନ୍ତ ନାୟକ, ଜେଷ୍ଟଲ ପରିଡା, ସୁନିଲ ଦାସ, କୁଳମଣି ଦାସ, ଶରତ ଚନ୍ଦ୍ର ଦେହୁରୀ, ନିହାର ଦାସ, ଅନୀଲ ମହାନ୍ତି, ଭବାନୀ କବି, ମନ ମିଶ୍ର, କାଳିଆ, ପିଣ୍ଟୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ । ଏହି ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଫଳରେ ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଛାୟା ଖେଳିଯାଇଛି ।

# ସୁକତେଲ ନଦୀରେ ଏକ ଭୂତଳ ଜଳ ସଂରକ୍ଷଣ କେନ୍ଦ୍ର ନିର୍ମାଣ କରାଯିବ : ମନ୍ତ୍ରୀ

ବଲାଙ୍ଗିର, (ହି. ସ ): ସାଗରତଳଗୋଠ ଛକଠାରେ ଗତ ୭ଦିନ ହେଲା ଚାଲିଥିବା ମେଣ୍ଡା ବାରପାହାଡ ମହୋତ୍ସବ ଉଦଯାପିତ ହୋଇଯାଇଛି । ଏଥିରେ ୫ମ ସଂଧ୍ୟାରେ ମୁଖ୍ୟଅତିଥି ଭାବରେ ସୋନପୁର ବିଧାୟକ ତଥା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ନିରଂଜନ ପୂଜାରୀ ଯୋଗଦେଇ ଥିଲେ । ସେ ମହୋତ୍ସବରେ ଉଦବୋଧନ ଦେଇ କହିଛନ୍ତି ଯେ, ବଲାଙ୍ଗୀର ଲୋୟରସୁକତେଲ ପ୍ରକଳ୍ପରୁ ନିକଟସ୍ଥ ପୁଆ, ଜରାଜାଙ୍ଗି ଓ ଶିବତଳା ଞ୍ଚାୟତର ୧୭ଟି ଗ୍ରାମକୁ ଜଳସେଚିତ କରାଯିବ । କିନ୍ତୁ ଉପରପଟେ ଥିବା ରାଣିସର୍ଡା, ମେଣ୍ଡା, ଦେଓଳପଦର ଓ ପାଇକବାହାଲ ପଞ୍ଚାୟତର ଚାଷୀ ମାନଙ୍କ ପାଇଁ ପୁଆ- ଦେଉଳପଦର ମଝିରେ ସୁକତେଲ ନଦୀରେ ଏକ ଭୂତଳ ଜଳସଂରକ୍ଷଣ କେନ୍ଦ୍ର (ଆଇଏସଏସ) ନିର୍ମାଣ କରାଯିବାକୁ ପ୍ରସ୍ତାବ କରାଯାଉଛି । ସେଠାରୁ ମେଗା ଉଠାଜଳ ସେଚନ ଜରିଆରେ ଚାଷୀଙ୍କ ଜମିକୁ ଜଳସେଚିତ କରାଯାଇ ପାରିବ । ଏହି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ଦେବାକୁ ପଦ୍ମପୁର ଇନଭେଷ୍ଟିଗେସନ ଡିଭିଜନକୁ ଦାୟୀତ୍ୱ ଦିଆଯାଇଛି । ଚଳିତବର୍ଷ ସୋନ୬ପୁର ମହାନଦୀ ରେ ଦୁଇଟି ବଡବଡ ଜଳ ପ୍ରକଳ୍ପ ହାତକୁ ନିଆଯାଇଛି । ସେହିପରି ଅନେକଗୁଡିଏ ବିକାଶମୂଳକ କାମ ମଧ କରାଯାଇଛି ବୋଲି ମନ୍ତ୍ରୀ ନିରଂଜନ ପୂଜାରୀ କହିଥିଲେ ।

# ଗୋବିନ୍ଦତୋଳା ବ୍ରିଜରୁ ଧନୁପାଲି ଛକ ରାସ୍ତା ପ୍ରଶସ୍ତିକରଣ ପ୍ରହସନ

ସମ୍ବଲପୁର, (ହି.ସ) : ସହରରଜେଲଛକରୁ ଧନୁପାଲି ଛକ ଯାଏ ରାସ୍ତା କୁ ପ୍ରଶସ୍ତି କରଣ କରିଯିବା ପାଇଁ ଦୀର୍ଘ ଏକ ବର୍ଷ ହେଲା ଜନସାଧାରଣ ହଇରାଣ ହେଉଥିବା ବେଳେ, ଆଜିଯାଏ ଲୋକଙ୍କୁ ଆଶ୍ୱସ୍ତି ମିଳିନଥିବା ଦୁର୍ଭାଗ୍ୟର ବିଷୟ ବୋଲି ବରିଷ୍ଠ ବିଜେପି ନେତା ସୂର୍ଯ୍ୟ ପାଣିଗ୍ରାହୀ ଏକ ପ୍ରେସ ବିବୃତି ରେ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ଅଧିନସ୍ତ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ଧୀନ ଏହି ରାସ୍ତା ର କୌଣସି ଗୋଟିଏ ପୂର୍ବ ନିର୍ଦ୍ଧାରିତ ଯୋଜନା ଥିଲା ଭଳିଆ ଉପଲବ୍ଧି ହେଉନାହିଁ । ଥରକୁ ଥର ଜମି ଅଧିଗ୍ରହଣ ପାଇଁ ଦିଆଯାଉଥିବା ଚିହ୍ନ ବଦଳୁଛି । ସିଧାସଳଖ ନିର୍ମାଣ ହେବାକୁ ଥିବା ରାସ୍ତା ଅନେକାଂଶ ରେ ତେର୍ଛା ହୋଇଯାଉଛି । କେଉଁଠି ପ୍ରଶସ୍ତ ଥିବା ବେଳେ କେଉଁଠି ରାସ୍ତାଟି ସଙ୍କୀର୍ଣ୍ଣ ହୋଇଯାଇଛି । ସାଧାରଣତଃ ସରକାରଙ୍କର କୌଣସି ବିକାଶ କାର୍ଯ୍ୟ ଲୋକଙ୍କର ସୁବିଧା ତଥା ହିତ ଉଦ୍ୟେଶ୍ୟ ରେ ହୋଇଥାଏ, ହେଲେ ଏହି ରାସ୍ତା ନିର୍ମାଣ ଲୋକଙ୍କୁ ହଇରାଣରେ ପକାଇବାପାଇଁ ଉର୍ଦ୍ଦିଷ୍ଟ ବୋଲି ଅନୁଭବ ହେଉଛି ବୋଲି ଶ୍ରୀ ପାଣିଗ୍ରାହୀ କ୍ଷୋଭ ପ୍ରକାଶ କରିଛନ୍ତି । ବିଶେଷ ଭାବରେ ଗୋବିନ୍ଦତୋଳା ହରଡ଼ ଜୋର ବ୍ରିଜରୁ ଧନୁପାଲି ଛକ ଏକ ଜନଗହଳି ପୂର୍ଣ୍ଣ ଅଂଚଳ । ଏହି ରାସ୍ତା କଡରେ ଅନେକ ଜନବସତି କୁ ରାସ୍ତା ଯାଇଛି, ପେଟ୍ରୋଲ ପମ୍ପ ରହିଛି, ମନ୍ଦିର ରହିଛି, ସପିଙ୍ଗ ମଲ ରହିଛି, ଶିକ୍ଷାନୁଷ୍ଠାନ ଗୁଡିକ ରହିଛି ଏପରି ସ୍ଥଳେ ଦୁଇଥାକିଆ ରାସ୍ତା କରିବାର ଦ୍ୱାରା କଣ ଆବଶ୍ୟକତା ରହିଛି ବୋଲି ଶ୍ରୀ ପାଣିଗ୍ରାହୀ ପ୍ରଶ୍ନ କରିଛନ୍ତି । ଦୁଇଥାକିଆ ରାସ୍ତା କଲେ ଓଲଟା ଦୁର୍ଘଟଣା ସଂଖ୍ୟା ବଢିବାର ସମ୍ଭାବନା ରହିଛି । ରାସ୍ତା ପ୍ରଶସ୍ତିକରଣ କରିବା ଉଚିତ ହୋଇଛି ହେଲେ ମଝି ମଝିରେ ରାସ୍ତା ନଛାଡି ଦୁଇ ଥାକିଆ କରିଦେଲେ ଜନସାଧାରଣ ଅନେକ ସମସ୍ୟାର ସମ୍ମୁଖୀନ ହେବେ । ତେଣୁ, ଏହି ନିର୍ମାଣ କାର୍ଯ୍ୟ ଉପରେ ପୁନର୍ବିଚାର କରି ଜନସାଧାରଣ ହିତରେ କାର୍ଯ୍ୟ କରିବାକୁ ଶ୍ରୀ ପାଣିଗ୍ରାହୀ ଦାବି ଉପସ୍ଥାପନ କରିଛନ୍ତି ।

# ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଜିଲ୍ଲା ଆନ୍ତଃସ୍କୁଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




ରାୟଗଡ଼ା(ପିପିଏସ୍): ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଜିଲା କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ୧୩ ଦିନିଆ ଆନ୍ତଃସ୍କୁଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଟିମ୍ ବ୍ରାଉନକୁ ୭ଓ୍ୱିକେଟରେ ହରାଇ ଚମ୍ପିୟାନ ହୋଇଛି ଟିମ୍ ପିଙ୍କ୍ । ଏହି ମ୍ୟାଚରେ ରୋହିତ ହୁଇକା ମ୍ୟାନ ଅଫ୍ ଦି ମ୍ୟାଚ୍ ପାଇଥିବା ବେଳେ ଟୁର୍ନାମେଣ୍ଟରେ ଉତମ ଖେଳ ପ୍ରଦର୍ଶନ କରି ବାରଜି ଗୌତମ କୁମାର ମ୍ୟାନ ଅଫ ଦି ସିରିଜ୍ ହୋଇଛନ୍ତି । ଏହି ଉଦଯାପନୀ ସମାରୋହରେ ରାୟଗଡ଼ା ଏସପି ହରିଶା ବି.ସି. ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚମ୍ପିୟାନ ଓ ରନର୍ସ ଟିମକୁ ଟ୍ରଫି ପ୍ରଦାନ କରିଥିଲେ । ରାୟଗଡା ଜିଲାର ୮ ଟି ସ୍କୁଲ ଏହି ଟୁର୍ଣ୍ଣାମେଂଟରେ ଭାଗ ନେଇଥିଲେ । ଉକ୍ତ ୮ଟି ଟିମରୁ ୧୫ ଜଣି ପ୍ରତିଭା ଭାନ ଖେଳାଳି ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଂଟରେ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ପ୍ରତିନିଧିଙ୍କ ଦ୍ୱାରା ଚୟନ ହେବେ । ଫାଇନାଲ ମ୍ୟାଚରେ ଟସ୍ ଜିତି ଟିମ୍ ପିଙ୍କ ପ୍ରଥମେ ବୋଲିଂ କରିଥିଲା । ଟିମ୍ ବ୍ରାଉନ୍ ବେଟିଂ କରି ୩୪.୫ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୧୬୨ରନ୍ କରିଥିଲା । ଦ୍ୱିତୀୟ ଇନିଂସ ବେଟିଂ କରି ଟିମ୍ ପିଙ୍କ ମାତ୍ର ୨୨.୧ ଓଭରରେ ୩ ଓ୍ୱିକେଟ ହରାଇ ୧୬୩ ରନ୍ କରି ବିଜୟୀ ହୋଇଥିଲା । ଟିମ୍ ପିଙ୍କର ଅଲରାଉଣ୍ଡର ରୋହିତ ହୁଇକା ୭ଓଭର ବୋଲିଂ କରି ୨ମେଡେନ୍ ଓଭର ସହ ୩୦ରନ୍ ଦେଇ ୩ଟି ଓ୍ୱିକେଟ ଏବଂ ବେଟିଂରେ ୩୬ ବଲ୍‌ରେ ୪୦ ରନ୍ ହାସଲ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ । ଜିଲା କ୍ରିକେଟ ଆସୋସିଏସନର ସମ୍ପାଦକ ସଚିଦାନନ୍ଦ ଖାଡ଼ଙ୍ଗାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ମ୍ୟାଚରେ ଅତିଥି ଭାବେ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ତ୍ରିପାଠୀ, ବରିଷ୍ଠ ସଦସ୍ୟ କୀର୍ତିଚନ୍ଦ୍ର ସାହୁ, ପିତାମହଲ ସରପଂଚ ଟୁଟୁ ତାଡିଙ୍ଗି, ବରିଷ୍ଠ ନାଗରିକ ସତ୍ୟବାଦୀ ପତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ମ୍ୟାଚରେ କୁନାଲ ବର୍ମା ,କେ ସାଇଚରଣ ,ଜିତେନ୍ଦ୍ର ଗରଡିଆ, ଉମେଶ ତାଡିଙ୍ଗି ,ଗୋବିନ୍ଦ ଉଲାକା ପ୍ରମୁଖ ଆମ୍ପାୟର ର ଦାୟିତ୍ୱ ତୁଲାଇଥିଲେ । ସ୍କୋରର ଭାବେ ସନ୍ତୋଷ କୁମାର ସାହୁ ରହିଥିଲେ । ରାଜ୍ୟ କୋଚ ଆର କଲ୍ୟାଣ ଆଚାରୀ, ପିଚ କ୍ୟୁରେଟର ଉମା ଶଙ୍କର ପଟନାୟକ ଓ ଅନ୍ୟାନ୍ୟ ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

# ସରସ୍ୱତୀ ପୂଜା ପାଳିତ

ଜୟପୁର, (ହି.ସ.) : ଜୟପୁର ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବୁଧବାର ବିଦ୍ୟାଦାତ୍ରି ମା ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ. ସହ ସରକାରୀ ସ୍କୁଲ୍‌ଗୁଡ଼ିକରେ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଅରବିନ୍ଦନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ସାରଦା ବିହାର ସ୍ଥିତ ଶିଶୁ ବିଦ୍ୟା ମନ୍ଦିରରେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା ସହ ପାରମ୍ପରିକ ରୀତିରେ ପୁଷ୍ପାଞ୍ଜଳି, ପ୍ରସାଦସେବନ ଏବଂ ସଂଧ୍ୟା ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏପରିକି ଏହାକୁ ଅନୁଷ୍ଠାନ ପକ୍ଷରୁ ସମର୍ପଣ ଦିବସ ରୂପେ ମଧ ପାଳନ କରାଯାଇଥିବା । ଛାତ୍ର ଛାତ୍ରୀମାନେ ନୁଆ ଡ୍ରେସ ପିନ୍ଧି ହାତରେ ନଡିଆ କଦଳି ଧରି ବିଦ୍ୟା ଦାୟିନି ମା ସରସ୍ୱତିକୁ ପୁଜାଚ୍ଚନା କରିଥିଲେ । କେତେକ ସ୍ଥାନରେ ଛୋଟ ଛୋଟ ପିଲା ମାନେ ଖଡି ଛୁଆଁଇ ଶିକ୍ଷା ଆରମ୍ଭ ମଧ କରିଥିଲେ ।

## ଜୟପୁର ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଦିବସ ପାଳିତ

ଜୟପୁର, (ହି.ସ.) : ଜଗନ୍ନାଥ ମନ୍ଦିର ଜୟପୁରର ପ୍ରତିଷ୍ଠା ଦିବସ ପାଳନ ହୋଇଛି । ମନ୍ଦିର ପରିସରରେ ରାଷ୍ଟ୍ରର ମଙ୍ଗଳପାଇଁ ପୁଜା ହୋମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟରେ ଜଗନ୍ନାଥ ପ୍ରେମି ଯୋଗ ଦେଇଥିଲେ । ପ୍ରତିଷ୍ଠା ଉତ୍ସବ କାର୍ଯାକ୍ରମକୁ ଜୟପୁର ଜଗନ୍ନାଥ ସେବା ସମିତି ତରଫରୁ ଆୟୋଜନ କରାଯାଇଥିଲା । ପ୍ରତିଷ୍ଠା ଦିବସ ଅବସରରେ ଶ୍ରୀଜିଉଙ୍କୁ ସ୍ୱତନ୍ତ୍ର ବେଶ କରାଯାଇଥିଲା ।

# ବିଜେଡିର ନଗରସ୍ତରୀୟ ଯୁବ ଦଳିତ ସମାବେଶ

## ବିଜେଡିରେ ଯୋଗଦେଲେ ଶତାଧିକ ଯୁବକ

ବଲାଙ୍ଗୀର , ( ହି ସ): ବଲାଙ୍ଗୀର ବିଜୁ ଜନତା ଦଳ ତରଫରୁ କଲେଜଛକସ୍ଥିତ କଲ୍ୟାଣ ମଣ୍ଡପ ଠାରେ ନଗରସ୍ତରୀୟ ଏକ ଯୁବ ଦଳିତ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଯୁବ ଦଳିତ ସଂଗଠକ ଆକାଶ ସାଗରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ତଥା ହାଉସିଂବୋର୍ଡ ଅଧକ୍ଷ କଳିକେଶ ନାରାୟଣ ସିଂଦେଓ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ , ବିଜେଡି ନଗର ସଭାପତି ତଥା ଓ୍ୱାର୍ଡ ନଂ ୭ର କାଉନସିଲର ଶମ୍ଭୁ ନାଗ, ଓ୍ୱାର୍ଡ ନଂ.୧୦ ର କାଉନସିଲର କିଶୋର କୁମ୍ଭାର , ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା, ଜିଲ୍ଲା ଦଳିତ ସମାଜ ଆବାହକ ବିଜୟ ବାରିକ ଓ ସମାଜସେବୀ ପାଣ୍ଡବ କୁମ୍ଭାର ପ୍ରମୁଖ ମଂଚାସୀନ ଥିଲେ । ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଶତାଧିକ ଦଳିତ ଯୁବକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଉପରୋ ଆସ୍ଥା ପ୍ରକଟ କରି ବିଜେଡିରେ ସାମିଲ ହୋଇଥିଲେ । ବିଜେଡି ର ଯୋଗ ଦେଇଥିବା ଯୁବକମାନଙ୍କୁ କଳିକେଶ ସ୍ୱାଗତ କରିବା ସଙ୍ଗେ ଏମାନଙ୍କ ଯୋଗଦାନ ଦଳକୁ ମଜବୁତ କରିବ ବୋଲି କହିବା ସହିତ ବିଜେଡି ସବୁବେଳେ ଦଳିତମାନଙ୍କ ପାଇଁ କାମ କରି ଆସୁଛି ବୋଲି କହିଥିଲେ । ନିକଟରେ ମୁଖ୍ୟମନ୍ତ୍ରୀ ଯୋଗାଇ ଦେଇଥିବା ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ଦଳିତ ସମାଜର ଏକ ଆମ୍ବେଦକର ଭବନ ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଆଗାମୀ ଦିନରେ ମଧ ଦଳିତ ସମାଜ ପାଇଁ ଆମେ ସମର୍ପିତ ହୋଇ କାମ କରିବୁ ବୋଲି କଳିକେଶ କହିଥିଲେ । ପୌରାଧକ୍ଷା ଶ୍ରୀମତୀ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ମୁଁ ବ୍ୟକ୍ତିଗତ ଭାବେ ଦଳିତ ସମାଜ ସହିତ ଯୋଡି ହୋଇ ରହିଛି । ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଆସିଛି । ଆଗାମୀ ଦିନରେ ମଧ ସେମାନଙ୍କ ସହ ମୁଁ ପୂର୍ଣ୍ଣପ୍ରାଣରେ ରହିବି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଈଶ୍ୱର ନନ୍ଦ, ସ୍ୱାଧୀନ ନନ୍ଦ, ନବୀନ ବାଗ, ରାଜା ନାଗ ଓ ଜୀତେନ ଦୀପ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ଆଜିଠୁ ଖଣ୍ଡଗିରି କୁମ୍ଭମେଳା, ରାଣୀହଂସପୁର ବିଜେ କରିବେ ଅନନ୍ତ କେଶରୀ



**ଭୁବନେଶ୍ୱର (ପିପିଏସ୍):** ଆସନ୍ତା କାଲିଠାରୁ ଆରମ୍ଭ ହେବ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା। ଏଥିପାଇଁ ଖଣ୍ଡଗିରି ପାଦଦେଶରେ ଜମିଲାଣି ସାଧୁସନ୍ଥଙ୍କ ଭିଡ଼। ପୂର୍ବରୁ ଖଣ୍ଡଗିରି ପାହାଡ଼ ଉପରେ ଆଦି ଜମା ହେଲେଣି ସାଧୁସନ୍ଥ। ସେମାନେ ନିଜ ନିଜ ଅସ୍ଥାୟୀ ମଠରେ ହୋମଯଜ୍ଞ କରିବା ପାଇଁ ପ୍ରସ୍ତୁତ ହୋଇ ସାରିଲେଣି। ଆରମ୍ଭ କଲେଣି ପ୍ରାଥମିକ ପୂଜାପାଠ ଓ ଅନ୍ୟ ବିଧି ବିଧାନ। ଏହା ଭିତରେ ରାଜ୍ୟ ତଥା ରାଜ୍ୟ ବାହାରୁ ୧୦୦ରୁ ଅଧିକ ସାଧୁସନ୍ଥ ଆସିଛନ୍ତି ବୋଲି ଖବର ମିଳିଛି। ପବିତ୍ର ମାଘ ସପ୍ତମୀରେ ଅର୍କକ୍ଷେତ୍ର କୋଣାର୍କ-ଚନ୍ଦ୍ରଭାଗାରେ ବୁଡ଼ ପକାଇବା ପରେ ସାଧୁସନ୍ଥଙ୍କ ଆଗମନ ଆହୁରି ବୃଦ୍ଧି ପାଇବ। ସାଧୁମୟ ହୋଇଯିବ ତପୋଭୂମି ପବିତ୍ର ଖଣ୍ଡଗିରି। ଖଣ୍ଡଗିରି ପଞ୍ଚତୀର୍ଥ ପୁଷ୍କରିଣୀରେ ସାଧୁମାନେ ବୁଡ଼ ପକାଇବେ। ନାଗା ସନ୍ନ୍ୟାସୀଙ୍କଠୁ ନେଇ ଦଶନାମୀ, ବୈଷ୍ଣବ ଚାରି ସମ୍ପ୍ରଦାୟ, ଓଡ଼ିଶାର ପଞ୍ଚସଖା ସଂପ୍ରଦାୟ, ଗୌଡ଼ୀୟ, ବେଦପତି ଓ ସନ୍ନ୍ୟାସିନୀଙ୍କ ସମାଗମ ହେବ। ଅଖଣ୍ଡ ଧୁନି ଜଳିବ। ସେହିଭଳି ମା' ବାରଭୂଜା ପୀଠରେ ପ୍ରସିଦ୍ଧ ରାମଚରିତ ମାନସପାରାୟଣ ପାଇଁ ମଧ ପ୍ରସ୍ତୁତି ଚାଲିଛି। ପ୍ରଭୁ ଅନନ୍ତ କେଶରୀ ଏକ ବିରାଟ ପଟୁଆରରେ ରାଣୀହଂସପୁରକୁ ବିଜେ କରିବେ। ପ୍ରଥମେ ଜାଗମରା ଗାଁ ନାଗାମଠରୁ ଅନନ୍ତ କେଶରୀଙ୍କୁ ସୁସଜ୍ଜିତ ବିମାନରେ ସଂକୀର୍ତ୍ତନ, ଘୋଡ଼ାନାଚ, ଷଣ୍ଢନାଚ, ସମ୍ବଲପୁରୀ ବାଜାର ରୋଶଣିରେ ଗାଁ ପରିକ୍ରମା କରାଯିବ। ପରେ ପ୍ରଭୁଙ୍କୁ ଉଦୟଗିରି ପାହାଡ଼ରେ ଥିବା ରାଣୀହଂସପୁରକୁ ଅଣାଯିବ। ସେଠାରେ ଭୋଗରାଗ, ପୂଜାର୍ଚ୍ଚନା କରାଯିବା ପରେ ପୁଣି ରାତିରେ ହିଁ ସେ ନାଗାମଠକୁ ଫେରିବେ। ଗ୍ରାମଲୋକଙ୍କ କହିବା କଥା, ୧୯୧୨ ମସିହାରେ ଅନନ୍ତ କେଶରୀ ଜାଗମରା ଗ୍ରାମକୁ ଯାଇଥିଲେ। ଏହି ମେଳା ତାଙ୍କର। ତେଣୁ ସେ ଖଣ୍ଡଗିରି ଆସିବା ପରେ ହିଁ ମାଘମେଳା ଆରମ୍ଭ ହୁଏ। ଶୁକ୍ରବାର ଠାରୁ ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ ହୋଇ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଚାଲିବ। ମାଘ ମେଳା ପାଇଁ ସାରା ଭାରତରୁ ଆସିଥିବା ସାଧୁସନ୍ଥ ଓ ସେମାନଙ୍କ ଶିଷ୍ୟମାନେ ଖଣ୍ଡଗିରିରେ ଡେରା ପକାଇଛନ୍ତି। ସପ୍ତମୀରୁ ଆରମ୍ଭ ହୋଇ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ସାଧୁସନ୍ଥମାନେ ଜପତପ ପାଇଁ ପ୍ରସ୍ତୁତି ଆରମ୍ଭ କରିସାରିଲେଣି। ସାଧୁସନ୍ଥ ଓ ସେମାନଙ୍କ ଶିଷ୍ୟମାନେ ଗଞ୍ଜେଇ ସେବନ କରିବା ଏଠି ସାଧାରଣ କଥା। ଏବେଠୁ ସମଗ୍ର ଅଞ୍ଚଳରେ ଗଞ୍ଜେଇ ଧୂଆଁ ଉଠିବାର ଦେଖା ଯାଉଛି। ଗଞ୍ଜେଇ ଏକ ନିଷିଦ୍ଧ ନିଶାଦ୍ରବ୍ୟ ହୋଇଥିଲେ ହେଁ କିଛି ସାଧୁ ଏହାକୁ ଶିବଙ୍କ ପ୍ରସାଦ କହି ଟାଣୁଛନ୍ତି। ବିଶେଷକରି ନାଗାସାଧୁମାନେ ବିପୁଳ ମାତ୍ରାରେ ଗଞ୍ଜେଇ ଟାଣୁଥିବା ଦେଖିବାକୁ ମିଳୁଛି। ତେବେ ଏହାକୁ ଅଧିକାଂଶ ଲୋକ ସ୍ୱାଭାବିକ ବୋଲି ମନେ କରୁଛନ୍ତି। ୧୬ରୁ ୨୫ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଖଣ୍ଡଗିରି ମାଘମେଳା ପାଇଁ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିଛି ବିଏମ୍‌ସି। ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିସନର ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ବସିଥିବା ପ୍ରସ୍ତୁତି ବୈଠକରେ ଅଦ୍ୟାବଧି ହୋଇଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା ହୋଇଥିଲା। ମେଳାକୁ ଆସୁଥିବା ଗାଡ଼ିଗୁଡ଼ିକ ପାଇଁ ବିଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ଖୋର୍ଦ୍ଧା ଆଡୁ କୋଳଥିଆ ଛକଠାରୁ ଖଣ୍ଡଗିରି ଛକ ପର୍ଯ୍ୟନ୍ତ ବ୍ରିଜ୍ ତଳେ, ବରମୁଣ୍ଡା ଆଡୁ ପ୍ରାଚୀ ରିସୋର୍ଟ ଠାରୁ ଖଣ୍ଡଗିରି ଥାନା ପର୍ଯ୍ୟନ୍ତ, ଜାଗମରା ଆଡୁ ସୋଆ ୟୁନିଭର୍ସିଟି ନିକଟରେ ହାଉସିଂବୋର୍ଡ ନିର୍ମାଣ ପରିସର ଏବଂ ଖାରବେଳ ପାର୍କ ନିକଟରେ ଦେୟଯୁକ୍ତ ପାର୍କିଂ ବ୍ୟବସ୍ଥା ହୋଇଥିବା ବେଳେ ଜୟଦେବ ବାଟିକା ଆଡୁ ଓଏସ୍‌ଆର୍‌ଟିସି ଷ୍ଟାଣ୍ଡରେ ଏକମାତ୍ର ଜାଗାରେ ମାଗଣା ପାର୍କିଂ ପାଇଁ ବ୍ୟବସ୍ଥା କରାଯାଇଛି। ଅତିରିକ୍ତ କମିସନର ଶୁଭେନ୍ଦୁ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଓ ସଂଯୁକ୍ତ ବିଭାଗର ଅଧିକାରୀମାନେ ସକାଳେ କ୍ଷେତ୍ର ପରିଦର୍ଶନ କରି ପାର୍କିଂ, ଷ୍ଟଲ୍ ପ୍ଲାନିଂ, ପରିମଳ, ସୂଚନା ପ୍ରଦାନ, ସାଧୁସନ୍ଥଙ୍କ ପାଇଁ ଆଲୋକ, ପାନୀୟଜଳ ବ୍ୟବସ୍ଥା, ଜବରଦଖଲ ଉଚ୍ଛେଦ ବାବଦରେ ଯାଞ୍ଚ କରିଥିଲେ। ଦୋକାନ ପାଇଁ ପ୍ରାୟ ୫୦୦ ଆବେଦନ ଆସିଥିବା ବେଳେ ପ୍ରାୟ ୩୬୦ଟି ଷ୍ଟଲ୍‌କୁ ଅନୁମୋଦନ ଦେବାକୁ ପ୍ରକ୍ରିୟା ଜାରି ରହିଛି। ଜାଗମରାରୁ ଅନନ୍ତକେଶରୀଙ୍କ ଯାତ୍ରା ସମୟରେ ଉତ୍ତମ ଆଲୋକୀକରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟହ ୩ଥର ସଫେଇ କରିବାକୁ ନିଷ୍ପତ୍ତି ହୋଇଛି।

## ୫ ୱାର୍ଡରେ ୪ଘଣ୍ଟା ସଫେଇ ବନ୍ଦ

**ଭୁବନେଶ୍ୱର (ପିପିଏସ୍):** ଇପିଏଫ୍ ଓ ଇଏସ୍‌ଆଇ ଟଙ୍କା ବାଟମାରଣା ଅଭିଯୋଗରେ ଏକ ଘରୋଇ ସଂସ୍ଥାକୁ ବିରୋଧ କରି ବିଏମ୍‌ସିର ୫ୱାର୍ଡରେ ସଫେଇ କାର୍ଯ୍ୟ ବନ୍ଦ କରିଛନ୍ତି ସଫେଇ କର୍ମଚାରୀ। ଏହିକ୍ରମରେ ୱାର୍ଡ ନମ୍ବର ୩୨, ୩୩ ସମେତ ଲକ୍ଷ୍ମୀସାଗର, ଝାରପଡ଼ା, କଦଳୀଗୋଦାମ, ଚିନ୍ତାମଣିଶ୍ୱର ଅଞ୍ଚଳରେ ସ୍ୱଚ୍ଛତା କର୍ମୀମାନେ ସଫେଇ କାର୍ଯ୍ୟ ବନ୍ଦ କରି ବିରୋଧ ପ୍ରଦର୍ଶନ କରିଥିଲେ। ସକାଳ ସାଢ଼େ ୪ଟାରୁ ୮.୩୦ ପର୍ଯ୍ୟନ୍ତ ପ୍ରାୟ ୪ଘଣ୍ଟା ଧରି ସଫେଇ କାର୍ଯ୍ୟ ବନ୍ଦ କରିବା ସହ ନିଯୁକ୍ତି ଦେଇଥିବା ଠିକା ସଂସ୍ଥା ବିରୋଧରେ ନାରାବାଜି କରିଥିଲେ। ତେବେ ସଫେଇ କାର୍ଯ୍ୟ ବନ୍ଦ ରହିବା ଯୋଗୁଁ ବହୁ ସମୟ ପର୍ଯ୍ୟନ୍ତ ଅଳିଆ ରାସ୍ତାରେ ପଡ଼ି ରହିଥିଲା। ଏହା ଜଣାପଡ଼ିବା ପରେ ବିଏମ୍‌ସିର ସାନିଟାରୀ ଇନ୍ସପେକ୍ଟରମାନେ ଘଟଣା ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କୁ ଅବଗତ କରାଇଥିଲେ। ବିଏମ୍‌ସିର ବରିଷ୍ଠ ଅଧିକାରୀମାନେ ଠିକା ସଂସ୍ଥାର ଅଧିକାରୀଙ୍କୁ ତାଗିଦ୍ କରିବାରୁ ସେମାନେ ଆସି ସଫେଇ କର୍ମୀମାନଙ୍କୁ ବୁଝାସୁଝା କରିବାରୁ ବିରୋଧ ପ୍ରତ୍ୟାହାର ହେବା ସହ ସଫେଇ କାମ ଆରମ୍ଭ ହୋଇଥିଲା। ବିରୋଧ ପ୍ରଦର୍ଶନରେ ୨୫୦ରୁ ଉର୍ଦ୍ଧ୍ୱ ସ୍ୱଚ୍ଛତା କର୍ମୀ ସାମିଲ ହୋଇଥିଲେ। ଭୁବନେଶ୍ୱର ମ୍ୟୁନିସିପାଲିଟି ସଫେଇ ମଜଦୂର ସଂଘ ସାଧାରଣ ସମ୍ପାଦକ ସହଦେବ ନାୟକଙ୍କ ଅଭିଯୋଗ ଅନୁଯାୟୀ, ପିଏମ୍‌ଆର ନାମକ ଏକ ଠିକା ସଂସ୍ଥା ଅଧୀନରେ ବହୁ ସଂଖ୍ୟକ ସ୍ୱଚ୍ଛ କର୍ମୀ କାମ କରୁଛନ୍ତି। ପ୍ରାୟ ୯ବର୍ଷ ହେବ ସେମାନଙ୍କ ଇପିଏଫ୍ ଓ ଇଏସ୍‌ଆଇ ଟଙ୍କା କଟା ଯାଉଛି। ହେଲେ କେବଳ ମୌଖିକ ଭାବେ କୁହାଯାଉଥିଲେ ବି କାଗଜପତ୍ରରେ କିଛି କାମ ହୋଇନାହିଁ। ଏହା ଜଣାପଡ଼ିବା ପରେ ସଫେଇ କର୍ମୀ କାର୍ଯ୍ୟବନ୍ଦ କରି ଧାରଣାକୁ ଓହ୍ଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସଞ୍ଜୟ ନାୟକ, ଉପସଭାପତି ସନ୍ତୋଷ ନାୟକ ପ୍ରମୁଖ ଏହି ଧାରଣାରେ ସାମିଲ ହୋଇଥିଲେ।

## ମହିଳାଙ୍କୁ ସିଲାଇ ଓ ମେକଅପ୍ ତାଲିମ୍

**ଭୁବନେଶ୍ୱର (ପିପିଏସ୍):** ରୋଟାରୀ ଜିଲ୍ଲା ୩୨୬୨ର ନିଉ ହରାଇଜନ୍ କ୍ଲବ୍ ପକ୍ଷରୁ ମଦର ପବ୍ଲିକ୍ ସ୍କୁଲ୍ ସଭାକକ୍ଷରେ ନାରୀମାନଙ୍କୁ ବିଭିନ୍ନ ତାଲିମ ପ୍ରଦାନ କରାଯାଉଛି। ମହିଳାଙ୍କୁ ଆର୍ଥିକ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବାକୁ ସିଲାଇ, ମେକଅପ୍ ତାଲିମ୍ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜସେବୀ ପ୍ରଦୀପ୍ତ ମହାନ୍ତି, ଧର୍ମପତ୍ନୀ ଦିପ୍ତୀ ମହାନ୍ତି ଯୋଗଦେଇଥିବା ବେଳେ ନିଉ ହରାଇଜନ୍ ରୋଟାରୀ କ୍ଲବ୍‌ର ସଭାପତି ରୋଟାରୀଆନ୍ ଚିନ୍ମୟୀ ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ଦୁଇ ତାଲିମ କେନ୍ଦ୍ରର ପରିଚାଳିକାଙ୍କୁ ସମ୍ମାନିତ କରାଯାଇଥିଲା। ତେବେ ଏହି ତାଲିମ କେନ୍ଦ୍ର ପାଇଁ ଶ୍ରୀ ମହାନ୍ତି ଆର୍ଥିକ ସହାୟତା ପ୍ରଦାନ କରିଥିବାରୁ ତାଙ୍କୁ ପ୍ରଶଂସା କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା।

## ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ କର୍ମଶାଳା



**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ତାଲିମ କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ୫ଦିନ ପର୍ଯ୍ୟନ୍ତ ଚାଲିବ। ବିଦ୍ୟାଳୟ ଶିକ୍ଷାର ଗୁଣବତ୍ତା ବିକାଶ ପାଇଁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ପ୍ରତିଷ୍ଠାନର ପ୍ରସାର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ରୀତାଞ୍ଜଳି ଦାସ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ଲକ୍ଷ୍ମୀଧର ବେହେରା ନିପୁଣ ଭାରତ ମିଶନ ତଥା ଜାତୀୟ ପାଠ୍ୟଚର୍ଯ୍ୟା ବିଷୟରେ ସୂଚନା ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜାଦୁଇ ପିଟାରା, ଖେଳକୁଦ, ସମନ୍ୱିତ ଶିକ୍ଷା, ପିତାମାତା ଓ ଅଭିଭାବକଙ୍କ ଭୂମିକା, ବିଦ୍ୟାଳୟ ପ୍ରବେଶ, ଖେଳନା ଭିତ୍ତିକ ଶିକ୍ଷା ଆଦି ତାଲିମ ଦିଆଯିବ। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିହାରର ୩୭ ଜଣ ଶିକ୍ଷକ ପ୍ରଶିକ୍ଷକ ପ୍ରଶିକ୍ଷଣ ନେଉଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ପଦ୍ମା ଯାଦବ, ଡ. ରାଜେଶ୍ୱରୀ ଭଞ୍ଜଦେଓ, ବିନୟ ପଟ୍ଟନାୟକ, ଡ. ସାତାବ୍ଦି ସେନାପତି, ଡ. ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରଫେସର ଲକ୍ଷ୍ମୀଧର ବେହେରା, ଡ. ବରୁଣ ଅଶୋକନ ପ୍ରମୁଖ ପ୍ରଶିକ୍ଷକ ଭାବେ ବିଭିନ୍ନ ଅଧିବେଶନରେ ବିଚାରଦର୍ଶନ ଦେଇଛନ୍ତି। ଶେଷରେ ଡ. ବରୁଣ ଅଶୋକନ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାଧାମୋହନଜିଉଙ୍କ ପ୍ରତିଷ୍ଠା ମହୋତ୍ସବ

**ଭୁବନେଶ୍ୱର (ପିପିଏସ୍):** ଶ୍ରୀରାଧାମୋହନଜିଉଙ୍କ ପ୍ରତିଷ୍ଠା ମହୋତ୍ସବ ଏକାମ୍ର ସତ୍ୟସେବାଶ୍ରମ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏହି ସାରସ୍ୱତ ଉତ୍ସବରେ ବାବା ସତ୍ୟାନନ୍ଦ ଦାସ, ଡ ଆର୍ତ୍ତତ୍ରାଣ ଷଡ଼ଙ୍ଗୀ, ହରେକୃଷ୍ଣ ଶତପଥୀ ପ୍ରମୁଖ ଅତିଥି ସାରସ୍ୱତ ସୃଷ୍ଟି ସମ୍ଭାରରେ ବିଭିନ୍ନ ବିଭବଗୁଡ଼ିକ ସମାଜର ହିତ ସାଧନ ପାଇଁ ଉପଯୋଗୀ ବୋଲି ଆଲୋଚନାବେଳେ କହିଥିଲେ। ଏହି ଅବସରରେ ରାଧାମୋହନଜିଉଙ୍କ ବାର୍ଷିକ ମହୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରତିଭା ପ୍ରମାଣପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।

## ସହିଦ୍ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର (ପିପିଏସ୍):** ରାଷ୍ଟ୍ରୀୟ ଗୋସେବା ପରିଷଦ ଓଡ଼ିଶା ପକ୍ଷରୁ ଜମ୍ମୁକଶ୍ମୀରର ପୁଲୱାମାରେ ୨୦୧୯ ଫେବୃଆରି ୧୪ ତାରିଖରେ ସହିଦ୍ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଡମାଣ୍ଡୋ ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ସହିଦ୍ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଅନୁଷ୍ଠାନର ଉପସଭାପତି ନାରାୟଣ ସାହୁ, ସନ୍ତୋଷ ନାୟକ, ମହାଦେବ, ଅଜିତ, ଦେବାଶିଷ, ଏବଂ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସ୍ଥାନୀୟ ଅଂଚଳର କୁନିକୁନି ପିଲାଙ୍କୁ ନିଜ ସଂସ୍କୃତି ପରମ୍ପରାକୁ ପ୍ରେମର ବିଭିନ୍ନ ଆଲୋଚନା କରିଥିଲେ। ଇଂରେଜ ପରମ୍ପରାକୁ ଭୁଲି ନିଜ ସଂସ୍କୃତି ପରମ୍ପରାକୁ ଆଗେଇ ନ ନେଲେ ଆଗାମୀ ଦିନରେ ଅନେକ ସମସ୍ୟା ଦେଖା ଦେବ ବୋଲି ଅଜିତ ଗୌଡ଼ କହିଥିଲେ। ସୂଚନାଯୋଗ୍ୟ, ୨୦୧୯ ମସିହା ଫେବୃଆରି ୧୪ରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜେସ-ଏ-ମହମ୍ମଦ ଆତଙ୍କବାଦୀମାନେ ପୁଲୱାମାରେ ସିଆରପିଏଫ୍ ଗାଡ଼ି ଉପରେ ଆକ୍ରମଣ କରିଥିଲେ। ଏଥିରେ ୪୦ ଜଣ ଜବାନ ସହିଦ ହୋଇଥିଲେ ଏବଂ ଅନେକ ଗୁରୁତର ଆହତ ହୋଇଥିଲେ।

## ବରିଷ୍ଠ ସାମ୍ବାଦିକ ସାତକଡ଼ି ହୋତାଙ୍କ ବିୟୋଗରେ ଶୋକ

**ଭୁବନେଶ୍ୱର (ପିପିଏସ୍):** ସାତକଡ଼ି ହୋତା ଜଣେ ବ୍ୟକ୍ତି ନଥିଲେ, ଜଣେ ଅନୁଷ୍ଠାନ ଥିଲେ। ତାଙ୍କର ବହୁମୁଖୀ ପ୍ରତିଭା ଯୋଗୁଁ ଓଡ଼ିଶାର ଭାଷା, ସାହିତ୍ୟ, ସଙ୍ଗଠନ, ସାମ୍ବାଦିକତା, ସାଂସ୍କୃତିକ ବିକାଶ ତଥା ଆର୍ଥିକ ବିକାଶ ଦିଗରେ ଛାପ ଛାଡ଼ିଯାଇଛନ୍ତି। ଓଡ଼ିଶା ଲେଖକ ସମବାୟ ସମିତି ସଭାଗୃହରେ ବକ୍ତାମାନେ ଏହି ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସାତକଡ଼ି ହୋତାଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଓଡ଼ିଶା ଲେଖକ ସମବାୟ ସମିତି, ଲେଖକ ସାକ୍ଷାତ୍, ମୁକ୍ତ ଚିନ୍ତନ ମଞ୍ଚ ଓ ଅନନ୍ୟ ଜଗନ୍ନାଥ ସଂସ୍ଥାନ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାତକଡ଼ି ହୋତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଲେଖକ ସମବାୟ ସମିତିର କାର୍ଯ୍ୟକାରୀ ସଭାପତି ପାତଦାସ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଭାରେ 'ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସୀ ମଣ୍ଡଳ'ର ସମ୍ପାଦକ ପଦ୍ମଲୋଚନ ଦ୍ୱିବେଦୀ ଓ ସାତକଡ଼ି ସାତ୍ୟା ବଲ୍ଲଭ ମହାପାତ୍ର, ଯୌଗୁକ ସମ୍ପାଦକ ଅସିତ ମହାନ୍ତି, ସାରଳା ସଂସଦର ସମ୍ପାଦକ ପ୍ରଦୀପ୍ତ କୁମାର ବିଶ୍ୱାଳ ପ୍ରମୁଖ ଏହି ସଭାରେ ଭାଗ ନେଇଥିଲେ। ଶେଷରେ କୈଳାସ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରାଉନସୁଗର ଜବତ; ବେପାରୀ ଗିରଫ

**ଭୁବନେଶ୍ୱର (ପିପିଏସ୍):** ବ୍ରାଉନସୁଗର୍ ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲେଶ୍ୱର ଟାଉନ ଥାନା ସୁନାହାଟ ଅଞ୍ଚଳର ମହମ୍ମଦ ଅକିଲ (୨୬)। ପୁଲିସ ସୂଚନା ଅନୁସାରେ, ମଙ୍ଗରାଜ ପଏଣ୍ଟ ଅଞ୍ଚଳରେ ବ୍ରାଉନସୁଗର୍ କାରବାର ଚାଲିଥିବା ଲକ୍ଷ୍ମୀସାଗର ଥାନା ପୁଲିସକୁ ଖବର ମିଳିଥିଲା। ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରି ଅକିଲକୁ ଅଟକ ରଖିଥିଲା। ଯାଞ୍ଚ ସମୟରେ ତା'ଠାରୁ ୨୦ଗ୍ରାମ୍ ଓଜନର ବ୍ରାଉନସୁଗର୍ ଓ ଗୋଟିଏ ସ୍କୁଟି ଜବତ କରିଥିଲା। ଜବତ ବ୍ରାଉନସୁଗର୍‌ର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି। ଅକିଲ ବାଲେଶ୍ୱରରୁ ବ୍ରାଉନସୁଗର୍ ଆଣି ରାଜଧାନୀର ବିଭିନ୍ନ ବେପାରୀଙ୍କୁ ଯୋଗାଉଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ଏ ନେଇ ଲକ୍ଷ୍ମୀସାଗର ଥାନା ପୁଲିସ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତ ଅକିଲକୁ କୋର୍ଟ ଚାଲାଣ କରିଛି।

## ନାବାଳିକା ଅପହରଣକାରୀ ଗିରଫ

**ଭୁବନେଶ୍ୱର (ପିପିଏସ୍):** ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସତ୍ୟନଗର ବସ୍ତିର ଆଶିଷ ଦାସ। ହରପାର୍ବତୀ ସାହିରେ ରହୁଥିବା ଜଣେ ନାବାଳିକାଙ୍କ ସହିତ ଆଶିଷର ୬ ମାସ ପୂର୍ବରୁ ପରିଚୟ ହୋଇଥିଲା। ଗତ ୭ତାରିଖ ଦିନ ନାବାଳିକାଙ୍କ ମା' ତାଙ୍କ ଶ୍ୱଶୁରଙ୍କ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ଯାଇଥିବାବେଳେ ଘରେ ନାବାଳିକା ଏକୁଟିଆ ଥିଲେ। ସେହି ସମୟରେ ଆଶିଷ ତାଙ୍କୁ ଅପହରଣ କରି ବ୍ରହ୍ମପୁର ନେଇ ଯାଇଥିଲା। ଗୋଳନ୍ଥରା ଥାନା ଅଞ୍ଚଳରେ ଥିବା ଏକ ଗାଁରେ ଭଡ଼ା ଘରେ ଅଟକ ରଖିଥିଲା। ନାବାଳିକାଙ୍କ ମା' ଭରତପୁର ଥାନାରେ ଏ ନେଇ ଅଭିଯୋଗ କରିବା ପରେ ପୁଲିସ ଆଶିଷକୁ ଗିରଫ କରି ମୋଟରସାଇକଲ ଜବତ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଆଶିଷ ନାମରେ ପୂର୍ବରୁ ଭରତପୁର ଥାନାରେ ୫ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ବୁଧବାର ଆଶିଷକୁ କୋର୍ଟ ଚାଲାଣ କରିଛି ପୁଲିସ।

## ଭୁବନେଶ୍ୱରରେ ଖୋଲିଲା ଅତ୍ୟାଧୁନିକ ଫିଲ୍ମ ଷ୍ଟୁଡିଓ 'ସ୍ୱସ୍ତିକ୍'



**ଭୁବନେଶ୍ୱର (ପିପିଏସ୍):** ଭୁବେଶ୍ୱର ଟଙ୍କପାଣିସ୍ଥିତ ସାଇ ମନ୍ଦିର ଛକ ନିକଟରେ ଖୋଲିଲା ଫିଲ୍ମ ସୁଟିଂ ପାଇଁ ଅତ୍ୟାଧୁନିକ ଷ୍ଟୁଡିଓ 'ସ୍ୱସ୍ତିକ'। ବସନ୍ତ ପଞ୍ଚମୀ ଅବସରରେ ଏହା ଉନ୍ମୋଚିତ ହୋଇଥିବା ବେଳେ ଓଡ଼ିଆ ଚଳଚ୍ଚିତ୍ର ଓ ଟେଲିଭିଜନ ଜଗତ ସହ ସମ୍ପୃକ୍ତ ବହୁ ପ୍ରଯୋଜନା ସଂସ୍ଥା, ସେମାନଙ୍କର ପଦାଧିକାରୀ, ନିର୍ମାତା, ନିର୍ଦ୍ଦେଶକ, ଅଭିନେତା ଅଭିନେତ୍ରୀମାନେ ଯୋଗ ଦେଇଥିଲେ। ଦିନକୁ ଦିନ ଚଳଚ୍ଚିତ୍ର ଓ ଧାରାବାହିକର ସଂଖ୍ୟା ବଢ଼ିବାକୁ ଲାଗିଥିବାବେଳେ ନିର୍ମାତା ନିର୍ଦ୍ଦେଶକଙ୍କ ଚାହିଦା ପୂରଣ କରିବାରେ ଏହା ସକ୍ଷମ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଷ୍ଟୁଡିଓରେ ଥାନା, ହାଜତ, ଜେଲ, ଡାକ୍ତରଖାନା, ଅପରେସନ ଥିଏଟର, ଆଇସିୟୁ, ବାର୍, ରେଷ୍ଟୁରାଣ୍ଟ, ହସ୍ପିଟାଲ କରିଡ଼ର, ପୁରୁଣା କାଳିଆ ଜମିଦାର ଘର, କର୍ପୋରେଟ୍ ଅଫିସ୍, କୋର୍ଟ ରୁମ୍ ପ୍ରଭୃତି ରହିଛି। ଏହା ସହିତ ଦୁଇଟି ବଡ଼ ବଡ଼ ସେଡ୍ ମଧ ରହିଛି। ଯାହାକୁ ଚଳଚ୍ଚିତ୍ର, ଧାରାବାହିକ ଓ ରିଏଲିଟି ଶୋ'ର ନିୟମିତ ତଥା ସ୍ଥାୟୀ ସେଟ୍ ଭାବେ ବ୍ୟବହାର କରାଯାଇପାରିବ। ପୂର୍ବରୁ ଓଡ଼ିଆ ପ୍ରଯୋଜକଙ୍କୁ ହାଇଦ୍ରାବାଦ କି ଚେନ୍ନାଇ ଉପରେ ନିର୍ଭରଶୀଳ କରିବାକୁ ପଡୁଥିବା ବେଳେ ଏବେ ହାତ ପାହାନ୍ତାରେ ସେଇ ସବୁ ସୁବିଧା ଉପଲବ୍ଧ ଥିବାରୁ ପ୍ରଯୋଜନା ସଂସ୍ଥାଗୁଡ଼ିକ ଏହାର ଫାଇଦା ନେଇ ପାରିବେ। କେବଳ ରାଜ୍ୟ ନୁହେଁ ବାହାରର ପ୍ରଯୋଜକଙ୍କୁ ମଧ ଏହି ଷ୍ଟୁଡିଓ ଆକୃଷ୍ଟ କରିବ। ତେବେ ଏହି ଅତ୍ୟାଧୁନିକ ଷ୍ଟୁଡିଓର ପରିକଳ୍ପନା କରିଛନ୍ତି ସଂଗ୍ରାମ କେଶରୀ ପାଇକରାୟ। ଯାହାର ଅବିକଳ ରୂପରେଖ ଦେଇଛନ୍ତି କଳା ନିର୍ଦ୍ଦେଶକ ସୁବାସ ସାହୁ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥିଭାବେ ଅଭିନେତା ଶୁଭାଶିଷ ଶର୍ମା ଓ ଅନିଶା ଏହାକୁ ଲୋକାର୍ପିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଯୋଜକ ଶ୍ରୀଧର ମାର୍ଥା, ଏନ୍. ଗଙ୍ଗାଧର ରେଡ୍ଡୀ, ତପନ ଦାଶ, ପ୍ରଯୋଜିକା ବିନି ସାମଲ, ନିର୍ଦ୍ଦେଶକ ଗୌରୀ ଶଙ୍କର ପଣ୍ଡା, ମହେଶ ହାଜରା, ସନ୍ତୋଷ ପଣ୍ଡା, ତାପସ ସରଘରିଆ, ଶକ୍ତି ବରାଳ, ଅଶ୍ୱିନୀ ତ୍ରିପାଠୀ, ସଞ୍ଜୟ କୁମାର ମହଲା, ନୃତ୍ୟ ନିର୍ଦ୍ଦେଶକ ବିଦୁ ଓ ଅମିତ୍ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଭିନେତ୍ରୀ ତଥା ଉପସ୍ଥାପିକା ମଧୁମିତା ମହାନ୍ତି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନିର୍ବାଚନ ପୂର୍ବରୁ କମିସନରେଟ୍ ପୁଲିସର ପ୍ରସ୍ତୁତି



**ଭୁବନେଶ୍ୱର (ପିପିଏସ୍):** ଆଗାମୀ ନିର୍ବାଚନକୁ ଅବାଧ, ଶାନ୍ତିପୂର୍ଣ୍ଣ, ସ୍ୱଚ୍ଛ ଭାବେ କରିବାକୁ ସମସ୍ତ ପ୍ରକାର ପ୍ରୟାସ କରୁଛି କମିସନରେଟ୍ ପୁଲିସ। ଏ ନେଇ ଗତକାଲି କମିସନରେଟ୍ ପୁଲିସ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ବାଚନ ପୂର୍ବରୁ କିପରି ପ୍ରସ୍ତୁତ ହେବାକୁ ପଡ଼ିବ, କ'ଣ କ'ଣ ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ସମସ୍ତ ପ୍ରକାର ଆଲୋଚନା ହୋଇଥିଲା। ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ଏହି ବୈଠକରେ ଡିସିପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସମସ୍ତ ଜୋନ୍ ଏସିପି ଓ ଥାନା ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ପ୍ରଥମତଃ ସମ୍ବେଦନଶୀଳ ବୁଥ୍‌ଗୁଡ଼ିକ ଉପରେ ଏବେଠୁ ଆଖି ରଖିବାକୁ ଡିସିପି ଶ୍ରୀ ସିଂ ପରାମର୍ଶ ଦେଇଛନ୍ତି। ସେହିସବୁ ଅଞ୍ଚଳର ସମସ୍ତ ସ୍ଥାନୀୟ ସାମାଜିକ କର୍ମୀ, ବିଶିଷ୍ଟ ଭଦ୍ରବ୍ୟକ୍ତି ଓ ନେତାମାନଙ୍କ ସହ ନିୟମିତ ଯୋଗାଯୋଗରେ ରହିବାକୁ କୁହାଯାଇଛି। ସେହିଭଳି ସେସବୁ ଅଞ୍ଚଳର ନିଶା ବେପାରୀଙ୍କ ଭଳି ଅସାମାଜିକ ତତ୍ତ୍ୱଙ୍କ ଉପରେ ବିଶେଷ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ସବୁ ବୁଥ୍‌ର ପୁରୁଣା ସ୍ଥିତିକୁ କିଭଳି ବଦଳାଇ ହେବ, ସେଦିଗରେ ପଦକ୍ଷେପ ନେବାକୁ ଥାନା ଅଧିକାରୀଙ୍କୁ କୁହାଯାଇଛି। ଏହାବାଦ୍ ବିଭିନ୍ନ ଦାଗୀ, ଅପରାଧୀ ଓ ଅଭ୍ୟାସଗତ ଅପରାଧୀଙ୍କୁ ବାନ୍ଧିବା ପାଇଁ ଡିସିପି ଶ୍ରୀ ସିଂ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ୨୪୦୦ ଜାମିନ ବିହୀନ ଅପରାଧୀଙ୍କ ତାଲିକା କରାଯାଇଛି। ଏହା ଆହୁରି ବଢ଼ିପାରେ। ନିର୍ବାଚନ ପୂର୍ବରୁ ସେମାନଙ୍କୁ ଖୋଜିଖୋଜି ବାନ୍ଧିବାକୁ ପଡ଼ିବ। ସେହିଭଳି କେଉଁମାନଙ୍କ ବିରୋଧରେ ୧୧୦ ଦଫା ଲାଗିବ, କେଉଁମାନଙ୍କୁ ତଡ଼ିପାର କରାଯିବ, ସେନେଇ ତୁରନ୍ତ ଆଲୋଚନା କରିବାକୁ ସେ ପରାମର୍ଶ ଦେଇଛନ୍ତି। ଅପରାଧୀଙ୍କୁ ଧରିବା ପାଇଁ ଥାନା ଛଡ଼ା ସ୍ୱତନ୍ତ୍ର ଟିମ୍ ମଧ ଗଠନ କରାଯାଇଛି। ଥାନା ପୁଲିସକୁ ସହଯୋଗ କରିବାକୁ ଏହି ଟିମ୍ ସହରର ବିଭିନ୍ନ ଗଳିକନ୍ଦିରେ ବୁଲିବୁଲି ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବ। ବନ୍ଧୁକ ଲାଇସେନ୍‌ସ ଉପରେ ମଧ ଗୁରୁତ୍ୱ ଦିଆଯାଇଛି। ବର୍ତ୍ତମାନ ରାଜଧାନୀରେ ୧୪୦୦ଟି ବନ୍ଧୁକ ପାଇଁ ଲାଇସେନ୍‌ସ ଦିଆଯାଇଛି। ଏହାବାଦ୍ କେତେ ଜଣଙ୍କର ଲାଇସେନ୍‌ସ ରଦ୍ଦ ହୋଇଛି, କାହାକୁ ପୁଣି ନୂଆ କରି ବନ୍ଧୁକ ରଖିବା ପାଇଁ ଅନୁମତି ମିଳିବ, କିଏ ଫେରାଇବେ, କାହା ନାମରେ କେତେ ଅପରାଧିକ ମାମଲା ରହିଛି, ସେସବୁର ଟିକ୍‌ନିକ୍ ଯାଞ୍ଚହେବ। ଏଥିପାଇଁ ସ୍କ୍ରିନିଂ କମିଟି ଗଠିତ ହୋଇଛି ଏବଂ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛି। ଯେଉଁମାନେ ବନ୍ଧୁକ ଫେରାଇବେ, ସେମାନଙ୍କ ତାଲିକା ମିଳିବା ପରେ ବିଜ୍ଞପ୍ତି ଜାରି କରାଯିବ। ନିର୍ଦ୍ଧାରିତ ସମୟରେ ସେମାନେ ନିଜ ନିଜ ଅଞ୍ଚଳ ଥାନାରେ ବନ୍ଧୁକ ଦାଖଲ କରିବେ। ଯେଉଁମାନେ ନିୟମ ଉଲ୍ଲଂଘନ କରିବେ, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ ଡିସିପି କହିଛନ୍ତି।

## ଥାନାଧିକାରୀଙ୍କ ଯୋଗଦାନ

**ଭୁବନେଶ୍ୱର (ପିପିଏସ୍):** କମିସନରେଟ୍ ପୁଲିସର ଅଦଳବଦଳ ପରିପ୍ରେକ୍ଷୀରେ ଧଉଳି ଥାନାରେ ନୂତନ ଭାରପ୍ରାପ୍ତ ଥାନା ଅଧିକାରୀ ଭାବେ ପ୍ରଦୀପ୍ତ କୁମାର ନାୟକ ଯୋଗ ଦେଇଛନ୍ତି। ସେ ଆଜି କାର୍ଯ୍ୟରେ ଯୋଗଦେବା ସମୟରେ ଥାନା କର୍ମଚାରୀମାନେ ଶ୍ରୀ ନାୟକଙ୍କୁ ସ୍ୱାଗତ କରିଥିଲେ। ଶ୍ରୀ ନାୟକ ପୂର୍ବରୁ କଟକ ବିଡ଼ାନାସୀ ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଥାନା ଅଞ୍ଚଳରେ ନିଶା ଓ ଅପରାଧମୂଳକ କାର୍ଯ୍ୟକଳାପ ଉପରେ ନଜର ରଖିବା ସହ ଅଞ୍ଚଳବାସୀଙ୍କୁ ଉତ୍ତମ ସେବା ପ୍ରଦାନ କରିବା ଦିଗରେ ଯତ୍ନବାନ ହେବେ ବୋଲି କହିଛନ୍ତି।

## ସମ୍ ହସ୍ପିଟାଲ୍ ଶୀତଳାପଲ୍ଲୀ କ୍ୟାମ୍ପସ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ




**ଭୁବନେଶ୍ୱର (ପିପିଏସ୍):** ଦକ୍ଷିଣ ଓଡ଼ିଶାର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଣ ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ସ୍ଥାପିତ ହୋଇଥିବା ସମ୍ ହସ୍ପିଟାଲର ଶୀତଳାପଲ୍ଲୀ କ୍ୟାମ୍ପସ୍‌କୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି।

ଦୀର୍ଘ ୧୯ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରି ଆସୁଥିବା ସୋଆ ପକ୍ଷରୁ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ନିକଟ ଶୀତଳାପଲ୍ଲୀଠାରେ ଏକ ମଲ୍ଟି ସୁପର ସ୍ପେଶିଆଲିଟି ହସ୍ପିଟାଲ୍ ନିର୍ମାଣ କରାଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ହସ୍ପିଟାଲ ଉଦ୍‌ଘାଟନ ପରେ ବୃକ୍ଷ ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ସୋଆର ପ୍ରତିଷ୍ଠାତା ସଭାପତି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଏବଂ ସୋଆର ଉପସଭାପତି ଶାଶ୍ୱତୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ ହସ୍ପିଟାଲ୍ ଶୀତଳାପଲ୍ଲୀ କ୍ୟାମ୍ପସ୍‌ଠାରେ ୨୦୦ ଶଯ୍ୟାର ସୁବିଧା ରହିଥିବା ବେଳେ ଆଗାମୀ ଦିନରେ ଏହାର ସଂଖ୍ୟା ବୃଦ୍ଧି ପାଇ ୫୦୦ ହେବ। ଏହି ଡାକ୍ତରଖାନାରେ ସୁଲଭ ମୂଲ୍ୟରେ ସମସ୍ତ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବା ସହ ୨୪ ଘଣ୍ଟିଆ ସେବା ପ୍ରଦାନ କରାଯିବ। ସମ୍ ହସ୍ପିଟାଲର ଏହି ନୂତନ ମଲ୍ଟି ସୁପର ସ୍ପେଶିଆଲିଟି ହସ୍ପିଟାଲ୍‌ରେ ସମସ୍ତ ସ୍ପେଶିଆଲିଟି ଓ ସୁପର ସ୍ପେଶିଆଲିଟି ବିଭାଗ ରହିଛି। ଦେଶ ତଥା ବିଦେଶରେ ତାଲିମପ୍ରାପ୍ତ ବିଶେଷଜ୍ଞମାନେ ଚିକିତ୍ସା ପ୍ରଦାନ କରିବେ। ୨୦୨୩ରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପରିଚାଳିତ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ର୍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆରଏଫ୍)ର ୧୬ ତମ ଶ୍ରେଷ୍ଠ ମେଡିକାଲ୍ କଲେଜ ଭାବେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ସ୍ଥାନ ପାଇଛି। ଭୁବନେଶ୍ୱରରେ ଦୀର୍ଘ ୧୯ ବର୍ଷ ହେବ ଓଡ଼ିଶା ସମେତ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ରୋଗୀଙ୍କ ଲୋକପ୍ରିୟ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଭାବେ ଉଭା ହୋଇଛି। ଡାକ୍ତରୀ ଶିକ୍ଷା ପ୍ରଦାନ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ ଏକ ମାଇଲ ଖୁଣ୍ଟ ସ୍ଥାପନ କରିଛି।

ଗତ ଜାନୁଆରୀ ୨୧ରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଦ୍ୱିତୀୟ କ୍ୟାମ୍ପସ୍ ଫୁଲନଖରା ଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସୋଆ ପକ୍ଷରୁ ଭୁବନେଶ୍ୱରରେ ୨୦୨୦ ମସିହାରେ ସମ୍ ଅଲ୍ଟିମେଟ୍ ମେଡିକେୟାର, ଏକ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ମଲ୍ଟି ସୁପର ସ୍ପେଶିଆଲିଟି କ୍ୱାଟରନେରି କେୟାର ହସ୍ପିଟାଲ୍ ମଧ ଆରମ୍ଭ କରାଯାଇଛି। ସୋଆର ଏହି ୪ଟି ହସ୍ପିଟାଲ୍ ଲୋକମାନଙ୍କୁ ଉତ୍ତମ ମାନର ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ନିମନ୍ତେ ପରସ୍ପରର ସହଯୋଗ କରିବେ। ଏହି ୪ଟି ହସ୍ପିଟାଲ୍‌ରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ର ସୁବିଧା ଉପଲବ୍ଧ।

୨୦୨୦ ମସିହାରେ କୋଭିଡ୍-୧୯ ମହାମାରୀର କରାଳ ଛାୟା ସାରା ବିଶ୍ୱର ଜନ ଜୀବନକୁ କବଳିତ କରିଥିବା ବେଳେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଅବିରତ ଓ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲା। ୨୦୨୩ ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗରେ ବିଶ୍ୱବିଦ୍ୟାଳୟ କ୍ୟାଟେଗୋରିରେ ସୋଆ ଦେଶରେ ଶ୍ରେଷ୍ଠ ୧୫ ତମ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଛି। ବୁଧବାର ଏହି ନୂତନ ହସ୍ପିଟାଲର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶିତଳାପଲ୍ଲୀ କ୍ୟାମ୍ପସ୍ ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ଡାକ୍ତର ଆନନ୍ଦ ଶଙ୍କର ଶାସ୍ତ୍ରୀ, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଭୁବନେଶ୍ୱରର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍, ଫୁଲନଖରାର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର ରାଜେଶ କୁମାର ଲେଙ୍କା, ଆଇଟିଇଆର୍ ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ୍, ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି, ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ସୁମା ରିଅଲ୍ ମିଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ସିଇଓ ସୁନୀଲ ଦାସ, ଜଏଣ୍ଟ୍ ରେଜିଷ୍ଟ୍ରାର ଡକ୍ଟର ଶଶାଙ୍କ ମିଶ୍ର, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଅଫିସର୍ ଅନ୍ ସ୍ପେଶିଆଲ୍ ଡ୍ୟୁଟି ପ୍ରହଲ୍ଲାଦ ମହାନ୍ତି, ଚିଫ୍ ଭିଜିଲାନ୍ସ ଅଫିସର୍ ଯୁଗଳ ଦାସ, ଲିଗାଲ୍ ଆଫେୟାର୍ସର ନିର୍ଦ୍ଦେଶକ ସଞ୍ଜୟ କୁମାର ସାହୁ, କର୍ପୋରେଟ୍ କମ୍ୟୁନିକେସନ୍ ବିଭାଗର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ, ଚାର୍ଟାର୍ଡ ଆକାଉଟାଣ୍ଟ ସରୋଜ କାନ୍ତ ସାମଲ, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ବରିଷ୍ଠ ଡାକ୍ତର ପ୍ରଫେସର ସମୀର ସାହୁ, ପ୍ରଫେସର ପ୍ରଦୀପ୍ତ ଶେଖର ପାତ୍ର, ପ୍ରଫେସର ସୁରେନ୍ ଦାଶ, ପ୍ରଫେସର ଈଶ୍ୱର ଚନ୍ଦ୍ର ବେହେରା, ପ୍ରଫେସର ସତ୍ୟସୁନ୍ଦର ଗଜେନ୍ଦ୍ର ମହାପାତ୍ର, ପ୍ରଫେସର ଜେ.ଏନ୍ ସେନାପତି, ନର୍ସିଂ ସୁପରିଟେଣ୍ଡେଣ୍ଟ ମୀନତୀ ମିଶ୍ର, ଫାର୍ମାସୀ ବିଭାଗର ମୁଖ୍ୟ ଡାକ୍ତର ଜସ୍ମିନୀ ପଣ୍ଡା, ବାୟୋ ମେଡିକାଲ୍ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଇଂ ମନୋରମା ପରିଡ଼ା, କ୍ୱାଲିଟି ବିଭାଗର ମୁଖ୍ୟ ଡକ୍ଟର ଅରୋଲିପି ଦାସ ଓ ଡେପୁଟି ଡାଇରେକ୍ଟର ପ୍ରିୟବ୍ରତ ଦାସଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଡାକ୍ତର, ନର୍ସ, ପାରାମେଡିକ୍ସ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଘରପୋଡ଼ି ନେଇ ଥାନାରେ ଅଭିଯୋଗ
## ନ୍ୟାୟ ନପାଇ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଲେ ଦମ୍ପତି

କୋରେଇ,(ହି.ସ.): ଘରପୋଡ଼ି ନେଇ ଅଭିଯୋଗ ଦାଖଲ କରିବାର ୨୫ ଦିନ ଅତିକ୍ରାନ୍ତ ହୋଇସାସାରିବା ପରେ ମଧ୍ୟ ପୁଲିସ ଚୁପ୍ ହୋଇ ବସିଛି । ମାତ୍ର ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ଆଗ୍ରହ ପ୍ରକାଶ କରୁନାହିଁ। ଫଳରେ ଅଭିଯୋଗକାରୀ ଥାନାରୁ ନିରୁପାୟ ହୋଇ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ନ୍ୟାୟ ପାଇଁ ଗୁହାରୀ କରିଛନ୍ତି। ପ୍ରକାଶ ଯେ, ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅଧିନସ୍ଥ ହସନାବାଦ ଛକର ରବିନ୍ଦ୍ର ସାହୁଙ୍କ ପତ୍ନୀ ରେଖାଙ୍କ ଅଭିଯୋଗ ମୁତାବକ ତାଙ୍କର ଦେଢଶୁର ବଳରାମ ଓରଫ ବୁଲା ସାନଭାଇ ରବିନ୍ଦ୍ର ଓ ତାଙ୍କର ପତ୍ନୀ ରେଖାଙ୍କୁ ଚଞ୍ଚକତା କରି ପୈତୃକ ସମ୍ପତ୍ତିକୁ ବେଦଖଲ କରିବା ପରେ ସେମାନେ ବଡ଼ଘୁମୁରୀ ମୌଜାର ପାହାଡ଼ ତଳେ ଅନାବାଦୀ ଜାଗାରେ ୨୫ ବର୍ଷ ହେଲା ଏକ ଚାଳଘର କରି ରହିବା ସହିତ ଭାଗ ଚାଷ କରି ପରିବାର ପ୍ରତିପୋଷଣ କରୁଛନ୍ତି। ମାତ୍ର ରବିନ୍ଦ୍ରଙ୍କ ବଡ଼ଭାଇ ବୁଲା ପୈତୃକ ସମ୍ପତ୍ତିରୁ ରବିନ୍ଦ୍ରଙ୍କ ପରିବାରକୁ ହଟାଇବା ପରେ ମଧ୍ୟ ଆକ୍ରୋଶ ରଖି ବିଭିନ୍ନ ମିଥ୍ୟା ମାମଲାରେ ତାଙ୍କୁ ଛନ୍ଦି ହଇରାଣ ହରକତ କରାନ୍ତି। ଏପରିକି ରବିନ୍ଦ୍ର କରିଥିବା ଫସଲକୁ ମଧ୍ୟ ନିଆଁ ଲଗାଇ ଦେଇଛନ୍ତି ତାଙ୍କ ବଡ଼ଭାଇ ବୁଲା ଏଥି ନିମନ୍ତେ ପ୍ରତିଦିନ ରାତିରେ ରବିନ୍ଦ୍ର ଓ ତାଙ୍କର ପତ୍ନୀ ରେଖା ନିଜର ୧୦ ବର୍ଷର ଝିଅକୁ ଧରି ପ୍ରତିଦିନ ରାତିରେ କରିଥିବା ଫସଲକୁ ସୁରକ୍ଷା ଦେବା ଲାଗି ଉଭୟ ପତିପତ୍ନୀ ଜଗି ରହିଥାନ୍ତି। ତେବେ ଗତ ୨୧ ତାରିଖ ଦିନ ସେମାନେ ବିଲରେ ଥିବା ସମୟରେ ରବିନ୍ଦ୍ରଙ୍କ ବଡ଼ଭାଇ ବୁଲା ନିଜର କିଛି ସହଯୋଗୀଙ୍କୁ ଧରି ରବିନ୍ଦ୍ର ଓ ତାଙ୍କର ପତ୍ନୀଙ୍କୁ ଠେଙ୍ଗା ସାହାଯ୍ୟରେ ଆକ୍ରମଣ କରିଥିଲେ। ମାତ୍ର ଉଭୟ ଦୌଡ଼ି ପଳାଇବାରୁ ଉକ୍ତ ଆକ୍ରମଣରୁ ବଂଚିଯାଇଥିଲେ। ତେବେ ଏକ୍ତ ଘଟଣା ପରେ ତାଙ୍କ ବଡ଼ଭାଇ ରବିନ୍ଦ୍ର ଅନାବାଦୀ ଜମିରେ କରିଥିବା ଚାଳଘରେ ନିଆଁ ଲଗାଇ ଦେଇଥିଲେ। ଫଳରେ ଉଭୟ ଦମ୍ପତି ବଡ଼ଚଣା ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ରେଖାଙ୍କ ଅଭିଯୋଗ ଉପରେ ଥାନାରେ ଏକ ମାମଲା ୫୨/୨୪ ରଜୁ କରିଥିଲେ ମଧ୍ୟ ପୁଲିସ ରବିନ୍ଦ୍ରଙ୍କ ବଡ଼ଭାଇ ଓ ତାଙ୍କର ସହଯୋଗୀ ଅକ୍ଷୟ ବେଜ, ଦିପୁନା ବେଜ, ସିପୁନା ବେଜ. କାମିନୀ ରାଉତ, ରାମଚନ୍ଦ୍ର ରାଉତ, ବଳରାମ ସାହୁ, ମୋହନୀ ସାହୁ, ଦୁର୍ଲଭ ବଳ,ଓ ଅଜୟ ରାଉତଙ୍କ ନାମରେ ମାମଲା ରୁଜୁ କରି ପୁଲିସ ଚୁପ ହୋଇ ବସିଛି। ଫଳରେ ରବିନ୍ଦ୍ର ଓ ତାଙ୍କ ପତ୍ନୀ ରେଖା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ଅଜଣା ଗାଡି ଧକ୍କାରେ ଶିଶୁ ମୃତ

ଭଦ୍ରକ, (ପିପିଏସ୍): ଏହି ଜିଲାର ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ତହସିଲ ଛକ ସମ୍ମୁଖରେ ଅଜଣା ଗାଡି ଧକ୍କାରେ ଶିଶୁ ମୃତ୍ୟୁବରଣ କରିଛି। ସ୍ଥାନୀୟ ମନୋହରପୁର ଗ୍ରାମର ଆଦିବାସୀ ଲାଲା ମୁଣ୍ଡା ପୁଅ ଲିକୁ(୬)କୁ ସାଥିରେ ନେଇ ଜାଳ ସଂଗ୍ରହ କରିବାକୁ ଗୁରୁବାର ରାଜପଥ ଅପରପାର୍ଶ୍ୱକୁ ଯାଇଥିଲେ। ଅପରାହ୍ନ ୧୨.୩୦ମି ସମୟରେ ଜାଳନେଇ ପିତାପୁତ୍ର ଫେରି ରାଜପଥ ଅତିକ୍ରମ କରୁଥିବା ବେଳେ ଭଦ୍ରକ ଆଡୁଦ୍ରୁତ ବେଗରେ ଆସୁଥିବା ଏକ ମୋଟର ସାଇକେଲ ଶିଶୁକୁ ଧକ୍କା ଦେଇଥିଲା। ଗୁରୁତର ଆହତ ହୋଇଥିବା ଶିଶୁକୁ ସ୍ଥାନୀୟ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ସେଠାରେ ଡାକ୍ତର ଲିକୁ କୁ ମୃତ ଘୋଷଣା କରି ଥାନାକୁ ସୂଚନା ଦେଇଥିଲେ। ଥାନାରେ ମାମଲା ରଜୁ ହୋଇ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଥିବା ଜଣାଯାଇଛି।

# ତ୍ରୀଶମ୍ଭୁଙ୍କ ଅପେକ୍ଷାର ଚନ୍ଦ୍ରଭାଗା ତୀର୍ଥ
## ମେଳା ପଡିଆରେ ଶ୍ରଦ୍ଧାଳୁଙ୍କ ଭିଡ଼

କୋଣାର୍କ (ପିପିଏସ): ପୁରାଣ ବର୍ଣ୍ଣିତ ମାଘ ସପ୍ତମୀ ବୁଡ଼ ପାଇଁ ଚନ୍ଦ୍ରଭାଗାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଛି। ସନ୍ଧ୍ୟାର ଆଗମନରେ ଚନ୍ଦ୍ରଭାଗା ତୀର୍ଥ ସଂଲଗ୍ନ ମେଳା ପଡିଆରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢୁଥିବବେଳେ ଲୋକ କଥା ଅନୁଯାୟୀ ଶୁଖୁଆ ଡାଲ୍‌ମା ବ୍ୟଞ୍ଜନ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନାରୁ ଜଣାପଡ଼େକି ପୁରୀ ଜିଲ୍ଲାର ଦ୍ୱିତୀୟ ବଡ଼ ପର୍ବ ମାଘ ସପ୍ତମୀ ବୁଡ଼ ପାଇଁ ଚନ୍ଦ୍ରଭାଗାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିବା ବେଳେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପୁରାଣ ବର୍ଣ୍ଣିତ ଏହି ଚନ୍ଦ୍ରଭାଗା ତୀର୍ଥ ଆବାହନ କାଳରୁ ରହିଆସିଅଛି। ଭଗବାନ ସୂର୍ଯ୍ୟ ନାରାୟଣଙ୍କ ଉପାସନା ପାଇଁ ଏହି କ୍ଷେତ୍ରରେ ଶ୍ରଦ୍ଧାଳୁମାନେ ପୂଜା ଅର୍ଚ୍ଚନା କରିଥାଆନ୍ତି। ଲୋକକଥା ଅନୁଯାୟୀ ଏହି ଦିନ ସ୍ନାନ କରି ସୂର୍ଯ୍ୟ ଦର୍ଶନ କଲେ ମନୋକାମନା ପୂର୍ଣ୍ଣ ହେବା ସହ ବ୍ୟାଧି ମୁକ୍ତ ହୋଇଥାନ୍ତି। ପୁରାଣ ଶାସ୍ତ୍ର ଅନୁଯାୟୀ ଭଗବାନ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଏହି ତ୍ରୀର୍ଥରେ ସ୍ନାନ କରି ସୂର୍ଯ୍ୟ



ନାରାୟଣଙ୍କ ଉପାସନା କରି ଶାପ ଜନିତ ବ୍ୟାଧିରୁ ମୁକ୍ତ ହୋଇଥିଲେ। ଏହି ପରମ୍ପରାକୁ ବଜାୟ ରଖି ପ୍ରତ୍ୟେକ ବର୍ଷ ମାଘ ମାସ ସପ୍ତମୀ ତିଥିରେ ଏହି ବୁଡ଼ ଅନୁଷ୍ଠିତ ହୋଇଥାଏ। ତ୍ରିବେଣୀ ଈଷ୍ଟ ଦେବ ତ୍ରିବେଣୀଶ୍ୱର ମହାଦେବ, ଦକ୍ଷିଣେଶ୍ୱର ଓ ଇଶାନେଶ୍ୱର ମହାଦେବ ଏକ ଶୋଭାଯାତ୍ରାରେ ଯାଇ ମେଳା ପଡିଆରେ ଏକତ୍ରିତ ହୋଇଥାନ୍ତି। ସେଠାରେ ନିତିକାନ୍ତୀ ଓ ପୂଜା ଅର୍ଚ୍ଚନା କାର୍ଯ୍ୟ ପରେ ତ୍ରୀଶମ୍ଭୁଙ୍କ ମାଘ ସ୍ନାନ କରାଯାଏ। ପରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ ସ୍ନାନ କରି ସୂର୍ଯ୍ୟ ଦର୍ଶନ କରିଥାନ୍ତି। ସପ୍ତମୀ ପୂର୍ବଦିନ ଅର୍ଥାତ ଷଷ୍ଠୀଦିନକୁ ଲୋକ ଚଳା କୁହାଯାଏ। ଲୋକ ମାନେ ବୁଡ଼ ପୂର୍ବ ଦିନ ସନ୍ଧ୍ୟାରେ ମେଳା ପଡିଆରେ ରହି ଛୋଟ ଛୋଟ କୁଡିଆରେ ରହି ମାଟିହାଣ୍ଡିରେ ଭାତ, ଶୁଖୁଆ ଡାଲମା ବ୍ୟଞ୍ଜନ ପ୍ରସ୍ତୁତ କରି ଖାଇବା ସହ ବଳକା ଥିବା ବ୍ୟଞ୍ଜନକୁ ହାଣ୍ଡି ସହିତ ନିକଟସ୍ଥ ହାଣ୍ଡିବାଡ଼ିଆ ପୋଖରୀରେ ହାଣ୍ଡିକୁ ବାଡେଇ ଭାଙ୍ଗିଥାଆନ୍ତି। ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ଏହି ମେଳାକୁ ଶାନ୍ତି ଶୃଙ୍ଖଳରେ ସମାପନ କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇ ଅଛି। ପାନୀୟ ଜଳ, ଆଲୋକ ବ୍ୟବସ୍ଥା ସହିତ ଅସ୍ଥାୟୀ ପାଇଖାନା ନିର୍ମାଣ ସହ ପ୍ରାୟ ୩୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସେହିପରି ୩୦୦ରୁ ଉର୍ଦ୍ଧ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିବା ବେଳେ, ଶ୍ରଦ୍ଧାଳୁ ମାନଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା, ସୂଚନା କେନ୍ଦ୍ର ଓ ମନୋରଞ୍ଜନ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ଆଶ୍ରମ, ମଠ ଓ ସଂଗଠନ ପକ୍ଷରୁ ଅନ୍ନଛତ୍ର ଖୋଲାଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି।

# କାକଟପୁରର ସମାପିକା ପାଇଲେ ଏମ୍ ଟେକ୍‌ରେ ଗୋଲ୍ଡ ମେଡାଲ

କାକଟପୁର(ପିପିଏସ): କାକଟପୁର ବ୍ଲକ ଅଧିନସ୍ଥ କଲେଜ ଛକସ୍ଥିତ ବୀରବର ପରିଡା ଓ ପ୍ରମିଳା ପରିଡାଙ୍କ କନ୍ୟା ସମାପିକା ପରିଡା ଗତ ୧୩ ତାରିଖ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ରାଉରକେଲାର ଦଶମ ସମାବର୍ତ୍ତନ ଉତ୍ସବରେ



୨୦୧୯-୨୦ ବର୍ଷ ପାଇଁ କମ୍ପ୍ୟୁଟର ସାଇନ୍ସରେ ଓଡ଼ିଶାର ମହାମହିମ ରାଜ୍ୟପାଳ ରଘୁବର ଦାଶ ଓ ରାଜ୍ୟ ସରକାରଙ୍କ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇଙ୍କଠାରୁ ଗୋଲ୍ଡ ମେଡାଲ ପାଇବାରେ ସକ୍ଷମ ହୋଇଛନ୍ତି। ସମାପିକା ବିଜୁପଟ୍ଟନାୟକ ଶିକ୍ଷା ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଅନେକ ପୁରସ୍କାର ସାଉଁଟିଥିବାବେଳେ ୨୦୧୯-୨୦ ବର୍ଷ ପାଇଁ ସେ ଗୋଲ୍ଡ ମେଡ଼ାଲିଷ୍ଟ କଲେଜ ପାଇଁ ଗୌରବ ଆଣିଦେଇଥିଲେ। ସମାପିକାଙ୍କ ଏହି ସଫଳତା ପାଇଁ ତାଙ୍କ ପରିବାରକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଚୋରାବାଲି ବୋଝେଇ ଦୁଇ ଟ୍ରାକ୍ଟର ଜବତ

ଚମ୍ପୁଆ, (ହି.ସ.): ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ବାରିଆ ଥାନା ଅଞ୍ଚଳରୁ ଚୋରା ବାଲି ଚାଲାଣ ବେଳେ ଦୁଇଟି ବାଲି ବୋଝେଇ ଟ୍ରାକ୍ଟରକୁ ବାରିଆ ପୋଲିସ ଜବତ କରିଛି। ଚମ୍ପୁଆ ଉପଖଣ୍ଡ ବାରିଆ ଥାନା ଅନ୍ତର୍ଗତ ମରମେନ୍ଦା ନାଳ କମଣ୍ଡ ବାଲିଘାଟରୁ ବାରିଆ ଅଭିମୁଖେ ଯାଉଥିବାବେଳେ ଧରା ପଡିଛି ଚୋରା ବାଲି ବୋଝେଇ ଟ୍ରାକ୍ଟର। ବାରିଆ ପୋଲିସ ଚଢ଼ଉ କରି ଦୁଇଟି ଟ୍ରାକ୍ଟର ଜବତ କରିଛି। ଟ୍ରାକ୍ଟର ଦୁଇଟି ସ୍ଥାନୀୟ ବାରିଆ ଓ ଖମଣ୍ଡ ଅଂଚଳର ବୋଲି ଜଣାପଡିଛି।

# ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର

ଭଦ୍ରକ,(ପିପିଏସ୍): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଯଶୋଟିକିରି ସୁବର୍ଣ୍ଣମୁଖି ଉଚ୍ଚବିଦ୍ୟାଳୟ




ପରିସରରେ ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ବ୍ଲକ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ଜେନା ଉଦଘାଟନ କରିଥିଲେ। ସମାଜସେବୀ ସୌମ୍ୟରଞ୍ଜନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିବିରରେ ଯୋଗଦେଇଥିବା ୪୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ପ୍ରଶିକ୍ଷକ ପୁଷ୍ପକ ଚନ୍ଦ୍ର ଭାରତୀ, ଅଜୟ କୁମାର ରାୟ, ବିଶ୍ୱରଞ୍ଜନ ଶେଣ୍ଠ, ବିପିନ ବିହାରୀ ଜେନା ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳା

ପୁରୀ, (ହି.ସ.)- କର୍ମକ୍ଷେତ୍ରରେ ମହିଳା କର୍ମଚାରୀ ଯଦି ଅସଦାଚରଣର ଶୀକାର ହେଉଛନ୍ତି ତେବେ ତାହାକୁ ଯଥା ଶିଘ୍ର ପ୍ରତିରୋଧ କମିଟିକୁ ଅବଗତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଜିଲ୍ଲା ପ୍ରଶାସନ ସମାଜ କଲ୍ୟାଣ ବିଭାଗ ପକ୍ଷରୁ ମହିଳା ମାନଙ୍କ ପ୍ରତି କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ମହିଳା ଓ ପୁରୁଷ ସମାଜର ଦୁଇ ଅଙ୍ଗ। ସେମାନଙ୍କ ପ୍ରତି ସମାନ ଭାବନା ଓ ଅଧିକାର ସମ୍ବିଧାନ ପ୍ରଦାନ କରିଛି। ତେଣୁ କର୍ମ କ୍ଷେତ୍ରରେ ମହିଳା କର୍ମଚାରୀ ନିର୍ଭୟ ହୋଇ କାମ କରିବା ଆବଶ୍ୟକ। ଯଦି କୌଣସି ଠାରେ ଏହାର ବ୍ୟତିକ୍ରମ ହେଉଛି ଓ ମହିଳା କର୍ମଚାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ସେମାନଙ୍କ ପାଇଁ ଗଠିତ କମିଟି ଯେଉଁଥିରେ କି ମହିଳା ହିଁ ଅଧକ୍ଷ ରହିଥାନ୍ତି ସେଠାରେ ଅଭିଯୋଗ କରି ଉପଯୁକ୍ତ ନ୍ୟାୟ ପାଇବା ପାଇଁ ସେ ଅନୁରୋଧ କରିଥିଲେ। ଆଇନଜୀବୀ ମୋହନ ଜେନା, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଅଜିତ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଯୋଗଦେଇ ବିସ୍ତୃତ ଆଲୋଚନା ମାଧ୍ୟମରେ ମହିଳା କର୍ମଚାରୀ ମାନେ ସେମାନଙ୍କ ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ସଚେତନ ହେବାକୁ ଆହ୍ୱାନ ଦେବା ସହ ଅନ୍ୟାୟ କ୍ଷେତ୍ରରେ ନୀରବ ନ ରହି ତାହାର ମୁକାବିଲା ପାଇଁ ରହିଥିବା ବ୍ୟବସ୍ଥାକୁ ଉପଯୋଗ କରିବାକୁ ଅନୁରୋଧ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ ସମସ୍ତଙ୍କୁ ସ୍ୱାଗତ କରିବା ସହ କର୍ମଶାଳାର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, କମିଟିର ସଦସ୍ୟ, ଏନଜିଓ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଶେଷରେ ପ୍ରୋଗ୍ରାମ ଅଧିକାରୀ ଶର୍ମିଷ୍ଠା ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଜମିରୁ ବେଆଇନ ମାଟି ଚାଲାଣ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,(ହି.ସ.) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପୁରୁଷୋ ମପୁର ଗ୍ରାମ ପଂଚାୟତର ଅଧିବାସୀମାନେ ଆଜି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ଏରା-କଣିପଡା ଗ୍ରାମ୍ୟ ଉନ୍ନୟନ ବିଭାଗ (ଆର.ଡି.)ଭାୟା କହ୍ନେଇପୁର ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଅଛି। ସଂପୃକ୍ତ ରାସ୍ତାର ଠିକାଦାର କେତେକ ଗୁଣ୍ଡା ଓ ଅସାମାଜିକ ଲୋକଙ୍କ ସହାୟତାରେ କହ୍ନେଇପୁର ଗ୍ରାମରେ ଥିବା ସରଲାରୀ ଅନାବାଦୀ, ଗୋଚର, ଗ୍ରାମ୍ୟ ଜଙ୍ଗଲ ଓ ଖେଳପଡିଆ କିଷମ ଥିବା ଜମିରୁ ବେଆଇନ ଏବଂ ଜୋର ଜବରଦସ୍ତି ଭାବେ ଖୋଳି ମାଟି ଉଠାଉଥିବା ଅଭିଯୋଗ ହୋଇଛି। ପଂଚାୟତବାସୀମାନେ ଏଭଳି କାର୍ଯ୍ୟର ବିରୋଧ କରିବାରେ ସଂପୃକ୍ତ ଠିକାଦାର ସେମାନଙ୍କୁ ଧମକାଇ ଚମକ ଦେଉଥିବା ଅଭିଯୋଗ ହୋଇଛି। ସେହି ରାସ୍ତା ନିର୍ମାଣ ସମ୍ପର୍କିତ କୌଣସି ସୂଚନା ଫଳକ ଏଯାଏ ଲଗାଯାଇ ନଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ପଂଚାୟତବାସୀଙ୍କ ପକ୍ଷରୁ ଏରା ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ଏବଂ କେନ୍ଦ୍ରାପଡା ତହସିଲଦାରଙ୍କୁ ଜଣାଇ ଦିଆଯାଇଥିଲେବି ଏଭଳି ବେଆଇନ କାର୍ଯ୍ୟ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ସେମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହି ଅଂଚଳରୁ ଲକ୍ଷାଧିକ ଟଙ୍କାର ମାଟି ବେଆଇନ ଭାବେ ଉଠାଯାଇ ରାଜସ୍ୱ ହାନୀ ସହିତ ସ୍ଥାନୀୟ ଜନସାଧାରଣଙ୍କ ସ୍ୱାର୍ଥ ବିରୋଧରେ କାର୍ଯ୍ୟ ହେଉଥିବାରୁ ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ପଂଚାୟତବାସୀଙ୍କ ପକ୍ଷରୁ ରଞ୍ଜନ କୁମାର ବେହେରା, ନରହରୀ ବେହେରା, ପ୍ରଦୀପ ବେହେରା, ମହେନ୍ଦ୍ର ପ୍ରଧାନ, ସନ୍ତୋଷ କୁମାର ବେହେରା, ବଳରାମ ବେହେରା, ଭୀମସେନ ବେହେରା ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି। ଏହି ଅଭିଯୋଗର ନକଲ କେନ୍ଦ୍ରାପଡା ଆରକ୍ଷି ଅଧିକ୍ଷକ, ଗ୍ରାମ୍ୟ ଉନ୍ନୟନ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ, ତହସିଲଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି।

# ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ

ପୁରୀ, (ହି.ସ.) - ଛାତ୍ରଛାତ୍ରୀ ଓ ଯୁବ ବର୍ଗ ଦେଶର ଭବିଷ୍ୟତ। ବାପା ମା ମାନେ ବହୁତ କଷ୍ଟ ସହି ପିଲାମାନଙ୍କୁ ମଣିଷ କରନ୍ତି। ସେମାନେ ସଡକ ସୁରକ୍ଷା ବିଷୟରେ ସଚେତନ ହେଲେ ଦେଶର ତଥା ପରିବାରର ମଙ୍ଗଳ ହୋଇପାରିବ ବୋଲି ବକ୍ତା ମାନେ କହିଛନ୍ତି। ପୁରୀ ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ଅନୁଷ୍ଠିତ ହେଉଥିବା ସଚେତନତା କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇ ଯାଇଛି।ଏହା ଗତ ମାସ ୧୫ ତାରିଖ ଠାରୁ ଜାରି ରହିଥିଲା।ଏହି ପରିପ୍ରେକ୍ଷୀରେ ପୁରୀ ସ୍ଥିତ ଓଡିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଦୁର୍ଗା ମାଧବ କର ଆଲୋଚନା ଚକ୍ର କୁ ଅଧକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଂଚଳିକ ପରିବହନ ଅଧିକାରୀ ରବିନ୍ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଡ଼କ ସୁରକ୍ଷାର ନିୟମ କୁ ସମେସ୍ତ ଅନୁପାଳନ କରି ପାରିଲେ ଦୁର୍ଘଟଣା ଓ ଜୀବନ ହାନି କୁ ରୋକଯାଇ ପାରିବ ବୋଲି କହିବା ସହ ବିଭିନ୍ନ ସଚେତନତା ବାର୍ତା ଦେଇଥିଲେ। ଜ୍ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରତ୍ୟେକ ଦିନ ସଡକ ସୁରକ୍ଷା ର ଦିନ ଓ ପ୍ରତିଟି ଗାଡି ଚାଳକ ସୁରକ୍ଷା ନିୟମ କୁ ପାଳନ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଶ୍ୟାମ ପ୍ରକାଶ ସେନାପତି ଭବାନୀ ପ୍ରସାଦ ବଳିୟାରସିଂହ,ଅଧ୍ୟାପକ ବିଶ୍ୱମୋହନ ରଥ, ଉଦ୍ଧବ ନାୟକ, ତୃପ୍ତିରେଖା ମିଶ୍ରଙ୍କ ସମେତ ୫୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

# ଉତ୍ତମ ପ୍ରଦର୍ଶନ ନିମନ୍ତେ କୁଡୁମୁଲୁ ଗୁମ୍ମା ଲ୍ୟାମ୍ପ୍ ପୁରସ୍କୃତ

ମାଲକାନଗିରି, (ହି. ସ.)-କୁଡୁମୁଲୁ ଗୁମ୍ମା ବୃହଦାଗାର ବହୁମୁଖୀ ସମବାୟ ସମିତିକୁ ଏହାର ଉତ୍ତମ ପ୍ରଦର୍ଶନ ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ପୁରସ୍କୃତ କରାଯାଇଛି। ଜୟପୁର ସ୍ଥିତ କେ.ସି.ସି ବ୍ୟାଙ୍କ ବୈଠକ ପ୍ରକୋଷ୍ଠ ରେ, ମୁଖ୍ୟ ଅତିଥି ଭାବେ ଓଡିଶା ରାଜ୍ୟ ୧ସମବାୟ ବ୍ୟାଙ୍କର ସଭାପତି ଟି. ପ୍ରସାଦ ଦୋରା, କେ. ସି. ସି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ସମବାୟ ସମୂହ ଉପ ନିବନ୍ଧକ ଭୀମସେନ ସାହୁ,କେ. ସି. ସି ସମ୍ପାଦକ ଅଭୟ କୁମାର ଲେଙ୍କା, ଉପ ସଭାପତି ଦ୍ରୌପଦୀ ଭତ୍ରା ଓ ମୁଖ୍ୟ ବକ୍ତା ରମାକାନ୍ତ ରାଉଳ ପ୍ରମୁଖଙ୍କ ଉପସ୍ଥିତି ରେ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧୀନରେ ଥିବା ୧୪ ଗୋଟି ଲ୍ୟାମ୍ପ ର ଉତମ ପ୍ରଦର୍ଶନ ନିମନ୍ତେ ୫ ୦୦୦୦/- ଟଙ୍କା ର ଆର୍ଥିକ ସହାୟତା ଅର୍ଥରାଶି ପ୍ରଦାନ କରାଯାଇଛି। ଏହି ଅର୍ଥରାଶି କୁ ମୁଖ୍ୟ ଅଥିତି ଶ୍ରୀ ଦୋରା ପ୍ରଦାନ କରିଥିଲା ବେଳେ, କୁଡୁମୁଲଲୁ ଗୁମ୍ମା ଲ୍ୟାମ୍ପ ର ସଭାପତି ଗୋପୀ ପାଙ୍ଗି, ଲ୍ୟାମ୍ପ ପରିଚାଳକ ରମେଶ ଚନ୍ଦ୍ର ରାଉତ, ସମିତି ସଭ୍ୟ ସାଧୁ ହନ୍ତାଳ, ଭଗବାନ ସାହୁ, ଅର୍ଜୁନ ଓଡି ଓ ରାମ ଚନ୍ଦ୍ର ମାଢ଼ି ପ୍ରମୁଖ ଉକ୍ତ ଅର୍ଥରାଶି ସହ ପ୍ରମାଣପତ୍ର ଗ୍ରହଣ କରିଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, (ହି.ସ.) : କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଜମଧର ପଂଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଂଚ ରାଜ କିଶୋର ଖୁଣ୍ଟିଆଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ଅଧକ୍ଷା ଗୀତାଞ୍ଜଳୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଜିଲ୍ଲା ପରିଷଦ ସଭ୍ୟ ନିର୍ମଳା ମହାନ୍ତି, ବ୍ଲକ ଉପାଧକ୍ଷା ପ୍ରତାପ ନାରାୟଣ ମହାପାତ୍ର, ସମିତିସଭ୍ୟ ଦେବାଶିଷ ଦାସ, ନାଏବ ସରପଂଚ ବିଳାସୁଣୀ ଜେନା, ପ୍ରଦିପ୍ତ ମହାନ୍ତି, ଧରଣୀଧର ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ। ପଂଚାୟତରେ ୧୫ଟି ପ୍ରକଳ୍ପ ପାଇଁ ୧୪୪୩ ଲକ୍ଷ ଟଙ୍କା ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୪୪୩ ପରିବାର କୁ ଅନ୍ତର୍ଭୁକ୍ତ କରାଯାଇଛି। ଏଥିମଧ୍ୟରୁ ୫୦ ହିତାଧିକାରୀ ଉପକୃତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ୫ଟି ପ୍ରକଳ୍ପ ପାଇଁ ୩୩ ଲକ୍ଷ ଟଙ୍କା, କାଳିଆ ଯୋଜନାରେ ୧୧୩୧ ପରିବାର କୁ ସାମିଲ, ପଂଚାୟତ ୮୫୫ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତା ପ୍ରଦାନ, ୧୯ଟି ମିଶନ ଶକ୍ତି ଗୋଷ୍ଠୀଙ୍କୁ ୯୫ ଲକ୍ଷ ଟଙ୍କା ବିନା ସୁଧରେ ଋଣ ପ୍ରଦାନ, ପଂଚାୟତର ୧୪୪୩ ପରିବାରକୁ ରାସନ କାର୍ଡ ପ୍ରଦାନ, ମମତା ଯୋଜନାରେ ୬୫୨ ଗର୍ଭବତୀ ମହିଳାଙ୍କୁ ମମତା ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିସହିତ ପଂଚାୟତର ୫୦ ଜଣ ବରିଷ୍ଠ ନାଗରିକ, ଶିକ୍ଷକ, ପଂଚାୟତକୁ ଜମି ଦାନ କରିଥିବା ବ୍ୟକ୍ତି, ସମାଜସେବୀ, ଆଦର୍ଶ ଶିକ୍ଷକ, ନ୍ୟାୟିକ ମଂଚର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# କଳିଙ୍ଗନଗରରେ ମୁକ୍ତାକାଶ ବ୍ୟାୟମଶାଳା ଉଦ୍‌ଘାଟିତ

ଚୌଦ୍ୱାର,(ପିଏସ୍): ଚୌଦ୍ୱାର ପୌରପାଳିକା ତରଫରୁ ୧୭ ନମ୍ବର ୱାର୍ଡ଼ କଳିଙ୍ଗନଗରସ୍ଥିତ ହନୁମାନ ମନ୍ଦିର ନିକଟରେ ଏକ ମୁକ୍ତାକାଶ ବ୍ୟାୟମଶାଳା



ଉଦ୍‌ଘାଟିତ ହୋଇଯାଇଛି। ମୁକ୍ତା ଯୋଜନାରେ ପ୍ରାୟ ୨୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ବ୍ୟାୟାମଶାଳାକୁ ବିଧାୟକ ସୌଭିକ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। କାଉନସିଲର ଆଶୁତୋଷ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ,ଉପାଧକ୍ଷ ଶୁଭେନ୍ଦୁ ସାମଲ,ଜିଲ୍ଲା ବିଜେଡି ଉପ ସଭାପତି ପ୍ରେମଚାନ୍ଦ ନାୟକ,ନଗର ସଭାପତି ବିଷ୍ଣୁଚରଣ ପରିଡା , ନଗର କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ମହିଳା ମୋର୍ଚ୍ଚା ସଭାନେତ୍ରୀ କବିତାରାଣୀ ଲେଙ୍କା ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ଥିଲେ। ସୁବାଷ ଚନ୍ଦ୍ର ବାରିକ୍, ଅଜୟ ଶର୍ମା, ସୁଜାତା ରଥ, ସ୍ନିଗ୍ଧା ଶର୍ମା, ରଶ୍ମି ରଞ୍ଜନ ଦାସ, ବିଭୁ କଲ୍ୟାଣ ମହାନ୍ତି, ଆକାଶ ସାହୁ, ଆକାଶ ବାରିକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଉଁଶପୁଟ ଗ୍ରାମରେ ବିଜେପିର ଗାଁକୁ ଚାଲ ଅଭିଯାନ

ବାଙ୍କୀ,(ପିପିଏସ୍): ବାଙ୍କୀର ବିଜେପି ଯୁବନେତା ତଥା ବାଙ୍କୀ ନିର୍ବାଚନ ମଣ୍ଡଳୀ ବାରଙ୍ଗ ୩୨ନମ୍ବର ଜୋନ୍ ବିଜେପିର ଜିଲ୍ଲାପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ବାଙ୍କୀ ବ୍ଲକ ବାଉଁଶପୁଟ ଗ୍ରାମପଂଚାୟତର ଶତାଧିକ ମହିଳା ଓ ଯୁବକ କାର୍ଯ୍ୟକର୍ତ୍ତାମାନେ ଗାଁକୁ ଗାଁ ପଦଯାତ୍ରାରେ ଦଧିବାମନ ମନ୍ଦିର ଠାରୁ ବାହାରି ମଧୁପୁର, ଖଜୁରିପଦା, ବରପୁଟ, ଢେ଼ଗୁଆ, ପାଳପୁଟ, ବାଉଁଶପୁଟ, ମଣିପୁର, ନୂଆସାହି ପ୍ରଭୃତି ଗ୍ରାମ ପରିକ୍ରମା କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀଙ୍କ ଗରିବ କଲ୍ୟାଣ ଯୋଜନା ଗୁଡିକୁ ଘର ଘର ବୁଲି ସଚେତନା କରିବା



ସହ ପରିବର୍ତ୍ତନର ବାର୍ତ୍ତାକୁ ଲୋକମାନଙ୍କ ପାଖରେ ପହଞ୍ଚାଇ ସଚେତନ କରାଇଥିଲେ। ଏହି ପଦଯାତ୍ରାରେ ଜଗନ୍ନାଥ ପରିଡା, ତୁଷାରକାନ୍ତ ଚକ୍ରବର୍ତ୍ତୀ, ସରୋଜ କୁମାର ମତଗଜ ସିଂହ, ଜୟନ୍ତ ବେଉରା, ଦେବାଶିଷ ମାନସିଂହ, ରବିନ୍ଦ୍ର ସାହୁ, ପ୍ରସନ୍ନ ପରିଡା, ପବିତ୍ର ପଣ୍ଡା, ପ୍ରକାଶ ରାଉତ, ମାନସ ରାଉତ, ଗଦାଧର ପ୍ରଧାନ, ପ୍ରଭାକର ରାଉତ, ରମେଶ ଚନ୍ଦ୍ର ପ୍ରଧାନ, ଖତି ଷଣ୍ଢ, ଟୁଲୁପାତ୍ର ପ୍ରମୁଖ ଏହି ପଦଯାତ୍ରାରେ ସାମିଲ୍ ହୋଇଥିଲେ। ଶେଷରେ ମନ୍ଦିର ପୀଠରେ ପ୍ରସାଦ ସେବନ କରାଯାଇଥିଲା।

# ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

ଚମ୍ପୁଆ,(ହି.ସ.) : ଚମ୍ପୁଆ ଉପଖଣ୍ଡ ଝୁମ୍ପୁରା ଥାନା ଅନ୍ତର୍ଗତ ସୋଲଗୋଡା ଗ୍ରାମରେ ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ଜଣକ ହେଲେ ସୋଲଗୋଡା ଗ୍ରାମର ସଞ୍ଜୟ ଗିରିଙ୍କ ପୁଅ ସଂଗ୍ରାମ ଗିରି (୨୨) ।ମିଳିଥିବା ସୂଚନା ଅନୁସାରେ ଗତ କାଲିସନ୍ଧ୍ୟା ସମୟରେ ସଂଗ୍ରାମ ରଜାବସା ଅରଡେଇ ନଦୀ ବାଲିଘାଟରୁ ଟ୍ରାକ୍ଟରରେ ବାଲି ବୋଝେଇ କରି ଫେରୁଥିବା ବେଳେ ସୋଲଗୋଡା ନିକଟରେ ଗାଈ ଗୋଠକୁ ବଂଚେଇବାକୁ ଯାଇ ଭାରସ୍ୟାମ ହରାଇ ଟ୍ରାକ୍ଟରଟି ଓଲଟି ପଡ଼ିଥିଲା। ଫଳରେ ଟ୍ରାକ୍ଟର ତଳେ ଚାପି ହୋଇ ସଂଗ୍ରାମଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଝୁମ୍ପୁରା ପୋଲିସ ଘଟଣା ସ୍ଥଳରେ ପହଂଚି ମୃତଦେହକୁ ଉଦ୍ଧାର କରି ଏକ ମାମଲା ରୁଜୁ କରିବାସହ ମୃତ ଦେହକୁ ବ୍ୟବଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ପଳିକିରୀରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ଧାମନଗର (ପିପିଏସ) : ରାଜ୍ୟରେ ଶାସକ ନବୀନ ପଟ୍ଟନାୟକଙ୍କ ସରକାର ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧର୍ମସ୍ଥଳୀ ଗୁଡ଼ିକର ରୂପାନ୍ତରୀକରଣ, ମହିଳା ସଶକ୍ତି କରଣ ଓ ଭିତ୍ତିଭୂମି ବିକାଶ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ, ପ୍ରାଥମିକ ଉଚ୍ଚ ମାଧ୍ୟମିକ ଓ ମହାବିଦ୍ୟାଳୟ ଗୁଡ଼ିକର ରୁପାନ୍ତରିକରଣ, କ୍ରୀଡ଼ା ଓ ଐତିହ୍ୟ ଭିତ୍ତିଭୂମିର ବିକାଶ ଏବଂ ସୁଗମ ପରିବହନ ବ୍ୟବସ୍ଥା ମାଧ୍ୟମରେ ଲକ୍ଷ୍ମୀ




ବସ ସେବା ଇତ୍ୟାଦି ୫- ଟି ଅଧୀନ ମୋ ସରକାର ଏବଂ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ଜନସାଧାରଣଙ୍କୁ ସୁବିଧା ପ୍ରଦାନ କରୁଛନ୍ତି। ଏଥିସହିତ ମମତା ସହାୟତା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଓ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ବିନା ସୁଧରେ ଋଣ ଇତ୍ୟାଦି ବହୁ ଜନକଲ୍ୟାଣ ଯୋଜନା ରାଜ୍ୟବାସୀଙ୍କ ହିତାର୍ଥେ ପ୍ରଚଳନ କରିଛନ୍ତି। ଏହାର ସଫଳ ରୂପାୟନ ତଥା ସାର୍ବଜନୀନ ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ କରାଯାଉଛି। ଏହି ଅବସରରେ ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ପଳିକିରୀ ଉତ୍ତରେଶ୍ୱର ମହାଦେବ ପଡ଼ିଆରେ ନୋଡାଲ ଅଫିସର ଅଚ୍ୟୁତାନନ୍ଦ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନ ଶିବିରକୁ ବରିଷ୍ଠ ସାମ୍ବାଦିକ କିଶାନ ରାଉତ ସଞ୍ଚାଳନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା ଯୋଗଦେଇ ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ପୁଷ୍ପ ସମର୍ପଣ ଓ ଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦଘାଟନ କରିଥିଲେ। ଏହି ଶିବିରରେ ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ଡାକ୍ତର ସଞ୍ଜୟ ଦାସ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, ବ୍ଲକ ଉପାଧକ୍ଷ ଜଗବନ୍ଧୁ ପ୍ରଧାନ,ଖପରପଦା ସମିତି ସଭ୍ୟ ଭାରତ ବିଜୟ ଦଳାଇ, ସମ୍ପୃକ୍ତ ପଞ୍ଚାୟତ ସମିତି ସଭ୍ୟ ସୁଦୀପ୍ତ କୁମାର ଖଟୁଆ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଗୁରୁଶ୍ରୀ ସୁବାସ ମଲ୍ଲିକଙ୍କ ସଂଯୋଜିତ ପାଲା, ଡାଲଖାଇ, ଭଜନ ଓ ନୃତ୍ୟ ଆଦି ଲୋକକଳା ମାଧ୍ୟମରେ ଉପସ୍ଥିତ ହଜାର ହଜାର ଲୋକଙ୍କୁ ସରକାରଙ୍କ ଯୋଜନା ସମ୍ପର୍କରେ ସୂଚୀତ କରିଥିଲେ। ନାଏବ ସରପଞ୍ଚ ତଥା ପଞ୍ଚାୟତ ବିଜେଡ଼ି ସଭାପତି ଗୌରାଙ୍ଗ ଦାଶ, ପୂର୍ବତନ ସମିତି ସଭ୍ୟ ସୁଦର୍ଶନ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଆରଏସ ଗୀତାଞ୍ଜଳି ସାହୁ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ଶିକ୍ଷା,ସାସ୍ଥ୍ୟ, ମହିଳା ସଶକ୍ତିକରଣ, ସମନ୍ୱିତ ଶିଶୁ କଲ୍ୟାଣ,ଲୋକକଳା ଏବଂ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଥିଲା।ପଞ୍ଚାୟତର ହଜାର ହଜାର ମହିଳା ଓ ପୁରୁଷ ଉପସ୍ଥିତ ଥାଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ଖଣ୍ଡପଡ଼ା ଓ ଭାପୁର ବ୍ଲକରେ ବସନ୍ତ ପଞ୍ଚମୀ ପାଳିତ



ଖଣ୍ଡପଡ଼ା(ପିପିଏସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଏବଂ ଭାପୁର ବ୍ଲକ ର ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ ଓ ସାହି ପୂଜା ମଣ୍ଡପ ଗୁଡ଼ିକରେ ସରସ୍ୱତୀ ପୂଜା ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି । ଏହି ଅବସରରେ ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ଗୟାଧର ପରିଡା,ଭାପୁର ବ୍ଲକ ସାଂସଦ ଙ୍କ ପ୍ରତିନିଧି ତୋଫାନ କୁମାର ପ୍ରଧାନ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ସମେତ ଖଣ୍ଡପଡ଼ା ଓ ଭାପୁର ବ୍ଲକର ବିଭିନ୍ନ ପୂଜାମଣ୍ଡପ ଯଥା-ଆଣ୍ଡ୍ର ଏଡ୍ କ୍ଲବ୍ ଖଣ୍ଡପଡ଼ା, ଅଷ୍ଟବିନାୟକ କ୍ଲବ୍, ଗୋପାଳ ଜୀଉ କ୍ଲବ ଫତେଗଡ଼, ୟଙ୍ଗ ଷ୍ଟାର କ୍ଲବ୍, ବୀଣାପାଣି କ୍ଲବ୍ ମାରଡା, ଜୀବନ ଜ୍ୟୋତି କ୍ଲବ୍, ଆଇଁସିଆଖୋଲ ଗ୍ରାମ୍ୟ କମିଟି, ସତ୍ୟବାଦୀ କ୍ଲବ୍ ବଡ଼ସହରା, କାଳୀକା ପ୍ରସାଦ ଗ୍ରାମର ମା ପାଟଚଣ୍ଡି ଠାକୁରାଣୀଙ୍କ ଜନ୍ମ ବାର୍ଷିକ, ଗିରିଡିପାଟଣା ଗ୍ରାମରେ ଶନିଶ୍ଚର ଦେବଙ୍କ ଜନ୍ମ ବାର୍ଷିକ ଓ ଗୌଡ଼ ବୋଦସା ଗ୍ରାମରେ ଗୋପାଳ ସମାଜ ପକ୍ଷରୁ ଆୟୋଜିତ ରାଧାକୃଷ୍ଣ ଠାକୁରଙ୍କ ଜନ୍ମ ବାର୍ଷିକ ଉତ୍ସବରେ ଯୋଗଦେଇ ବିଭୁକୃପା ଲାଭ କରିଥିଲେ ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, (ହି.ସ.): କେନ୍ଦ୍ରାପଡ଼ା ପୌରାଂଚଳ ର ୨୧ନଂ ୱାର୍ଡରେ ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ୨୧ନଂ ୱାର୍ଡର କାଉନସିଲର ପ୍ରଭାଶିଷ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ୧୯, ୨୦, ୨୧ ନଂ ୱାର୍ଡରେ ବିଭିନ୍ନ ଯୋଜନା ସଂପର୍କରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ପୌର ଅଧକ୍ଷ ସରିତା ସାହୁ, ଉପାଧକ୍ଷ ଆଲକରୀ ଖାତୁନ, କାଉନସିଲର ଉମେଶ ଚନ୍ଦ୍ର ନାୟକ, ରମେଶ ଦାସ, ଚୌଧୁରୀ ସୁକୁମାର ଦାସ, ଅସୀମା ନାୟକ, ପ୍ରଦିପ୍ତ କୁମାର ଜେନା, ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ପ୍ରମୁଖ ଯୋଗ ଦେଇ ପୌରାଂଚଳର ଏହି ୱାର୍ଡ ଗୁଡିକରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରାଯାଇଥିଲା । ଏଥିସହିତ ୨୧ନଂ ୱାର୍ଡର ବସ୍ତି ବାସିନ୍ଦା ମାନେ ଜାଗା ମିଶନ ଯୋଜନାରେ ପାଉଥିବା ଜମି ଓ ଅବର୍ଣ୍ଣ କଲୋନୀ, ପାନୀୟ ଜଳ, ବର୍ଜ୍ୟଜଳ ପରିଚାଳନା, ସଂପୃକ୍ତ ଅଂଚଳରେ ବିଧବା ଭତା, ବାର୍ଦ୍ଧକ୍ୟ ଭତା, ରାସନ କାର୍ଡ ପ୍ରଭୃତି ସଂପର୍କରେ ଆଲୋଚନା କରାଯାଇ ଥିଲା । ଯେଉଁ ବସ୍ତି ବାସିନ୍ଦା ମାନେ ଏହି ଯୋଜନାରୁ ବଂଚିତ ହୋଇଛନ୍ତି ସେମାନଙ୍କ ସମସ୍ତ ପ୍ରକାର ସହ ଯୋଗ କରାଯିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ କର ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ୩ଗୋଟି ୱାର୍ଡର ବହୁ ବରିଷ୍ଠ ନାଗରିକ, ମହିଳା, ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ମିଶନ ଶକ୍ତିର ମହିଳାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ତାଡିଲେ ମହିଳା, ଭାଙ୍ଗିଲେ ଚୋରା ମଦଦୋକାନ



ଉତ୍କଳ, (ପିପିଏସ୍): ଉତ୍କଳ ଜିଲ୍ଲା ଆଗରପଡ଼ା ଥାନା ଅଧିନ ଭଗାରାମ ଠାରେ ଦୀର୍ଘ ବର୍ଷ ଧରି ଚୋରା ମଦ ବିକ୍ରୀ ହୋଇ ଆସୁଥିଲା । ଏନେଇ ବହୁ ବାର ଅଭିଯୋଗମାନ ହୋଇ ଆସୁଥିଲେ ମଧ ଚୋରା ବେପାରୀ ଉପରେ ଏହା କୌଣସି କିଛି ପ୍ରଭାବ ପକାଇ ପାରୁ ନଥିଲା । ଖୁଲମ୍ ଖୁଲା ବେପାରୀ ଜଣକ ଚୋରା ମଦ ବିକ୍ରୀର କାୟା ବିସ୍ତାର କରି ଆସୁଥିବା ବେଳେ ସଂପୃକ୍ତ ଅଞ୍ଚଳରେ ସନ୍ଧ୍ୟା ପରେ ବିଭିନ୍ନ ଘରେ ପାରିବାରିକ ଅଶାନ୍ତି ବୃଦ୍ଧି ପାଉଥିଲା । ଏଥିରେ ଅତିଷ୍ଠ ହୋଇ ଶେଷରେ ମହିଳାମାନେ ତାଡି ଥିଲେ । ବୁଧବାର ଅପରାହ୍ନରେ ଶତାଧିକ ମହିଳା ପୁରୁଷ ହାତରେ ବାଡ଼ି ଠେଙ୍ଗା ଧରି ଗ୍ରାମର ଭୀମସେନ ବାରିକଙ୍କ ଘରେ ପଶିଥିଲେ । ଘର ମଧ୍ୟରେ ଥିବା ପେଟି ପେଟି ଚୋରା ଦେଶୀ ଓ ବିଦେଶୀ ମଦକୁ ବାହାରକୁ ଆଣି ସର୍ବ ସମ୍ମୁଖରେ ନଷ୍ଟ କରିଥିବାର ଦେଖାଯାଇଥିଲା । ପ୍ରକାଶରେ ସରସ୍ୱତୀ ପୂଜା ଥିବାରୁ ସଂପୃକ୍ତ ଅଞ୍ଚଳର ଲୋକେ ମଦପିଇ ନାନା ପ୍ରକାର ବିଶୃଙ୍ଖଳା ସୃଷ୍ଟି କରିଥିଲେ । ଯାହ୍ ଦ୍ୱାରା ମହିଳା ମାନେ ଉତକ୍ଷିପ୍ତ ହୋଇ ଏହିପରି ପଦକ୍ଷେପ ନେଇଥିବା ଜଣାଇଛନ୍ତି । ଉପରୋକ୍ତ ଘଟଣା ନେଇ ଅବକାରୀ ବିଭାଗ କିମ୍ବା ସ୍ଥାନୀୟ ପୋଲିସ୍‌ର ମତାମତ ମିଳି ପାରିନାହିଁ ।

# ସରସ୍ୱତୀ ପୂଜାରେ ପୁଲଓ୍ୱାମା ସହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, (ହି.ସ.) – ପୁଲଓ୍ୱାମା ଠାରେ ସହିଦ୍ ହୋଇଥିବା ଯଓ୍ୱାନମାନଙ୍କୁ ସରସ୍ୱତୀ ପୂଜାରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । କେନ୍ଦ୍ରାପଡା ବ୍ଲକଅନ୍ତର୍ଗତ ଜମଧର ପଂଚାୟତରେ ଏହି ଉପଲକ୍ଷେ ସରପଂଚ ରାଜକିଶୋର ଖୁଣ୍ଟିଆଙ୍କ ନେତୃତ୍ୱରେ ସରସ୍ୱତୀ ପୂଜାରେ ପଂଚାୟତର ୮ ଗୋଟି ପୂଜା କମିଟିର ସଭାପତି, ସଂପାଦକ, ସଭ୍ୟ/ସଭ୍ୟା ପ୍ରମୁଖ ଉପସ୍ଥିତ ରହି ପୁଲଓ୍ୱାମା ଠାରେ ସହିଦ୍ ହୋଇଥିବା ଯଓ୍ୱାନମାନଙ୍କ ଉଦ୍ଦେଶ୍ୟରେ ମହମବତୀ ଧରି ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇ ଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ବରିଷ୍ଠ ନାଗରିକ, ମହିଳା ଯୁବକ, ଯୁବତୀ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଭୁକୃପା ବିଦ୍ୟାମନ୍ଦିରର ଦ୍ୱାଦଶ ବାର୍ଷିକୋତ୍ସବ ଓ ମାତୃ ସମ୍ମିଳନୀ

କେନ୍ଦ୍ରାପଡ଼ା, (ହି.ସ.) – କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବଗଡ଼ାସ୍ଥିତ ପ୍ରଭୁକୃପା ବିଦ୍ୟାମନ୍ଦିରର ଦ୍ୱାଦଶ ବାର୍ଷିକୋତ୍ସବ, ମାତୃସମ୍ମିଳନୀ ଓ ପୁରସ୍କାର ବିତରଣ ସଭା ଗୁରୁବାର ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସନ୍ତୋଷ କୁମାର ବରାଳ ଅଧକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲାପରିଷଦର ଅଧକ୍ଷା ଗୀତାଞ୍ଜଳି ସେଠୀ ଓ ମୁଖ୍ୟବକ୍ତାଭାବେ କ୍ୱୀ ତଥା ସମାଜସେବୀକା ନବଜ୍ୟୋତି ରାୟ ଯୋଗଦେଇ ବିଦ୍ୟାର୍ଥୀମାନଙ୍କର ପାରମ୍ପରିକ ଶିକ୍ଷା ସହ ନୈତିକଶିକ୍ଷା ଯୋଡି ହେଲେ ହିଁ ମାନବସମ୍ବଳର ମୂଲ୍ୟବୋଧ ଭିତିକ ବିକାଶ ହୋଇପାରିବ ବୋଲି କହିଥିଲେ । ତେବେ ଏ ଦିଗରେ ମା'ମାନଙ୍କର ଉତରଦାୟୀତ୍ୱ ହିଁ ଅତି ଗୁରୁତ୍ୱପୂର୍ଣ ବୋଲି ଅତିଥିମାନେ ସୂଚାଇଥିଲେ । ପରିଚାଳନାସମିତିର ଉପଦେଷ୍ଟା ଇଂ ଅକ୍ଷୟ କୁମାର ପାଣି ସ୍ୱାଗତ ଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ । ପ୍ରଧାନଶିକ୍ଷକ ଦୀପକ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ ।ସମ୍ମାନିତ ଅତିଥିଭାବେ ୮ନମ୍ବର ଜୋନର ଜିଲ୍ଲାପରିଷଦ ସଭ୍ୟ ରଶ୍ମିରଂଜନ ରାଉତ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବ୍ରଜକିଶୋର ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ ନୃତ୍ୟସଂଗୀତ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭ୍ୟ ଗଣେଶ୍ୱର ସାହୁ, ଅକ୍ଷୟ ବାରିକ ଓ ଅଜୟ ସ୍ୱାଇଁ ଉପସ୍ଥିତ ଥିଲେ ।ମାନସ ରଞ୍ଜନ ବାରିକ, ପ୍ରକାଶ ମିଶ୍ର, ସୁଖଲତା ସ୍ୱାଇଁ, ମାନସୀ ସ୍ୱାଇଁ, ନଳିନୀପ୍ରଭା ନାୟକ, ସୁଦେଷ୍ଣା ଜେନା, ରଂଜିତା ଦାସ, ଅହଲ୍ୟା ଦାସ, ମଧୁସ୍ମିତା ସାହୁ, ଅପର୍ଣ୍ଣା ରାଉତ, ପ୍ରକାଶ ପରିଡ଼ା, ପ୍ରଣତି ନାୟକ ପ୍ରମୁଖ ଗୁରୁଜୀ ଓ ଗୁରୁମା ପରିଚାଳନା କରିଥିଲେ ।

# ବଳଦେବ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, (ହି.ସ.): କେନ୍ଦ୍ରାପଡ଼ା ବଳଦେବ ଉଚ୍ଚ ବିଦ୍ୟାଳୟରେ ୟୁଥ ଆଣ୍ଡ ଇକୋ କ୍ଲବର ବାର୍ଷିକ ମିଳନ ଉତ୍ସବ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଇକୋ କ୍ଲବର ସଂଯୋଜକ ରବିନ୍ଦ୍ର ଜେନା ମୁଖ୍ୟ ଅତିଥି, ବ୍ରଜକିଶୋର ଦାସ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ଆଦିକନ୍ଦ ରାଉଳ ଯୋଗଦେଇ ପରିବେଶ ସୁରକ୍ଷାରେ ଆମର କର୍ତବ୍ୟ ଉପରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ହାଇସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସଂଯୋଜକ ତପନ ଦାଶ ଅତିଥି ପରିଚୟ ପ୍ରଦାନ ଓ କ୍ଲବ ଗଠନର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ବିଜ୍ଞାନ ଶିକ୍ଷୟତ୍ରୀ ରାଜଶ୍ରୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ପୁରୀ, (ହି.ସ.) - ବ୍ରହ୍ମଗିରି ବ୍ଲକ ଅଧିନସ୍ଥ ବିଜିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସବର ଉଦଘାଟକ ଭାବରେ ଯୋଗ ଦେଇଥିଲେ କବିରାଜ ଜେନା, ମଣ୍ଡଳ ଶିକ୍ଷା ଅଧିକାରୀ ବ୍ରହ୍ମଗିରି ଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ସରପଂଚ ବିଜୟଲକ୍ଷ୍ମୀ ପଲାଇ । ସେ କହିଥିଲେ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ସମନ୍ୱୟରେ ଶିଶୁ ମାନଙ୍କୁ ଉତମ ପରିବେଶ ଯୋଗାଇ ଦିଆଯାଇପାରିବ । ମୁଖ୍ୟବକ୍ତାଭାବେ ଯୋଗଦେଇ ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ସ୍ତମ୍ଭକାର ଶୁଭନାରାୟଣ ଶତପଥୀ କହିଥିଲେ ଯେ ଶିଶୁମାନଙ୍କ ନିମନ୍ତେ ଗୁଣାତ୍ମକ ସମୟ ଦେବା ସମସ୍ତ ଅଭିଭାବକ କର୍ତବ୍ୟ । ଏଥିପାଇଁ ଅଭିଭାବକ ସଚେତନ ହେବା ଉଚିତ । ସମ୍ମାନୀତ ଅତିଥିଙ୍କ ମଧ୍ୟରେ ବ୍ଲକ ଉପାଧକ୍ଷା ମାଳିନୀ ଦଳାଇ, ଏ ବି ଇ ଓ ପ୍ରଶାନ୍ତ କୁମାର ଜେନା, ମହେଶ୍ୱର ପଲାଇ, ଅଧକ୍ଷ ଓ ମନୋଜ କୁମାର କର , ଉପାଧକ୍ଷ ବିଦ୍ୟାଳୟ ପରିଚାଳନା କମିଟି, ସି ଆର ସି ସି ସସ୍ମିତା ଦାଶ, ମୋ ସ୍କୁଲ୍ ଅଧକ୍ଷ ବିଜୟ କୁମାର କର ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ଓ ପ୍ରତିଭାର ବିକାଶ ନିମନ୍ତେ ଏକାଠି ଏହିପରି କାର୍ଯ୍ୟକ୍ରମ ଜାରି ରଖିବାକୁ ମତ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୫୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୭୦ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣିମା ତ୍ରିପାଠୀ ଅଧକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ଓ ଶିକ୍ଷକଶିକ୍ଷୟିତ୍ରୀମାନେ ସମସ୍ତ ସହଯୋଗ କରିଥିଲେ ।

# କଂଗ୍ରେସ ପକ୍ଷରୁ ଧର୍ମଶାଳାରେ ବିଜେଡି ଓ ବିଜେପିର ବାହାଘର

ଧର୍ମଶାଳା, (ହି.ସ.)- ଯାଜପୁର ଜିଲା ଧର୍ମଶାଳା କଂଗ୍ରେସ ପକ୍ଷରୁ ବିଜେଡି ବିଜେପିର ବାହାଘରର ଆୟୋଜନ । ସତ ସତ ପରି ଏହି ବାହାଘର ନିଆରା ଢଙ୍ଗରେ ଆଜି ଅନୁଷ୍ଠିତ ହୋଇଯାଇଛି । ବରଯାତ୍ରୀଙ୍କ ନାଚକୁଦରେ ଧର୍ମଶାଳା ପ୍ରକମ୍ପିତ । ସେପଟେ ବାହାଘର ପାଇଁ ବେଦି ପ୍ରସ୍ତୁତ । ବରକୁ ମୋଦି ମୁକଟ ଓ କନ୍ୟାକୁ ନବୀନ ମୁକୁଟ ପିନ୍ଧାଇ ହାତ ଗଣ୍ଠି ପକାଇ ଧୂମଧାମରେ ହୋଇଥିଲା ବାହାଘର । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ଅଂଚଳରେ । ଏଆଇସିସି ସଦସ୍ୟା ତଥା ଧର୍ମଶାଳା କଂଗ୍ରେସ ନେତ୍ରୀ ମଧୁସ୍ମିତା ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅଭିନବ ଉପୟରେ ମୋଦି ନବୀନଙ୍କ ସମ୍ପର୍କକୁ ନେଇ ଏହି ବାହାଘରର ଆୟୋଜନ କରାଯାଇଥିଲା । ଶତାଧିକ କଂଗ୍ରେସ କର୍ମୀମାନେ ଜାରକାସ୍ଥିତ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରାରେ ବାହାରି ବରଯାତ୍ରୀ ପରି ନାଚକୁଦ ଓ ବାଣ ଫୁଟାଇ ବିଭିନ୍ନ ଛକ ବଜାର ପରିକ୍ରମା କରି ଶେଷରେ ଜେମାଶୁଣୀ ମନ୍ଦିର ପରିସରରେ ପଂହଚି ଥିଲେ । ସେଠାରେ ପ୍ରସ୍ତୁତ ହୋଇଥିବା ବେଦିରେ ବାହାଘର ଅନୁଷ୍ଠିତ ହୋଇଥିଲା । ବେଦିରେ ବରକନ୍ୟାକୁ ବସାଇ ପଣ୍ଡିତ ଓମ୍ ଯଥା ରାବଣଶ୍ଚ ମନ୍ଦୋଦରୀ ମନ୍ତ୍ର ସହ ଅଗ୍ନୀ ସମ୍ମୁଖରେ ହାତ ଗଣ୍ଠି ପକାଇ ବିବାହ କରାଇଥିଲେ । ଏବଂ ବରଯାତ୍ରୀଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା । ଏହି ବାହାଘର ଦେଖିବା ପାଇଁ ସାଧାରଣରେ କୌତୁହଳ ସୃଷ୍ଟି ହୋଇଥିଲା । କଂଗ୍ରେସର ବହୁ ମହିଳା ଓ ସ୍ଥାନୀୟ ନେତୃମଣ୍ଡଳୀ ଏଥିରେ ସାମିଲ ହୋଇଥିଲେ । ଏନେଇ ଧର୍ମଶାଳା ଯୁବ ବିଜେଡି ଏହାର ଜବାବ ରଖିଛି । ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଷ୍ପତି ନେଇଥାନ୍ତି । ଆସନ୍ତା ନିର୍ବାଚନରେ ତାହାର ପ୍ରତିଫଳ ହେବ ବୋଲି ଯୁବ ବିଜେଡି ସଭାପତି କ୍ଷିତିଶ ନାୟକ ତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି ।

# ଭଗବତୀ ବିଦ୍ୟାମନ୍ଦିର ରୌପ୍ୟ ଜୟନ୍ତୀ ଉଦ୍‌ଘାଟିତ




କଣ୍ଟାପଡା(ପିପିଏସ): କଣ୍ଟାପଡା ବ୍ଲକ ବ୍ରାହ୍ମଣସାଇଲୋ ପଞ୍ଚାୟତ ଅନ୍ତର୍ଗତ ଉରଜଙ୍ଗ ଗ୍ରାମରେ ଥିବା ଭଗବତୀ ବିଦ୍ୟା ମନ୍ଦିରର ତାର ରୌପ୍ୟ ଜୟନ୍ତୀ ପାଳନ କରୁଛି । ଗୁରୁବାର ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ରେକି ମିଶନ ପ୍ରତିଷ୍ଠାତା ଶ୍ରୀ ସନ୍ଥ ଉଦ୍‌ଘାଟକ ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥ ରାଷ୍ଟ୍ର ମନ୍ତ୍ରୀ ପଞ୍ଚାନନ କାନୁନଗୋ ,ସମ୍ମାନିତ ଅତିଥି ଭାବେ ସଂଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର,କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଅନୁବାଦକ ପ୍ରଶାନ୍ତ କୁମାର ମହାନ୍ତି, କଣ୍ଟାପଡା ବ୍ଲକ ଉପାଧକ୍ଷ ଯତିନ୍ଦ୍ରଦାଥ ବରାଳ ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ଭ୍ରମରବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଅଶ୍ୱିନି ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରଧାନ ଶିକ୍ଷକ ରଣଜିତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଟଙ୍କା ଲୁଟ୍ ମାମଲାରେ ଜଣେ ଗିରଫ

ଚମ୍ପୁଆ, (ହି.ସ.) – ଚମ୍ପୁଆ ଥାନା ଅନ୍ତର୍ଗତ ନାରଦପୁର ଠାରେ ଗତ ନଅ ତାରିଖରେ ଜଣେ ଯୁବତୀଙ୍କ ଠାରୁ ଟଙ୍କା ଲୁଟ୍ ମାମଲାରେ ଚମ୍ପୁଆ ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ଯାଜପୁର ଜିଲ୍ଲା ମୁଣ୍ଡମାଳ ଗ୍ରାମ ର ଆଉଲା ରମେଶଙ୍କ ପୁଅ ଆଉଲା ଶେଖର(୩୨) । ସୂଚନାଯୋଗ୍ୟ କି, ଗତ ନଅ ତାରିଖ ଶୁକ୍ରବାର ଦିନ ନାରଦପୁର ଗ୍ରାମର ମାନିନୀ ନାଏକ କଣ୍ଡରା ସ୍ଥିତ ବ୍ୟାଙ୍କ୍ ଅଫ ଇଣ୍ଡିଆ ଶାଖାରୁ ୫୦ ହଜାର ଟଙ୍କା ଉଠାଇ ଟଙ୍କା ଭ୍ୟାନିଟି ବ୍ୟାଗରେ ରଖି ବସ ଯୋଗେ ନାରଦପୁର ଆସିବା ପରେ ନାରଦପୁର ବସ ଷ୍ଟାଣ୍ଡରେ ଓହ୍ଲାଇ ଘରକୁ ଅନ୍ୟ ସହଯାତ୍ରୀ ମାନଙ୍କ ସହ ଘରକୁ ଯାଉଥିବା ବେଳେ ଏକ ପଲସର ବାଇକରେ ଦୁଇ ଜଣ ଯୁବକ ଆସି ମାନିନୀଙ୍କ ଠାରୁ ଟଙ୍କା ବ୍ୟାଗ ଲୁଟି ଫେରାର ହୋଇଯାଇଥିଲେ । ଏ ନେଇ ମାନିନୀ ଚମ୍ପୁଆ ଥାନାରେ ଅଭିଯୋଗ କରିବା ପରେ ଚମ୍ପୁଆ ପୋଲିସ ବ୍ୟାଙ୍କର ସିସିଟିଭି ଯାଂଚକରି ଅଭିଯୁକ୍ତ ଆଉଲା ଶେଖରକୁ ଗିରଫ କରି ଚମ୍ପୁଆ ଥାନା କେସ ନଂ ୮୦/୨୪ ରେ ଏକ ମାମଲା ରୁଜୁ କରି ଦଫା ୩୯୨ ରେ କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ନିକଟରୁ ପୋଲିସ ଦଶ ହଜାର ଟଙ୍କା ଓ ଏକ ମୋବାଇଲ ଜବତ କରିଥିବା ଜଣାପଡ଼ିଛି ।

# ନୟାଗଡ଼ ଜିଲ୍ଲାସ୍ତରୀୟ କୃଷିମେଳା ଉଦ୍‌ଯାପିତ

ନୟାଗଡ,(ପିପିଏସ୍): ନୟାଗଡ ଜିଲ୍ଲା କୃଷି କାର୍ଯ୍ୟାଳୟ ପରିସର ରେ ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ ଉଜ୍ଜାପିତ ହୋଇଯାଇଛି । ଏହା ଫେବ୍ରୁୟାରୀ ୧୨ ତାରିଖ ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ଏହି ମହୋତ୍ସବ ଚାଲିଥିଲା । ଏହି ମହୋତ୍ସବ ରେ କୃଷି ମୃତ୍ତିକା ସଂରକ୍ଷଣ,ଉଦ୍ୟାନ ବିଭାଗ , ମତ୍ସ୍ୟ ଓ ପଶୁପାଳନ ବିଭାଗ ସାମିଲ ହୋଇଥିଲେ । ଏହି ମହୋତ୍ସବ ରେ ନୟାଗଡ ଜିଲ୍ଲା ର ୮ ଟି ବ୍ଲକ ର କୃଷକ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ।ଏହି ଉଜ୍ଜାପନି ଉତ୍ସବ ରେ ମୁଖ୍ୟ ଅତିଥି ଭାବରେଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ , ସମ୍ମାନିତ ଅତିଥି ଭାବରେ ଆତ୍ମା ର ଅଧକ୍ଷ ରାଜେନ୍ଦ୍ର କୁମାର ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରି ଚରଣ ରଥ , ଜିଲ୍ଲା କୃଷି ଅଧିକାରୀ ସଞ୍ଜୟ ଦଳେଇ ,ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଲଳିତ କୁ ପଣ୍ଡା , କୃଷି ବିଭାଗ ର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଦେବାଶିଷ ପଟ୍ଟନାୟକ ଅଭିଭାଷଣ ରେ ଓଡ଼ିଶା ସରକାର ଙ୍କ ଦ୍ୱାରା କୃଷକ ଭାଇ ମାନଙ୍କ କୃଷି ର ଉନ୍ନତି ପାଇଁ ନିଆ ଯାଇଥିବା ପଦକ୍ଷେପ ,ମହିଳା ମିଶନ ଶକ୍ତି ଓ ସ୍ୱୟଂସହାୟକ ଗୋଷ୍ଠୀ ରେ ଅନାର୍ଭୁକ୍ତ ମହିଳା ମାନେ କିପରି କୃଷି କାର୍ଯ୍ୟ ତଥା ଫୁଲ, ପନିପରିବା, ଛତୁ ଚାଷ କରି କିପରି ରୋଜଗାର କ୍ଷମ କରିବା , ରିହାତି ଦର ରେ କୃଷି ଯନ୍ତ୍ରପାତି ତଥା ସାର ,ବିହନ ଯୋଗାଇଦେବା ଆଦି ବ୍ୟବସ୍ଥା ମାନଙ୍କ ଉପରେ ଆଲୋକପାତ କରିଥିଲେ ।


ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 5054/ଭୁ.ଉ.କ.,ଭୁବନେଶ୍ୱର ତା 07.02.24 ଖ୍ରି
KPH-14/89

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କପିଳପ୍ରସାଦ ହାଉସିଂ ସ୍କିମ, ମୌଜା-କପିଳପ୍ରସାଦ , ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ**-HIG-II-39** କୁ **ଶ୍ରୀ ବିଜୟ ଦର୍ଶନ ବେହେରା, ପିତା–ସ୍ୱର୍ଗତ ସୁଦର୍ଶନ ବେହେରା, ଗ୍ରାମ–ରାଧାକ୍ରିଷ୍ଣ ଷ୍ଟ୍ରିଟ୍ ବ୍ରହ୍ମପୁର, ପୋଷ୍ଟ/ଥାନା–ବ୍ରହ୍ମପୁର, ଜିଲ୍ଲା–ଗଞ୍ଜାମ, ଓଡିଶାଙ୍କ** ନାମରେ ଆବଣ୍ଟନ କରାଯାଇଥିଲା ।

ବର୍ତ୍ତମାନ ଆବଣ୍ଟନଗ୍ରାହୀ **ଶ୍ରୀ ବିଜୟ ଦର୍ଶନ ବେହେରା** ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ **ଶ୍ରୀ ଅଭିମନ୍ୟୁ ମଲ୍ଲୁଆଳ, ପିତା–ଧର୍ଣ୍ଣଜୟ ମଲ୍ଲୁଆଳ, ଗ୍ରାମ–କୁସୁନପୁର, ପୋଷ୍ଟ–ଜୟନଗର, ଥାନା–ରାଜକନିକା, ଜିଲ୍ଲା–କେନ୍ଦ୍ରାପଡା, ଓଡିଶାଙ୍କ** ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନ ର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।


ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

CAD-4147 OIPR-13033/11/0652/2324


# ଆଗାମୀ ନିର୍ବାଚନ ପାଇଁ ଚର୍ଚ୍ଚାରେ ନିମାପଡ଼ା
# ବିଜେଡି ଓ ବିଜେପିର ଟିକେଟ୍ ଗୋଟିଏ, ଆଶାୟୀ ଅନେକ



ଗୋପ(ପିପିଏସ୍): ୨୦୨୪ ବିଧାନସଭା ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରାଥୀଙ୍କୁ ନେଇ ନିମାପଡା ଗୋପ ନିର୍ବାଚନ ମଣ୍ଡଳୀରେ ଅଙ୍କ କସାକସି ଜୋର ଧରିଛି । କେଉଁ ଦଳରୁ କିଏ ହେବ ପ୍ରାର୍ଥୀ ସେଥିପାଇଁ ନିମାପଡା ଓ ଗୋପ ଅଞ୍ଚଳରେ ଉଷ୍ମତା ବଢ଼ିବାରେ ଲାଗିଛି । ୪୬ ଗୋଟି ପଞ୍ଚାୟତ ଓ ନିମାପଡା (ଏନଏସି )କୁନେଇ ନିମାପଡା ନିର୍ବାଚନ ମଣ୍ଡଳୀ ଗଠିତ । ଏହି ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୧୯ ହଜାର ୫୮୬ ଭୋଟର ୨୦୨୪ ସାଧାରଣ ନିର୍ବାଚରେ ପ୍ରାଥୀ ମାନଙ୍କ ଭାଗ୍ୟ ନିର୍ଧାରଣ କରିବେ । ନିମାପଡା ନିର୍ବାଚନମଣ୍ଡଳୀରେ ୨୦୦୯,୨୦୧୪ ଓ ୨୦୧୯ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀ ସମୀର ରଞ୍ଜନ ଦାଶ ବିଜୟୀ ହୋଇ ତିନି ତିନି ଥର ନିର୍ବାଚିତ ହୋଇଛନ୍ତି । ୨୦୧୯ ସରକାରୀ ଦଳର ଗଣଶିକ୍ଷା ମନ୍ତ୍ରୀ ଭାବେ ମଧ କାର୍ଯ୍ୟ ମଧ ତୁଲାଇଛନ୍ତି । ଏପଟେ ବିଧାୟକ ଶ୍ରୀ ଦାଶ ପୂର୍ବ ପରି ପ୍ରତ୍ୟେକ ଦିନ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ଦଳକୁ ସୁଦୃଢ କରିବା ପାଇଁ ଦଳୀୟ କର୍ମୀମାନଙ୍କୁ ନେଇ ବିଜେଡିର ପରିବାର ସମ୍ପର୍କ ଯାତ୍ରାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ପ୍ରତ୍ୟକ ପଞ୍ଚାୟତରେ ଚଳାଇଛନ୍ତି । ମୁଁ ଦଳ ଓ ସାଧାରଣ ଲୋକ ମାନଙ୍କ ପାଖରେ ସଦାସର୍ବଦା ରହିଛି ସେଥିପାଇଁ ଦଳର ସଭାପତି ନବୀନ ବାବୁ ମୋ ଉପରେ ଆଶା ଓ ବିଶ୍ୱାସ ରଖି ତିନି ତିନି ଥର ସୁଯୋଗ ଦେଇଛନ୍ତି । ନିମାପଡା ନିର୍ବାଚନମଣ୍ଡଳୀ ଦୀର୍ଘ ୧୫ ବର୍ଷରେ ଅନେକ କାମ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ମୋ ଉପରେ ଆଶା ଓ ବିଶ୍ୱାସ ରହିଛି ବୋଲି ନିମାପଡା ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି । ସେହିପରି ଦ୍ୱିତୀୟ ଆଶାୟୀ ଭାବେ ନିମାପଡା କାକଟପୁର ନ୍ର୍ବାଚନ ମଣ୍ଡଳୀରେ ଦୀର୍ଘ ୩୩ ବର୍ଷ ଧରି ରାଜନୀତି ଏକ ମାଲିଲ ଖୁଣ୍ଟ ଅତିକ୍ରମ କରିଥିବା ସତ୍ୟବ୍ରତ ପାତ୍ର ୨୦୧୯ କଂଗ୍ରେସ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ ତୁଲାଉଛନ୍ତି । ମୁଁ ନିମାପଡା ନିର୍ବାଚନମଣ୍ଡଳୀ ପାଇଁ ଅନେକ କାର୍ଯ୍ୟ କରିଛି ଅନେକ ଲୋକେ ଏବେ ବି ମୋ ସହିତ ଯୋଡି ହୋଇ ଅଛନ୍ତି, ଦୀର୍ଘ ୩୩ ବର୍ଷ ରାଜନୀତିର ଅଭିଜ୍ଞତା ମୋ ପାଖରେ ଅଛି ମତେ ଯଦି ବିଜେଡି ଦଳର ସଭାପତି ମୋ ଉପରେ ଅସ୍ଥା ରଖି ସେବା କରିବାର ସୁଯୋଗ ଦିଅନ୍ତି ତାହାଲେ ମୁଁ ନିଶ୍ଚୟ ନିମାପଡା ଗୋପ ସାଧାରଣ ଲୋକଙ୍କ ସେବା କରିବି ବୋଲି ଆଶାୟୀ ପ୍ରାର୍ଥୀ ସତ୍ୟବ୍ରତ ପାତ୍ର କୁହନ୍ତି । ତୃତୀୟ ଟିକେଟ ଆଶାୟୀ ଶିକ୍ଷାବିତ୍ ଓ ବିଜେଡ଼ି ମୟୁରଭଞ୍ଜ ଓ କେନ୍ଦୁଝର ଦଳୀୟ ସହପର୍ଯ୍ୟବେକ୍ଷକ କାର୍ଯ୍ୟ ତୁଲାଉଥିବା ଯୁବ ନେତା ସୁବ୍ରତ ଛାଟୋଇ ପ୍ରଥମଥର ପାଇଁ ନିମାପଡା ବିଜେଡି ଟିକେଟ ପାଇଁ ଆଶା ବାନ୍ଧି ବସିଛନ୍ତି । ଶ୍ରୀ ଛାଟୋଇ ନିମାପଡା ଗୋପ ଅଞ୍ଚଳରେ ଅନେକ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ଦଳୀୟ କର୍ମୀମାନଙ୍କୁ ସଂଗଠିତ କରି ଟିକେଟକୁ ହାତେଇବା ପାଇଁ ଆପ୍ରାଣେ ଚେଷ୍ଟା ଚଳାଇବାର ନଜରକୁ ଆସୁଛି । ବିଜେଡି ଦଳ ଏକ ଶୃଙ୍ଖଳିତ ଦଳ ନିମାପଡା ଗୋପ ବିଜେଡି ସଂଗଠନ ମୋ ସହିତ ଅଛନ୍ତି ମୁଁ ଦଳପାଇଁ କାମ କରୁଛି ଏବଂ ଆଗକୁ କାମ କରିବି ବୋଲି ସୁବ୍ରତ କୁହନ୍ତି । ସେହିପରି ଚତୁର୍ଥ ଟିକେଟ ଆଶାୟୀ ଭାବେ ଜଣେ ଉଚ୍ଚ ଶିକ୍ଷିତ ଇଣ୍ଡିଆନ ଇନିଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟରେ ଉତ୍ତୀର୍ଣ୍ଣ ହୋଇ ଏକ ଘରୋଇ କମ୍ପାନୀରେ ଉଚ୍ଚ ପଦବୀରେ କାର୍ଯ୍ୟକରୁଥିବା ଜିତେନ୍ଦ୍ର ମହାନ୍ତି ମଧ ନିମାପଡା ଗୋପ ମୈଦାନକୁ ଓହ୍ଲାଇଛନ୍ତି । ଶ୍ରୀ ମହାନ୍ତି ଯଦିଓ ବିଜେଡି ଦଳରେ ଔପଚାରିକ ଭାବେ ସାମିଲ ହୋଇନାହାନ୍ତି କିନ୍ତୁ ନିମାପଡା ଗୋପ ଅଞ୍ଚଳରେ ଅନେକ ଦୁଃଖୀ ଓ ଗରିବ ଲୋକଙ୍କୁ ସାହାଯ୍ୟ କରିବା ସହିତ ସଂଗଠନକୁ ସୁଦୃଢ କରିବା ପାଇଁ ଅନେକ ଜାଗାରେ କର୍ମୀମାନଙ୍କୁ ନେଇ ବିଭିନ୍ନ ମେଳା ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଛି । ଏପରିକି ବିଜେଡି ଟିକେଟକୁ ହାତେଇବା ପାଇଁ ଜିତେନ୍ଦ୍ର ପୁରା ଚେଷ୍ଟା ଚଳାଇଛନ୍ତି ବୋଲି, ଗୋପ ନିମାପଡା ଅଞ୍ଚଳ ଓ ସୋସିଆଲ ମିଡ଼ିଆରେ ଚର୍ଚ୍ଚା ଜୋର ଧରିଛି । ଖାଲି ବିଜେଡି ନୁହେଁ ନିମାପଡା ବିଜେପିରେ ମଧ ସମାନ ଅବସ୍ଥା ଯଦି ଓ ବିଜେପିର ଆଶାୟୀ ପ୍ରାର୍ଥୀ ଓ ପ୍ରାର୍ଥିନୀ ଜଣେ ଜଣେ । କିନ୍ତୁ ଟିକେଟ ହାତେଇବା ପାଇଁ ଉଭୟ ଅନେକ ଆଶାବାଦୀ । ନିମାପଡା ନିର୍ବାଚନମଣ୍ଡଳୀରେ ପୂର୍ବରୁ ତିନି ତିନି ଥର ଲଗାତର ଭାବେ ଟିକେଟ ପାଇଥିବା ତଥା ବିଜେପି ଢେଙ୍କାନାଳ ପ୍ରଭାରୀ ଓ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରଭାତୀ ପରିଡା ରାଜ୍ୟ ବିଜେପି କାର୍ଯ୍ୟ ତୁଲାଉଥିବା ବେଳେ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିକୁ କଡା ଟକ୍କର ଦେଇଥିଲେ । କିନ୍ତୁ ଶ୍ରୀମତୀ ପରିଡା ନିମାପଡା ନିର୍ବାଚନମଣ୍ଡଳୀରୁ ତିନି ଥର ପରାଜୟ ହୋଇଥିଲେ ସୁଦ୍ଧା ବିଜେପିକୁ ଶକ୍ତ ଓ ସଂଗଠନକୁ ସୁଦୃଢ କରିବାରେ ଅନେକ ଉଦ୍ୟମ ଚଳାଇଛନ୍ତି । ବିଜେପିରୁ ଟିକେଟ ମିଳିଲେ ଏଥର ନିମାପଡା ସିଟ୍‌କୁ ନିଶ୍ଚୟ ବିଜେପି ଅକ୍ତିଆର କରିବ ବୋଲି ଆଶା ବାନ୍ଧି ବସିଛନ୍ତି ଆଶାୟୀ ପ୍ରାଥୀନୀ ପ୍ରଭାତୀ ପରିଡା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସେପଟେ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଟିକେଟ ଲବିରେ ଥିବା ଦିଲ୍ଲୀପ କୁମାର ନାୟକ ବିଜେଡି ଟିକେଟ ନମିଳିବାରୁ କଂଗ୍ରେସରୁ ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିଥିଲେ । ୨୦୧୯ ନିର୍ବାଚନରେ ଶ୍ରୀ ନାୟକ କଂଗ୍ରେସକୁ ଏକ ସମ୍ମାନ ସ୍ଥିତିକୁ ଆଣି ବହୁ ଚର୍ଚ୍ଚାରେ ଥିଲେ କ୍ଷ ପରବର୍ତୀ ସମୟରେ ଦିଲ୍ଲୀପ ହାତକୁ ଛାଡି ପଦ୍ମଫୁଲ ଧରି ନିମାପଡା ବିଜେପିକୁ ସଂଗଠିତ କରି ନିମାପଡା ଓ ଗୋପରେ ଅନେକ କର୍ମ କର୍ତ୍ତା ବିଜେପି ଦଳରେ ଯୋଡିବାରେ ଦେଖିବାକୁ ମିଳୁଛି କ୍ଷ ଶ୍ରୀ ନାୟକଙ୍କ ନିମାପଡା ଗୋପ ଅଞ୍ଚଳରେ ଅନେକ କାର୍ଯ୍ୟକ୍ରମ ଓ ଲୋକପ୍ରିୟତାକୁ ଦେଖି ଏଥର ଦିଲ୍ଲୀପ ନିମାପଡା ଟିକେଟ ପାଇଁ ଆଶାୟୀ ଅଛନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି କ୍ଷ ନିମାପଡା ପାଇଁ ବିଜେଡି ଓ ବିଜେପି ଟିକେଟ ଏକ ଗୁରତ୍ୱ ପୂର୍ଣ୍ଣ ଭୂମିକା ରଖିବ ବୋଲି ସାଧାରଣ ଚର୍ଚ୍ଚା ହେଉଥିବାବେଳେ ୨୦୨୪ ନ୍ର୍ବାଚନରେ ଉଭୟ ପାରମ୍ପରିକ ଦଳ ଭିତରେ ଆଗାମୀ ସାଧାରଣ ନିର୍ବାଚନରେ କଡା ଟକ୍କର ହେବ ବୋଲି ପୂର୍ବାନୁମାନ କରଯାଉଛି ।



# ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଭାରତୀୟ ଟିମ୍ ୫ ଓ୍ୱିକେଟ୍ ହରାଇ ୩୨୬ ରନ୍



ନୂଆଦିଲ୍ଲୀ: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପାଞ୍ଚ ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ସିରିଜର ତୃତୀୟ ମୁକାବିଲା ଗୁରୁବାର ରାଜକୋଟର ନିରଞ୍ଜନ ଶାହ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଉଛି । ଭାରତୀୟ ଟିମ୍ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ରୋହିତ ଶର୍ମା ଏବଂ ରବିନ୍ଦ୍ର ଜାଡେଜାଙ୍କ ଶତକୀୟ ପାଳି ବଳରେ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଭାରତୀୟ ଟିମ୍ ୫ ଓ୍ୱିକେଟ୍ ହରାଇ ୩୨୬ ରନ୍ କରିଛି । ପ୍ରଥମ ଦିନର ଶେଷ ହେବା ପରେ ରବିନ୍ଦ୍ର ଜାଡେଜା ୧୧୦ ଏବଂ କୁଳଦୀପ ଯାଦବ ୧ ରନ୍ କରି ଆପରାଜିତ ଅଛନ୍ତି । ତୃତୀୟ ଟେଷ୍ଟରେ ପ୍ରଥମେ ବ୍ୟାଟିଂ ପାଇଁ ଓହ୍ଲାଇଥିବା ଭାରତକୁ ପ୍ରାରମ୍ଭିକ ଝଟକା ଲାଗିଛି । ଟିମ୍ ମାତ୍ର ୩୩ ରନ୍‌ରେ ୩ ଓ୍ୱିକେଟ୍ ହରାଇ ମ୍ୟାଚ୍‌ରେ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା । ଟିମ୍‌ର ୨୨ ରନ୍‌ରେ ପ୍ରଥମ ଓ୍ୱିକେଟ୍ ଭାବେ ଯଶସ୍ୱୀ ଜୟସୱାଲ ଆଉଟ୍ ହୋଇ ପାଭେଲିୟନ ଫେରିଥିଲେ । ଏହାପରେ ଶୁଭମନ୍ ଗିଲ୍ ଖାତା ନଖୋଲି ମାର୍କ ଉଡ୍‌ଙ୍କ ଶିକାର ହୋଇଥିଲେ । ଏହାପରେ ଟିମର ସ୍କୋର ୩୩ ରନରେ ତୃତୀୟ ଝଟକା ଲାଗିଥିଲା । ବ୍ୟକ୍ତିଗତ ୫ ରନ୍‌ରେ ରଜତ ପାଟିଦାର ଆଉଟ୍ ହୋଇଥିଲେ । ଏହାପରେ ଅଧିନାୟକ ରୋହିତ ଶର୍ମା ଏବଂ ଅନୁଭବୀ ରବିନ୍ଦ୍ର ଜାଡେଜା ମ୍ୟାଚକୁ ସମ୍ଭାଳିଥିଲେ । ଦୁହିଁଙ୍କ ମଧ୍ୟରେ ଦ୍ୱିଶତକୀୟ ଭାଗିଦାରୀ ହୋଇଥିଲା । ଟିମର ସ୍କୋର ୨୩୭ ଥିବା ବେଳେ ରୋହିତ ଶର୍ମା ୧୩୧ ରନ କରି ମାର୍କ୍ ଉଡ୍‌ଙ୍କ ବୋଲରେ ବେନ୍ ଷ୍ଟୋକଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ । ଏହାପରେ ଜାଡେଜା ଏବଂ ଡେଭ୍ୟୁଟାଣ୍ଟ ସରଫରାଜ ଖାନ୍ ଟିମ୍ ସ୍କୋରକୁ ଆଗକୁ ବଢାଇଥିଲେ । ତେବେ ସରଫରାଜ ଖାନ୍ ବ୍ୟକ୍ତିଗତ ୬୨ ରନ୍ କରିଥିବା ବେଳେ ରନ୍ ଆଉଟ୍ ହୋଇଥିଲେ । ପ୍ରଥମ ଦିନରେ ଇଂଲଣ୍ଡ ପାଇଁ ମାର୍କ ଉଡ୍ ୩ ଏବଂ ଟମ୍ ହାର୍ଟଲେ ଗୋଟିଏ ଓ୍ୱିକେଟ୍ ନେଇଥିଲେ ।

# ବ୍ରୁଜ ଭୂଷଣ ଶରଣ ସିଂହଙ୍କ ପୁଅ କରଣ ସିଂହଙ୍କୁ ଧମକ ଦେଲେ ବଜରଙ୍ଗ ପୁନିଆ



ନୂଆଦିଲ୍ଲୀ : ରେସ୍ଲିଂ ଫେଡେରେସନ ଇଣ୍ଡିଆ (ଡବ୍ଲୁଏଫଆଇ)ର ପୂର୍ବତନ ଅଧକ୍ଷ ବ୍ରୁଜ ଭୂଷଣ ଶରଣ ସିଂହଙ୍କ ପୁଅ କରଣ ସିଂହଙ୍କୁ ଉତ୍ତରପ୍ରଦେଶ ରେସ୍ଲିଂ ଆସୋସିଏସନ ଅଧକ୍ଷ ଚୟନ କରାଯାଇଛି । ଏହାକୁ ନେଇ ଭାରତୀୟ ରେସ୍ଲର ବଜରଂ ପୁନିଆ ଓ ସାକ୍ଷୀ ମଲ୍ଲିକ ବିରୋଧ କରିଛନ୍ତି । ସେମାନେ ପୁଣି ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି । ବଜରଂ ଇନଷ୍ଟାଗ୍ରାମରେ ପୋଷ୍ଟ କରାଯାଇଥିବା ଏକ ଭିଡିଓରେ ଏବେ ୨-୩ ଦିନ ପୂର୍ବରୁ ବ୍ରୁଜଭୂଷଣଙ୍କ ପୁଅ ୟୁପି ରେସ୍ଲିଂ ଆସୋସିଏସନର ଅଧକ୍ଷ ନିର୍ବାଚିତ ହୋଇଥିବା କହିଛନ୍ତି । ବଜରଂ ପୁନିଆ କହିଛନ୍ତି ଯେ ଏହା ପୂର୍ବରୁ ବ୍ରୁଜ ଭୂଷଣ ତାଙ୍କ ପରିବାରର କେହି ରେସ୍ଲିଂ ପ୍ରଶାସନକୁ ଆସିବେ ନାହିଁ ବୋଲି ଘୋଷଣା କରିଥିଲେ । ସେହିପରି ସରକାର ମଧ ପ୍ରତିଶ୍ରୁତି ଦେଇଥିଲେ ଯେ ବ୍ରୁଜ ଭୂଷଣ ହୁଅନ୍ତୁ କି ତାଙ୍କ ପରିବାର ଲୋକେ ଅଥବା ସହଯୋଗୀ ଖେଳ ଉପରେ ଶାସନ କରିବେ ନାହିଁ । ବଜରଂ କହିଛନ୍ତି ଯେ ରେସ୍ଲରମାନେ ଏବେ ସେମାନଙ୍କ ସହ କଥା ହେବୁ ଯେଉଁମାନେ ଆମକୁ ସମର୍ଥନ କରିଥିଲେ । ଏଥିରେ ଆମେ କୃଷକ ସମୂହ, ଖାପ ପଞ୍ଚାୟତ, ଶ୍ରମିକ ସଂଘ ଓ ମହିଳା ସଙ୍ଗଠନଙ୍କ ସହ ଆଲୋଚନା କରି ଆନ୍ଦୋଳନ କରାଯିବ କି ନା ସେ ନେଇ ଆଗାମୀ ୨-୩ ଦିନରେ ନିଷ୍ପତ୍ତି ନିଆଯିବ । ଏଣୁ ବଜରଂ ପୁନିଆ ସରକାରଙ୍କୁ ନିବେଦନ କରିଛନ୍ତି ଯେ ଆମକୁ ପୁଣି ଥରେ ଆନ୍ଦୋଳନ କରିବାକୁ ବାଧ କରା ନଯାଉ । ସେ ଏକ୍ସ ରେ ପୋଷ୍ଟ କରିଥିବା ଏକ ଭିଡିଓରେ କହିଛନ୍ତି ଯେ ଆଗାମୀ କିଛି ଦିନରେ ଆମେ ବିରୋଧ ପ୍ରଦର୍ଶନରେ ସାମିଲ ସବୁ ଲୋକଙ୍କ ସହ କଥା ହେବୁ ଓ ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବୁ । ଏଣୁ ପୁନିଆ ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ ବ୍ରୁଜ ଭୂଷଣ ଓ ତାଙ୍କ ସମ୍ପର୍କିତ ଲୋକଙ୍କୁ ଡବ୍ଲୁଏଫଆଇରୁ ହଟାଇ ଦିଆଯାଉ ଓ ଏପରିକୌଣସିବ୍ୟକ୍ତିଙ୍କୁଶୀର୍ଷପଦବୀରେ ରଖା ଯାଉ ଯିଏ ସଚ୍ଛ ଓ ସକ୍ଷମ ।

# କ୍ଷୁବ୍ଧ ହୋଇ ନିଜର କ୍ୟାପ୍ ମୁଣ୍ଡରୁ କାଢ଼ି ଡ୍ରେସିଂ ରୁମ୍‌ରେ ଫୋପାଡ଼ି ଦେଲେ ରୋହିତ



‘ନୂଆଦିଲ୍ଲୀ: ଭାରତ ଓ ଇଂଲଣ୍ଡ ମଧ୍ୟରେ ରାଜକୋଟ୍‌ରେ ଖେଳା ଯାଇଥିବା ତୃତୀୟ ଟେଷ୍ଟର ପ୍ରଥମ ଦିନର ଖେଳ ଭାରତ ନାଁରେ ରହିଛି । ଇଂଲଣ୍ଡକୁ ଭଲ ଆରମ୍ଭ ମିଳିଥିଲେ ହେଁ ରୋହିତ ଶର୍ମା ଓ ରବୀନ୍ଦ୍ର ଜାଡ଼େଜାଙ୍କ ଦମଦାର ଶତକ ବଳରେ ଭାରତ ଭଲ ସ୍ଥିତିରେ ରହିଛି । ସରଫରାଜ ଖାନ ପଦାର୍ପଣ ମ୍ୟାଚ୍‌ରେ ୬୨ ରନର ଦ୍ରୁତ ଇନିଂସ ଖେଳିଛନ୍ତି । ସରଫରାଜ ଯେଉଁ ଭଳି ବ୍ୟାଟିଂ କରୁଥିଲେ ଲାଗୁଥିଲା ସେ ଶତକ ହାସଲ କରିବେ । ମାତ୍ର ଦୁର୍ଭାଗ୍ୟବଶତଃ ସେ ରନ ଆଉଟ୍ ହୋଇଛନ୍ତି । ତାଙ୍କ ରନଆଉଟ୍‌ରେ ଅଧିନାୟକ ରୋହିତ ଶର୍ମାଙ୍କ ପ୍ରତିକ୍ରିୟା ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଛି । ରୋହିତ ଶର୍ମା ଏତେ କ୍ଷୁବ୍ଧ ଥିଲେ ଏବଂ ନିଜର କ୍ୟାପ୍ ମୁଣ୍ଡରୁ କାଢ଼ି ଡ୍ରେସିଂ ରୁମ୍‌ରେ ଫୋପାଡ଼ି ଦେଇଥିଲେ । ଆଉ ଏହାର ଦୃଶ୍ୟ କ୍ୟାମେରାରେ କଏଦ ହୋଇ ଯାଇଛି । ମ୍ୟାଚ୍‌ର ପ୍ରଥମ ଦିନରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ହେଲେ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଭୋଗି ୩୩ ରନରେ ୩ଟି ଓ୍ୱିକେଟ୍ ହରାଇଥିଲା । ଯଶସ୍ୱୀ ଜୟସ୍ୱାଲ ୧୦ ରନ, ଶୁଭମନ ଗିଲ୍ ୦ ଓ ରଜତ ପାଟିଦାର ୫ ରନ କରି ପାଭିଲିୟନ ଫେରିଥିଲେ । ଏହା ପରେ ରୋହିତ ଓ ଜାଡ଼େଜା ଦୃଢତାର ସହ କ୍ରିଜରେ ଜମି ବୟାଟିଂ କରିଥିଲେ । ଉଭୟ ଚତୁର୍ଥ ଓ୍ୱିକେଟ୍ ପାଇଁ ଦ୍ୱିଶତକୀୟ ଭାଗିଦାରୀ ଯୋଡ଼ି ୨୩୭ ରନରେ ସ୍କୋରକୁ ପହଞ୍ଚାଇଥିଲେ । ରୋହିତ ୧୯୬ ବଲ୍‌ରୁ ୧୩୧ ରନର ଇନିଂସ ଖେଳି ଆଉଟ୍ ହୋଇଥିଲେ । ଏହା ପରେ କ୍ରିଜକୁ ଆସିଥିଲେ ସରଫରାଜ ଖାନ । ସରଫରାଜ କ୍ରିଜକୁ ଓହ୍ଲାଇବ ମାତ୍ରେ ଆକ୍ରମଣାତ୍ମକ ବ୍ୟାଟିଂ କରି ଗୋଟିଏ ପରେ ଗୋଟିଏ ଚୌକା ମାରି ଚାଲିଥିଲେ । ସେ ୪୮ ବଲ୍‌ରୁ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ । ଅନ୍ୟପଟେ ଜାଡ଼େଜା ନର୍ଭସ୍ ୯୦ରେ ରହିଥିଲେ । ଆଉ ତାଙ୍କ ଭୁଲ୍‌ର ଦଣ୍ଡ ସରଫରାଜଙ୍କୁ ଭୋଗିବାକୁ ପଡ଼ିଛି ଏବଂ ଦୁର୍ଭାଗ୍ୟପୂର୍ଣ୍ଣ ଢଙ୍ଗରେ ୬୨ ରନ କରି ଆଉଟ୍ ହୋଇଛନ୍ତି । ରୋହିତ ବୁଝି ପାରି ଥିଲେ ଯେ, ଭାରତ ପାଇଁ ଏହା କେତେ ବଡ଼ ଓ୍ୱିକେଟ୍ ଥିଲା । କାରଣ ସରଫରାଜ ଯେଉଁ ଶୈଳୀରେ ବ୍ୟାଟିଂ କରୁଥିଲେ, ଲାଗୁଥିଲା ଭାରତ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଅତିକମରେ ୩୫୦ ସ୍କୋରରେ ପହଞ୍ଚିଯିବ । ହେଲେ ଦିନର ଖେଳ ଶେଷ ସୁଦ୍ଧା ଭାରତ ୫ ଓ୍ୱିକେଟ୍ ହରାଇ ୩୨୬ ରନ କରିଛି । ଜାଡ଼େଜା ୧୧୦ ରନ ଓ କୁଳଦୀପ ଯାଦବ ୧ ରନ କରି କ୍ରିଜରେ ଅପରାଜିତ ଅଛନ୍ତି ।

# କେନ୍ଦ୍ରୀୟ ଚୁକ୍ତିଭିତ୍ତିକ ଖେଳାଳିଙ୍କୁ ରେଡ୍ ବଲ୍ କ୍ରିକେଟ୍ ଖେଳିବାକୁ ବାଧ୍ୟ




ନୂଆଦିଲ୍ଲୀ : ଭାରତୀୟ ଦଳ ପାଇଁ ଖେଳୁଥିବା କେନ୍ଦ୍ରୀୟ ଚୁକ୍ତିଭିତ୍ତିକ ଖେଳାଳିଙ୍କୁ ବର୍ତ୍ତମାନ ରେଡ୍ ବଲ୍ କ୍ରିକେଟ୍ ଖେଳିବାକୁ ପଡିବ । ଏଣିକି ଖେଳାଳିଙ୍କର ଆଉ କୌଣସି ବାହାନାକୁ ବରଦାସ୍ତ କରିବ ନାହିଁ ବିସିସିଆଇ । ଏହାର ଅର୍ଥ ବିରାଟ କୋହଲି, ମହମ୍ମଦ ଶାମି, ରୋହିତ କୋହଲିଙ୍କ ପରି ଭଳି ବରିଷ୍ଠ ଖେଳାଳି ଖେଳିବେ ଘରୋଇ କ୍ରିକେଟ । ବୁଧବାର ରାଜକୋଟ ଟେଷ୍ଟ ମ୍ୟାଚ୍ ପୂର୍ବରୁ ବିସିସିଆଇ ସଚିବ ଜୟ ଶାହା ଏହା ଘୋଷଣା କରିଛନ୍ତି । ଜୟ ଶାହା କହିଛନ୍ତି ଯେ ଭାରତର କେନ୍ଦ୍ରୀୟ ଚୁକ୍ତିଭିତ୍ତିକ ଖେଳାଳିଙ୍କୁ ଘରୋଇ ସର୍କିଟରେ ବାଧ୍ୟତାମୂଳକ ଭାବେ ରେଡ୍ ବଲ୍ କ୍ରିକେଟ୍ ଖେଳିବାକୁ ପଡ଼ିବ । ବିସିସିଆଇ ଏଥିପାଇଁ କୌଣସି ବାହାନାକୁ ବରଦାସ୍ତ କରିବ ନାହିଁ । ସୌରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମର ନାମ ପରିବର୍ତ୍ତନ ଅବସରରେ ଗଣମାଧ୍ୟମ ସହ କଥାବାର୍ତ୍ତା କରି ଶାହା କହିଛନ୍ତି ଯେ ଯଦି କୌଣସି ଖେଳାଳି ଦଳ ପରିଚାଳନା ନିର୍ଦ୍ଦେଶନାମା ପାଳନ କରିବାକୁ ମନା କରନ୍ତି । ତେବେ ମୁଖ୍ୟ ଚୟନକର୍ତ୍ତାଙ୍କ ଅଧକ୍ଷଙ୍କୁ ନିଜେ ନିଷ୍ପତ୍ତି ନେବାକୁ ସାଧୀନତା ଦିଆଯିବ । ଏହାପୂର୍ବରୁ ଅନେକ ଗଣମାଧ୍ୟମରେ ରିପୋର୍ଟ କରାଯାଇଥିଲା ଯେ ଭାରତୀୟ ଖେଳାଳିମାନେ ଯଦି ଆଇପିଏଲରେ ଖେଳିବାକୁ ଚାହାଁନ୍ତି ତେବେ ଅତି କମରେ ତିନି କିମ୍ବା ଚାରି ମ୍ୟାଚ୍ ପାଇଁ ରଣଜୀ ଟ୍ରଫି ମ୍ୟାଚ୍ ଖେଳିବା ବିସିସିଆଇ ବାଧ୍ୟତାମୂଳକ କରିବ । ସରାଜକୋଟରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଜୟ ଶାହା କହିଛନ୍ତି-ତାଙ୍କୁ ଫୋନ୍ ମାଧ୍ୟମରେ ସୂଚନା ଦିଆଯାଇଛି ଏବଂ ବର୍ତ୍ତମାନ ମୁଁ ଏକ ଚିଠି ମଧ ଲେଖିବାକୁ ଯାଉଛି ଯେ ଯଦି ଚୟନକର୍ତ୍ତା (ଅଜିତ ଅଗରକର), ଆପଣଙ୍କ କୋଚ୍ (ରାହୁଲ ଦ୍ରାବିଡ) ଏବଂ ଆପଣଙ୍କ ଅଧିନାୟକ (ରୋହିତ ଶର୍ମା) ଯଦି ଆପଣ ଏହା ମାଗୁଛନ୍ତି ତେବେ ଆପଣଙ୍କୁ ରେଡ୍ ବଲ୍ କ୍ରିକେଟ୍ ଖେଳିବାକୁ ପଡିବ ।


## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

**ପ୍ରଜାତନ୍ତ୍ର ସାପ୍ତାହିକୀ**

ଫେବୃଆରୀ ୧୧ - ଫେବୃଆରୀ -୧୭ (୨୦୨୪) ନିର୍ବାଚନ ବର୍ଷରେ ଅନ୍ତରୀଣ ବଜେଟ୍




**୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ସନ୍ଦେଶକୁ ଧରି ସଂସଦରେ ମଧ୍ୟବର୍ତ୍ତୀକାଳୀନ ବଜେଟ୍ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଯଦିଓ ନିର୍ମଳାଙ୍କ ବଜେଟ୍ ପେଡ଼ିରେ ସେଭଳି କୌଣସି ବଡ଼ ଘୋଷଣା ନଥିଲା, ତଥାପି ଗରିବ କଲ୍ୟାଣ ହିଁ ଦେଶର କଲ୍ୟାଣ ବୋଲି ଅଭିହିତ କରି କହିଥିଲେ ।**

**ଜାତୀୟ:**ମୋଦି ଗ୍ୟାରେଣ୍ଟି

**ସ୍ୱତନ୍ତ୍ର ପ୍ରସଙ୍ଗ:**ସଂସଦରେ ମୋଦି ସରକାରଙ୍କ ଶ୍ୱେତପତ୍ର

**ନାରୀ:** ଶାଶୁ-ବୋହୂଙ୍କ ମଧ୍ୟରେ ସବୁବେଳେ ଝଗଡା ହେଉଛି କି ?

**କ୍ଷୁଦ୍ରଗଳ୍ପ:** ପାଗଳଖାନା

**ଚଳଚ୍ଚିତ୍ର:** ଡି ଫେକ ମାମଲାକୁ ନେଇ ମୁହଁ ଖୋଲିଲେ ରଶ୍ମିକା,ଫିଲ୍ମ ‘ତେରି ବାତ୍ ମେଁ ଏସା ଉଲଝା ଜିଆ’କୁ ନେଇ ଚର୍ଚ୍ଚାରେ ଶାହିଦ କପୁର,‘ରାମାୟଣ’ରେ ସନ୍ନି ଦେଓଲ ହେବେ ବୀର ହନୁମାନ,ଅକ୍ଷୟ କୁମାରଙ୍କ ଡ଼ିଫେକ୍ ଭିଡିଓ ଭାଇରାଲ,ଡ୍ୟାନ୍ସ ମଝିରେ ରୋମାଣ୍ଟିକ ହେଲେ ରଣବୀର- ଆଲିଆ,‘ପୁନମ ବଞ୍ଚିଛନ୍ତି, ନିଜ ମୃତ୍ୟୁ ଖବରକୁ ଉପଭୋଗ କରୁଛନ୍ତି’,୭ ବର୍ଷ ପରେ ବଲିଉଡ଼କୁ କମବ୍ୟାକ୍ କରିବେ ଅତିଫ୍

**ଖେଳ:** ବଜେଟ୍ ଅଭିଭାଷଣରେ ପ୍ରଜ୍ଞାନାନନ୍ଦଙ୍କ ବିଷୟରେ ଉଲ୍ଲେଖ,ଆଇସିସି ଟେଷ୍ଟ ବୋଲିଂ ମାନ୍ୟତାରେ ଅଶ୍ୱିନ ନିଜର ଶୀର୍ଷ ମାନ୍ୟତା କାଏମ,ପୁଣି ଥରେ ଏସୀୟ କ୍ରିକେଟ୍ ପରିଷଦର ଅଧକ୍ଷ ହେଲେ ଜୟ ଶାହ,ପାକିସ୍ତାନ କ୍ରିକେଟରେ ଅଧିନାୟକତ୍ୱକୁ ନେଇ ବିବାଦ,ଅନ୍ତର୍ଜାତୀୟ ମୟଙ୍କ ଅଗ୍ରୱାଲ ବିପଦରୁ ମୁକ୍ତ ଅଛନ୍ତି,ଦର୍ଶକଙ୍କ ଆଶାଳୀନ ବ୍ୟବହାରର ସମ୍ମୁଖୀନ ହେଲେ ଚେସ୍ ଖେଳାଳି ଦିବ୍ୟା ଦେଶମୁଖ,ଏନ୍ ଶ୍ରୀନିବାସନଙ୍କ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ରେଡ୍

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**



# କୁଆଁପଡା ଚତୁର୍ଥ ବାର୍ଷିକ ଦିବା ରାତ୍ର ଟୁର୍ଣ୍ଣାମେଣ୍ଟ

ଗୋପ (ପିପିଏସ) : ଗୋପ ବ୍ଲକ କୁଆଁପଡା ଗ୍ରାମପଞ୍ଚାୟତ ଅଧିନସ୍ଥ ଆଳିସି ଗ୍ରାମ ଶ୍ରୀସାଇ କ୍ରିକେଟ ଟିମ୍ ଆନୁକୂଲ୍ୟରେ ଚତୁର୍ଥ ବାର୍ଷିକ ଦିବା ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ କସ୍ତୁରୀବାଳା ସାଇଁ ଯୋଗଦେଇ ଆୟୋଜକ ଏବଂ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏପରି ଟୁର୍ଣ୍ଣାମେଣ୍ଟ କରିବା ଦ୍ୱାରା ଖେଳ ଓ ଖେଳାଳି ମାନଙ୍କ ଭିତରେ ବନ୍ଧୁତା ସ୍ଥାପନ ହୋଇଥାଏ ଏବଂ ଗ୍ରାମାଞ୍ଚଳରେ ଖେଳୁଥିବା ଥିବା ଖେଳାଳିଙ୍କ ପ୍ରତିଭା ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିପାରିବ ବୋଲି ସମାଜସେବୀ କସ୍ତୁରୀବାଳା ସାଇଁ ତାଙ୍କ ଅଭିଭାଷଣ କହିଥିଲେ । ଏହି ଦିବା ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବନ୍ତଲୀ ଗ୍ରାମ ପଞ୍ଚାୟତ ବିଜୟ ଲାଭ କରିଥିବା ବେଳେ କୁଆଁପଡା ପଞ୍ଚାୟତ ରନର୍ସଅପ୍ ହୋଇଥିଲା । ଉଭୟ ଦଳଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ସମ୍ମାନିତ କରିବା ସହିତ ଟ୍ରଫି ପ୍ରଦାନ କରିଥିଲେ । ଶ୍ରୀ ସାଇ କ୍ରିକେଟ ଟିମ୍‌ର ଆୟୋଜକ ଚିତ୍ରସେନ ବେହେରା, ପବିତ୍ର ସେଠି, ମହନ୍ତ ମୁଦୁଲି ସମେତ ଟିମ୍ ସମସ୍ତ ସଦ୍ୟସ ଉପସ୍ଥିତ ରହି ଟଟୁର୍ଣ୍ଣାମେଣ୍ଟକୁ ସୁଚାର ରୂପେ ପରିଚାଳନା କରିଥିଲେ । ବ୍ରହ୍ମକ୍ଷ ନନ୍ଦ ସାହୁ ଓ ଦେବରାଜ ନାୟକ ପଡିଆରେ ମ୍ୟାଚ୍‌ଗୁଡିକୁ ପରିଚାଳନା କରିଥିଲେ ।

# ମଦନମୋହନଜୀୟୁ କପ୍ : ବମ୍ପିଖାଲ ଟିମ୍ ଚାମ୍ପିଅନ

କଣ୍ଟାପଡା(ପିପିଏସ): କଣ୍ଟାପଡା ବ୍ଲକ ବ୍ରାହ୍ମଣବାଟୀ ପଞ୍ଚାୟତ ବ୍ରାହ୍ମଣବାଟୀ ଗ୍ରାମର ଜନକଲ୍ୟାଣ ମଦନ ମୋହନ ଷ୍ଟାର କ୍ଲବ ଦ୍ୱାରା ଆୟୋଜିତ ମଦନମୋହନଜୀୟୁ କପ୍ ୨୦୨୪ ଅନୁଷ୍ଠିତ ହୋଇଯାଇଛି । ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ବୁଧବାର ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟକ ଭାବେ ପ୍ରତାପ କୁମାର ପାତ୍ର ଯୋଗ ଦେଇ ଖେଳ ଶୁଭାରମ୍ଭ କରିଥିଲେ । ବମ୍ପିଖାଲ କ୍ରିକେଟ୍ କ୍ଲବ ଓ ସ୍ମାଇଲ ଇଲେଭେନ କନ୍ଦରପୁର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏହି ଖେଳରେ ବମ୍ପିଖାଲ କ୍ରିକେଟ୍ କ୍ଲବ କନ୍ଦରପୁର ଟିମ୍‌କୁ ହରାଇ ଚମ୍ପିଅନ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ କଣ୍ଟାପଡା ବ୍ଲକ ଆତ୍ମା ଅଧକ୍ଷ ନକୁଳ ରାଉତ,ଶୁଭେନ୍ଦୁ ରାଉତରାୟ,ପ୍ରଦୀପ କୁମାର ପାତ୍ର,ନିଆଳୀ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ରଶ୍ମି ରଂଜନ ପାତ୍ର,ବ୍ରାହ୍ମଣସାଇଲୋ ସେବା ସମବାୟ ସମିତି ସଭାପତି ସୁରେନ୍ଦ୍ର ପାତ୍ର ଓ ଶିବଲାଭ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳଙ୍କୁ ପୁରସ୍କୃତ କରିଥିଲେ । ଚାମ୍ପିଅନ ଦଳକୁ ଟ୍ରଫି ସହ ବ୍ରାହ୍ମଣରିଲୋ ଭାରତଗ୍ୟାସ ତରପରୁ ପଚାଶ ହଜାର ଟଙ୍କା ଓ ରନର୍ସ ଦଳକୁ ସତେଇଶ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଅନୁଷ୍ଠିତ ମ୍ୟାଚ୍‌କୁ ସାଗର ରାଜ ପାତ୍ର ଓ ସୌମ୍ୟରଂଜନ ପାତ୍ର ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମକୁ ଜୀବନ ପାତ୍ର,ମିଲନ ପାତ୍ର,ଅନିମେଶ ପାତ୍ର,ଦୀପକ ପାତ୍ର ଓ ପାର୍ଥ ସାରଥି ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ଚେନ୍ନାଇ ସୁପର କିଙ୍ଗସ୍‌ର ବ୍ର୍ୟାଣ୍ଡ ଆମ୍ବାସାଡର ହେଲେ କ୍ୟାଟ୍ରିନା



ମୁମ୍ବାଇ : ବଲିଉଡ୍‌ର ବାର୍ବି ଡଲ୍ କ୍ୟାଟ୍ରିନା କୈଫ୍ । ଫିଲ୍ମ ପରେ କ୍ୟାଟ୍ରିନା କ୍ରିକେଟ୍ ଦୁନିଆରେ ତାଙ୍କର ଷ୍ଟାର ପାଓ୍ୱାର ଦେଖାଇବେ । ଆଇପିଏଲ୍ ଦଳ ଚେନ୍ନାଇ ସୁପର କିଙ୍ଗ୍ସ କ୍ୟାଟ୍ରିନା କୈଫଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ବାଛିଛନ୍ତି । ଏପରି ପରିସ୍ଥିତିରେ, ବର୍ତ୍ତମାନ ଅଭିନେତ୍ରୀ ନିଜର ଯାଦୁକରୀ ଉପସ୍ଥିତି ସହିତ ଦଳର ଫ୍ୟାନ-ଫଲୋଇଂ ବଢାଇବାରେ ସାହାଯ୍ୟ କରିବ । ଚେନ୍ନାଇ ସୁପର କିଙ୍ଗ୍ସର ସମଗ୍ର ବିଶ୍ୱରେ ଏକ ବଡ଼ ପ୍ରଶଂସକ ଅଛନ୍ତି । କିନ୍ତୁ ଅଭିନେତ୍ରୀ ବ୍ରାଣ୍ଡ ଆମ୍ବାସାଡର ହେବା ପରେ ଏହା ଆହୁରି ବୃଦ୍ଧି ପାଇବ । ତେବେ ଉଝକ ଏପର୍ଯ୍ୟନ୍ତ ଅଫିସିଆଲ ଭାବେ ଏହି ଖବର ଘୋଷଣା କରିନାହିଁ । ଚଖ ୨୦୨୪ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି । ସିଏସକେ ଦଳ ବଲିଉଡ ଅଭିନେତ୍ରୀ କ୍ୟାଟ୍ରିନା କୈଫଙ୍କୁ ବ୍ରାଣ୍ଡ ଆମ୍ବାସଡର କରିଛନ୍ତି । ଏତିହାଦ୍ ଏୟାରୱେଜର ବ୍ରାଣ୍ଡ ଆମ୍ବାସାଡର । କ୍ୟାଟ୍ରିନା ୨୦୨୩ରେ ଏତିହାଦ୍ ଏୟାରୱେଜ୍ ସହିତ ଜଡିତ ଥିଲେ । ଏଥି ସହିତ ଚେନ୍ନାଇ ସୁପର କିଙ୍ଗ୍ସ ୟୁଏଇର ଜାତୀୟ ବିମାନ କମ୍ପାନୀ ଏତିହାଦ୍ ଏୟାରୱେଜ୍ ସହିତ ଏକ ଚୁକ୍ତି ସାକ୍ଷର କରିଛି । ଏହା ସହିତ ସିଏସକେ ଦଳ କ୍ୟାଟ୍ରିନାଙ୍କୁ ମଧ ଏହାର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଛନ୍ତି ।

# ସମଗ୍ର ଦେଶ ବିରାଟଙ୍କୁ କରୁଛି ମିସ୍:ବୀରେନ୍ଦ୍ର ସେହ୍ୱାଗ

ନୂଆଦିଲ୍ଲୀ : ଫେବୃଆରୀ ୧୫ ଅର୍ଥାତ୍ ଗୁରୁବାରଠୁ ଖେଳାଯାଉଛି ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ ମ୍ୟାଚ୍ । ରାଜକୋଟରେ ଖେଳାଯାଉଛି ଏହି ମ୍ୟାଚ୍ । ତେବେ ରାଜକୋଟ ଟେଷ୍ଟରେ ଭାରତୀୟ ଦଳ କିଙ୍ଗ ଅର୍ଥାତ୍ ବିରାଟ କୋହଲିଙ୍କ ବିନା ପଡ଼ିଆକୁ ଓହ୍ଲାଇବ । ଇଂଲଣ୍ଡ ବିପକ୍ଷ ପୁରା ସିରିଜରେ କୋହଲି ଟିମ୍ ଇଣ୍ଡିଆର ଭାଗିଦାରୀ ନାହାଁନ୍ତି । ତେବେ ବିରାଟ କୋହଲିଙ୍କ ଅବର୍ତ୍ତମାନରେ ମୁହଁ ଖୋଲିଛନ୍ତି ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ୍ ବୀରେନ୍ଦର ସେହଓ୍ୱାଗ । ସେ ଯାହା କହିଛନ୍ତି ତାକୁ ଦେଖିବା ପରେ ଫ୍ୟାନ୍ସ ବି ଆମ୍ ବିଭୋଗ ହୋଇପଡିଛନ୍ତି । ବୀରୁ କହିଛନ୍ତି ସମଗ୍ର ଦେଶ ତାଙ୍କୁ ମିସ୍ କରୁଛି । କେବଳ ଫ୍ୟାନ୍ ନୁହଁନ୍ତି ଅନ୍ୟ କ୍ରିକେଟର ବି ମିସ୍ କରୁଛନ୍ତି । ସୂଚନା ଥାଉକି, କୋହଲି ବ୍ୟକ୍ତିଗତ କାରଣରୁ ଟିମ୍ ଇଣ୍ଡିଆର ଟେଷ୍ଟ ସିରିଜରୁ ବାହାରିଛନ୍ତି । ଏହାପୂର୍ବରୁ କୋହଲି କେବଳ ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇଟି ଟେଷ୍ଟରୁ ତାଙ୍କ ନା ପ୍ରତ୍ୟାହାର କରି ନେଇଥିଲେ । ସିରିଜର ପାଞ୍ଚଟି ମ୍ୟାଚ୍ ପାଇଁ ଟିମ୍ ଇଣ୍ଡିଆକୁ ଦୁଇ ଭାଗରେ ଘୋଷଣା କରାଯାଇଥିଲା । ପ୍ରଥମ ଦୁଇଟି ଟେଷ୍ଟ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଥିଲା ଯେଉଁଥିରେ ବିରାଟ କୋହଲିଙ୍କ ନାମ ଅନ୍ତର୍ଭୁକ୍ତ କରାଯାଇଥିଲା । କିନ୍ତୁ ପରେ ବିସିସିଆଇ ଏକ ଅପଡେଟ୍ ଦେଇ କହିଛି ଯେ ବ୍ୟକ୍ତିଗତ କାରଣରୁ କୋହଲି ପ୍ରଥମ ଦୁଇଟି ମ୍ୟାଚରୁ ତାଙ୍କ ନାମ ପ୍ରତ୍ୟାହାର କରି ନେଇଛନ୍ତି । ତା’ପରେ ପ୍ରଶଂସକମାନେ ଆଶା କରିବା ଆରମ୍ଭ କଲେ ଯେ ସିରିଜର ଶେଷ ତିନୋଟି ଟେଷ୍ଟରେ ସେମାନେ କୋହଲିଙ୍କୁ ଧଳା ଜର୍ସିରେ ଖେଳୁଥିବାର ଦେଖି ପାରିବେ । କିନ୍ତୁ ତାହା ମଧ ହୋଇପାରିଲା ନାହିଁ । ଯେତେବେଳେ ଗତ ତିନୋଟି ଟେଷ୍ଟ ପାଇଁ ଟିମ୍ ଇଣ୍ଡିଆ ଘୋଷଣା କରାଯାଇଥିଲା । ସେତେବେଳେ କୁହାଯାଇଥିଲା ଯେ ବ୍ୟକ୍ତିଗତ କାରଣରୁ କୋହଲି ଗତ ତିନୋଟି ଟେଷ୍ଟରେ ମଧ ଭାରତୀୟ ଦଳରେ ଯୋଗ ଦେଇ ପାରିବେ ନାହିଁ

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583